


▶ଭିତର ପୃଷ୍ଠାରେ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-201 ◆BHUBANESWAR ◆MONDAY ◆15 JANUARY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୦୧ ◆ଭୁବନେଶ୍ୱର ◆ସୋମବାର ◆୧୫ ଜାନୁଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦



DADLS-79






ଆଜି 'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ' ଉପଲକ୍ଷେ ହେବାକୁ ଯାଉଛି

ପବିତ୍ର ମହାଯଜ୍ଞ

୧୫ ଜାନୁଆରୀ ୨୦୨୪






OIPR-15001/13/0255/2324

● ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବକୁ ବର୍ଜନ ପ୍ରସଙ୍ଗ

# କେନ୍ଦ୍ରମନ୍ତ୍ରୀ ରାଣେଙ୍କ ନିଶାଣରେ ଶଙ୍କରାଚାର୍ଯ୍ୟ



● ସମାଲୋଚନା ପରିବର୍ତ୍ତେ ଆଶୀର୍ବାଦ ଦେବା ଉଚିତ୍
● ହିନ୍ଦୁ ଧର୍ମ ପ୍ରତି ଅବଦାନକୁ ନେଇ ଉଠାଇଲେ ପ୍ରଶ୍ନ

ନୂଆଦିଲ୍ଲୀ,୧୪ ।୧(ଏଜେନ୍ସି)






୫୦୦ ବର୍ଷର ଦୀର୍ଘ ପ୍ରତୀକ୍ଷା ପରେ ଏବେ ରାମ ମନ୍ଦିର ପ୍ରତିଷ୍ଠା ହେବାକୁ ଯାଉଛି। ଏହି ଶୁଭ ଏବଂ ଐତିହାସିକ ମୁହୂର୍ତ୍ତକୁ ଦେଶ ବିଦେଶର କୋଟି କୋଟି ରାମ ଭକ୍ତ ଓ ଶ୍ରଦ୍ଧାଳୁ ପ୍ରତୀକ୍ଷା କରି ରହିଛନ୍ତି। ମାତ୍ର ଏହି ପ୍ରତିଷ୍ଠା ସମାରୋହରେ ପୁରୀ ଗୋବର୍ଦ୍ଧନପୀଠ ଶଙ୍କରାଚାର୍ଯ୍ୟ ଓ ଉତ୍ତରାଖଣ୍ଡ ଯୋଶୀମଠ ଶଙ୍କରାଚାର୍ଯ୍ୟ ଯୋଗ ନ ଦେବା ଘୋଷଣା ସୃଷ୍ଟି କରିଛି ଧାର୍ମିକ ବିବାଦ। ମନ୍ଦିର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନଥିବା ଏବଂ ରୀତିନୀତିରେ ତ୍ରୁଟି ଦର୍ଶାଇ ଚାରିଧାମ ଶଙ୍କରାଚାର୍ଯ୍ୟ ଏହାକୁ ବିରୋଧ କରିଛନ୍ତି । ଏହି ଉତ୍ସବରେ ସେମାନେ ଯୋଗ ଦେବେ ନାହିଁ ବୋଲି ମଧ୍ୟ ଘୋଷଣା କରିଛନ୍ତି । ଅନୁରୂପ ଭାବରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା କରାଯାଉଥିବାରୁ ଏହାକୁ ମଧ୍ୟ ସେମାନେ ପରୋକ୍ଷରେ ବିରୋଧ କରିଛନ୍ତି। ଚାରି ଧାମ ମଧ୍ୟରୁ ଶ୍ରୀଙ୍ଗେରୀ ଏବଂ ଦ୍ୱାରକା ପୀଠାଧୀଶ ପ୍ରାଣ ପ୍ରତିଷ୍ଠା ଉତ୍ସବକୁ ସ୍ୱାଗତ କରିଥିଲେ ହେଁ ଉତ୍ସବରେ ଯୋଗ ଦେବେ କି ନାହିଁ ତାହା ସ୍ପଷ୍ଟ କରିନାହାନ୍ତି। ଅନ୍ୟପକ୍ଷରେ ପୁରୀ ଗୋବର୍ଦ୍ଧନ ପୀଠାଧୀଶ ଏବଂ ଉତ୍ତରାଖଣ୍ଡସ୍ଥିତ ଯୋଶୀ ମଠାଧୀଶ ଏହି ଉତ୍ସବରେ ଯୋଗ ଦେବେ ନାହିଁ ବୋଲି ମନା କରିଦେଇଛନ୍ତି। ଯାହାକୁ ନେଇ ଏବେ ଜଟିଳ ସ୍ଥିତି ଉପୁଜିଛି। ହିନ୍ଦୁ ଧର୍ମ ରକ୍ଷକ ଭାବେ ଚାରି ପୀଠର ଶଙ୍କରାଚାର୍ଯ୍ୟ ସ୍ୱୟଂ ପ୍ରଭୁ ରାମଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବରେ ଯୋଗ ନଦେବା ବିଶେଷତଃ ହିନ୍ଦୁ ସଂପ୍ରଦାୟ ପାଇଁ ଏକ ପରିତାପର ବିଷୟ ବୋଲି ସବୁ ଆଡେ ଚର୍ଚ୍ଚା ଚାଲିଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ରମନ୍ତ୍ରୀ ନାରାୟଣ ରାଣେ ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ଓ ରାମମନ୍ଦିର ଲୋକାର୍ପଣ ଉତ୍ସବରେ ଯୋଗଦାନ ପ୍ରସଙ୍ଗରେ ଶଙ୍କରାଚାର୍ଯ୍ୟମାନଙ୍କ ଆଭିମୁଖ୍ୟକୁ କଟୁ ସମାଲୋଚନା କରିଛନ୍ତି । ସେ କହିଛନ୍ତି ଯେ, ବିଶ୍ୱଜଗତର ଏହି ମହାପର୍ବ କେବଳ ଭାରତ ନୁହେଁ, ବିଶ୍ୱର ବହୁ ଭାଗରେ ରାମ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଉତ୍ସାହ, ଉଦ୍ଦୀପନା ଆଣିଛି। କିନ୍ତୁ ହିନ୍ଦୁ ଧର୍ମର ରକ୍ଷକ ହୋଇ ଶଙ୍କରାଚାର୍ଯ୍ୟମାନେ ମନ୍ଦିର ପ୍ରତିଷ୍ଠାର କେତେକ ଦିଗକୁ ସମାଲୋଚନା କରିବା ଅତ୍ୟନ୍ତ ପରିତାପର ବିଷୟ। ସେମାନେ ମନ୍ଦିର ପ୍ରତିଷ୍ଠା ଉତ୍ସବକୁ ସମାଲୋଚନା କରିବା ପରିବର୍ତ୍ତେ ଆଶୀର୍ବାଦ ପ୍ରଦାନ କରିବା ଉଚିତ। ମହାରାଷ୍ଟ୍ରର ପାଲଘର ଠାରେ ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତର ଦେବା ଅବସରରେ ସେ କହିଛନ୍ତି ଯେ, ପ୍ରଭୁ ଶ୍ରୀରାମଙ୍କ ମନ୍ଦିର ପ୍ରତିଷ୍ଠା କରିବା ଆଜି ଯାଏଁ ସମ୍ଭବ ହୋଇପାରି ନଥିଲା। ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ବିଜେପି ହିଁ ଏହାକୁ ସାକାର କରିବାକୁ ସକ୍ଷମ ହୋଇଛି। କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏହାକୁ ଉଦ୍‌ଘାଟନ କରାଯାଉଥିବାରୁ ଶଙ୍କରାଚାର୍ଯ୍ୟମାନେ ଏହାକୁ ସହ୍ୟ କରି ନପାରି ରାଜନୀତିକ ଦୃଷ୍ଟି କୋଣରୁ ଟିକାଟିପ୍ପଣୀ କରୁଛନ୍ତି। ଯାହା କଦାଚିତ୍ ଗ୍ରହଣୀୟ ନୁହେଁ। ଏହାଦ୍ୱାରା ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକୁ ନେଇ ସେମାନେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ବିଜେପିକୁ ରାଜନୀତିକ ଦିଗରୁ ବିଚାରକୁ ନେଇଛନ୍ତି। ରାମ ମନ୍ଦିର ରାଜନୀତିକ ଆଧାର ନୁହେଁ, ବରଂ ଧାର୍ମିକ ଆସ୍ଥା ଆଧାରରେ ପ୍ରତିଷ୍ଠା କରାଯାଇଛି ବୋଲି ସେ କହିଛନ୍ତି। ଏହିକ୍ରମରେ ସେ ଶଙ୍କରାଚାର୍ଯ୍ୟମାନଙ୍କ ଭୂମିକାକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ହିନ୍ଦୁତ୍ୱ ରକ୍ଷା ଲାଗି ଚାରି ଶଙ୍କରାଚାର୍ଯ୍ୟ ପୀଠ ରହିଥିବା ବେଳେ ଏଥିପାଇଁ ଶଙ୍କରାଚାର୍ଯ୍ୟମାନଙ୍କ କି ଅବଦାନ ରହିଛି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀରାଣେ ପ୍ରଶ୍ନ କରିଛନ୍ତି। ହିନ୍ଦୁ ଧର୍ମର ସର୍ବଶ୍ରେଷ୍ଠ ଏବଂ ଜଗଦଗୁରୁ ଭାବେ ବିଦିତ ଶଙ୍କରାଚାର୍ଯ୍ୟଙ୍କ ସମ୍ପର୍କରେ କେହି ବି ଟିକା ଟିପ୍ପଣୀ କରିବାକୁ ସାହସ ଜୁଟାଇ ପାରି ନଥିବା ବେଳେ କେନ୍ଦ୍ରମନ୍ତ୍ରୀ ରାଣେଙ୍କ ଏହି ଟିପ୍ପଣୀ ଏବେ ବିଭିନ୍ନ ମହଲରେ ଆଲୋଡନ ସୃଷ୍ଟି କରିଛି। ତାଙ୍କର ଏହି ବୟାନକୁ କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଛି। ଏଭଳି ବୟାନ ଦେଇ ରାଣେ ହିନ୍ଦୁ ଧର୍ମର ସର୍ବୋଚ୍ଚ ଗୁରୁଙ୍କୁ ଅପମାନିତ କରିଛନ୍ତି ବୋଲି ମହାରାଷ୍ଟ୍ର କଂଗ୍ରେସ ପ୍ରବକ୍ତା ଅତୁଲ ଲୋନ୍ଧେ ନିଜ ପ୍ରତିକ୍ରିୟାରେ କହିଛନ୍ତି।

● ଇସ୍ରାଏଲ-ହମାସ୍ ଯୁଦ୍ଧକୁ ଶହେ ଦିନ ପୂରିଲା

## ଗାଜାରେ ୨୩, ୯୦୦ ମୃତ



**ତେଲ ଆଭିଭ, ୧୪।୧ (ଏଜେନ୍ସି):** ଗତ ବର୍ଷ ଅକ୍ଟୋବର ୭ରୁ ଆରମ୍ଭ ହୋଇଥିବା ଇସ୍ରାଏଲ-ହମାସ ଯୁଦ୍ଧ ରବିବାର ଶହେ ଦିନରେ ପହଞ୍ଚିଛି। ଏହି ଯୁଦ୍ଧ ମାନବିକ ସଙ୍କଟ ସୃଷ୍ଟି କରିଛି। ଗାଜା ଷ୍ଟ୍ରିପ୍ ଧ୍ୱଂସସ୍ତୁପରେ ପରିଣତ ହୋଇଯାଇଛି। ରୁଷ୍-ୟୁକ୍ରେନ ଯୁଦ୍ଧ ଭଳି ଏହାକୁ ନେଇ ଅନେକ ସାମ୍ମୁଖ୍ୟ ଖୋଲି ଯାଇଛି। ଏହି ଯୁଦ୍ଧ ପ୍ରାୟ ସମ୍ପୂର୍ଣ୍ଣ ମଧ୍ୟ-ପ୍ରାଚ୍ୟକୁ ନିଜ କବଳକୁ ନେଇଯାଇଛି। ଇରାନ, ଆମେରିକା, ବ୍ରିଟେନ, ହୁତି ବିଦ୍ରୋହୀ ସହିତ ଅନେକ ସଂଗଠନ ଏବଂ ଦେଶ ଏହି ଯୁଦ୍ଧରେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ସାମିଲ ହୋଇଛନ୍ତି। ଯୁଦ୍ଧ ପାଇଁ ଆରବ ସାଗରରେ ବ୍ୟବସାୟିକ ଜାହାଜ ଚଳାଚଳ ପ୍ରଭାବିତ ହୋଇଛି। ଏହାର ପ୍ରଭାବ ବ୍ୟବସାୟ ଏବଂ ଅର୍ଥବ୍ୟବସ୍ଥା ଉପରେ ପଡ଼ିବାରେ ଲାଗିଛି। ଇରାନ ସମର୍ଥନ ପାଇଥିବା ହୁତି ବିଦ୍ରୋହୀ, ଲେବନାନର ହିଜବୁଲ୍ଲାହ ଏବଂ ଇରାକ-ସିରିଆରେ ଇରାନ ସମର୍ଥିତ ମିଲିସିଆ ହମାସ ସମର୍ଥନରେ ଆକ୍ରମଣ ଜାରି ରଖିଛନ୍ତି। ଉତ୍ତେଜନାକୁ ବନ୍ଦ କରିବା ପାଇଁ ଆମେରିକା ଏହି କ୍ଷେତ୍ରରେ ସେନା ମୁତୟନ ବୃଦ୍ଧି କରିଛି। ହୁତି ବିଦ୍ରୋହୀଙ୍କୁ ଜବାବ ଦେବା ପାଇଁ ଆମେରିକା-ବ୍ରିଟେନ ଏୟାର ଷ୍ଟ୍ରାଇକ କରିଛନ୍ତି। ଏ ପର୍ଯ୍ୟନ୍ତ ଇସ୍ରାଏଲ-ହମାସ ଯୁଦ୍ଧରେ ୨୪ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ହେଲାଣି। କେବଳ ଗାଜା ଷ୍ଟ୍ରିପ୍‌ରେ ୨୩, ୯୦୦ ଲୋକଙ୍କ ଜୀବନ ଯାଇଛି। ୬୦ ହଜାରରୁ ଅଧିକ ପାଲେଷ୍ଟିନୀୟ ଆହତ ହୋଇଛନ୍ତି। ଗତ ୨୪ ଘଣ୍ଟାରେ ୧୩୫ ଜଣଙ୍କ ମୃତ୍ୟୁ ହୋଇଛି। ଯୁଦ୍ଧର ୧୦୦ ଦିନ ପୂର୍ତ୍ତି ଅବସରରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଦେଶକୁ ସମ୍ବୋଧନ କରିଛନ୍ତି। ଇସ୍ରାଏଲର ବିଜୟ ପର୍ଯ୍ୟନ୍ତ ଯୁଦ୍ଧ ଜାରି ରହିବ। ଅନ୍ତର୍ଜାତୀୟ ଅଦାଲତ ସହିତ କେହି ଏହାକୁ ଅଟକାଇ ପାରିବେ ନାହିଁ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଯୁଦ୍ଧ ବନ୍ଦ ଦାବିରେ ୱାଶିଂଟନ, ଲଣ୍ଡନ, ପ୍ୟାରିସ, ରୋମ, ମିଲାନ ଏବଂ ଡବିଲନରେ ଅନେକ ଲୋକ ରାସ୍ତାକୁ ଓହ୍ଲାଇଛନ୍ତି। ଇସ୍ରାଏଲକୁ ସମର୍ଥନ ଦେଇଥିବାରୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନଙ୍କୁ ସମାଲୋଚନା କରାଯାଇଛି। ଏହା ମଧ୍ୟରେ ଆମେରିକା ଗୁଇନ୍ଦା ଏଜେନ୍ସି ସିଆଇଏ ହମାସ ନେତାଙ୍କ ସମ୍ବନ୍ଧିତ ସମସ୍ତ ସୂଚନା ଇସ୍ରାଏଲକୁ ଦେଉଛି ବୋଲି ରିପୋର୍ଟ ପ୍ରକାଶ ପାଇଛି।

## କଲମ୍ବିଆରେ ଧସିଲା ପାହାଡ଼; ୩୪ ମୃତ

**ବୋଗୋଟା, ୧୪।୧ (ଏଜେନ୍ସି):** ଦକ୍ଷିଣ ଆମେରିକୀୟ ଦେଶ କଲମ୍ବିଆର ପାର୍ବତ୍ୟାଞ୍ଚଳରେ ବଡ଼ଧରଣର ଭୂସ୍ଖଳନ ହୋଇଛି। କୁଦିବୋ ଏବଂ ମେଡେଲିନ ସହରକୁ ଯୋଡୁଥିବା ରାସ୍ତାରେ ପାହାଡ଼ ଧସି ଶିଶୁଙ୍କ ସହିତ ୩୪ ଜଣଙ୍କ ମୃତ୍ୟୁ ହୋଇଛି। ଶତାଧିକ ଲୋକ ମଧ୍ୟ ଆହତ ହୋଇଛନ୍ତି। ଶୁକ୍ରବାର ଏହି ଦୁର୍ଘଟଣା ଘଟିଥିବାବେଳେ ରବିବାର ସୂଚନା ସାମ୍ନାକୁ ଆସିଛି। କଲମ୍ବିଆର ବିପର୍ଯ୍ୟୟ ପ୍ରଶମନ ଅଧିକାରୀଙ୍କ ସୂଚନା ଅନୁଯାୟୀ ଏ ପର୍ଯ୍ୟନ୍ତ ୧୭ ମୃତଦେହ ଚିହ୍ନଟ କରାଯାଇଛି। ଦୁର୍ଘଟଣା ସ୍ଥଳରେ ଏବେ ବି ଉଦ୍ଧାରକାର୍ଯ୍ୟ ଜାରି ରହିଛି। ଏ ପର୍ଯ୍ୟନ୍ତ ଭୂସ୍ଖଳନର କାରଣ ଜଣାପଡ଼ି ନାହିଁ। କିନ୍ତୁ କିଛି ଦିନ ତଳେ ଏଠାରେ ପ୍ରବଳ ବର୍ଷା ହୋଇଥିଲା। ଏଥିଯୋଗୁଁ ପାହାଡ଼ ଧସିଥିବା ଆଶଙ୍କା କରାଯାଉଛି।

## ଘନ କୁହୁଡ଼ି ବଳୟରେ ଉତ୍ତର ଭାରତ

● ଗମ୍ଭୀରଜନକ ସ୍ଥିତିରେ ଦିଲ୍ଲୀ ବାୟୁସ୍ତର
● ଅଙ୍ଗାର ଜଳାଇ ଶୋଇଥିବା ୬ ଜଣଙ୍କ ମୃତ୍ୟୁ

**ନୂଆଦିଲ୍ଲୀ, ୧୪।୧ (ଏଜେନ୍ସି):** ଉତ୍ତର ଭାରତରେ ଶୀତ ପ୍ରକୋପ ବଢ଼ିବାରେ ଲାଗିଛି। ଅନେକ ରାଜ୍ୟ ଘନ କୁହୁଡ଼ି ଛାଇ ରହିଛି। ଅଧିକାଂଶ ଅଞ୍ଚଳର ଦୃଶ୍ୟମାନ କ୍ଷମତା ଶୂନ ହୋଇଯାଇଛି। ତାପମାତ୍ରା ୩.୫ ଡିଗ୍ରୀ ସେଲ୍‌ସିୟସରେ ପହଞ୍ଚି ଯାଇଛି। ଭୀଷଣ ଶୀତ ଅନୁଭୂତ ହେଉଛି। ଶୀତରୁ ରକ୍ଷା ପାଇବା ପାଇଁ ରାତିରେ ଅଙ୍ଗାର ଜଳାଇ ଶୋଇଥିବା ଦିଲ୍ଲୀର ୬ ଜଣ ଲୋକଙ୍କ ମୃତ୍ୟୁ ହୋଇଛି। ଏମାନଙ୍କ ମଧ୍ୟରେ ଗୋଟିଏ ପରିବାରର ୪ ଜଣ ସଦସ୍ୟ ସାମିଲ ଅଛନ୍ତି। ଉତ୍ତର ଦିଲ୍ଲୀର ଖେଡ଼ା ଅଞ୍ଚଳରେ ସ୍ୱାମୀସ୍ତ୍ରୀଙ୍କ ସହିତ ୨ ଶିଶୁଙ୍କ ମୃତଦେହ ମିଳିଛି। ସେହିପରି ଇନ୍ଦ୍ରପୁରୀ ଅଞ୍ଚଳର ୨ ଜଣ ପ୍ରାଣ ହରାଇଛନ୍ତି। ଦିଲ୍ଲୀରେ ବାୟୁ ପ୍ରଦୂଷଣ ମଧ୍ୟ ଗମ୍ଭୀର ଶ୍ରେଣୀରେ ପହଞ୍ଚି ଯାଇଛି। ଏଥିଯୋଗୁଁ ଜରୁରୀ ହୋଇ ନ ଥିବା ନିର୍ମାଣକାର୍ଯ୍ୟ ଉପରେ କଟକଣା ଲଗାଇ ଦିଆଯାଇଛି। ଅନ୍ୟପକ୍ଷରେ କୁହୁଡ଼ି ଯୋଗୁଁ ଦିଲ୍ଲୀ ଆସୁଥିବା ୨୨ଟି ଟ୍ରେନ ବିଳମ୍ବରେ ଚାଲୁଛି। ଜୟପୁରରେ କିଛି ବିମାନର ଗତିପଥକୁ ବଦଳାଇ ଦିଆଯାଇଛି। ଖରାପ ପାଣିପାଗ ଯୋଗୁଁ କେମ୍ପେଗୌଡ଼ା ବିମାନବନ୍ଦରରୁ ୪୪ଟି ବିମାନ ବିଳମ୍ବରେ ଉଡ଼ାଣ ଭରିଛି।

## ଭାରତର ୧୨ ମତ୍ସ୍ୟଜୀବୀଙ୍କୁ ଗିରଫକଲା ଶ୍ରୀଲଙ୍କା

**କଲମ୍ବୋ, ୧୪।୧ (ଏଜେନ୍ସି):** ଭାରତର ୧୨ ମତ୍ସ୍ୟଜୀବୀଙ୍କୁ ଶ୍ରୀଲଙ୍କା ନୌସେନା ଗିରଫ କରିଛି। ଏମାନଙ୍କର ୩ ଡଙ୍ଗାକୁ ମଧ୍ୟ ଜବତ କରି ନେଇଛି। ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ଏହି ମତ୍ସ୍ୟଜୀବୀଙ୍କୁ କାଙ୍କେସନ୍ଥୁରାଇ ବନ୍ଦରକୁ ନିଆଯାଇଛି। ଏମାନେ ଶନିବାର ବେଆଇନ ଭାବେ ଶ୍ରୀଲଙ୍କା ସାମୁଦ୍ରିକ ସୀମାରେ ପ୍ରବେଶ କରି ଜାଫନା ଉପଦ୍ୱୀପରେ ମାଛ ମାରୁଥିଲେ ବୋଲି ଅଭିଯୋଗ କରାଯାଇଛି। ସୂଚନାଯୋଗ୍ୟ ଯେ ଦୀର୍ଘ ଦିନ ହେଲା ମତ୍ସ୍ୟଜୀବୀ ପ୍ରସଙ୍ଗରେ ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ବିବାଦ ଚାଲିଛି। ଭାରତୀୟ ମତ୍ସ୍ୟଜୀବୀ ବେଆଇନ ଭାବେ ଦେଶର ସାମୁଦ୍ରିକ ସୀମାରେ ପ୍ରବେଶ କରୁଥିବା ନେଇ ଶ୍ରୀଲଙ୍କା ଅଭିଯୋଗ କରିଆସୁଛି।

## ସାଧୁ ଆକ୍ରମଣ ଘଟଣାରେ ଆଉ ଦୁଇ ଗିରଫ

**କୋଲକାତା,୧୪।୧(ଏଜେନ୍ସି):** ପଶ୍ଚିମବଙ୍ଗର ପୁରୁଲିଆ ଜିଲ୍ଲାରେ ଗଙ୍ଗା ସାଗର ମେଳା ଅଭିମୁଖେ ଯାଉଥିବା ତିନି ସାଧୁଙ୍କ ଉପରେ ଆକ୍ରମଣ ଘଟଣାରେ ପୁଲିସ ଆଉ ଦୁଇ ଜଣଙ୍କୁ ରବିବାର ଗିରଫ କରିଛି। ପୂର୍ବରୁ ଏହି ଘଟଣାରେ ୧୨ ଜଣଙ୍କୁ ଗିରଫ କରାଯାଇଥିଲା। ଭାଷା ସମସ୍ୟାକୁ ନେଇ ସାଧୁ ଏବଂ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଭୁଲ ବୁଝାମଣା ହେବା ଯୋଗୁଁ ଏଭଳି ପରିସ୍ଥିତି ଉପୁଜିଥିଲା। ଉତ୍ତରପ୍ରଦେଶର ରାୟ ବରେଲିରୁ ତିନି ସାଧୁଙ୍କ ସହ ୫ ଜଣ ଏକ କାର୍‌ରେ ପଶ୍ଚିମବଙ୍ଗ ୨୪ ପ୍ରଗଣା ଜିଲ୍ଲାସ୍ଥିତ ଗଙ୍ଗା ସାଗର ମେଳାରେ ଯୋଗ ଦେବାକୁ ଯାଉଥିବା ବେଳେ ସେମାନଙ୍କୁ ପୁରୁଲିଆ ନିକଟସ୍ଥ ଗୌରାଙ୍ଗଡିହ ଗ୍ରାମ ନିକଟରେ ସ୍ଥାନୀୟ ଲୋକ ଆକ୍ରମଣ କରିବା ସହ ସେମାନଙ୍କ ଗାଡି ଭାଙ୍ଗି ଦେଇଥିଲେ।

## ବେକରେ ମାଞ୍ଜା ସୂତା ଲାଗି ଯବାନଙ୍କ ମୃତ୍ୟୁ

**ହାଇଦରାବାଦ୍,୧୪।୧(ଏଜେନ୍ସି):** ଅନେକ ସମୟରେ ଗୁଡି ଉଡାଇବା ଲାଗି ବ୍ୟବହାର ହୋଇଥିବା ମାଞ୍ଜାସୂତା ବହୁ ଜୀବନ ନେଇଥିବାର ନଜିର ରହିଛି। ଏହାର ଭୟବହତାକୁ ନେଇ ପ୍ରତିବନ୍ଧକ ଲଗାଯାଇଥିଲେ ମଧ୍ୟ କେହି ମାନିବାକୁ ପ୍ରସ୍ତୁତ ନାହାନ୍ତି। ଏକ ସଦ୍ୟତମ ଘଟଣାରେ ଏହି ସୂତା ପାଇଁ ଜଣେ ଯବାନଙ୍କ ଜୀବନ ଯାଇଛି। ଏଭଳି ଘଟଣା ହାଇଦରାବାଦ୍‌ରେ ଘଟିଛି। ରବିବାର ସକାଳେ ଡ୍ୟୁଟି ସାରି ବାଇକ୍‌ରେ ଫେରୁଥିବା ଭାରତୀୟ ସେନାର ଯବାନ କେ କେତେଶ୍ୱର ରେଡ୍ଡିଙ୍କ ବେକରେ ମାଞ୍ଜା ସୂତା ଗୁଡେଇ ହୋଇଯାଇଥିଲା। ଏଥିରେ ତାଙ୍କ ବେକ କଟିଯିବାରୁ ସେ ଗୁରୁତର ହୋଇପଡ଼ିବା ସହ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

## ମଣିପୁରରୁ ରାହୁଲଙ୍କ 'ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା' ଆରମ୍ଭ



ଇମ୍ଫାଲ,୧୪।୧(ଏଜେନ୍ସି)

ପ୍ରାୟ ବର୍ଷକ ପରେ ଭାରତ ଯୋଡୋ ଯାତ୍ରାର ଦ୍ୱିତୀୟ ସଂସ୍କରଣ ଭାବେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ରବିବାର ମଣିପୁରରୁ ଭାରତ ଯୋଡୋ ନ୍ୟାୟ ଯାତ୍ରା ଆରମ୍ଭ କରିଛନ୍ତି। ଦଳର ବହୁ ବରିଷ୍ଠ ନେତାଙ୍କ ସହ ରାହୁଲ ରବିବାର ସକାଳେ ଏକ ଘରୋଇ ବିମାନରେ ଇମ୍ଫାଲରେ ପହଞ୍ଚିବା ପରେ ଖୋଙ୍ଗଜୋମ୍ ଠାରେ ୧୮ ୯୧ ଆଙ୍ଗଲୋ-ମଣିପୁର ଯୁଦ୍ଧ ସହିଦମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଏହାପରେ ସେ ଏଠାରେ ଆୟୋଜିତ ଏକ ରାଲିରେ ଯୋଗ ଦେଇ ଜନସଭାକୁ ସମ୍ବୋଧିତ କରିଥିଲେ। ଏହି ଅବସରରେ ଗତବର୍ଷ ମେ ' ମାସରୁ ମଣିପୁରରେ ଆରମ୍ଭ ହୋଇଥିବା ସାଂପ୍ରଦାୟିକ ହିଂସା ଏବଂ ଏଥିରେ ହଜାର ହଜାର ପୀଡ଼ିତଙ୍କ ବେଦନାର କଥା କହିଥିଲେ। ବର୍ତ୍ତମାନ ସୁଦ୍ଧା ରାଜ୍ୟର ହଜାର ହଜାର ହିଂସା ପ୍ରପୀଡ଼ିତ ଲୋକ ଦୁର୍ଦ୍ଦଶା ମଧ୍ୟକୁ ଠେଲି ହୋଇଯାଇଥିଲା ବେଳେ ମୋଦୀ ସରକାରଙ୍କ ଏଥିପାଇଁ ତିଳେ ମାତ୍ର ଶୋଚନା ନାହିଁ ବୋଲି ରାହୁଲ କହିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ମଣିପୁରକୁ ଭାରତ ଅଂଶ ଭାବୁ ନଥିବାରୁ ଆଜି ପର୍ଯ୍ୟନ୍ତ ସେ ପୀଡ଼ିତ ଲୋକଙ୍କ ଦୁର୍ଦ୍ଦଶା ଦେଖିବାକୁ ଥରକ ପାଇଁ ଆସିନାହାନ୍ତି ବୋଲି ରାହୁଲ କହିଥିଲେ। କେବଳ ମଣିପୁର ନୁହେଁ , କେନ୍ଦ୍ର ସରକାରଙ୍କ ନୀତିରେ ଜର୍ଜରିତ ଦେଶର ବିଭିନ୍ନ ଭାଗରେ ଲୋକଙ୍କୁ ନ୍ୟାୟ ଦେବାକୁ ତାଙ୍କର ଏହି ଯାତ୍ରା ଆରମ୍ଭ ହୋଇଛି ବୋଲି ସେ କହିଥିଲେ।

### କଂଗ୍ରେସ ଛାଡ଼ି ଶିବସେନାରେ ମିଳିନ୍ଦ ଦେଓରା



କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଭାରତ ଯୋଡୋ ନ୍ୟାୟ ଯାତ୍ରା ଆରମ୍ଭ କରିଥିବା ବେଳେ ଦଳର ଅନ୍ୟତମ ପ୍ରମୁଖ ନେତା ମିଳିନ୍ଦ ଦେଓରା କଂଗ୍ରେସ ଛାଡ଼ି ଶିବସେନାରେ ସାମିଲ ହୋଇଛନ୍ତି। ରବିବାର ସକାଳେ ମିଳିନ୍ଦ କଂଗ୍ରେସରୁ ଇସ୍ତଫା ଦେବା ପରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ସରକାରୀ ବାସଭବନରେ ପହଞ୍ଚିଥିଲେ। ଏହା ପରେ ଔପଚାରିକ ଭାବରେ ସେ ଶିବସେନାରେ ସାମିଲ ହୋଇଥିବା ଘୋଷଣା କରିଥିଲେ। ଏହାଦ୍ୱାରା କଂଗ୍ରେସ ଦଳ ସହ ଦେଓରା ପରିବାରର ୫୫ ବର୍ଷର ସମ୍ପର୍କ ଛିନ୍ନ ହୋଇଛି। ମିଳିନ୍ଦଙ୍କ ବାପା ମୁରଲୀ ଦେଓରା କଂଗ୍ରେସର ଜଣେ ପ୍ରମୁଖ ନେତା ଥିଲେ। ମିଳିନ୍ଦ ମଧ୍ୟ ନିଜ ବାପାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କଂଗ୍ରେସରେ ନିଜର ରାଜନୀତିକ କ୍ୟାରିୟର ଗଢ଼ିଥିଲେ।

● ଭାରତକୁ କଣ୍ଟ ଦେଲେ ମାଳଦ୍ୱୀପ ରାଷ୍ଟ୍ରପତି

## ମାର୍ଚ୍ଚ ୧୫ ସୁଦ୍ଧା ସେନା ପ୍ରତ୍ୟାହାର କର

**ନୂଆଦିଲ୍ଲୀ,୧୪।୧(ଏଜେନ୍ସି):** ପ୍ରଧାନମନ୍ତ୍ରୀ ମୋଦୀଙ୍କ ଲାକ୍ଷାଦ୍ୱୀପ ଗସ୍ତକୁ ନେଇ ଭାରତ ଏବଂ ମାଳଦ୍ୱୀପ ମଧ୍ୟରେ ବିଗତ କିଛି ଦିନ ହେଲା ଚାଲିଥିବା ବିବାଦ ଥମିନାହିଁ। ମୋଦୀଙ୍କ ପ୍ରତି ମାଳଦ୍ୱୀପର ତିନି ମନ୍ତ୍ରୀଙ୍କ ଅପମାନସୂଚକ ବୟାନ ପରେ ସେମାନଙ୍କୁ ନିଲମ୍ବିତ କରାଯିବା ଏବଂ ଭାରତରେ ମାଳଦ୍ୱୀପ ବିରୋଧୀ ମାହୋଲ ସୃଷ୍ଟି ହେବା ଘଟଣା ଉଭୟ ରାଷ୍ଟ୍ର ମଧ୍ୟରେ ରହିଥିବା ସମ୍ପର୍କରେ ବାଧକ ସାଜିଛି। କିନ୍ତୁ ଏହାମଧ୍ୟରେ ପୁଣି ନିଆଁରେ ଘିଅ ଢାଳିଛନ୍ତି ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୋଇଜ୍ଜୁ। ଆସନ୍ତା ମାର୍ଚ୍ଚ ୧୫ ସୁଦ୍ଧା ଭାରତ ମାଳଦ୍ୱୀପରୁ ତାହାର ସମସ୍ତ ସେନାକୁ ପ୍ରତ୍ୟାହାର କରିବାକୁ କହିଛନ୍ତି। ମୋଇଜ୍ଜୁ ଏବେ ପାଞ୍ଚ ଦିନିଆ ଚାଇନା ଗସ୍ତ ସାରି ଫେରିଥିଲା ବେଳେ ଭାରତ ପ୍ରତି ତାଙ୍କର ଏଭଳି ଆଭିମୁଖ୍ୟ ରାଜନୀତିକ ମହଲରେ ଭ୍ରୂକୁଞ୍ଚନ ସୃଷ୍ଟି କରିଛି। ଚୀନ୍ ବଳରେ ବଳୀୟାନ ହୋଇପଡ଼ିଥିବା ମୋଇଜ୍ଜୁ ଭାରତ ସହ ସମ୍ପର୍କ କାଟିବାକୁ ଏକପ୍ରକାର ପଣ କରିଛନ୍ତି ବୋଲି କୁହାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ନିକଟରେ ଦୁବାଇରେ ଶେଷ ହୋଇଥିବା ଜାତିସଂଘ ଜଳବାୟୁ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ରାଷ୍ଟ୍ରପତି ମୋଇଜ୍ଜୁ ଦ୍ୱିପାକ୍ଷିକ ସମ୍ପର୍କର ବିଭିନ୍ନ ଦିଗରେ ଆଲୋଚନା କରିଥିଲେ। ଏଥିରେ ମାଳଦ୍ୱୀପରୁ ପର୍ଯ୍ୟାୟକ୍ରମେ ଭାରତୀୟ ସେନା ପ୍ରତ୍ୟାହାର ପ୍ରସଙ୍ଗ ମଧ୍ୟ ସ୍ଥାନ ପାଇଥିଲା। ଉଭୟ ରାଷ୍ଟ୍ର ମଧ୍ୟରେ ସୁସମ୍ପର୍କ ବଜାୟ ରଖାଯିବା ସହିତ କୂଟନୀତିକ ସ୍ତରରେ ଆଲୋଚନା କରାଯାଇ ସେନା ପ୍ରତ୍ୟାହାର ଲାଗି ଉଭୟ ପକ୍ଷ ପଦକ୍ଷେପ ନେବେ ବୋଲି କୁହାଯାଇଥିଲା। କିନ୍ତୁ ଚୀନ୍‌ରୁ ଫେରିବା ମାତ୍ରେ ହିଁ ରାଷ୍ଟ୍ରପତି ମୋଇଜ୍ଜୁ ଏଭଳି କହିବା ତାଙ୍କର ଚୀନ୍ ପ୍ରୀତିକୁ ସ୍ପଷ୍ଟ କରିଛି। ନିଜ ନିର୍ବାଚନ ପ୍ରଚାର ଅଭିଯାନରେ ସେ ଭାରତ ବିରୋଧୀ ଆଭିମୁଖ୍ୟ ଗ୍ରହଣ କରି ଭାରତ ବିରୋଧରେ ବିଷ ଓଗାଳିଥିବା ବେଳେ ଏବେ ଏହା ଉତ୍କଟ ସ୍ଥିତିରେ ପହଞ୍ଚିଛି ବୋଲି କୁହାଯାଉଛି। ରବିବାର ମାଲେ ଠାରେ ମାଳଦ୍ୱୀପ ଏବଂ ଭାରତୀୟ ପ୍ରତିନିଧିମାନଙ୍କ ଏକ ବୈଠକ ବସିଥିଲା ବେଳେ ମାର୍ଚ୍ଚ ୧୫ ସୁଦ୍ଧା ସେନା ହଟାଇବାକୁ ଭାରତୀୟ ପ୍ରତିନିଧିମାନଙ୍କୁ କହିବାକୁ ସେ ନିଜ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିବା ମୋଇଜ୍ଜୁଙ୍କ ପ୍ରମୁଖ ସଚିବ ଅବଦୁଲା ନଜିମ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ଏହାକୁ ନେଇ ଆଗାମୀ ଦିନରେ ଭାରତ ଏବଂ ମାଳଦ୍ୱୀପ ମଧ୍ୟରେ ସମ୍ପର୍କ ଆହୁରି ତିକ୍ତ ହେବାର ଆଶଙ୍କା ବଢ଼ିଛି।

## ଆମେରିକାରେ ବରଫ ଝଡ଼

**ୱାଶିଂଟନ, ୧୪।୧ (ଏଜେନ୍ସି):** ଶୀତ ଋତୁରେ ଆମେରିକା ସ୍ଥିତି ଜଟିଳ ହେବାରେ ଲାଗିଛି। ଦେଶରେ ହାଡ଼ଭଙ୍ଗା ଶୀତ ଅନୁଭୂତ ହେଉଛି। ଆର୍କଟିକ୍ ଝଡ଼ ଯୋଗୁଁ ସ୍ଥିତି ଅଧିକ ସଙ୍ଗୀନ ହୋଇଯାଇଛି। ଚାରିଆଡ଼େ ବରଫ ଝଡ଼, ବର୍ଷା ଏବଂ ଜୋର୍‌ରେ ପବନ ହେଉଛି। ସବୁଠି ଧଳା ପାହାଡ଼ ଦେଖିବାକୁ ମିଳୁଛି। ଏହି ପାଣିପାଗ ଲୋକଙ୍କ ପାଇଁ ଆହ୍ୱାନ ପାଲଟି ଯାଇଛି। ଜନ ଜୀବନ ଅସ୍ତବ୍ୟସ୍ତ ହୋଇଯାଇଛି। ଲୋକେ ଘରୁ ବାହାରି ପାରୁନାହାନ୍ତି। ଅନେକ ଘର ବରଫ ଚାଦରରେ ଘୋଡ଼େଇ ହୋଇଯାଇଛି। ଏହାକୁ ନେଇ ନ୍ୟୁୟର୍କଠାରୁ ଲୁଇସିୟାନା ପର୍ଯ୍ୟନ୍ତ ସବୁଠି ଜରୁରୀକାଳୀନ ସ୍ଥିତି ଘୋଷଣା କରାଯାଇଛି। ବରଫ ଝଡ଼ ଯୋଗୁଁ ୨ ହଜାରରୁ ଅଧିକ ବିମାନ ଉଡ଼ାଣ ବାତିଲ କରିଦିଆଯାଇଛି। କିଛି ବିମାନ ବିଳମ୍ବରେ ଚାଲୁଥିବାରୁ ଶହ ଶହ ଯାତ୍ରୀ ବିମାନବନ୍ଦରରେ ଫସି ରହିଛନ୍ତି। ସୂଚନା ଅନୁଯାୟୀ ଶନିବାର ସକାଳେ ମୋଣ୍ଟାନାର ତାପମାତ୍ରା ବିଯୁକ୍ତ ୩୪ ଡିଗ୍ରୀ ସେଲ୍‌ସିୟସରେ ପହଞ୍ଚି ଯାଇଛି। ସେହିପରି ଓରେଠାରୁ ନେଇ ଉତ୍ତର ସମତଳ ଅଞ୍ଚଳ ପର୍ଯ୍ୟନ୍ତ ବରଫ ଝଡ଼କୁ ନେଇ ଚେତାବନୀ ଜାରି କରାଯାଇଛି। ପ୍ରବଳ ବେଗରେ ପବନ ହେଉଥିବାରୁ ମଧ୍ୟ ଆଟଲାଣ୍ଟିକରେ ବନ୍ୟା ଚେତାବନୀ ଜାରି ହୋଇଛି। ବରଫ ଝଡ଼ରେ ୧୫ କୋଟି ଲୋକ ପ୍ରଭାବିତ ହୋଇଛନ୍ତି। ଗ୍ରେଟ ଲେକ୍ସ ଏବଂ ସାଉଥ୍‌ରେ ୨.୫୦ ଲକ୍ଷ ଘର ଏବଂ ବ୍ୟବସାୟିକ ପ୍ରତିଷ୍ଠାନରୁ ବିଜୁଳି କଟିଯାଇଛି। ଏଥିଯୋଗୁଁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେହିପରି ପାଣିପାଗ ଜନିତ ଚରମ ସ୍ଥିତି ଯୋଗୁଁ ଆୟୋୱାରେ ନିର୍ବାଚନ କାର୍ଯ୍ୟକ୍ରମରେ ପରିବର୍ତ୍ତନ କରାଯାଇଛି।



# ଧୋକାଦେଲେ ରାଷ୍ଟ୍ରପତି ଜୋ ବାଇଡେନ

ୱାଶିଂଟନ, ୧୪।୧ (ଏଜେନ୍ସି)



● ତାଇୱାନ ସ୍ୱାଧୀନତାକୁ ସମର୍ଥନ କରୁନି ଆମେରିକା
● ଚୀନ୍ ଚାପରେ ମୁଣ୍ଡ ନୂଆଇଁଲା ୱାଶିଂଟନ୍

ଆମେରିକା କୁଟୀଳ କୂଟନୀତିର ଆଉ ଏକ ଉଦାହରଣ ସାମ୍ନାକୁ ଆସିଛି। ତାଇୱାନ ରାଷ୍ଟ୍ରପତି ନିର୍ବାଚନରେ ଚୀନ୍ ବିରୋଧୀ ନେତା ୱିଲିୟମ ଲାଇ ଚିଙ୍ଗ-ତେଙ୍କ ବିଜୟ ପରେ ଆମେରିକା ନିଜ ନୀତିରେ ବିରାଟ ପରିବର୍ତ୍ତନ କରିଛି। ଏହି ଦେଶ ତାଇୱାନକୁ ସବୁଠାରୁ ବଡ଼ ଧୋକା ଦେଇଛି। ତାଇୱାନ ସ୍ୱାଧୀନତାକୁ ଆମେରିକା ସମର୍ଥନ କରୁନାହିଁ ବୋଲି ରାଷ୍ଟ୍ରପତି ଜୋ ବାଇଡେନ କହିଛନ୍ତି। ଏହା ପୂର୍ବରୁ ବାଇଡେନ ଅନେକ ଥର ତାଇୱାନ ସମର୍ଥନରେ ମନ୍ତବ୍ୟ ଦେଇଥିଲେ। ସେ ୨୦୨୦ରେ ଏହାର ବୀପରିତ ଘୋଷଣା କରିଥିଲେ। ଚୀନ୍ ଆକ୍ରମଣ କଲେ ଆମେରିକା ତାଇୱାନର ସ୍ୱାଧୀନତାକୁ ସୁରକ୍ଷା ଦେବ ବୋଲି କହିଥିଲେ। ଏବେ ଚୀନ୍ ଚାପରେ ଆମେରିକା ନିଜ ବିଦେଶ ନୀତି ପରିବର୍ତ୍ତନ କରିଛି ବୋଲି କୁହାଯାଉଛି। ଏହାର ଦିନକ ତଳେ ତାଇୱାନ ରାଷ୍ଟ୍ରପତି ନିର୍ବାଚନ ଶେଷ ହୋଇଥିଲା। ଏଥିରେ କ୍ଷମତାସୀନ ଡେମୋକ୍ରାଟିକ ପ୍ରୋଗ୍ରେସିଭ ପାର୍ଟି (ଡିପିପି)ର ରାଷ୍ଟ୍ରପତି ପ୍ରାର୍ଥୀ ୱିଲିୟମ ଲାଇ ବିଜୟ ହୋଇଥିଲେ। ସେ ଚୀନ୍‌ର ଦୃଢ଼ ବିରୋଧୀ ଏବଂ ତାଇୱାନ ସ୍ୱାଧୀନତାର ବଡ଼ ସମର୍ଥକ ଭାବେ ପରିଚିତ। ତାଙ୍କ ବିଜୟ ଉପରେ ପ୍ରତିକ୍ରିୟା ଦେଇ ବାଇଡେନ ଉପରୋକ୍ତ ମନ୍ତବ୍ୟ ଦେଇଥିଲେ।

ସୂଚନା ଅନୁଯାୟୀ ୧୯୭୯ ପର୍ଯ୍ୟନ୍ତ ଆମେରିକା ତାଇୱାନକୁ ଅସଲ ଚୀନ୍ ମାନ୍ୟତା ଦେଇଥିଲା। ତାଇୱାନ ସହ କୂଟନୈତିକ ସମ୍ବନ୍ଧ ରଖିଥିଲା। ମାତ୍ର ରିଚାର୍ଡ ନିକ୍ସନ କ୍ଷମତାକୁ ଆସିବା ପରେ ଚୀନ୍ ସହ ଆମେରିକାର ସମ୍ବନ୍ଧ ସୁଧୁରିବାରେ ଲାଗିଥିଲା। ଏହା ପରେ ଆମେରିକା ତାଇୱାନ ବଦଳରେ ଚୀନ୍‌କୁ ମାନ୍ୟତା ଦେଇଥିଲା। କିନ୍ତୁ ତାଇୱାନକୁ ସମର୍ଥନ ଦେବା ଜାରି ରଖିଥିଲା। ଏବେ ଆମେରିକା ଏବଂ ତାଇୱାନ ମଧ୍ୟରେ ଅନୌପଚାରିକ ସମ୍ବନ୍ଧ ରହିଛି। ୱାଶିଂଟନ ତାଇୱାନକୁ ଅସ୍ତ୍ରଶସ୍ତ୍ର ଯୋଗାଣ ମଧ୍ୟ କରୁଛି। ଗତ କିଛି ମାସ ହେଲା ତାଇୱାନକୁ ନେଇ ଚୀନ୍ ଆମେରିକାକୁ ଧମକ ଦେଇଆସୁଛି। ଗତ ବର୍ଷ ଶେଷ ଭାଗରେ ସାନ୍ ଫ୍ରାନ୍‌ସିସ୍‌କୋରେ ଅନୁଷ୍ଠିତ ଶିଖର ସମ୍ମିଳନୀରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଖୋଲାଖୋଲି ଭାବେ ବାଇଡେନଙ୍କୁ ଧମକ ଦେଇଥିଲେ। ଚୀନ୍ ଯେକୌଣସି ମୂଲ୍ୟ ଦେଇ ମୁଖ୍ୟ ଭୂମିକୁ ଦେଶରେ ସାମିଲ କରିବ। ଏହା ସହ କୌଣସି ସାଲିସ କରାଯାଇପାରିବ ନାହିଁ ବୋଲି ଜିନପିଙ୍ଗ କହିଥିଲେ। ଏହି ମାମଲାରୁ ଦୂରେଇ ରହିବା ପାଇଁ ଆମେରିକାକୁ ଧମକ ଦେଇଥିଲେ। ଏବେ ଜିନପିଙ୍ଗଙ୍କ ଚାପ ଆଗରେ ବାଇଡେନ ଚେପା ହୋଇଯାଇଛନ୍ତି ବୋଲି କୁହାଯାଉଛି।



▶କ୍ରୀଡ଼ା ପୃଷ୍ଠାରେ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-201 ♦BHUBANESWAR ♦MONDAY ♦15 JANUARY 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୦୧ ♦ଭୁବନେଶ୍ୱର ♦ସୋମବାର ♦୧୫ ଜାନୁଆରୀ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦







## ପୌଷ ଶୁକ୍ଳ ସପ୍ତମୀରେ ପ୍ରକଳ୍ପ ଲୋକାର୍ପଣ

# ଆଜିଠୁ ଶ୍ରୀମନ୍ଦିର 'ପରିକ୍ରମା' ମହାଯଜ୍ଞ

■ **ପୁରୀ, ୧୪।୧ (ସମିସ):** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ଉତ୍ସବମୁଖର ଶ୍ରୀକ୍ଷେତ୍ର। ଯଜ୍ଞ ମଣ୍ଡପ ସହ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ସୃଷ୍ଟି ହୋଇଛି ଭିନ୍ନ ଏକ ଆଧ୍ୟାତ୍ମିକ ପରିବେଶ। ପବିତ୍ର ମକର ସଂକ୍ରାନ୍ତି ଅର୍ଥାତ୍ ପୌଷ ଶୁକ୍ଳ ପଞ୍ଚମୀ ତିଥିରୁ ଆରମ୍ଭ ହେବ ତ୍ରିଦିନାତ୍ମକ ଯଜ୍ଞ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ବେଳେ ଯଜ୍ଞ ପ୍ରକ୍ରିୟାର ତୃତୀୟ ଦିବସରେ ରବିବାର ଅଙ୍କୁରପୂଜନ ସମାପ୍ତ ହେବା ପରେ ଯଜ୍ଞ ମଣ୍ଡପରେ ସମସ୍ତ ମଣ୍ଡଳ ସ୍ଥାପନ ଶେଷ ହୋଇଛି। ନିକଟସ୍ଥ ମଠ କୂଅରୁ ଜଳ ଆଣି ଅଧିବାସ କାର୍ଯ୍ୟ ସରିଛି। ସୋମବାର ସକାଳ ସାଢେ ୭ଟାରୁ ଅପରାହ୍ନ ୧ଟା ମଧ୍ୟରେ ଅଖଣ୍ଡ ଦୀପ ସ୍ଥାପନ, ପଞ୍ଚକର୍ମ, ଆଚାର୍ଯ୍ୟଙ୍କ ଦ୍ୱାରା ବ୍ରାହ୍ମଣ ବରଣ, ମଣ୍ଡଳପୂଜନ ହେବ। ସେହିପରି ସକାଳ ସାଢେ ୭ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଶ୍ରୀମନ୍ଦିର ଚାରିଦ୍ୱାରରେ ବେଦ ପାରାୟଣ, ଅନ୍ତଃ ପ୍ରଦକ୍ଷିଣ ପଥରେ ନାମ ସଙ୍କୀର୍ତ୍ତନ କରାଯିବ। ଅପରାହ୍ନ ୩ଟାରେ ଶ୍ରୀମନ୍ଦିର ରୋଷଶାଳାରୁ ଅଗ୍ନି ଆସି ଯଜ୍ଞ ଆରମ୍ଭ ହେବ। ସନ୍ଧ୍ୟା ୬ଟା ମଧ୍ୟରେ ବୈଷ୍ଣବାଗ୍ନି ସଂସ୍କାର, ହବନ, ଆରତି, ପୁଷ୍ପାଞ୍ଜଳି ଓ ପ୍ରଦିକ୍ଷଣ କରାଯିବ। ମହାପ୍ରଭୁଙ୍କ ସ୍ମରଣ କରି ଏହି ଯଜ୍ଞ ଆରମ୍ଭ ହେବ। ଯଜ୍ଞ ମଣ୍ଡପ ପରି ଶ୍ରୀମନ୍ଦିର ଚାରି ଦ୍ୱାରରେ ବେଦ ପାଠ ପାଇଁ ସ୍ୱତନ୍ତ୍ର ଭାବେ ମଣ୍ଡପ ପ୍ରସ୍ତୁତ କରାଯାଇଛି। ପ୍ରତି ଦ୍ୱାରରେ ୧୫ ଜଣ ଲେଖାଏଁ ୬୦ ଜଣ ବେଦଜ୍ଞ ପଣ୍ଡିତ ବେଦ ପାଠ କରିବେ। ପୂର୍ବ ବା ସିଂହଦ୍ୱାରରେ ଋକ୍ ବେଦ, ପଶ୍ଚିମ ଦ୍ୱାରରେ ସାମ୍ ବେଦ, ଉତ୍ତର ଦ୍ୱାରରେ ଅଥର୍ବ ବେଦ, ଦକ୍ଷିଣ ଦ୍ୱାରରେ ଯଜୁର୍ବେଦ ପାଠ କରାଯିବ।

ଅନ୍ୟପକ୍ଷରେ ରବିବାର ଲୋକାର୍ପଣ ପାଇଁ ଥିବା ପଥରକୁ ଖୋଦେଇ କରାଯାଇ ଅଷ୍ଟଧାତୁ ଲେଖା ଫଳକ ଲଗାଯାଇଛି। ଏହି ଫଳକରେ 'ଶ୍ରୀ ଶ୍ରୀ ଜଗନ୍ନାଥାୟ ନମଃ'। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଶୁଭ ପ୍ରତିଷ୍ଠା ଓ ଲୋକାର୍ପଣ, ପୌଷ ଶୁକ୍ଳ ସପ୍ତମୀ, ୧୭ ତାରିଖ ବୁଧବାର' ଲେଖାଯାଇଛି। ▶ପୃଷ୍ଠା-୧୧



- ଶ୍ରୀମନ୍ଦିର ଚାରିଦ୍ୱାରରେ ହେବ ବେଦ ପାରାୟଣ
- ଅନ୍ତଃପ୍ରଦକ୍ଷିଣ ପଥରେ କରାଯିବ ନାମ ସଂକୀର୍ତ୍ତନ
- ଆଜି ଶ୍ରୀମାର୍ଗ ଓ ଶ୍ରୀସେତୁରେ ପରୀକ୍ଷାମୂଳକ ଯାତ୍ରା

## ୧୭ ତାରିଖ ସରକାରୀ ଛୁଟି

■ **ଭୁବନେଶ୍ୱର, ୧୪।୧(ସମିସ):** ଆସନ୍ତା ୧୭ ତାରିଖ ଦିନ ପୁରୀଠାରେ ଐତିହାସିକ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଭକ୍ତି ସହକାରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଦିନକୁ ରାଜ୍ୟବାସୀ ଅତ୍ୟନ୍ତ ଉତ୍ସାହର ସହ ଅପେକ୍ଷା କରିଥିବା ବେଳେ ରାଜ୍ୟ ସରକାର ସେମାନଙ୍କୁ ଏକ ଖୁସି ଖବର ଦେଇଛନ୍ତି। ଏହି ଦିନକୁ ସରକାରୀ ଛୁଟି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ୧୭ ତାରିଖ ଦିନ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ ତଥା ସ୍କୁଲ ଓ କଲେଜ ବନ୍ଦ ରହିବ।

ସୂଚନାଯୋଗ୍ୟ ଯେ ଏହି ପ୍ରକଳ୍ପ ଓଡ଼ିଆ ଅସ୍ମିତାର ଅନନ୍ୟ ନିଦର୍ଶନ ହେବାକୁ ଯାଉଛି। ଜଗତର ନାଥ ଓ ଆରାଧ୍ୟ ଦେବତା ତଥା ସର୍ବଧର୍ମ ସମନ୍ୱୟର ପ୍ରତୀକ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ଉକ୍ତ ଦିନ ପୁରୀରେ ଶ୍ରଦ୍ଧାଳୁମାନେ ଯେପରି ଆନନ୍ଦସହକାରେ ପହଞ୍ଚି ମହାପ୍ରଭୁଙ୍କୁ ଭକ୍ତିଅର୍ଘ୍ୟ ବାଢ଼ିପାରିବେ, ତାହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏପରି ନିଷ୍ପତ୍ତି ନେଇଛନ୍ତି।

## ପ୍ରସ୍ତୁତି ତଦାରଖ କଲେ '୫-ଟି' ଅଧ୍ୟକ୍ଷ



**ଯଜ୍ଞସ୍ଥଳ, ଶ୍ରୀମାର୍ଗ, ଜେବିପିସି, ଅସ୍ଥାୟୀ ହେଲିପ୍ୟାଡ୍ ଓ ସମଗ୍ର ପାର୍କିଂ ବୁଲି ଦେଖିଲେ**

■ **ପୁରୀ, ୧୪।୧ (ସମିସ):** ଆଉ ଦୁଇଦିନ ପରେ ଲୋକାର୍ପିତ ହେବ ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। ଏହି ଲୋକାର୍ପଣ ଉତ୍ସବ ପାଇଁ ହୋଇଥିବା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ସକାଳେ '୫-ଟି' ଅଧ୍ୟକ୍ଷ ପୁରୀରେ ପହଞ୍ଚି ପ୍ରଥମେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଏହାପରେ ଶ୍ରୀମନ୍ଦିର ଚତୁଃପାଶ୍ୱର୍ ବୁଲି ପରିକ୍ରମା ପ୍ରକଳ୍ପ ସମ୍ପୂର୍ଣ୍ଣ ଭାବେ ଅନୁଧ୍ୟାନ କରିଥିଲେ। ଉତ୍ସବ ପାଇଁ କରାଯାଇଥିବା ବ୍ୟବସ୍ଥା ସମ୍ପର୍କରେ ବୁଝିବା ସହ ଯଜ୍ଞସ୍ଥଳ, ଉଦ୍‌ଘାଟନ ଫଳକ ସ୍ଥଳ ଓ ଅତିଥିଙ୍କ ବସିବା ସ୍ଥାନ ବୁଲିବା ସହ ଲୋକାର୍ପଣ ଉତ୍ସବର ସଫଳତା ନେଇ ପରାମର୍ଶ ଦେଇଥିଲେ। ଏହି ସମୟରେ ଭକ୍ତଙ୍କ ଆଗମନ ଏବଂ ଦର୍ଶନ ନେଇ ହୋଇଥିବା ବ୍ୟବସ୍ଥା ସମ୍ପର୍କରେ ଅବଗତ ହୋଇଥିଲେ। ଏହାପରେ ଶ୍ରୀମାର୍ଗର ତଦାରଖ କରିଥିଲେ । ଅଭ୍ୟର୍ଥନା କେନ୍ଦ୍ରଠାରୁ ଶ୍ରୀମାର୍ଗ ଦେଇ ଜଗନ୍ନାଥ ବଲ୍ଲଭ ପିଲୀଗ୍ରୀମ ସେଣ୍ଟର (ଜେବିପିସି) ପର୍ଯ୍ୟନ୍ତ ▶ପୃଷ୍ଠା-୧୧

# 'ଗଜ ସାଥୀ' ଢାଞ୍ଚାରେ 'କୁମ୍ଭୀର ବନ୍ଧୁ'

## ସୁନିଶ୍ଚିତ ହେବ ରାଜ୍ୟରେ ଘଡ଼ିଆଳଙ୍କ ସୁରକ୍ଷା

■ **ଭୁବନେଶ୍ୱର, ୧୪।୧ (ସମିସ):** ରାଜ୍ୟରେ ଘଡ଼ିଆଳ କୁମ୍ଭୀରଙ୍କ ସୁରକ୍ଷା ଓ ସଂରକ୍ଷଣ ସୁନିଶ୍ଚିତ କରିବେ 'କୁମ୍ଭୀର ବନ୍ଧୁ'। ବଉଳା କୁମ୍ଭୀରଙ୍କ ସଂଖ୍ୟା ଓ ସଂରକ୍ଷଣ ଦୃଷ୍ଟିରେ ଭିତରକନିକା ବର୍ତ୍ତମାନ ଦେଶ ବିଦେଶରେ ପରିଚୟ ପାଇଛି। କୁମ୍ଭୀରଙ୍କ ଅନ୍ୟ ଏକ ପ୍ରଜାତି ମଗରଙ୍କ ସଂଖ୍ୟା ମଧ୍ୟ ଓଡ଼ିଶାରେ ବେଶ୍ ଭଲ ରହିଛି। ଏହି ଦୁଇ ପ୍ରଜାତିଙ୍କ ଭଳି ଘଡ଼ିଆଳଙ୍କ ସଂଖ୍ୟା କିପରି ବୃଦ୍ଧି ପାଇବ ତାକୁ ବନ ବିଭାଗ ଗୁରୁତ୍ୱ ଦେଉଛି। ଏଥିପାଇଁ 'ଗଜ ସାଥୀ' ଢାଞ୍ଚାରେ 'କୁମ୍ଭୀର ବନ୍ଧୁ' ନାମରେ ଏକ ଯୋଜନା ପ୍ରସ୍ତୁତ କରିଛି ବନ ବିଭାଗ। ଘଡ଼ିଆଳଙ୍କ ସଂରକ୍ଷଣ ଓ ସଂଖ୍ୟା ବୃଦ୍ଧି ପାଇଁ ଏହି 'କୁମ୍ଭୀରବନ୍ଧୁ'ମାନେ କାର୍ଯ୍ୟ କରିବେ। ଘଡ଼ିଆଳ କୁମ୍ଭୀର ସାଧାରଣତଃ ମିଠା ପାଣିରେ ରହିଥାନ୍ତି। ବର୍ତ୍ତମାନ ସାତକୋଶିଆ ଗଣ୍ଡ ସେମାନଙ୍କର ମୁଖ୍ୟ ରହଣିସ୍ଥାନ ପାଲଟିଥିବା ବେଳେ ମହାନଦୀରେ ନରାଜ ପର୍ଯ୍ୟନ୍ତ ଘଡ଼ିଆଳ କୁମ୍ଭୀର ବିଚରଣ କରୁଛନ୍ତି। ଘଡ଼ିଆଳଙ୍କର କେବଳ ମାଛକୁ ସେମାନଙ୍କ ଆହାର ଭାବେ ବ୍ୟବହାର କରୁଥିବା ବେଳେ ଏ ସମ୍ପର୍କରେ ଅନେକ ଲୋକ ଅବଗତ ନାହାନ୍ତି। ଯାହାଦ୍ୱାରା ମତ୍ସ୍ୟଜୀବୀଙ୍କ ଜାଲରେ ଲାଗିବା ଓ ଘଡ଼ିଆଳ କୁମ୍ଭୀର ଦେଖି ଅନ୍ୟମାନେ ଆତଙ୍କିତ ହୋଇ କୁମ୍ଭୀରଙ୍କୁ ମାରିବା ଭଳି ଘଟଣା ମଧ୍ୟ ଘଟିଥିବା ନଜିର ରହିଛି। ତେଣୁ ଲୋକଙ୍କ ମଧ୍ୟରେ ଘଡ଼ିଆଳ କୁମ୍ଭୀର ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଓ ସମସ୍ତଙ୍କୁ ସଂରକ୍ଷଣରେ ସାମିଲ କରିବା ପାଇଁ ବନ ବିଭାଗ ଏହି ନିଷ୍ପତ୍ତି ନେଇଛି। ▶ପୃଷ୍ଠା-୧୧



ସଂରକ୍ଷଣ ପାଇଁ ମତ୍ସ୍ୟଜୀବୀଙ୍କୁ କରାଯିବ ସଚେତନ

■ **ଏମିତି ବି ଆସେ ମୃତ୍ୟୁ!**

## ଖେଳୁଖେଳୁ ଟଳିପଡ଼ିଲେ

■ **ମାଣତ୍ରୀ, ୧୪।୧ (ସମିସ):** ଖେଳୁଖେଳୁ ଟଳି ପଡ଼ିଲେ ଯୁବକ। ଏମିତି ଏକ ଅଘଟଣ ଘଟିଛି, ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ମାଣତ୍ରୀ ମିନି ଷ୍ଟାଡିୟମ୍‌ରେ। ମୃତକ ହେଲେ, ମାଣତ୍ରୀର ବୈଦନାଥ କରଙ୍କ ଏକମାତ୍ର ପୁଅ ବିକାଶ (୨୮)। ବିକାଶ ଆଜି ସାଙ୍ଗମାନଙ୍କ ସହ ପଡ଼ିଆରେ କ୍ରିକେଟ୍ ଖେଳୁଥିବା ବେଳେ ହଠାତ୍ ତଳେ ପଡ଼ି ଯାଇଥିଲେ। ସାଙ୍ଗମାନେ ତାଙ୍କୁ ମାଣତ୍ରୀ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମାଣତ୍ରୀ ଫାଣ୍ଡି ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ ଲାଗି ପଠାଇଥିଲା। ବ୍ୟବଚ୍ଛେଦ ରିପୋର୍ଟରୁ ହୃଦ୍‌ଘାତରେ ବିକାଶଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି।



# ଆଜିଠୁ ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା

## ବରଗଡ଼ରେ କଂସ ରାଜୁତି

■ **ବରଗଡ଼, ୧୪।୧(ସମିସ):** ସୋମବାରଠାରୁ ଆନୁଷ୍ଠାନିକ ଭାବେ ଆରମ୍ଭ ହେବ ବିଶ୍ୱର ସର୍ବବୃହତ ମୁକ୍ତାକାଶ ରଙ୍ଗମଞ୍ଚ। ବରଗଡ଼ରେ ହୋଇଆସୁଥିବା ଏହି ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ ୧୧ ଦିନ ଧରି ଚାଲିବ। ଏହି ସମୟରେ ବରଗଡ଼ ସହର, ମଥୁରାନଗରୀ ଏବଂ ଉପକଣ୍ଠରେ ଥିବା ଅମ୍ବାପାଲି ଗାଁ ଗୋପପୁର ପରିଗଣିତ ହୁଏ। ଏହା ମଝିରେ ପ୍ରବାହିତ ହେଉଥିବା ଜୀରା ନଦୀ, ଯମୁନା ନଈରେ ପରିଗଣିତ ହେବ। ବରଗଡ଼ ସହରର ଜନସାଧାରଣ ମଥୁରାନଗରୀର ପ୍ରଜା ଏବଂ ଅମ୍ବାପାଲିରେ ସମସ୍ତେ ଗୋପପୁରବାସୀ ଭାବେ ଏହି ବର୍ଣ୍ଣାଢ଼୍ୟ ଅଭିନୟ ପରମ୍ପରାରେ ସାମିଲ ହେବେ। ଚଳିତବର୍ଷ ୭୬ ବର୍ଷରେ ପଦାର୍ପଣ କରୁଛି ଏହି ମହୋତ୍ସବ। ଏଥିପାଇଁ ସହରସାରା ଉଜ୍ଜ୍ୱଳ ଆଲୋକମାଳାରେ ▶ପୃଷ୍ଠା-୧୧



- ସର୍ବବୃହତ ମୁକ୍ତାକାଶ ରଙ୍ଗମଞ୍ଚରେ ୧୧ ଦିନ ଧରି ଚାଲିବ ଅଭିନୟ
- ବରଗଡ଼ ସହର ହେବ ମଥୁରାନଗରୀ, ଅମ୍ବାପାଲୀ ପାଲଟିବ ଗୋପପୁର
- ଜୀରା ନଦୀ ସାଜିବ ଯମୁନା

## ଲୋକକଥା



ଆଉ ଦୁଇଦିନ ରହିଲା ମାତର
ପରିକ୍ରମା ଲୋକାର୍ପଣ
କେତେ ବାଗେ କେତେ ଢଙ୍ଗରେ ସଜେଇ
ହେଲାଣି ଶ୍ରୀକ୍ଷେତ୍ର ଜାଣ
ଉଲ୍ଲସିତ ଭକ୍ତ ପ୍ରାଣ
ଶଙ୍ଖକ୍ଷେତ୍ର ପାଇଁ ଶଙ୍ଖ ସରକାର
ସୃଷ୍ଟି କରେ ଜାଗରଣ ॥

**'ଟେଷ୍ଟ ଆଟ୍‌ଲାସ୍'ରେ ବିଶ୍ୱ ମାନ୍ୟତା**

# ଭାରତୀୟ ବାସୁମତି ଶ୍ରେଷ୍ଠ

■ **ନୂଆଦିଲ୍ଲୀ, ୧୪।୧ (ଏଜେନ୍ସି):** ଭାରତୀୟ ବାସୁମତି ଚାଉଳକୁ ବିଶ୍ୱର ଶ୍ରେଷ୍ଠ ଚାଉଳ ମାନ୍ୟତା ମିଳିଛି। ଲୋକପ୍ରିୟ ଖାଦ୍ୟ ବିଶ୍ଳେଷଣକାରୀ ସଂସ୍ଥା 'ଟେଷ୍ଟ ଆଟ୍‌ଲାସ୍' ପକ୍ଷରୁ ବାସୁମତି ଚାଉଳକୁ ବର୍ଷ ୨୦୨୩-୨୪ ପାଇଁ ବିଶ୍ୱର ସର୍ବୋତ୍ତମ ଚାଉଳ ମାନ୍ୟତା ପ୍ରଦାନ କରାଯାଇଛି। ନିକଟରେ ଏହି ସଂସ୍ଥା ବିଶ୍ୱର ୧୦୦ ଶ୍ରେଷ୍ଠ ବ୍ୟଞ୍ଜନ ତାଲିକାରେ ଭାରତକୁ ୧୧ ତମ ସ୍ଥାନରେ ରଖିଥିଲା। ଏବେ ଭାରତର ବାସୁମତି ଚାଉଳକୁ 'ଟେଷ୍ଟ ଆଟ୍‌ଲାସ୍' ଦୁନିଆର ସବୁଠାରୁ ଭଲ ଚାଉଳ ବୋଲି କହିଛି।

ସୁଗନ୍ଧିତ ବାସୁମତି ଚାଉଳ ଶତାବ୍ଦୀ ଧରି ଭାରତୀୟ ଉପମହାଦେଶୀୟ ହିମାଳୟ ପାଦଦେଶର ନିର୍ଦ୍ଦିଷ୍ଟ କେତେକ ଅଞ୍ଚଳରେ ଉତ୍ପାଦନ ହୋଇ ଆସୁଛି। ଭାରତ ସମେତ ପାକିସ୍ତାନରେ ମଧ୍ୟ ଏହି ଚାଉଳ ଉତ୍ପାଦନ କରାଯାଉଛି। ଏହାର ସ୍ୱାଦ ଓ ସୁଗନ୍ଧ ହେଉଛି ଏହି ଚାଉଳର ସ୍ୱତନ୍ତ୍ରତା। ଭାରତରେ ୩୪ ପ୍ରକାରର ବାସୁମତି ଚାଉଳ ଉତ୍ପାଦନ କରାଯାଇଥାଏ। ଏଥିରେ ବାସୁମତି ୨୧୭, ବାସମତି ୩୭୦, ଟାଇପି-୩(ଡେରାଡୁନୀ ବାସୁମତି), ପଞ୍ଜାବ ବାସୁମତି୧(ବଉନୀ ବାସୁମତି), ପୁସା ବାସୁମତି୧, କସ୍ତୁରି, ହରିୟାଣା ବାସୁମତି ୧, ମାହି ସୁଗନ୍ଧା, ତରୌରି ବାସୁମତି(ଏଚ୍‌ବିସି ୧୯/ କର୍ଣ୍ଣାଲ ଲୋକାଲ), ରଣବୀର ବାସୁମତି, ବାସୁମତି ୨୮୬ ଆଦି ରହିଛି। ଏଗ୍ରିକଲଚରାଲ ଆଣ୍ଡ ପ୍ରୋସେସଡ ଫୁଡ ପ୍ରଡକ୍ଟସ ଏକ୍ସପୋର୍ଟ ଡେଭଲପମେଣ୍ଟ ଅଥୋରିଟି ଏପିଇଡିଏର ସୂଚନା ଅନୁଯାୟୀ, ଭାରତ ହେଉଛି ବିଶ୍ୱର ସବୁଠାରୁ ସର୍ବାଧିକ ବାସୁମତି ଚାଉଳ ରପ୍ତାନକାରୀ ରାଷ୍ଟ୍ର। ଭାରତରୁ ସାଉଦି ଆରବ, ଇରାନ, ଇରାକ, ୟୁନାଇଟେଡ୍ ଆରବ ଏମିରାଟ୍ ଏବଂ ୟେମେନ୍ ରିପବ୍ଲିକ୍‌କୁ ଚାଉଳ ରପ୍ତାନୀ କରାଯାଉଛି।




**ପରିତ୍ୟକ୍ତ ବାରିରୁ ଶିଶୁର କଟାମୁଣ୍ଡ ଠାବ**

# ତନ୍ତ୍ରସାଧନା ପାଇଁ ବଳି ସନ୍ଦେହ

■ **ବ୍ୟାସନଗର/ଶଙ୍ଖଚିଲା, ୧୪।୧(ସମିସ):** ପରିତ୍ୟକ୍ତ ବାରିରୁ ଏକ ଅଜଣା ଶିଶୁର କଟାମୁଣ୍ଡ ଠାବ ହେବା, ପରେ ଉକ୍ତ କଟାମୁଣ୍ଡକୁ କୁକୁର ନେଇଯିବା ଭଳି ଘଟଣା ଯାଜପୁର ଜିଲ୍ଲାରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ରସୁଲପୁର ବ୍ଲକ୍ ଅନ୍ତର୍ଗତ ଲକ୍ଷ୍ମୀନଗର ପଞ୍ଚାୟତର ରାଧାନଗର(ଦସ୍ତୁରୀପାଟଣା) ଗ୍ରାମରେ ଏହି ଘଟଣା ଘଟିଛି। ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ଯାଜପୁରରୋଡ୍ ପୁଲିସ ଅଧିକାରୀ ଉପେନ୍ଦ୍ର କୁମାର ପ୍ରଧାନ ଘଟଣାସ୍ଥଳରେ ଡେରା ପକାଇବା ସହ ଯାଞ୍ଚ ଚଳାଇଛନ୍ତି। ଉପଖଣ୍ଡ ଅଧିକାରୀ ସଞ୍ଜୟ ପଟ୍ଟନାୟକ ଓ ସାଇଣ୍ଟିଫିକ୍ ଟିମ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଖବର ଲେଖା ହେବା ସୁଦ୍ଧା, ପୁଲିସ ଉକ୍ତ କଟାମୁଣ୍ଡ ▶ପୃଷ୍ଠା-୧୧

- କଟାମୁଣ୍ଡ ଟାଣି ନେଇଗଲା କୁକୁର
- ପୁଲିସ ଓ ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ
- ପରୀକ୍ଷା ପାଇଁ ଗଲା ମାଂସ, ରକ୍ତ ନମୁନା

### ମାର୍ଚ୍ଚରେ ଓକିଲ ସଂଘ ନିର୍ବାଚନ

# ପ୍ରଚାରକୁ ନେଇ ସରଗରମ କୋର୍ଟ ପରିସର

**ସୋସିଆଲ ମିଡିଆ, ବ୍ୟକ୍ତିଗତସ୍ତରରେ ଚାଲିଛି ପ୍ରଚାର**

**ବ୍ରହ୍ମପୁର, ୧୪।୧(ସମିସ):** 'ୱାନ ବାର ୱାନ ଭୋଟ' ନିୟମ ପ୍ରକାରେ ରାଜ୍ୟରେ ଗୋଟିଏ ନିରର୍ଦ୍ଧିଷ୍ଟ ଦିନରେ ସମସ୍ତ ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥାଏ। ଏହି କ୍ରମରେ ଆସନ୍ତା ମାର୍ଚ୍ଚ ମାସରେ ରାଜ୍ୟର ସମସ୍ତ ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ପାଇଁ ଦିନ ଧାର୍ଯ୍ୟ ହୋଇଛି। ଏଥିପାଇଁ ରାଜ୍ୟ ବାର କାଉନସିଲ ନିର୍ଦ୍ଦେଶକ୍ରମେ ସମସ୍ତ ଓକିଲ ସଂଘର ନିର୍ବାଚନ ପାଇଁ ଆପାତତଃ ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ନିର୍ବାଚନ ପରିଚାଳନା ପାଇଁ ନିର୍ବାଚନ ଅଧିକାରୀଙ୍କ ସମେତ ଅଡିଟର ନିଯୁକ୍ତି ହୋଇସାରିଛି। ଏହି କ୍ରମରେ ଗଞ୍ଜାମ ଓକିଲ ସଂଘର ନୂତନ ନିର୍ବାଚନ ଅଧିକାରୀ ଓ ଅଡିଟର ମନୋନିତ ହୋଇସାରିଛନ୍ତି। ଖୁବ୍‌ଶୀଘ୍ର ଉଭୟେ ନିଜନିଜ ଦାୟିତ୍ୱ ଗ୍ରହଣ କରିବେ। ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇସାରିଥିବା ବେଳେ ଆଶାୟୀଙ୍କ ମଧ୍ୟରେ ଉତ୍ସୁକତା ବଢ଼ିବା ସହିତ କୋର୍ଟ ପରିସରରେ ରାଜନୈତିକ ଉଷ୍ମତା ମଧ୍ୟ ବଢ଼ିବାରେ ଲାଗିଛି। ବିଭିନ୍ନ ପଦବୀ ପାଇଁ ଆଶାୟୀ ପ୍ରାର୍ଥୀମାନେ ନିଜ ନିଜ ସମର୍ଥକଙ୍କ ସହିତ ପ୍ରଚାରକୁ ଜୋରଦାର କରିଛନ୍ତି। ଚଳିତ ବର୍ଷ ଗଞ୍ଜାମ ଓକିଲ ସଂଘରେ ମୋଟ ୧୫ଶହରୁ ଅଧିକ ଆଇନଜୀବୀଙ୍କ ନାମ ଭୋଟର ତାଲିକାରେ ରହିଥିବା ଜଣାପଡ଼ିଛି। ଆଶାୟୀ ପ୍ରାର୍ଥୀ ଓ ସେମାନଙ୍କ ସମର୍ଥକଙ୍କ ପ୍ରଚାରକୁ ନେଇ ଚଳଚଞ୍ଚଳ ହୋଇ ଉଠିଛି କୋର୍ଟ ପରିସର। ଗଞ୍ଜାମ ଓକିଲ ସଂଘ ଏକ ପ୍ରତିଷ୍ଠିତ ତଥା ବହୁ ପୁରୁଣା ସଂଘ ହୋଇଥିବା ବେଳେ ଏଠି ନିର୍ବାଚିତ ହେବା କାଠିକର ପାଠ ମଧ୍ୟ। ଶନିବାର ଠାରୁ ସୋମବାର ପର୍ଯ୍ୟନ୍ତ ୩ଦିନ ଧରି କୋର୍ଟ ବନ୍ଦ ରହିଥିବା ବେଳେ ଆଶାୟୀ ପ୍ରାର୍ଥୀମାନେ ଘରକୁ ଘର ଓ ବିଭିନ୍ନ ଛକରୁ ଛକ ବୁଲି ପ୍ରଚାର ଆରମ୍ଭ କରି ନିଜ ସମର୍ଥନରେ ଭୋଟର ଯୋଗାଡ କରୁଥିବା ଦେଖିବାକୁ ମିଳିଛି। ଗତ କିଛି ବର୍ଷ ହେଲା ସୋସିଆଲ ମିଡିଆ ଜରିଆରେ ପ୍ରଚାର ଜୋରଦାର ହେଉଥିବା ବେଳେ ଚଳିତ ବର୍ଷ ମଧ୍ୟ ସୋସିଆଲ ମିଡିଆକୁ ପ୍ରାଧାନ୍ୟ ଦେଉଛନ୍ତି ସମସ୍ତ ପ୍ରାର୍ଥୀ। ତେବେ ଛୁଟି ଦିନରେ ସମୟ ଅପଚୟ ନକରି ଘରକୁ ଘର ବୁଲି ବ୍ୟକ୍ତିଗତ ସ୍ତରରେ ଭୋଟ ହାତେଇବାକୁ ମଧ୍ୟ ପଛାଉନାହାନ୍ତି ଆଶାୟୀ ପ୍ରାର୍ଥୀମାନେ। ବର୍ତ୍ତମାନର ସ୍ଥିତିକୁ ଦେଖିଲେ ଜଣାପଡୁଛି ଚଳିତ ବର୍ଷର ଗଞ୍ଜାମ ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ବେଶ ସଂଘର୍ଷପୂର୍ଣ୍ଣ ହେବ ନିଶ୍ଚୟ।

## ୱାରେଣ୍ଟ ବଳରେ ଜଣେ ଗିରଫ

**ବ୍ରହ୍ମପୁର, ୧୪।୧(ସମିସ):** ଏକ ଡକାୟତି ଉଦ୍ୟମ ମାମଲାରେ ଗୋପାଳପୁର ଥାନା ପୁଲିସ ସାନକୁଶସ୍ଥଳି ଗ୍ରାମର ପ୍ରଦୀପ ରାଉତକୁ ରବିବାର ଗିରଫ କରି କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ୨୦୧୨ ମସିହାରେ ପ୍ରଦୀପ ଡକାୟତ ଉଦ୍ୟମ କରୁଥିବା ବେଳେ ବ୍ରହ୍ମପୁର ବୈଦ୍ୟନାଥପୁର ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଅଭିଯୁକ୍ତ ଜଣକ କୋର୍ଟର ଆଦେଶକୁ ଅବମାନନା କରିବା ସହ ଫେରାର ରହିଥିଲା। ଶନିବାର ରାତିରେ କୌଣସି ସୂତ୍ରରୁ ଗୋପାଳପୁର ପୁଲିସ ଅଭିଯୁକ୍ତ ପ୍ରଦୀପକୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି।

# ପାଳିତ ହେଲା ଭୋଗି, ଆଜି ପୋଙ୍ଗଲ







**ତେଲୁଗୁ ଅଭିନେତା ସାଇ କୁମାରଙ୍କୁ ସମ୍ବର୍ଦ୍ଧନା**

ବ୍ରହ୍ମପୁର, ୧୪।୧(ସମିସ): ଆନନ୍ଦ ଉଲ୍ଲାସର ସହିତ ବ୍ରହ୍ମପୁର ସହରରେ ତେଲୁଗୁ ପରିବାରମାନଙ୍କ ପକ୍ଷରୁ ପାଳିତ ହେଲା ଭୋଗି। ସକାଳୁ ସକାଳୁ ସମସ୍ତେ ନିଆଁଜାଳି ସମବେତ ହୋଇଥିଲେ। ସାହି ସାହିରେ ଭୋଗି ପାଳିତ ହୋଇଥିଲା। ସୂଚନା ପ୍ରକାରେ ପାଞ୍ଚୁଗୁ ପାଳନର ଏହାର ପ୍ରଥମ ଦିନ ହେଉଛି 'ଭୋଗି'। ଗୋଟିଏ ଜାଗାରେ ତେଲୁଗୁ ସମ୍ପ୍ରଦାୟର ସମସ୍ତ ଜନସାଧାରଣ ଏକାଠି ହୋଇ ଏହାକୁ ପାଳନ କରିଥାନ୍ତି। ଏହାର ବିଶେଷତ୍ୱ ହେଉଛି ଭେଗି ଶବ୍ଦଟି ସଂସ୍କୃତ ଭାଷାରୁ ଆସିଛି। ଯାହାର ଅର୍ଥ ହେଉଛି ସୁଖ। ପ୍ରବଳ ଥଣ୍ଡାରୁ ମୁକ୍ତି ପାଇଁ ସର୍ବସାଧାରଣ ସ୍ଥଳରେ ନିଆଁ ଲଗାଯାଇ ଏହାକୁ ଘେରି ସମସ୍ତେ ଉପଭୋଗ କରିଥାନ୍ତି। ମହିଳାମାନେ ମାସ ସାରା ଗାଇ ଗୋବରରେ ପେଡ଼ାଙ୍କା ବା ଘସି କରିଥାନ୍ତି। ଏହି ଘସିକୁ ଭୋଗୀ ଦିନ ରଙ୍ଗନାଥ ସ୍ୱାମୀ ଓ ଗଙ୍ଗାଦେବୀଙ୍କୁ ପୂଜାର୍ଚ୍ଚନା କରି ନିଆଁରେ ପକାଯାଇଥାଏ। ଏହାଦ୍ୱାରା ଲୋକେ ଉଷୁମ ଅନୁଭବ କରିବା ସହ ସ୍ୱାସ୍ଥ୍ୟ ପାଇଁ ଏହା ଭଲ ବୋଲି କୁହାଯାଇଛି। କେତେକ ସ୍ଥାନରେ କାଠ ସାମଗ୍ରୀ ଓ ଗଣ୍ଡି ପକାଯାଇ ମଧ୍ୟ ଧୂନି କରାଯାଇଥାଏ। ରବିବାର ପ୍ରକାଶମ ହଲ୍ ଓ ଆନ୍ଧ୍ର ମହିଳା ଭାଷା ବିବର୍ଦ୍ଧନୀ ସମାଜ ପରିସରରେ ଭୋଗି ପାଳିତ ହୋଇଥିଲା। ସକାଳେ ପୂର୍ଣ୍ଣକୁମ୍ଭ ସହିତ ସତ୍ୟ ନାରାୟଣ ସ୍ୱାମୀ ମନ୍ଦିରରୁ ଶୋଭାଯାତ୍ରାରେ ପ୍ରକାଶମ ହଲରେ ପହଞ୍ଚିଥିଲେ ତେଲୁଗୁ ଭାଇଭଉଣୀମାନେ। ଏଠାରେ ପୂର୍ଣ୍ଣକୁମ୍ଭ ସ୍ଥାପନ ହେଲା। ପଣ୍ଡିତମାନ ଦ୍ୱାରା ଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଆନ୍ଧ୍ର ମହିଳା ସମାଜର ସଦସ୍ୟମାନେ ଭୋଗୀରେ ନିଆ ଲଗାଇଲେ। ନୂଆ ଚାଉଳରେ ପାଇସ ହେବା ପରେ ଏହାକୁ ଭୋଗ ଲଗାଇ ସମସ୍ତେ ଖାଇଥିଲେ। ଏଠାରେ ଶ୍ରୀକୃଷ୍ଣଙ୍କ ଉଦ୍ଦେଶ୍ୟରେ ସମସ୍ତେ ଗୋପିଲୁ ନୃତ୍ୟ କରିଥିବା ଦେଖିବକୁ ମିଳିôତଲା। ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ସାଂସଦ ଚନ୍ଦ୍ର ଶେଖର ସାହୁ, ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ବିଧାୟକ ବିକ୍ରମ କୁମାର ପଣ୍ଡା, ରାଜ୍ୟ ଯୋଜନା ବୋର୍ଡ଼ ସଦସ୍ୟ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ମେୟର ସଂଘମିତ୍ରା ଦଳେଇ ଓ କିଛି କର୍ପୋରେଟର ଯୋଗ ଦେଇଥିଲେ। ପରେ ପ୍ରକାଶମ ହଲରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ତେଲୁଗୁ ସିନେ ଅଭିନେତା ସାଇ କୁମାର ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥିଭାବେ ଅର୍ବାନ ବ୍ୟାଙ୍କ ସଭାପତି ଆର ମୂରଲି ମୋହନ, ଆର ପାୱାନୀ, କାଜୁ ନିଗମ ଅଧ୍ୟକ୍ଷ ସୁବାଷ ମହାରଣା, ଅଶୋକ ଶୁକ୍ଲା, ସନ୍ଧ୍ୟାରାଣୀ ଶୁକ୍ଲା ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ମହିଳା ସମାଜ ପକ୍ଷରୁ ଅଭିନେତା ଓ ସାଇ କୁମାର ଓ ମୂରଲି ମୋହନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏ ଅବସରରେ ବିଭିନ୍ନ ପୌରାଣିକ ଓ ଆଧୁନିକ ନୃତ୍ୟ ପରିବେଷଣ କରାଯାଇଥିଲା।

## ଘରେ ପଶି ଯୁବକଙ୍କୁ ଆକ୍ରମଣ ଓ ଲୁଟ୍ ଘଟଣା: ୨ ଗିରଫ

**ବ୍ରହ୍ମପୁର, ୧୪।୧(ସମିସ)**

ସ୍ଥାନୀୟ ନୀଳାଞ୍ଚଳନଗର ୨ୟ ଲାଇନରେ ଜଣେ ଯୁବକଙ୍କୁ ଆକ୍ରମଣ ସହ ସୁନାଚେନ ଲୁଟ୍ କରିଥିବା ଅଭିଯୋଗରେ ନିମଖଣ୍ଡି ଥାନା ପୁଲିସ ଦୁଇ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଦୁଇଜଣ ଯୁବକ ହେଲେ ତାରସିଂ ଅଞ୍ଚଳର ସୁମନ କୁମାର ମଲ୍ଲିକ(୨୪) ଓ ହରଡ଼ାଖଣ୍ଡି ଧର୍ମନଗରର ଗୌରୀ ଶଙ୍କର ସାହୁ(୨୪)। ଏହି ମାମଲାରେ ସମ୍ପୃକ୍ତ ଏକାଧିକ ଅଭିଯୁକ୍ତ ଫେରାର ଥିବା ଜଣାପଡ଼ିଛି। ପୂର୍ବ ଶତ୍ରୁତା ତଥା ଗଣ୍ଡଗୋଳକୁ କେନ୍ଦ୍ର କରି ଦୁର୍ବୃତ୍ତମାନେ ଏହି ଘଟଣା ଭିଆଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ, ବୁଗୁଡ଼ା ସଦାଶିବପୁର ଶାସନ ତଥା ସ୍ଥାନୀୟ ନୀଳାଞ୍ଚଳନଗର ୨ୟ ଲାଇନ ନିବାସୀ ତପନ କୁମାର ରଥଙ୍କ ଘରକୁ ଗତ ୧୨ତାରିଖ ରାତି୧୧ଟା ବେଳେ ୮ରୁ ୧୦ ଜଣ ଦୁର୍ବୃତ୍ତ ବିଭିନ୍ନ ମାରଣାସ୍ତ୍ର ଧରି ତପନ ଓ ତାର ସହଯୋଗୀଙ୍କୁ ଘରେ ପଶି ଆକ୍ରମଣ କରିଥିଲେ। ଏପରିକି ଗାଳିଗୁଲଜ କରିବା ସହ ଧାରୁଆ ଅସ୍ତ୍ରରେ ଆକ୍ରମଣ ମଧ୍ୟ କରିଥିଲେ। ଆକ୍ରମଣରେ ତପନ ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିଲେ। ତପନଙ୍କୁ ଆକ୍ରମଣ କରିବା ପରେ ସେ ପିନ୍ଧିଥିବା ସୁନାଚେନ୍‌କୁ ଦୁର୍ବୃତ୍ତମାନେ ଲୁଟି ନେଇଥିବା ଅଭିଯୋଗ ହୋଇଥିଲା। ଘଟଣାକୁ ନେଇ ତପନ ଅଭିଯୁକ୍ତ ସୁମନ କୁମାର ମଲ୍ଲିକ, ଗୌରୀଶଙ୍କର ସାହୁ ଓ ରାଜ୍ ମାଲହୋତ୍ରା, ସଂଗ୍ରାମ ପାଣିଗ୍ରାହୀ, ମଣିଆ ସାହୁ ଓ ସାଗରଙ୍କ ସମେତ ଅନ୍ୟ ୩ ଜଣଙ୍କ ନାମରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରିଥିଲା। ତଦନ୍ତ କରି ରବିବାର ପୁଲିସ ଅଭିଯୁକ୍ତ ସୁମନ ଓ ଗୌରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଘଟଣାରେ ପୁଲିସର ତଦନ୍ତ ଜାରି ରହିଥିବା ବେଳେ ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୁଲିସ ଦୃଢ଼ୋକ୍ତି ପ୍ରକାଶ କରିଛି।

### ବୃଦ୍ଧାଙ୍କଠାରୁ ଲୁଟ୍ ଘଟଣା

## ଫେରାର ଅଭିଯୁକ୍ତ ଗିରଫ



**ବ୍ରହ୍ମପୁର, ୧୪।୧(ସମିସ):** ବୃଦ୍ଧାଙ୍କ ଠାରୁ ଲୁଟ୍ ଘଟଣାରେ ସମ୍ପୃକ୍ତ ରହି ଦିର୍ଘ ୫ମାସ ଧରି ଫୋରାର ଥିବା ମୁଖ୍ୟ ଅଭିଯୁକ୍ତ ଅମିତକୁ ଗିରଫ କରି କୋର୍ଟଚାଲାଣ କରିଛି ବୈଦ୍ୟନାଥପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ଜଣକ ହେଲେ ଲାଞ୍ଜିପଲ୍ଲୀ ବ୍ରାହ୍ମଣସାହିର ଅମିତ କୁମାର ପାତ୍ର(୨୬)। ପୂର୍ବରୁ ଏହି ମାମଲାରେ ଲାଞ୍ଜିପଲ୍ଲୀ କେଶବ ନଗରର ରାମକୃଷ୍ଣ ପାଣିଗ୍ରାହୀ(୨୬), ବ୍ରାହ୍ମଣ ସାହିର ରବୀନ୍ଦ୍ର ପଣ୍ଡା ଓରଫ ରବି(୨୬) ଓ ପି. ଶିବ ଶଙ୍କର ଦାଶ(୨୬) ଗିରଫ ହୋଇ ଜେଲ ଯାଇଛନ୍ତି। ସୂଚନାଯୋଗ୍ୟ ଯେ, ଆଙ୍କୁଲି ଶିବାଶକ୍ତି ନଗର ତୃତୀୟ ଲାଇନ ନିବାସୀ ବୃଦ୍ଧା କୁମାରୀ ବେହେରା ଗତ ଅଗଷ୍ଟ ୮ ତାରିଖ ଅପରାହ୍ନରେ ନିଜ ଘର ସମ୍ମୁଖରେ ଥିବା ବଗିଚାକୁ ଗଲାବେଳେ ହଠାତ ଦୁଇଜଣ ଦୁର୍ବୃତ୍ତ ଛୁରୀରେ ଆକ୍ରମଣ କରି କୁମାରୀଙ୍କ ବେକରୁ ୩ଭରି ଓଜନର ସୁନାଚେନକୁ ନେଇଯାଇଥିଲେ। ଏନେଇ କୁମାରୀଙ୍କ ପୁଅ ପ୍ରଦୀପ କୁମାର ବେହେରା ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘଟଣା ପରଠାରୁ ଘଟଣାରେ ସମ୍ପୃକ୍ତ ଅମିତ ଫେରାର ଥିବା ବେଳେ କୋର୍ଟରୁ ଅମିତ ନାମରେ ଜାମୀନ ବିହୀନ ଗିରଫ ପରୱାନା ଜାରି ହୋଇଥିଲା। ସେହିକ୍ରମରେ ବୈଦ୍ୟନାଥପୁର ଥାନା ପୁଲିସ ଶନିବାର ରାତିରେ ଅମିତକୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

## ମହିଳାଙ୍କଠାରୁ ସୁନା ଓ ଟଙ୍କା ଲୁଟ୍ ଘଟଣା; ଫେରାର୍ ଦୁଇ ଅଭିଯୁକ୍ତ ଗିରଫ

**ବ୍ରହ୍ମପୁର, ୧୪।୧(ସମିସ):** ସ୍ଥାନୀୟ ଆଇନାବନ୍ଧ ସାହି ନିବାସୀ ଜଣେ ମହିଳାଙ୍କୁ ବୋମା ଓ ଖଣ୍ଡା ଦେଖାଇ ଭୟଭୀତ କରି ନଗଦ ଟଙ୍କା ଓ ସୁନା ଅଳଙ୍କାର ଲୁଟ୍ ଘଟଣାରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କୁ ଦୀର୍ଘ ଏକବର୍ଷ ପରେ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ଝରଣାନଗରର ଦୀପକ ଦାସ(୨୭) ଓ ଗୁଇ ଗୌଡ଼(୨୮)। ପୂର୍ବରୁ ଏହି ଘଟଣାରେ ପୁଲିସ ୬ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ବର୍ତ୍ତମାନ ଅନ୍ୟ ଦୁଇଜଣଙ୍କୁ ପୁଲିସ ଗିରଫ କରିଥିଲେ ହେଁ ଘଟଣାରେ ସମ୍ପୃକ୍ତ ଆଉ ଜଣେ ଅଭିଯୁକ୍ତ ଏବେ ବି ଫେରାର ରହିଛି। ସୂଚନାଯୋଗ୍ୟ ଯେ, ଆଇନାବନ୍ଧ ସାହି ନିବାସୀ ସସ୍ମିତା ଗୌଡ଼ଙ୍କ ଘରକୁ ୨୦୨୨ ମସିହା ଅକ୍ଟୋବର ୨୪ ତାରିଖରେ ପ୍ରାୟ ୧୩ ଜଣ ଦୁର୍ବୃତ୍ତ ଖଣ୍ଡା ଓ ବୋମା ଧରି ପହଞ୍ଚିଥିଲେ। ପରେ ସସ୍ମିତାଙ୍କୁ ଗାଳିଗୁଲଜ କରିବା ସହ ଘରେପଶି ଭଙ୍ଗାରୁଜା କରିଥିଲେ। ପରେ ଖଣ୍ଡା ଓ ବୋମା ଦେଖାଇ ନଗଦ ୮୪୦୦ ଟଙ୍କା, ଅଳଙ୍କାର ସହ ଦୁଇଟି ଗ୍ୟାସ ସିଲିଣ୍ଡର ନେଇ ଯାଇଥିଲେ। ଏନେଇ ସସ୍ମିତା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରିଥିଲା। ଘଟଣାର ତଦନ୍ତ କରି ପୁଲିସ ପୂର୍ବରୁ ୬ଜଣଙ୍କୁ ଗିରଫ କରିଥିବା ବେଳେ ଘଟଣା ପରଠାରୁ ଅଭିଯୁକ୍ତ ଦୀପକ ଓ ଗୁଇ ଫେରାର ରହିଥିଲେ। ତେବେ ଘଟଣା ପରଠାରୁ ଉପରୋକ୍ତ ଅଭିଯୁକ୍ତମାନେ ଫେରାର ଥିବା ହେତୁ କୋର୍ଟ ସେମାନଙ୍କ ନାମରେ ୱାରେଣ୍ଟ ଜାରି କରିଥିଲେ। ସେହିକ୍ରମେ ବଡ଼ବଜାର ଥାନା ପୁଲିସ ଶନିବାର ରାତିରେ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## କୁକୁର ବନ୍ଧ୍ୟାକରଣ କାର୍ଯ୍ୟକାରୀ କରିବା ଦାବିରେ ଧାରଣା

**ବ୍ରହ୍ମପୁର, ୧୪।୧(ସମିସ):** ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ସହରରେ ବୁଲା କୁକୁରଙ୍କ ବନ୍ଧ୍ୟାକରଣ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ଦାବିରେ ରବିବାର ବରିଷ୍ଠ ଆଇନଜୀବୀ ମନୋଜ ପଟ୍ଟନାୟକ ବିଏମସି କମିଶନରଙ୍କ ସରକାରୀ ବାସଭବନ ସମ୍ମୁଖରେ ପ୍ରତିକାତ୍ମକ ଧାରଣା ଦେଇଥିଲେ। ଏହି ସମୟରେ ସେଠାରେ ଟାଉନଥାନା ଅଧିକାରୀ ସୁରେଶ ତ୍ରିପାଠୀ ଓ ତାଙ୍କ ଟିମ ପହଞ୍ଚି ଧାରଣା ସ୍ଥଳରୁ ଆଇନଜୀବୀ ଶ୍ରୀପଟ୍ଟନାୟକଙ୍କୁ ଉଠାଇ ନେଇଥିଲା। ତାଙ୍କୁ ଥାନାରେ ଏକ ଘଣ୍ଟା ଅଟକ ରଖିବା ପରେ ଛାଡ଼ିଦିଆଯାଇଥିଲା। ସହରରେ ଦିନକୁ ଦିନ ବୁଲା କୁକୁରଙ୍କ ବଂଶବୃଦ୍ଧି ସାଘଙ୍ଗକୁ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଯାହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ କୁହୁଳିବାରେ ଲାଗିଛି। ବୁଲା କୁକୁରଙ୍କ ବଂଶ ନିୟନ୍ତ୍ରଣ କରିବା ପାଇଁ ସରକାରଙ୍କ ପକ୍ଷରୁ ଏବିସି ବା ଆନିମଲ ବାର୍ଥ କଣ୍ଟ୍ରୋଲ କାର୍ଯ୍ୟକ୍ରମ ଜାରି ରହିଛି। ତେବେ ବିଭିନ୍ନ ସମସ୍ୟା କାରଣରୁ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଦିର୍ଘ ଦିନ ଧରି ଏହି କାର୍ଯ୍ୟକ୍ରମ ବନ୍ଦ ରହିଥିବା ଜଣାପଡ଼ିଛି। ଫଳରେ ସହରର ପ୍ରତି ସାହି ଓ ଗଳିକନ୍ଦିରେ କୁକୁରଙ୍କ ବଂଶବୃଦ୍ଧି ହୋଇ ସେମାନଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ବୁଲା କୁକୁରଙ୍କ ବଂଶବୃଦ୍ଧି ଯୋଗୁଁ ରାସ୍ତାଘାଟରେ ସଡକ ଦୁର୍ଘଟଣା ସହିତ ସାଧାରଣ ଲୋକଙ୍କ ଯାତାୟତରେ ସମସ୍ୟା ଉପୁଜୁଛି। ଏଥିପ୍ରତି ବିଏମସି କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉନଥିବା ଆଇନଜୀବୀ ମନୋଜ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ସହରରେ ଦିନକୁ ଦିନ ବୃଦ୍ଧି ପାଉଥିବା ବୁଲା କୁକୁରଙ୍କ ସଂଖ୍ୟାକୁ ନିୟନ୍ତ୍ରଣ କରିବାକୁ ନିୟମିତ ବନ୍ଧ୍ୟାକରଣ କାର୍ଯ୍ୟକ୍ରମ ଚାଲୁ ରଖିବାକୁ ବିଏମସି କର୍ତ୍ତୃପକ୍ଷଙ୍କ ନିକଟରେ ଆଇନଜୀବୀ ଦାବି କରିଛନ୍ତି। ଏନେଇ ସେ ପ୍ରତିକାତ୍ମକ ଭାବେ ଘଣ୍ଟିକିଆ ଧାରଣା ଦେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଖୁବଶୀଘ୍ର କୁକୁରଙ୍କ ବନ୍ଧ୍ୟାକରଣ କାର୍ଯ୍ୟ ସହରରେ କାର୍ଯ୍ୟକାରୀ କରାଯିବ ବୋଲି ବିଏମସି ପକ୍ଷରୁ ଜଣାପଡ଼ିଛି।




# ବିଭିନ୍ନ ଅନୁଷ୍ଠାନରେ ଫକୀରମୋହନଙ୍କ ଜୟନ୍ତୀ

ବ୍ରହ୍ମପୁର, ୧୪।୧(ସମିସ): ସହରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରବିବାର ଓଡ଼ିଆ କଥା ସାହିତ୍ୟ ଜଗତର ଜନକ ବ୍ୟାସକବି ଫକୀରମୋହନ ସେନାପତିଙ୍କ ୧୮୨ତମ ଜୟନ୍ତୀ ପାଳିତ ହୋଇଯାଇଛି। ସ୍ଥାନୀୟ ବିଜିପୁର କମ୍ୟୁନିଟି ହଲଠାରେ ପୂଜ୍ୟ ପୂଜା ସମିତି ପକ୍ଷରୁ ଫକୀରମୋହନ ସେନାପତିଙ୍କ ଜୟନ୍ତି ପାଳିତ ହୋଇଥିଲା। ସମିତି ସଭାପତି ତଥା ବ୍ରହ୍ମପୁର ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଉପ ସଚିବ ଡ଼. କୁଳମଣି ଓଝା ଏବଂ ସମ୍ମାନିତ ଅତିଥି ଭାବେ ଶିଶୁ ସାହିତ୍ୟ ବିକାଶ ପରିଷଦର ସଭାପତି ହାଡିବନ୍ଧୁ ମାଳି ପ୍ରମୁଖ ଯୋଗ ଦେଇଥିଲେ। ଏହା ସହ ପ୍ରଥମ ଅଧିବେଶନ ଶିଶୁ ସାହିତ୍ୟ ବିକାଶ ପରିଷଦ ଆନୁକୂଲ୍ୟରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଯାଇଛି। ସେହିପରି ଗୋଷାଣୀନୂଆଗାଁ




ବଂଶୀଧର ଭୂୟାଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦକ ଏସ. ସାମ୍ବଶିବା ରାଓ, ମାନବ ଅଧିକାର ସୁରକ୍ଷା ମଞ୍ଚର ସମ୍ପାଦକ ସୁବାଷ ଚନ୍ଦ୍ର ମିଶ୍ର, କବିରାଜ ସାହୁ, ରାମଚନ୍ଦ୍ର ସାହାଣୀ, ପୂର୍ଣ୍ଣଚନ୍ଦ୍ର ମହାରଣା, ଗୌରୀ ଶଙ୍କର ମହାନ୍ତି, ସନ୍ତୋଷ ପାତ୍ର, ଅବନୀ ଗୟା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଏଥିରେ ଫକୀର ମୋହନଙ୍କ ରଚିତ ଗଳ୍ପ, ଉପନ୍ୟାସ, କବିତା ଆଦି ଏହି ଉନ୍ନତ ଚିନ୍ତାଧାରା ଓ ପ୍ରଗତିଶୀଳ ସାହିତ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ସ୍ଥାନୀୟ ଉତ୍କଳ ଆଶ୍ରମ ଭାଷାଭବନ କକ୍ଷରେ ଉତ୍କଳ ସମ୍ମିଳନୀ ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ରବିବାର ବ୍ୟାସକବି ଫକୀରମୋହନ ସେନାପତିଙ୍କ ୧୮୨ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏ ଅବସାରରେ ଫକୀର ମୋହନ ଜୟନ୍ତୀ ସମାରୋହ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀର ସଭାପତି ଡ଼ ସୁବ୍ରତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନା ସଭାରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ସାହିତ୍ୟିକ ଶିକ୍ଷାବିତ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼ ହରିକୃଷ୍ଣ ନାୟକ, ମୁଖ୍ୟବକ୍ତା ଭାବରେ ବିଶିଷ୍ଟ ଶିକ୍ଷାବିତ କାର୍ଯ୍ୟାଳୟରେ ଜିଲ୍ଲା ପୁସ୍ତକ ମେଳା ସମିତି ପକ୍ଷରୁ ଫକୀରମୋହନ ସେନାପତିଙ୍କ ଜୟନ୍ତି ପାଳିତ ହୋଇଯାଇଛି। ଏଥିରେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବୀ ପ୍ରସାନ ମହାପାତ୍ର ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଆଞ୍ଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ ଡ଼. କୈଳାଶ ଚନ୍ଦ୍ର ତିପାଠୀ ଯୋଗ ଦେଇଥିବା ବେଳେ ମୁଖ୍ୟ ଭକ୍ତା ଭାରେ ପ୍ରକାଶ ଚନ୍ଦ୍ର ପାଣିଗ୍ରହୀ, ସମ୍ମାନିତ ଅତିଥିଭାରେ ପ୍ରଶନ୍ତା କୁମାର ମହାପାତ୍ର, ଲକ୍ଷ୍ମୀପ୍ରିଆ ସେନାପତି, ନୃତ୍ୟଗୁରୁ ନିଳାଞ୍ଚଳ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଫକୀରମୋହନ ସେନାପତିଙ୍କ ଲିଖିତ ଗଳ୍ପ, ଉପନ୍ୟାଶ ଓ କବିତା ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମକୁ ଭବାନୀ ଶଙ୍କର ପାଣିଗ୍ରହୀ ସଂଯୋଜନା କରିଥିବା ବେଳେ ବିଷ୍ଣୁପ୍ରିଆ ମହାପାତ୍ର ପ୍ରାରମ୍ଭ ସଙ୍ଗୀତ ଗାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁବାସ କୁମାର ପଟ୍ଟନାୟକ, ପ୍ରମୋଦ ମହାପାତ୍ର, ସିମାଞ୍ଚଳ ବିଶୋୟୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ଜଙ୍ଗଲରୁ ବନ୍ଧୁକ ଓ ଗୁଳି ଜବତ ଘଟଣା

## କୁନାର ଆଉ ଜଣେ ସହଯୋଗୀ ଗିରଫ

**ବ୍ରହ୍ମପୁର, ୧୪।୧(ସମିସ):** ଗୋଳନ୍ଥରା ପୁଲିସ ଟାମାଣା ସଂରକ୍ଷିତ ଜଙ୍ଗଲରେ ଚଢ଼ାଉ କରି ହରିଣ ସିଂଘ, ଦେଶୀ ବନ୍ଧୁକ ସହ ଅଫୁଟା ଗୁଳି ଜବତ କରିଥିଲା। ଏହି ଘଟଣାରେ ଫେରାର ଥିବା ଆଉ ଜଣେ ଅଭିଯୁକ୍ତକୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଜଣଙ୍କ ହେଲେ ପିତାତଳି ଗ୍ରାମର ପି. ରୁଷି(୨୪)। ପୂର୍ବରୁ ଏହି ମାମଲାରେ ୪ଜଣ ଅଭିଯୁକ୍ତ ଯଥା ସିଙ୍ଗାବାଡି ଗ୍ରାମର ଚିଆଁ ଓରଫ ପୂର୍ଣ୍ଣ ଗୌଡ(୩୫), ମେଦିନିପୁର ଗ୍ରାମର ଶଙ୍କର ପ୍ରଧାନ (୫୫), ଦିଗପହଣ୍ଡି ଥାନା ଅନ୍ତର୍ଗତ ବଡଝରି ଗ୍ରାମର ଅଭି ଓରଫ ଭାଲିଆ ମଲ୍ଲିକ (୪୦) ଏବଂ କହ୍ନେଇପୁଟ ଗ୍ରାମର ବୃନ୍ଦାବନ ମଲ୍ଲିକ (୪୫) ଗିରଫ ହୋଇଥିଲେ। ଗିରଫ ବ୍ୟକ୍ତିଙ୍କ ଠାରୁ ଦୁଇଟି ହରିଣ ସିଂଘ, ଦୁଇଟି ସିଙ୍ଗଲ ବେରେଲ ଦେଶୀ ବନ୍ଧୁକ, ୧୨୫ଟି ୬୫ଏମଏମ ଅଫୁଟା ଗୁଳି, ୨୦୦ଟି ଖାଲି ଗୁଳି, ୨୦୦ଗ୍ରାମ ବାରୁଦ, ୧୦କେଜି ୨୫୦ଗ୍ରାମ ଓଜନର ଶିଶା ସ୍ଲିପଣ୍ଟର ବଲସ, ସ୍ଲିଣ୍ଟର ବଲ ପ୍ରସ୍ତୁତି ୨ଟି ମେସିନ ଜବତ ହୋଇଥିଲା। ସୂଚନାଯୋଗ୍ୟ ଯେ, ଗତ ୪ତାରିଖ ଅପରାହ୍ନରେ ସଦର ଏସଡିପିଓ ଶିବଶଙ୍କର ମହାପାତ୍ର ଏକ ନିର୍ଭରଯୋଗ୍ୟ ସୁତ୍ରରୁ ଖବର ପାଇ ଜଙ୍ଗଲ କିଙ୍ଗ କୁନା ବେହେରାର ସହଯୋଗୀମାନେ ଟାମାଣା ସଂରକ୍ଷିତ ଜଙ୍ଗଲରେ ଗୋଳା ବାରୁଦ ପ୍ରସ୍ତୁତ କରୁଥିବା ନେଇ ସୂଚନା ପାଇଥିଲେ। ସେହିକ୍ରମରେ ସଦର ଏସଡ଼ିପିଓଙ୍କ ନିର୍ଦ୍ଦେଶକ୍ରମେ ଗୋଳନ୍ଥରା ଥାନା ପୁଲିସ ଟିମ ସ୍ଥାନୀୟ ଟାମଣା ଜଙ୍ଗଲରେ ଚଢାଉ କରିବା ବେଳେ ଦୁର୍ବୃତ୍ତମାନେ ଚମ୍ପଟ ମାରିବାକୁ ଚେଷ୍ଟା କରିଥିଲେ। ପୁଲିସ ପ୍ରଥମେ କୁନାର ମୁଖ୍ୟ ସହଯୋଗୀ ଚିଆଁକୁ କାବୁ କରିବା ପରେ ଶଙ୍କର, ଅଭି ଓ ବୃନ୍ଦାବନକୁ ଗିରଫ କରିବାରେ ସଫଳ ହୋଇଥିଲା। ସେମାନଙ୍କ ଠାରୁ ଜଙ୍ଗଲ ପରିସରରେ ବେଆଇନ ଭାବେ ଗୋଳାବାରୁଦ ପ୍ରସ୍ତୁତ ସ୍ଥାନରେ ଚଢ଼ାଉ କରି ବହୁ ସାମଗ୍ରୀ ଜବତ କରାଯାଇଥିଲା।





‘ଦେବରା’ର ପ୍ରଥମ ଝଲକ୍

ପୃଷ୍ଠା ୧୫ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 41 • ISSUE-201 • BHUBANESWAR • MONDAY • 15 JANUARY 2024 • PAGE-16 • ₹ 6.00

• ବର୍ଷ-୪୧ • ସଂଖ୍ୟା-୨୦୧ • ଭୁବନେଶ୍ୱର • ସୋମବାର • ୧୫ ଜାନୁଆରୀ ୨୦୨୪ • ପୃଷ୍ଠା-୧୬ • ଟ.୬.୦୦



DSPL-543

ODISHA NEW OPPORTUNITIES

ଆମ ଓଡ଼ିଶା ନବୀନ ଓଡ଼ିଶା



THANK YOU FOR JOINING THE JUGGERNAUT

“As we begin the new year, we extend our sincere thanks for entrusting us with your industrial pursuits. The Government of Odisha stands committed to provide unwavering support, dedicated to fostering an environment conducive to your enterprise's growth and prosperity.”

(Naveen Patnaik)
Chief Minister, Odisha

300+ large Industries have chosen Odisha as their preferred Investment Destination

METAL & METAL DOWNSTREAM: AM/NS INDIA, DANIELI CORUS, SMS group, calderys, TYK, adani

FOOD AND BEVERAGE: Nestlé, V3, IFB AGRO, GADRE

RENEWABLE ENERGY: ACME, AVAADA, sembcorp, WAAREE, ReNew, L&T Energy GreenTech

TEXTILES: COLORTONE, epic, Welspun, MAS, sonal APL

CHEMICAL: Berger, Himadri, PETRONET LNG LIMITED, LUMINOUS, Silox INDIA, Reliance Industries Limited

TOURISM: IHCL, Club Mahindra, MAYFAIR Hotels & Resorts

OTHERS: MY HOME GROUP, SINTEX BAPL, ANADRONE Anadrone Systems Private Limited, Greenply

OIPR-14005/13/0036/2324

ScarecrowM&CSaatchi/2024/Jan

Email us at: info@investodisha.org

For any queries or inquiries give a missed call on: 01732351348

Please visit http://www.investodisha.gov.in/

Follow us on @investInOdisha /InvestOdisha

ସକାଳ
THE SAKALA

# ଜାତୀୟ ରାଜନୀତିରେ ଗୁଡ଼ି ଉଡ଼ାଣ

ଆଜି ପବିତ୍ର ମକର ସଂକ୍ରାନ୍ତି। ଭାରତୀୟ ଜ୍ୟୋତିଷ ଶାସ୍ତ୍ର ଅନୁସାରେ ସୂର୍ଯ୍ୟ ଧନୁ ରାଶିରୁ ଆଜି ମକର ରାଶିକୁ ଚଳନ କରନ୍ତି। ଆଜିଠାରୁ ଉତ୍ତରାୟଣ ଆରମ୍ଭ ହୁଏ। ଧୀରେ ଧୀରେ ଦିନ ବଡ଼ ଓ ରାତି ଛୋଟ ହୋଇଆସେ। ମକର ସଂକ୍ରାନ୍ତି ଦିନ ଦେଶର ବିଭିନ୍ନ ଭାଗରେ ପୂଜା, ଅର୍ଚ୍ଚନା ଓ ଉତ୍ସବ ବଡ଼ ଆନନ୍ଦରେ ପାଳିତ ହୁଏ। ଆମ ଶ୍ରୀକ୍ଷେତ୍ରରେ ତ ଶ୍ରୀମନ୍ଦିରରେ ଠାକୁରଙ୍କ ନୀତିକାନ୍ତି ବଡ଼ ଗୁରୁତ୍ୱପୂର୍ଣ୍ଣ। କଥାରେ ଅଛି ଆଜିଠାରୁ ହିନ୍ଦୁମାନଙ୍କର ବିବାହ ବ୍ରତ ଓ ଅନ୍ୟାନ୍ୟ ଧାର୍ମିକ କାର୍ଯ୍ୟ ଆରମ୍ଭ ପାଇଁ ଅପେକ୍ଷା କରାଯାଇଥାଏ। ଦେଶର ବିଭିନ୍ନ ଭାଗରେ ଆଜି ଦିନରେ ପ୍ରାୟ ସମସ୍ତେ ଜାତି, ଧର୍ମ ନିର୍ବିଶେଷରେ ଗୁଡ଼ି ଉଡ଼ାନ୍ତି। ଅନେକ ସହରରେ ଜାତୀୟ ଓ ଅନ୍ତର୍ଜାତୀୟ ଗୁଡ଼ି ଉଡ଼ା ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୁଏ।

ଏବେ ଆମ ଦେଶରେ ଏହି ଗୁଡ଼ି ଉଡ଼ା ପର୍ବ ଜାତୀୟ ରାଜନୀତିରେ ମଧ୍ୟ ପ୍ରତିଫଳିତ ହେଉଛି। ଅବଶ୍ୟ ଏଠାରେ 'ଗୁଡ଼ି ଉଡ଼ାଇବା' ଶବ୍ଦ ଦୁଇଟିର ଅର୍ଥ ଇଂରାଜୀ ପ୍ରବାଦ 'କାଇଟ୍ ଫ୍ଲାଇଂ' ହିସାବରେ ଧରିବାକୁ ହେବ। ଏହାର ମୋଟାମୋଟି ଅର୍ଥ ହେଲା ଅନାବଶ୍ୟକ କଳ୍ପନା ଜଳ୍ପନା କରିବା କିମ୍ବା ଅନ୍ଧାରରେ ବାଡ଼ି ବୁଲାଇବା ଇତ୍ୟାଦି। ଗତ ଶନିବାର ଏହିଭଳି ଏକ ରାଜନୈତିକ ଗୁଡ଼ି ଉଡ଼ାଣର ଉଦାହରଣ ନଜରକୁ ଆସିଛି। ତାଜା ତାଜା ନିର୍ମିତ 'ଇଣ୍ଡିଆ' ମେଣ୍ଟର ତୁଙ୍ଗ ନେତାମାନେ ଆଭାସୀ ସମ୍ମିଳନୀ ମାଧ୍ୟମରେ ଐତିହାସିକ ଜାତୀୟ କଂଗ୍ରେସ ଦଳର ଅଣଗାନ୍ଧୀ ପରିବାରର ସଭାପତି ଶ୍ରୀ ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ ଏହି ମେଣ୍ଟର ଆବାହକ ତଥା ଅଧ୍ୟକ୍ଷ ରୂପେ ଚୟନ କରାଯାଇଛି। ଏବେ ସୁଦ୍ଧା କଞ୍ଚା ମୂଳଦୁଆ ଥିବା 'ଇଣ୍ଡିଆ' ମେଣ୍ଟ ପାଇଁ ଏହା କମ୍ ଉପଲବ୍ଧି ନୁହେଁ। ଏଥିରେ ଉପରଦେଖାଣିଆ ସର୍ବସହମତି ତ ଅଛି। କଂଗ୍ରେସ ସଭାପତି ଜଣେ ବରିଷ୍ଠ ଓ ଅଭିଜ୍ଞ ରାଜନେତା, ସେ ପୁଣି ଦକ୍ଷିଣ ରାଜ୍ୟ କର୍ଣ୍ଣାଟକର ବାସିନ୍ଦା। ତେବେ ଏହି ଗୁରୁତ୍ୱପୂର୍ଣ୍ଣ ଚୟନ ପ୍ରକ୍ରିୟାରେ ବିହାର ମୁଖ୍ୟମନ୍ତ୍ରୀ ଜେଡିୟୁ ଅଧ୍ୟକ୍ଷ ନୀତୀଶ କୁମାରଙ୍କ ଅଘୋଷିତ ଅସନ୍ତୁଷ୍ଟ ହୃଦୟ ବେଶ୍ ପରିଷ୍କାର ଜଣାପଡୁଛି। ସେପଟେ ତୃଣମୂଳ କଂଗ୍ରେସ ସୁପ୍ରିମୋ ମମତା ବାନାର୍ଜୀଙ୍କର ସଭାରେ ଅନୁପସ୍ଥିତି ତାଙ୍କ ଦଳର ଅସହମତିର ସୂଚନା ଦେଉଛି। ଆଗରୁ ତ ସମାଜବାଦୀ ଦଳର ନେତା ଅଖିଳେଶ ଯାଦବ କଂଗ୍ରେସ ଉପରେ ଖପ୍ପା ଅଛନ୍ତି। ଅବଶ୍ୟ ନିକଟରେ କଂଗ୍ରେସ ଓ ଆପ୍ ଦଳର ଦିଲ୍ଲୀ ଓ ପଞ୍ଜାବ ଲୋକସଭା ନିର୍ବାଚନ ପାଇଁ ଆସନ ଭାଗବଣ୍ଟା ଆଲୋଚନା ସଫଳ ହୋଇଛି ବୋଲି ଗଣମାଧ୍ୟମରେ ଚର୍ଚ୍ଚିତ ହେଉଛି। ଏଭଳି ଏକ ଅସ୍ପଷ୍ଟ ଅସହମତିର ଚିତ୍ର ନେଇ ତେଣେ କଂଗ୍ରେସର ଯୁବ ନେତା ଓ ପ୍ରଧାନମନ୍ତ୍ରୀ ପଦ ପାଇଁ ଦାବିଦାର ରାହୁଲ୍ ଗାନ୍ଧୀ ଦ୍ୱିତୀୟ ପର୍ଯ୍ୟାୟ 'ଭାରତ ଯୋଡ଼ ନ୍ୟାୟ ଯାତ୍ରା' ପାଇଁ ବାହାରିଛନ୍ତି। ଏଥର ପୂର୍ବୋତ୍ତରରୁ ଯାତ୍ରା ଆରମ୍ଭ। ରାହୁଲ୍ ଗାନ୍ଧୀ ନିଜେ ଗତ ଲୋକସଭା ନିର୍ବାଚନରେ ଦକ୍ଷିଣାୟନ ଯାତ୍ରା କରିଥିଲେ ମଧ୍ୟ ଏଥର ଉତ୍ତରାୟଣରେ 'ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା'କୁ ନେଇ ବେଶ୍ ଆଶାବାଦୀ ଅଛନ୍ତି। ଖାଲି ମେଣ୍ଟ ଘୋଷଣା ହେଲେ ତ ହୋଇଯିବନି! କିମ୍ବା କାମଚଳା ବିଧାନରେ ଜଣକୁ ନେତା କରିଦେଲେ ହେବନି। ଖାସ୍ କରି ଯେତେବେଳେ ବିଜେପି ନେତୃତ୍ୱରେ ସ୍ପର୍ଦ୍ଧିତ ଓ ଦର୍ପିତ ଏନ୍‌ଡିଏ ମେଣ୍ଟ ଓ ତା'ର ଦିଗ୍‌ବିଜୟୀ ନେତା ନରେନ୍ଦ୍ର ମୋଦୀ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ଆହ୍ୱାନକାରୀ ଭାବେ ସାମ୍ନାରେ ଉଭା ହୋଇସାରିଛନ୍ତି। ଏହି ପରିଦୃଶ୍ୟକୁ କେତେକ ରାଜନୈତିକ ସମୀକ୍ଷକ ନିର୍ବାଚନ ଗୁଡ଼ି ଉଡ଼ାଣ ବୋଲି ମଧ୍ୟ କହୁଛନ୍ତି। ତେବେ ଉପଯୁକ୍ତ ହାୱା ଦେଖାଯାଉନାହିଁ କିମ୍ବା ସୁତାରେ ତୀକ୍ଷ୍ଣ ମାଞ୍ଜାର ସୂଚନା ଏ ପର୍ଯ୍ୟନ୍ତ ମିଳୁନାହିଁ। ତେଣୁ ଗୁଡ଼ି ଉଡ଼ା ପ୍ରତିଯୋଗିତା ହେବ କ'ଣ ସେ କଥା ଜଣାପଡୁନାହିଁ।

ଗଣତନ୍ତ୍ରର ଅପ୍ରତ୍ୟକ୍ଷ ଶାସନରେ . ରାଜନୈତିକ ଦଳମାନେ ହିଁ ଜନମତର ପ୍ରକୃତ ସଞ୍ଚାଳକ। ଭାରତ ଭଳି ବହୁ ବିବିଧତାରେ ପରିପୂର୍ଣ୍ଣ ଜନସମାଜ ପାଇଁ ବହୁଦଳୀୟ ଗଣତନ୍ତ୍ର କାଗଜପତ୍ରରେ ତ ଠିକ୍ ଦେଖାଯାଉଛି। କିନ୍ତୁ ବାସ୍ତବ କ୍ଷେତ୍ରରେ ସ୍ଥିତି ଅନ୍ୟ ପ୍ରକାରର। ନିର୍ବାଚନରେ କୌଣସି ଦଳକୁ ବହୁମତ ନ ମିଳିଲେ ଘୋଡ଼ା ବେପାର ଆରମ୍ଭ ହେବା ନିଧାର୍ଯ୍ୟ। ମେଣ୍ଟ ଗଠନ ଅନିବାର୍ଯ୍ୟ। ଆମ ଦେଶର ରାଜନୈତିକ ଦଳଗୁଡ଼ିକର କୌଣସି ନିର୍ଦ୍ଦିଷ୍ଟ ରାଜନୈତିକ ଆଦର୍ଶବାଦ ବହୁବର୍ଷରୁ ଲିଭିଗଲାଣି। ଏବେ ଖାଲି କ୍ଷମତାବଣ୍ଟନ ପାଇଁ ସର୍ବନିମ୍ନ କାର୍ଯ୍ୟକ୍ରମର ସାଲିସ୍ ପାଇଁ ସହମତି ଆବଶ୍ୟକ। ଦେଶରେ ପ୍ରଥମ ସାଧାରଣ ନିର୍ବାଚନ ପରଠାରୁ ଆମେ ଏଭଳି ମେଣ୍ଟ ଗଠନ ଦେଖି ଆସୁଛେ। ଷାଠିଏ ଦଶକ ପରେ ଏହାର ଆବଶ୍ୟକତା ବଢ଼ି ଯାଇଛି। କେନ୍ଦ୍ରରେ ମଧ୍ୟ ଏହିଭଳି ମେଣ୍ଟ ସରକାର କେତେ ଦଶନ୍ଧି ଧରି ଆମେ ଦେଖୁଛେ। ଏମିତି ବି ଅବସ୍ଥା ଆସିଛି ଓ ଆସୁଛି, ଯେଉଁଥିରେ ମୁଖ୍ୟମନ୍ତ୍ରୀ ପଦକୁ ଭାଗବଣ୍ଟା କରାଯାଉଛି। ପ୍ରାକ୍ ନିର୍ବାଚନ ମେଣ୍ଟ ଅପେକ୍ଷା ନିର୍ବାଚନ ପରର ମେଣ୍ଟ ଗଠନ ଓ ଆନୁଷଙ୍ଗିକ ଦଳବଦଳ ତଥା ବିଧାୟକମାନଙ୍କୁ ବନ୍ଧକ ରଖିବା ଭଳି ଦୂରରେ ଥିବା ବିଳାସମୟ ପର୍ଯ୍ୟଟନସ୍ଥଳୀକୁ ନେଇ ଆକଟରେ ରଖିବା ଆଦି କେତେ ରାଜନୈତିକ ନାଟକ ମଞ୍ଚସ୍ଥ ହେଉଛି। ମହାରାଷ୍ଟ୍ରର ସାଧାରଣ ନିର୍ବାଚନ ଓ ତା' ପରଠାରୁ ସରକାର ଗଠନ, ଭଙ୍ଗ ଓ ପରିବର୍ତ୍ତନ ଆଦିର ଦୃଶ୍ୟରେ ଏବେ ମଧ୍ୟ ପରଦା ପଡ଼ିନି।

ତେଣୁ ମଜା କଥାଟି ହେଲା କ୍ଷମତା ବଣ୍ଟନ କୂଟନୀତିରେ କିଏ ଶ୍ରେଷ୍ଠ ଚାଣକ୍ୟ ପ୍ରମାଣିତ ହେବ। ଭୋଟର ତ ଭକୁଆ ହୋଇ ଚାହିଁ ରହିବେ, ଗଣମାଧ୍ୟମ ଏହି ରାଜନୈତିକ ଗୁଡ଼ି ଉଡ଼ାଣର ନାଟକ ଜନତାଙ୍କୁ ପରିବେଷଣ କରି ନିଷ୍ପକ୍ଷ ଓ ପକ୍ଷଭୁକ୍ତ ଆନନ୍ଦ ଲାଭ କରିବେ। ଜନମତ ସର୍ଭେ କମ୍ପାନୀ ମାଲାମାଲ ହେବେ। ଦୁଃଖର କଥା ଭାରତରେ ଦୁଇ ମୁଖ୍ୟ ରାଜନୈତିକ ମଞ୍ଚର ଧ୍ରୁବୀକରଣ ସମ୍ଭବ ହୋଇପାରୁନାହିଁ। ଏବେ ଯେଉଁ ଇଣ୍ଡିଆ ଓ ଭାରତ ମୁହାଁମୁହିଁ ହୋଇଛନ୍ତି ସେଥିରେ ଫଳାଫଳ ଆକଳନର ଆବଶ୍ୟକତା ନାହିଁ। ନାଟକଟି ରହସ୍ୟପୂର୍ଣ୍ଣ ମନେ ହେଲେ ମଧ୍ୟ କୋଉ ପକ୍ଷର ଗୁଡ଼ିଟି କାନି ଖାଇବ ତାହା ସମସ୍ତେ ଜାଣିସାରିବେଣି। ଉତ୍ତରାୟଣ ଓ ଦକ୍ଷିଣାୟନ ଚାଲିଥାଉ ପଛେ ଭାରତର ବିଶ୍ୱାୟନ ବାଧାପ୍ରାପ୍ତ ନ ହେଉ।

# କୃତ୍ରିମ ବୁଦ୍ଧିମତ୍ତା ଓ ସୃଜନ ତତ୍ତ୍ୱ



ଡକ୍ଟର ପ୍ରଦୀପ ମହାପାତ୍ର
ବ୍ରହ୍ମପୁର, ମୋ: ୯୪୩୭୦୯୬୯୪୪

କୃତ୍ରିମ ବୁଦ୍ଧିମତ୍ତା 'ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ'ର ବୃହତ ଭାଷା ଶୃଙ୍ଖଳ 'ଲାର୍ଜ ଲାଙ୍ଗୁଏଜ ମଡେଲ' ଉତ୍ପାଦ 'ଚାଟ-ଜିପିଟି' ୨୦୨୨ ନଭେମ୍ବରରେ ଲୋକାର୍ପିତ ହେବା ପରଠୁ ଏହି ପ୍ରଯୁକ୍ତି କୌଶଳ ପ୍ରସ୍ତୁତିରେ ବିପୁଳ ସଂଖ୍ୟକ ଇଂରାଜୀ ରଚନା ବ୍ୟବହୃତ ହୋଇଥିବା ଏବଂ ଏଥିନିମନ୍ତେ ପ୍ରାୟୋଜକ ଅନୁମତି ହାସଲ କରିନଥିବା ସମସ୍ୟାକୁ ନେଇ ୨୦୨୩ ବର୍ଷବ୍ୟାପୀ ଆଲୋଚନା ଜାରି ରହିଥିଲା। ସୃଜନ ସ୍ୱତ୍ୱ ଉଲଂଘନ ଅଭିଯୋଗରେ କେତେକ ଲେଖକ ଓ ଏକ ଫଟୋ ଏଜେନ୍ସି ମଧ୍ୟ ଅଦାଲତ ଦ୍ୱାରସ୍ଥ ହୋଇଥିଲେ। ତେବେ ୨୭ ଡିସେମ୍ବର ୨୦୨୩ରେ ପ୍ରମୁଖ ମାର୍କିନ ସମ୍ବାଦପତ୍ର 'ଦି ନ୍ୟୁୟର୍କ ଟାଇମ୍ସ' ମାନହଟ୍ଟାନ ପ୍ରାଦେଶିକ ଜିଲ୍ଲା ଅଦାଲତ 'ଫେଡେରାଲ ଡିଷ୍ଟ୍ରିକ୍ଟ କୋର୍ଟ ଅଫ ମାନହଟ୍ଟାନ'ରେ ମାନହାନି ମୋକଦ୍ଦମା ଦାୟର କରିବା ପରେ ଏହି ମାମଲା ଅଧିକ ରୋଚକ ହୋଇଥିଲା।

ଲାର୍ଜ ଲାଙ୍ଗୁଏଜ ମଡେଲ(ଏଲ୍ଏଲ୍ଏମ୍) ଗୁଡ଼ିକ ପ୍ରତ୍ୟେକ ଏକ କମ୍ପ୍ୟୁଟର ପ୍ରୋଗ୍ରାମ। ଏହା ମାନବ ବ୍ୟବହୃତ ରଚନା(ଟେକ୍ସଟ) ବୁଝିବା ଓ ଲେଖିବାରେ ସମର୍ଥ। ଅର୍ଥାତ, ଏଲଏଲଏମକୁ କୌଣସି ପ୍ରଶ୍ନ ପଚାରିଲେ ଏହା ଉପଲବ୍ଧ ତଥ୍ୟ ଆଧାରରେ ଉତ୍ତର ଦେଇପାରେ। ଏହି ଦକ୍ଷତା ହାସଲ ନିମନ୍ତେ ଏଲଏଲଏମ ବିପୁଳ ସଂଖ୍ୟକ ପୂର୍ବ ପ୍ରସ୍ତୁତ ରଚନା ଅଧ୍ୟୟନରେ ତାଲିମପ୍ରାପ୍ତ ହୋଇଥାଏ। 'ଦି ନ୍ୟୁୟର୍କ ଟାଇମ୍ସ'ପକ୍ଷରୁ ଦାବି କରାଯାଉଛି ଯେ 'ଚାଟ-ଜିପିଟି' ତାଲିମରେ ସମ୍ବାଦପତ୍ର ପ୍ରସ୍ତୁତି ଓ ଅନଲାଇନରେ ଉପଲବ୍ଧ ଲକ୍ଷ ଲକ୍ଷ ସମ୍ବାଦ ରଚନା ବ୍ୟବହୃତ ହୋଇଛି। 'ଚାଟ-ଜିପିଟି' କେତେକ ନିର୍ଦ୍ଦିଷ୍ଟ ପ୍ରଶ୍ନର ଉତ୍ତରରେ ସମ୍ବାଦପତ୍ରରେ ପ୍ରକାଶିତ ରଚନାର ପ୍ରାୟ ଅବିକଳ ନକଲ ଉତ୍ତର ଦେଉଛି। ଏହି ପରିବେଶ ସୃଜନ ସ୍ୱତ୍ୱ(କପିରାଇଟ)ର ବିରୁଦ୍ଧାଚରଣ କରୁଛି। ସମ୍ବାଦପତ୍ର ନିମନ୍ତେ ସୃଜନ, ସମୟ ଓ ଅର୍ଥ ବ୍ୟୟରେ ପ୍ରସ୍ତୁତ ରଚନାବଳୀ ପରୋକ୍ଷ ଉପଯୋଗରେ ଏଲଏଲଏମଗୁଡ଼ିକ ନିଜସ୍ୱ ବ୍ୟବସାୟ ଆରମ୍ଭ କରିଛନ୍ତି।

'ଦି ନ୍ୟୁୟର୍କ ଟାଇମ୍ସ' ପକ୍ଷରୁ କୁହାଯାଇଛି ଯେ ସାଧାରଣ ପାଠକ ସାମ୍ପ୍ରତିକ ଘଟଣାବଳୀ ସମ୍ପର୍କରେ ବିବରଣୀ ସଂଗ୍ରହ କରିବା ଉଦ୍ଦେଶ୍ୟରେ ଏଲଏଲଏମ ଚାଟବଟଗୁଡ଼ିକ ନିକଟରେ ପହଞ୍ଚୁଛନ୍ତି। ଚାଟବଟ 'ଦି ନ୍ୟୁୟର୍କ ଟାଇମ୍ସ'ଭଳି ସମ୍ବାଦପତ୍ରରୁ ଆହରଣ କରିଥିବା ରଚନା ସନ୍ନିବେଶରେ ଉତ୍ତର ପ୍ରସ୍ତୁତ କରୁଛି। ଉପଭୋକ୍ତାମାନେ 'ଚାଟ-ଜିପିଟି'ର ଉତ୍ତରରେ ସନ୍ତୁଷ୍ଟ ହୋଇ ଅଧିକ ଜାଣିବା ଲାଗି ସମ୍ବାଦପତ୍ର ୱେବ୍‌ସାଇଟକୁ ଆଉ ଯାଉନାହାନ୍ତି। ଫଳରେ ପରିଦର୍ଶକ ଅଭାବରୁ ୱେବସାଇଟର ବିଜ୍ଞାପନ ଓ ଗ୍ରାହକଚାନ୍ଦା ରାଜସ୍ୱ ହାନି ଘଟିବା ଆଶଙ୍କା ଦେଖାଦେଇଛି। ଏକପକ୍ଷରେ ନିଜ ସୃଜନ ସ୍ୱତ୍ୱ ଅନ୍ୟତ୍ର ହରାଇବା ସହ ଅପରପକ୍ଷରେ ବ୍ୟାବସାୟିକ ବିରୋଧାଭାସର ସୂଚନା ମିଳିଛି।

ଅଦାଲତ ଦରଖାସ୍ତରେ 'ଦି ନ୍ୟୁୟର୍କ ଟାଇମ୍ସ' ପକ୍ଷରୁ 'ଓପନ-ଏଆଇ' ଓ 'ମାଇକ୍ରୋସଫଟ' ବିରୋଧରେ ସୃଜନ ସ୍ୱତ୍ୱ ଉଲଂଘନ ନିମନ୍ତେ କୌଣସି ନିର୍ଦ୍ଦିଷ୍ଟ ଆର୍ଥିକ କ୍ଷତିପୂରଣ ଦାବି କରାଯାଇ ନାହିଁ। କିନ୍ତୁ ଏତଦ୍ୱାରା ସମ୍ବାଦପତ୍ରର ବ୍ୟାପକ କ୍ଷତି ଘଟିଥିବା ଏବଂ ଏଥିନିମନ୍ତେ ଏଲଏଲଏମ ପ୍ରଯୋଜକଙ୍କୁ ଦାୟୀ କରାଯାଇଛି। 'ଦି ନ୍ୟୁୟର୍କ ଟାଇମ୍ସ' ରଚନା ବ୍ୟବହାର କରିଥିବା ଏଲଏଲଏମଗୁଡ଼ିକୁ ତୁରନ୍ତ ନଷ୍ଟ କରିଦେବା ନିମନ୍ତେ ନିର୍ଦ୍ଦେଶ ଦେବାକୁ ଅଦାଲତଠାରେ ପ୍ରାର୍ଥନା କରାଯାଇଛି। ଏଲଏଲଏମ ତାଲିମରେ ସମ୍ବାଦପତ୍ରରେ ପ୍ରକାଶିତ ରଚନା ବ୍ୟବହାର ବିରୋଧରେ 'ଦି ନ୍ୟୁୟର୍କ ଟାଇମ୍ସ' ଓପନ-ଏଆଇ ଓ ମାଇକ୍ରୋସଫ୍ଟ ସହ ଏପ୍ରିଲ ୨୦୨୩ରୁ ବିଧିବଦ୍ଧ ଆଲୋଚନା ଆରମ୍ଭ ହୋଇଥିଲା। କିନ୍ତୁ କୌଣସି ନିଷ୍ପତ୍ତି ହୋଇ ନ ପାରିବାରୁ ମାମଲା ଅଦାଲତରେ ପହଞ୍ଚିଛି।

ଏଆଇ ଏଲଏଲଏମ ଓ ସୃଜନ ସ୍ୱତ୍ୱ ମାମଲା ପ୍ରାଥମିକସ୍ତରରେ ଥିବା ହେତୁ ଆଇନଗତ ଲଢ଼େଇ କେଉଁ ଦିଗରେ ଗତି କରିବ ତାହା ସମୟ କହିବ। ତେବେ ମାର୍କିନ ଆଇନ ବିଶାରଦମାନେ ଟିପ୍ପଣୀ ଦେଉଛନ୍ତି ଯେ ସୃଜନ ସ୍ୱତ୍ ସମ୍ପର୍କିତ ମାମଲା ଦୀର୍ଘଦିନ ଧରି ଚାଲିପାରେ। ବିଚାର, ଅପିଲରେ ସମୟ ଅତିବାହିତ ହୋଇ ସୁପ୍ରିମକୋର୍ଟରେ ପହଞ୍ଚିପାରେ। ଏଭଳି ଘଟଣାକ୍ରମରେ ଦଶ ବର୍ଷ ବିତି ଯିବା ଅସମ୍ଭବ ନୁହେଁ। ସାଧାରଣରେ ସୃଜନ ସ୍ୱତ୍ୱ ମାମଲାଗୁଡ଼ିକ ପାରସ୍ପରିକ ବୁଝାମଣାରେ ତୁଟେ। 'ଓପନ-ଏଆଇ'ପକ୍ଷରୁ 'ଦି ଆସୋସିଏଟେଡ୍ ପ୍ରେସ' ନିଉଜ ଏଜେନ୍ସି ଓ 'ପଲଟିକୋ', 'ବିଜିନେସ ଇନସାଇଡର'ର ପ୍ରକାଶକ ଆଲେକ୍ସ ସ୍ପ୍ରିଙ୍ଗରଙ୍କ ସଙ୍ଗେ ସୃଜନ ସ୍ୱତ୍ୱ ନେଇ ବୁଝାମଣା ସରିଛି। ପ୍ରଶ୍ନ ଉଠେ 'ଦି ନ୍ୟୁୟର୍କ ଟାଇମ୍ସ'ପକ୍ଷରୁ 'ଓପନ-ଏଆଇ' ଓ 'ମାଇକ୍ରୋସଫ୍ଟ' ବିରୋଧରେ ସୃଜନ ସ୍ୱତ୍ୱ ମୋକଦ୍ଦମା ଯଦି ଦଶ ବର୍ଷ ଯାଏଁ ସମ୍ପ୍ରସାରିତ ହୁଏ, ତେବେ ୨୦୨୩ ବାର୍ଷିକ ହିସାବରେ ପ୍ରତି ଛଅ ମାସରେ ଦ୍ୱିଗୁଣିତ ହେଉଥିବା ଏଆଇ ପ୍ରଯୁକ୍ତି କୌଶଳ ହୁଏତ ଏପରି ଏକ ସ୍ତରରେ ପହଞ୍ଚି ସାରିଥିବ, ଯେଉଁଠି ମକଦ୍ଦମାଟି ଅପ୍ରାସଙ୍ଗିକ ହୋଇପଡ଼ିବ।

ସୃଜନ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ଅଗ୍ରଗତି ବିଶ୍ୱ ଜନଜୀବନରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି। ମୌଳିକସ୍ତରରେ ଆଲୋଚନା କଲେ ସୃଜନ ସ୍ୱତ୍ୱ ବ୍ରିଟେନରେ ମୁଦ୍ରଣ ଶିଳ୍ପ ପ୍ରସାରିତ ହେବା ଅବସରରେ ବ୍ୟାବସାୟିକ ସୁରକ୍ଷା ନିମନ୍ତେ ୧୭୧୦ରେ ପ୍ରଣୀତ ହୋଇଥିଲା। ମୁଦ୍ରଣ କଳାକୌଶଳ ବିକଶିତ ହେବା ପୂର୍ବରୁ ଠାର, ଭାଷା ଓ ଲିପି ମାଧ୍ୟମରେ ମାନବ ସଭ୍ୟତା ବିନା ସୃଜନ ସ୍ୱତ୍ୱ ସଂରକ୍ଷଣରେ ହଜାର ହଜାର ବର୍ଷ ଅତିବାହିତ କରିଛି। ମାତ୍ର ଚାରି ଶହ ବର୍ଷର ଏକ ଆଇନକୁ କେନ୍ଦ୍ର କରି କ'ଣ ଆମେ ବିଜ୍ଞାନର ସଦ୍ୟତମ ଆବିଷ୍କାର ସୃଜନ କୃତ୍ରିମ ବୁଦ୍ଧିମତ୍ତା ଜନିତ ସୁଯୋଗସୁବିଧାକୁ ଅଣଦେଖା କରିପାରିବା?

ସାଧାରଣରେ ମନୁଷ୍ୟ ଅନ୍ୟମାନଙ୍କୁ ଅନୁକରଣ କରି ଭାଷା ଶିଖେ। ଏଲଏଲଏମ ଯଦି ଅନଲାଇନରେ ଉପଲବ୍ଧ ସାହିତ୍ୟ ଅଧ୍ୟୟନ କରି ମାନବିକ ରଚନା ବୁଝିବା ଓ ଲେଖିବା ଦକ୍ଷତା ହାସଲ କରିପାରୁଛି, ସେଥିରେ ପ୍ରତିବନ୍ଧକ ଆଣିବା ଯୁକ୍ତିଯୁକ୍ତ କି? କୌଣସି ବ୍ୟାବସାୟିକ ବୁଝାମଣାରେ ନୀତି ନିର୍ଦ୍ଧାରଣ କିମ୍ବା ରାଜନୈତିକ ସୀମା-ସରହଦ ପ୍ରାକୃତିକ ନୁହେଁ। ପରିସ୍ଥିତି ସହ ପରିବର୍ତ୍ତନଶୀଳ। 'ଚାଟ-ଜିପିଟି' ଭଳି ଏକ ଅତ୍ୟାଧୁନିକ ପ୍ରଯୁକ୍ତି କୌଶଳ ବିନା ମୂଲ୍ୟରେ ଲୋକାର୍ପଣ ସାମୂହିକ ସ୍ୱାର୍ଥର ପ୍ରତିନିଧିତ୍ୱ ଦାବି କରିପାରିବ କି? 'ଚାଟ-ଜିପିଟି' ଏକ ପ୍ରଯୁକ୍ତି କୌଶଳ। ଉପଭୋକ୍ତାଙ୍କ ନିର୍ଦ୍ଦେଶମତେ ଏହା ରଚନା ପ୍ରସ୍ତୁତ କରେ ଏବଂ ପ୍ରସ୍ତୁତ ରଚନା ବ୍ୟବହାର ଉପଭୋକ୍ତାଙ୍କ ଇଚ୍ଛାଧୀନ। 'ଚାଟ-ଜିପିଟି'ର ବ୍ୟକ୍ତିଗତ ଅନୁଭୂତି, ଅଭିମତ କିମ୍ବା ଅଭିପ୍ରାୟ ନଥାଏ। ଏତଦ୍ୱାରା ପ୍ରସ୍ତୁତ ରଚନା ବ୍ୟବହାରକାରୀଙ୍କ ଦାୟିତ୍ୱାଧୀନ। ଅର୍ଥାତ, ନ୍ୟାୟିକ ଓ ନୈତିକ ଭୂମିକା ବ୍ୟବହାରକାରୀ ନିର୍ବାହ କରିବେ। ଏହା ଏକ ପ୍ରଯୁକ୍ତିକୌଶଳ ହୋଇଥିବା ହେତୁ ଏହାର ନ୍ୟାୟିକ ବ୍ୟକ୍ତିତ୍ୱ ନଥାଏ ବୋଲି 'ଚାଟ-ଜିପିଟି' ସ୍ପଷ୍ଟୀକରଣ ଦିଏ।

ଅପରପକ୍ଷରେ ଅଦାଲତରେ ମୋକଦ୍ଦମା ଦାୟର ଅବସରରେ 'ଦି ନ୍ୟୁୟର୍କ ଟାଇମ୍ସ' ପକ୍ଷରୁ ଦାବି କରାଯାଇଛି ଯେ 'ଚାଟ-ଜିପିଟି' ସ୍ଥଳବିଶେଷରେ ସମ୍ବାଦପତ୍ରରେ ପ୍ରକାଶିତ ରଚନାଗୁଡ଼ିକୁ ପ୍ରାୟତଃ ଅବିକଳ ଉପଭୋକ୍ତାଙ୍କୁ ଯୋଗାଉଛି। ପ୍ରଚଳିତ ଆଇନ ଅନୁଯାୟୀ ଏହା ନକଲ ପର୍ଯ୍ୟାଭୁକ୍ତ। ଏହା ପ୍ରମାଣିତ କରିବା ନିମନ୍ତେ ମକଦ୍ଦମା ଦରଖାସ୍ତ ସହ ଶହେ ସରିକି ଉଦାହରଣ ମଧ୍ୟ ସନ୍ନିବଶିତ କରିଛି। ବିଶେଷଜ୍ଞମାନେ କହୁଛନ୍ତି ଏଲଏଲଏମଗୁଡ଼ିକୁ ତାଲିମ ଦିଆଯାଉଥିବା ଉପାଦାନ ନକଲ କରୁଥିବା କିମ୍ବା ଅତି ସାଧାରଣ ପରିବର୍ତ୍ତନ କରି ଉପସ୍ଥାପିତ କରୁଥିବା ଜଣାଯାଏ। ପ୍ରଶ୍ନ ଉଠେ ଉପଭୋକ୍ତାମାନେ ଏଲଏଲଏମ ମାଧ୍ୟମରେ ପ୍ରସ୍ତୁତ ରଚନାବଳୀ ମୌଳିକ ନା ନକଲ କିପରି ଜାଣିବେ? ଅର୍ଥାତ, ଉନ୍ନତ ପ୍ରଯୁକ୍ତିକୌଶଳ ବ୍ୟବହାର କରି ଅପରାଧିକ ମାମଲାରେ ଛନ୍ଦି ହୋଇଯିବେନି ତ! 'ଓପନ-ଏଆଇ' ଓ 'ମାଇକ୍ରୋସଫଟ' ବିରୁଦ୍ଧରେ 'ଦି ନ୍ୟୁୟର୍କ ଟାଇମ୍ସ'ର ସୃଜନ ସ୍ୱତ୍ୱ ମାମଲା ପ୍ରକାଶନ ଜଗତରେ ସୁଦୂରପ୍ରସାରୀ ପ୍ରଭାବ ପକାଇବା ଆଶା କରାଯାଇପାରେ।

# ଭାରତର ଆର୍ଦ୍ରଭୂମି ନଗରୀ



ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା
ଭୁବନେଶ୍ୱର, ମୋ: ୯୯୩୭୩୦୧୪୬୦

ଆମ ଦେଶରେ ରହିଛି 'ରାମସାର କ୍ଷେତ୍ର' ବୋଲି କୁହାଯାଉଥିବା ୯୫ଟି 'ଆନ୍ତର୍ଜାତିକ ଗୁରୁତ୍ୱପୂର୍ଣ୍ଣ ଆର୍ଦ୍ରଭୂମି'। କିନ୍ତୁ ଖୁବ୍ ନିକଟରେ (ଗତ ତାରିଖରେ) 'ଆର୍ଦ୍ରଭୂମି ନଗରୀ' ରୂପେ ଅନୁମୋଦନ ପ୍ରଦାନ କରିବାକୁ ପ୍ରଥମଥର ପାଇଁ ତିନୋଟି ନଗରୀର ନାମ 'ରାମସାର ସମ୍ମିଳନୀ'କୁ ସୁପାରିସ କରିଛନ୍ତି ଭାରତ ସରକାର। ସେଗୁଡ଼ିକ ହେଲା - ଭାରତ ସିରପୁର ଏବଂ ଯଶୋବନ୍ତସାଗର ଆର୍ଦ୍ରଭୂମି (ଉଭୟେ ରାମସାର ସ୍ଥଳ ଅଟନ୍ତି) ନିକଟସ୍ଥ ଇନ୍ଦୋର, ଭୋଜ୍ ଆର୍ଦ୍ରଭୂମି (ରାମସର ସ୍ଥଳ) ନିକଟସ୍ଥ ଭୋପାଳ ଏବଂ ଅନେକଗୁଡ଼ିଏ ଆର୍ଦ୍ରଭୂମି ଦ୍ୱାରା ବେଷ୍ଟିତ ଉଦୟପୁର। ଅଦ୍ୟାବଧି ପୃଥିବୀର ୪୩ଟି ନଗରୀକୁ ଏହା ମିଳିସାରିଲାଣି। ତନ୍ମଧ୍ୟରୁ ସର୍ବାଧିକ ୧୩ଟି ରହିଛି ଚୀନ୍‌ରେ ଓ ୭ଟି ଫ୍ରାନ୍ସରେ।

'ରାମସାର ସମ୍ମିଳନୀ' ହେଉଛି ୧୯୭୧ ଫେବୃଆରୀ ୨ ତାରିଖ ଦିନ ଇରାନ୍‌ର ରାମସାରଠାରେ ସ୍ୱାକ୍ଷରିତ ତଥା ୟୁନେସ୍କୋ ପ୍ରଯୋଜିତ ଆନ୍ତର୍ଜାତିକ ପରିବେଶ ସମ୍ପର୍କୀୟ ଏକ ଚୁକ୍ତି। ସଦସ୍ୟ ରାଷ୍ଟ୍ରମାନଙ୍କ ଦ୍ୱାରା ସ୍ୱୀକୃତ ହେଲା ପରେ ଏହା କାର୍ଯ୍ୟକାରୀ ହୋଇଥିଲା ୧୯୭୫ ମସିହା ଡିସେମ୍ବର ୧୧ ତାରିଖ ଦିନ। ଏହାର ଆଭିମୁଖ୍ୟ ହେଲା ପରିସଂସ୍ଥା ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଆର୍ଦ୍ରଭୂମିଗୁଡ଼ିକର ସଂରକ୍ଷଣ କରିବା ସହିତ ଏହାର ସଂସାଧନଗୁଡ଼ିକୁ ସହନୀୟଭାବେ ବ୍ୟବହାର କରିବା ଲାଗି ଜାତୀୟସ୍ତରରେ ପଦକ୍ଷେପ ଏବଂ ଆନ୍ତର୍ଜାତିକସ୍ତରରେ ସହଯୋଗ ପ୍ରଦାନ କରିବା। ଆର୍ଦ୍ରଭୂମିର ପରିବେଶ ଓ ପରିସଂସ୍ଥା ଦୃଷ୍ଟିରୁ ଏହାର ଉଦ୍ଭିଦଜଗତ ଓ ପ୍ରାଣିଜଗତର ଗୁରୁତ୍ୱକୁ ବିଚାର କରି ଏ ସ୍ୱୀକୃତି ପ୍ରଦାନ କରାଯାଏ। ବିଶେଷକରି ମାଛ, ଜଳଚର ପକ୍ଷୀ ଏବଂ ବିବିଧ ଲୁପ୍ତପ୍ରାୟ ଜଳଜ ପ୍ରାଣୀ ଓ ଉଦ୍ଭିଦଙ୍କ ବାସସ୍ଥଳୀ କଥା ମଧ୍ୟ ବିଚାରକୁ ନିଆଯାଏ। ନଭେମ୍ବର ୨୦୨୩ ସୁଦ୍ଧା ବିଶ୍ୱରେ ଥିଲା ପ୍ରାୟ ୨୫୦୦୦ 'ରାମସାର କ୍ଷେତ୍ର'। ଏହାର ସମୁଦାୟ ଆୟତନ ଥିଲା ୧୭୨ଟି ଦେଶର ୨୫୭, ୧୦୬, ୩୬୦ ହେକ୍ଟର। ଏଠାରେ ସୂଚନାଯୋଗ୍ୟ ଯେ ଆମ ରାଜ୍ୟର ଚିଲିକା ହ୍ରଦ ହେଉଛି ସ୍ୱୀକୃତି ଲାଭ କରିଥିବା ବିଶ୍ୱର ପ୍ରଥମ 'ରାମସାର କ୍ଷେତ୍ର'। ଏହାବ୍ୟତୀତ ଏହାର ଅନ୍ୟଗୁଡ଼ିକ ହେଲେ ଭିତରକନିକାର ହେନ୍ତାଳବନ, ଅଂଶୁପା ହ୍ରଦ, ହୀରାକୁଦ ଆନିକଟ, ସାତକୋଶିଆ ଗଣ୍ଡ ଏବଂ ଟାଂପରା ହ୍ରଦ।

'ରାମସାର କ୍ଷେତ୍ର' ରୂପେ ସ୍ୱୀକୃତି ଲାଭ ଲାଗି ରହିଛି ନଅଗୋଟି ସର୍ତ୍ତ। ଏଥିରୁ କୌଣସି ଗୋଟିଏ ପୂରଣ କରି ପାରିଲେ ତାକୁ ଏହା ମିଳିଥାଏ। ଉଦାହରଣ ସ୍ୱରୂପ ଏଥିପାଇଁ ତାହା ସାଧାରଣତଃ ଏକ ହେନ୍ତାଳବନ, ସନ୍ତସନ୍ତିଆ ନିମ୍ନ ଭୂମି, ନଦୀ, ହ୍ରଦ, ତ୍ରିକୋଣଭୂମି, ନିୟମିତ ବନ୍ୟା ପ୍ଲାବିତ ଅଞ୍ଚଳ କିମ୍ବା ଜଙ୍ଗଲ, ଧାନକ୍ଷେତ, ପ୍ରବାଳ ପ୍ରାଚୀର, ନିମ୍ନ ଜୁଆର କାଳରେ ସୃଷ୍ଟ କୃତ୍ରିମ ହ୍ରଦ ଏବଂ ଜଳଭଣ୍ଡାର।

'ରାମସାର ସମ୍ମିଳନୀ'ର ବିଶେଷତ୍ୱ ହେଲା ଯେ ଏହା ହେଉଛି ଏକମାତ୍ର ଆନ୍ତର୍ଜାତିକ ଚୁକ୍ତି, ଯାହାର ଲକ୍ଷ୍ୟ ହେଲା ବିଶ୍ୱରେ ଗୁରୁତ୍ୱପୂର୍ଣ୍ଣ ଆର୍ଦ୍ରଭୂମିଗୁଡ଼ିକର ପରିବେଶ ଓ ପରିସଂସ୍ଥାନର ସୁରକ୍ଷା ଏବଂ ସଂରକ୍ଷଣ। ଫଳରେ ଏହା ଉପରେ ନିର୍ଭରଶୀଳ ସମସ୍ତ ପ୍ରାଣୀ ଓ ଉଦ୍ଭିଦ ସୁରକ୍ଷିତ ରହିପାରିବ। ସ୍ଥାନୀୟ ଆଞ୍ଚଳିକ, ଜାତୀୟ ଏବଂ ଆନ୍ତର୍ଜାତିକ କାର୍ଯ୍ୟକଳାପ ଏବଂ ସହଯୋଗ ମାଧ୍ୟମରେ ଏଗୁଡ଼ିକର ସହନୀୟ ବିକାଶ ତଥା ସଦୁପଯୋଗ ସମ୍ଭବ ହୋଇପାରିବ। ଏହା ଜାତିସଂଘ କିମ୍ବା ୟୁନେସ୍କୋ ଦ୍ୱାରା ବାଧ୍ୟତାମୂଳକ ଚୁକ୍ତି ନୁହେଁ ସତ, ତେବେ ଏହାର ପରିଚାଳନା କରେ 'ଇଣ୍ଟରନ୍ୟାସନାଲ ୟୁନିୟନ ଫର କଞ୍ଜରଭେସନ ଅଫ୍ ନେଚର' ଏବଂ ସହଯୋଗ କରନ୍ତି 'ଇଣ୍ଟରନ୍ୟାସନାଲ ୱାଟର ମ୍ୟାନେଜମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍', ୱେଟ୍‌ଲ୍ୟାଣ୍ଡ ଇଣ୍ଟରନ୍ୟାସନାଲ୍' 'ବାର୍ଡ ଲାଇଫ୍ ଇଣ୍ଟରନ୍ୟାସନାଲ', 'ୱାଇଲଡ୍ ଫାଉଲ୍ ଆଣ୍ଡ ୱେଟ୍‌ଲ୍ୟାଣ୍ଡସ୍ ଟ୍ରଷ୍ଟ' ଏବଂ ୱାର୍ଲ୍ଡ ୱାଇଲଡ୍ ଲାଇଫ୍ ଫଣ୍ଡ ଇଣ୍ଟରନ୍ୟାସନାଲ'। ଏବେ ଆମ ଦେଶର ତିନୋଟି ନଗରୀକୁ ଏହାଦ୍ୱାରା 'ଆନ୍ତର୍ଜାତିକ ଜଳଭୂମି ନଗରୀ' ରୂପେ ସ୍ୱୀକୃତି ପ୍ରଦାନ ଲାଗି ପଦକ୍ଷେପ ବାସ୍ତବରେ ଏକ ଗର୍ବ ଓ ଗୌରବର କଥା।

୨୦୦୫ ମସିହାରେ ଜାତିସଂଘର ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ (କନ୍‌ଫରେନ୍ସ ଅଫ୍ ପାର୍ଟିଜ୍) ବା 'କୋପ୍ ୧୨' ସମୟରେ 'ରାମସାର ସମ୍ମିଳନୀ' ଏକ ସ୍ୱେଚ୍ଛାସେବୀ 'ଆର୍ଦ୍ରଭୂମି ନଗରୀ ଅନୁମୋଦନ' ବ୍ୟବସ୍ଥାକୁ ସ୍ୱୀକୃତି ପ୍ରଦାନ କରିଥିଲା। ଏ ଅନୁମୋଦନ ଲାଭ କରିବାକୁ କିଛି ଆନ୍ତର୍ଜାତିକ ସର୍ତ୍ତ ପୂରଣ କରିବାକୁ ପଡ଼େ। ଉଦାହରଣ ସ୍ୱରୂପ ସେଗୁଡ଼ିକ ମଧ୍ୟରେ ଗୋଟିଏ ହେଲା ଯେ ନଗରୀଟି ଗୋଟିଏ କିମ୍ବା ଦୁଇଟି 'ରାମସାର କ୍ଷେତ୍ର'ର ନିକଟବର୍ତ୍ତୀ ହେବା ଦରକାର। ଏହାର ଲକ୍ଷ୍ୟ ହେଉଛି ସହରାଞ୍ଚଳ ଏବଂ ଅର୍ଦ୍ଧ-ସହରାଞ୍ଚଳର ଆର୍ଦ୍ରଭୂମିଗୁଡ଼ିକର ସଂରକ୍ଷଣ, ବିକାଶ ତଥା ସଦୁପଯୋଗ ସମେତ ସ୍ଥାନୀୟ ଲୋକଙ୍କୁ ଏହାର ସଂସାଧନର ସହନୀୟ ଉପଯୋଗ କରିବା। ଏହା ନଗରୀଗୁଡ଼ିକୁ ତା'ର ପ୍ରାକୃତିକ କିମ୍ବା ମନୁଷ୍ୟକୃତ 'ଆର୍ଦ୍ରଭୂମି ଆନ୍ତର୍ଜାତିକ' ରୂପେ ସ୍ୱୀକୃତି ଲାଭ କରିବାର ସୁଯୋଗ ପ୍ରଦାନ କରିବ।

(୧) ଇନ୍ଦୋର- ଏହା ନିକଟସ୍ଥ ୮୦୦ ଏକର ଆୟତନ ବିଶିଷ୍ଟ ସିରପୁର ହ୍ରଦ ଏକ ମଧୁରଜଳ ଆର୍ଦ୍ରଭୂମି। ଏହା ବିଗତ ୧, ଜୁଲାଇ ୨୦୨୨ରୁ 'ରାମସାର କ୍ଷେତ୍ର'ର ମାନ୍ୟତା ପାଇସାରିଛି। ଏହି ମନୁଷ୍ୟକୃତ ହ୍ରଦ ବିଂଶ ଶତାବ୍ଦୀର ପ୍ରାରମ୍ଭରୁ ପକ୍ଷୀବିହାର ଲାଗି ପ୍ରସିଦ୍ଧ। ଏହା ହେଉଛି ୧୭୫ ପ୍ରଜାତିର ଜଳ ଓ ସ୍ଥଳ ଭାଗର ଉଦ୍ଭିଦ, ୩୦ ପ୍ରଜାତିର ମାଛ, ୮ ପ୍ରଜାତିର ସରୀସୃପ ଏବଂ ୧୩୦ ପ୍ରଜାତିର ସ୍ଥାୟୀ ତଥା ପରିବ୍ରାଜୀ ପ୍ରଜାତିର ପକ୍ଷୀଙ୍କ ବାସସ୍ଥଳ।

ସେହିପରି ଇନ୍ଦୋର ନିକଟବର୍ତ୍ତୀ ୮୨୨.୯ ହେକ୍ଟର ଆୟତନ ବିଶିଷ୍ଟ ଏବଂ 'ରାମସାର କ୍ଷେତ୍ର' ରୂପେ ମାନ୍ୟତା ପ୍ରାପ୍ତ (୨୦୨୨) ଯଶୋବନ୍ତ ସାଗର ଗମ୍ଭୀର ନଦୀ ଉପରେ ନିର୍ମିତ ଏକ ମଧୁରଜଳ ଭଣ୍ଡାର। ୧୯୩୦ ମସିହାରେ ଏହା ନିର୍ମାଣ ହେବା ପରଠାରୁ ସ୍ଥାନୀୟଭାବେ ଜଳସେଚନ ଏବଂ ପାନୀୟ ଜଳର ଏକ ଅସରନ୍ତି ଉତ୍ସ ରୂପେ କାର୍ଯ୍ୟ କରି ଆସୁଛି। ଏହା ଏକ ଗୁରୁତ୍ୱପୂର୍ଣ୍ଣ ପକ୍ଷୀନିବାସ ତଥା ଜୈବବିବିଧତା ସମୃଦ୍ଧ ଅଞ୍ଚଳ ରୂପେ ସ୍ୱୀକୃତିପ୍ରାପ୍ତ। ଏହାକୁ ଆଶ୍ରୟ କରିଥା'ନ୍ତି ପ୍ରାୟ ୨୩୯ ପ୍ରଜାତିର ସ୍ଥାନୀୟ ଓ ପରିବ୍ରାଜୀ ପକ୍ଷୀ ଏବଂ ୩୯ ପ୍ରଜାତିର ମାଛ। ଅନ୍ୟାନ୍ୟ ବହୁ ଉଦ୍ଭିଦ ଏବଂ ସ୍ତନ୍ୟପାୟୀ ମଧ୍ୟ ଏହା ଉପରେ ନିର୍ଭରଶୀଳ।

(୨) ଭୋପାଳ- ଏହାକୁ ସ୍ୱୀକୃତି ଦେବାର ଯୁକ୍ତି ପଛରେ ରହିଛି ଯେ ଏହାର 'ରାମସାର କ୍ଷେତ୍ର' ଭୋଜ୍ ଆର୍ଦ୍ରଭୂମି। ଏହା ନଗରୀର ଉପରିଭାଗରୁ ତଳ ଭାଗ ପର୍ଯ୍ୟନ୍ତ ବିସ୍ତୃତ। ୧୯୯୫ ମସିହାରେ ସରକାର ଏହାର ବିକାଶ ଲାଗି ଏକ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ ଏବଂ ୨୦୦୫ ମସିହା ବେଳକୁ ଜାପାନର ବ୍ୟାଙ୍କ ଫର ଇଣ୍ଟରନ୍ୟାସନାଲ କରପୋରେଶନର ସହାୟତାରେ ଏହା ସମ୍ପୂର୍ଣ୍ଣ ହୋଇଥିଲା। ଏହାର ଉପରଭାଗକୁ 'ଭୋଜ୍ ତାଲ' ବୋଲି କହନ୍ତି, ଯାହାର ଆୟତନ ୩୧ ବର୍ଗ କିଲୋମିଟର ଏବଂ ତଳଭାଗ ୯.୬ ବର୍ଗ କିଲୋମିଟର। ମାଲ୍‌ୱାର ଶାସକମାନେ ୧୦୦୫ରୁ ୧୦୫୫ ମସିହା ମଧ୍ୟରେ କୋଲାନସ ନଦୀରେ ଆନିକଟ ରୂପେ ଏହା ତିଆରି କରିଥିଲେ ଏବଂ ତଳଭାଗଟି ୧୭୯୪ ମସିହାରେ ତିଆରି ହୋଇଥିଲା। ଏହା ୧୭୯ ପ୍ରଜାତିର ପକ୍ଷୀ (୫୨ ପରିବ୍ରାଜୀ) ଏବଂ ୪୩ ପ୍ରଜାତିର ମାଛଙ୍କ ଆବାସ ସ୍ଥଳ। ସେହିପରି ଏହାର ଜଳରେ ରହିଛି କଇଁ, ପଦ୍ମ ଏବଂ ଅନ୍ୟାନ୍ୟ ଜଳଜ ଉଦ୍ଭିଦର ପ୍ରଜାତି। ପ୍ରାୟ ୧୪ଟି ବିରଳ ପ୍ରଜାତିର ଅପୁଷ୍ପକ ଉଦ୍ଭିଦ ମଧ୍ୟ ଏଥିରେ ଦେଖାଯା'ନ୍ତି।

(୩) ଉଦୟପୁର- ଏହାର ଚତୁଃପାର୍ଶ୍ୱରେ ରହିଛି ୫ଟି ଛୋଟବଡ଼ ଆର୍ଦ୍ରଭୂମି (ଏକତ୍ର ରାମସାର କ୍ଷେତ୍ର ରୂପେ ସ୍ୱୀକୃତ)। ପିଚୋଲା, ଫତେସାଗର, ରଙ୍ଗସାଗର, ସ୍ୱରୂପ ସାଗର ଏବଂ ଦୁଧ୍ ତଲାଇ। ନଗରୀର ଜଳବାୟୁ ଉପରେ ଏଗୁଡ଼ିକର ବିଶେଷ ପ୍ରଭାବ ରହିଛି। ଏହି ହ୍ରଦଗୁଡ଼ିକ ଖାଦ୍ୟ ଶୃଙ୍ଖଳର ପ୍ରଥମ ପାବଚ୍ଛ ରୂପେ ପରିଗଣିତ 'ଫାଇଟୋ ପ୍ଲଙ୍କଟନ୍‌ସ' ଏବଂ 'ଜୁ ପ୍ଲଙ୍କଟନ୍‌ସ'ରେ ସମୃଦ୍ଧ। ଏଣୁ ଏଠାରେ ବିଭିନ୍ନ ପ୍ରଜାତିର ବହୁ ସଂଖ୍ୟକ କୁମ୍ଭୀର, ମାଛ, ଓଧ, କଇଁଛ, କୀଟପତଙ୍ଗ, ସରୀସୃପ ତଥା ସ୍ଥାନୀୟ ପକ୍ଷୀବାସ କରୁଥିଲା ବେଳେ ପ୍ରତିବର୍ଷ ହଜାର ହଜାର ପରିବ୍ରାଜୀ ପକ୍ଷୀ ଏହାକୁ ପରିଦର୍ଶନ କରିଥା'ନ୍ତି। ଫତେନଗର ହ୍ରଦରେ ରହିଛି 'ନେହେରୁ ପାର୍କ' ନାମକ କ୍ଷୁଦ୍ର ଦ୍ୱୀପଟିଏ। ଏଥିରେ ବହୁସଂଖ୍ୟକ ଅଜଗର ସାପ ଦେଖାଯା'ନ୍ତି। ସ୍ଥାନୀୟ ଲୋକେ ମଧ୍ୟ କୃଷି ଏବଂ ମାଛଧରା ପାଇଁ ଏଗୁଡ଼ିକ ଉପରେ ନିର୍ଭର କରିଥା'ନ୍ତି।

'ଆର୍ଦ୍ରଭୂମି ନଗରୀ' ରୂପେ ସ୍ୱୀକୃତି ଲାଭର କେତୋଟି ସକାରାତ୍ମକ ଦିଗ ରହିଛି। ଉଦାହରଣ ସ୍ୱରୂପ ଏହାର ସଂରକ୍ଷଣ ଓ ବିକାଶ ଲାଗି ଆନ୍ତର୍ଜାତିକ ସହାୟତା ଓ ସହଯୋଗ ତ ମିଳିବ, ତା' ବ୍ୟତୀତ ଉକ୍ତ ଆର୍ଦ୍ରଭୂମିର ଜବରଦଖଲ ହୋଇପାରିବ ନାହିଁ। ପୁନଶ୍ଚ ଏହାର ଜଳରାଶିକୁ ପ୍ରଦୂଷଣ ମୁକ୍ତ ଏବଂ ପରିବେଶ ଓ ପରିସଂସ୍ଥାର ସଂରକ୍ଷଣ ପାଇଁ ବିଶେଷ ପଦକ୍ଷେପ ନିଆଯିବ। ଏହାବ୍ୟତୀତ ଏଗୁଡ଼ିକ ଆନ୍ତର୍ଜାତିକ ସ୍ତରରେ ପରିଭ୍ରମଣକାରୀମାନଙ୍କ ପାଇଁ ଆକର୍ଷଣୀୟ ହେବ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଆମ ରାଜ୍ୟର ବାଲୁଗାଁ ଏ ପ୍ରକାର ସ୍ୱୀକୃତି ଲାଭ ପାଇଁ ସମସ୍ତ ସର୍ତ୍ତ ପୂରଣ କରୁଛି। କେବଳ ଏତିକି ତଫାତ ଯେ ଏହା ନଗରୀ ନୁହେଁ ବରଂ ଏକ କ୍ଷୁଦ୍ର ସହର। ତେବେ ସରକାର ଯତ୍ନବାନ ହେଲେ ଏହାର ବିକାଶ ଘଟାଇ ଏଥିପାଇଁ ଆବେଦନ କରାଯାଇପାରିବ।

# ଜାତିସଂଘରେ ଭୀମଭୋଇ ବାଣୀ



ପବିତ୍ର ମୋହନ ନାୟକ
ସମ୍ବଲପୁର, ମୋ: ୯୪୩୮୬୭୮୬୮୧

କିଛି ମାସ ତଳେ ଟିଭିରେ ବିଶ୍ୱକବି ଭୀମ ଭୋଇଙ୍କ ଉପରେ ପ୍ରସାରିତ ଏକ ଆଲୋଚନାରେ କେତେକ ବୁଦ୍ଧିଜୀବୀଙ୍କ ବାର୍ତ୍ତାଳାପ ଦେଖୁଥିଲି। ସେଥିରେ ଆଲୋଚନାର ସଂଯୋଜକ କହିଲେ - କବି ମାୟାଧର ମାନସିଂହ ଓ କିଛି ଅନ୍ୟ ଓଡ଼ିଆ ସାହିତ୍ୟିକ ଭୀମ ଭୋଇଙ୍କ ରଚିତ 'ସ୍ତୁତି ଚିନ୍ତାମଣି'ର ଚୟନିତ ପଦଟିଏ କେନ୍ଦ୍ର ସରକାରଙ୍କୁ ପଠାଇ ଦେଇଥିଲେ। ତାହା ଦିଲ୍ଲୀରେ ଆମ ସଂସଦ ଭବନ ଭିତରେ ସ୍ଥାନ ପାଇଛି। କିନ୍ତୁ ମିଳିତ ଜାତିସଂଘରେ ଭୀମ ଭୋଇଙ୍କର ରଚନା ମଧ୍ୟ ସ୍ଥାନିତ ହୋଇଛି ବୋଲି କେତେକ ବ୍ୟକ୍ତି ଯାହା କହୁଛନ୍ତି, ତାହା ସନ୍ଦେହଜନକ। କାରଣ ତାହା ସତ କି ନାହିଁ, କେହି ସେଠାକୁ ଯାଇ ଦେଖିନାହାନ୍ତି ବା ତାର ପ୍ରମାଣ ଦେଇନାହାନ୍ତି! ଓଡ଼ିଆ ଜାତିର, ଓଡ଼ିଆ ସଂସ୍କୃତିର, ଓଡ଼ିଆ ଭାଷା ଓ ସାହିତ୍ୟର ଏବଂ ଓଡ଼ିଆ ଅସ୍ମିତାର ଜଣେ ସାଧାରଣ ସଚେତନ ଦାୟାଦ ହିସାବରେ ଏହି ଉକ୍ତି ମତେ କ୍ଷୁବ୍ଧ ଏବଂ ବ୍ୟଥିତ କରିଥିଲା। ଭାବିଲି ବିଜୟ ଚନ୍ଦ୍ର ମଜୁମଦାରଙ୍କ ବକ୍ତବ୍ୟ, 'ହି ୱାଜ୍ ଏ ଜିନିଅସ୍' ଓ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ମନ୍ତବ୍ୟ, 'ଭୀମ ମହାନ୍' ସତ୍ତ୍ୱେ ଏ ବିରାଟ କବିଙ୍କୁ ଆମ ଜାତି ସତରେ ଏ ପର୍ଯ୍ୟନ୍ତ ଚିହ୍ନି ପାରିଲା ନାହିଁ।




ମନେପଡ଼ିଲା ରାଉରକେଲା ଇଂଜିନିୟରିଂ କଲେଜ୍ (ଏବେ ଏନ୍‌ଆଇଟି, ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି)ରେ ସେତେବେଳେ ଥିବା ମୋର ଛାତ୍ର ଦେବ ପ୍ରସାଦ ମହାପାତ୍ରଙ୍କ କଥା, ଯିଏ ଏବେ ସାନ୍‌ଫ୍ରାନ୍‌ସିସ୍‌କୋରେ ଅଛନ୍ତି। ତାଙ୍କୁ ଏବିଷୟରେ ଯୋଗାଯୋଗ କରି ଜଣାଇଲି। ତା ପରେ ସେ ନିଉୟର୍କରେ ରହୁଥିବା ତାଙ୍କର ଜଣେ ବନ୍ଧୁଙ୍କୁ ଏହି ବିଷୟରେ ବୁଝିବା ପାଇଁ ଅନୁରୋଧ କଲେ। ସେ ବନ୍ଧୁ ଜଣକ ନିଜ ନିଉୟର୍କରେ ଥିବା ଜାତିସଂଘ ମୁଖ୍ୟାଳୟକୁ ଯାଇ, ସେଠାର କେନ୍ଦ୍ରୀୟ ହଲ କାନ୍ଥରେ ଲେଖାଥିବା ଭୀମ ଭୋଇଙ୍କ ବିଖ୍ୟାତ ପଂକ୍ତିଟିର ଫଟୋ ମୋ ପାଖକୁ ପଠେଇଲେ। ସେଇ ଫୋଟୋ ଟି ଏଇ ଲେଖା ସହିତ ଦିଆଯାଇଛି! ତାହା ଦେଖି ମୋର ଆନନ୍ଦ ସହଜେ ଅନୁମେୟ। ଆପଣ ସମସ୍ତେ ମଧ୍ୟ ଦେଖନ୍ତୁ ଓ ଓଡ଼ିଆ ଭାବରେ ଗର୍ବ ଅନୁଭବ କରନ୍ତୁ। କଥା ହେଉଛି, ଭାରତରେ ହୁଏତ ପ୍ରଖ୍ୟାତ ଓଡ଼ିଆ କବି ମାନସିଂହ କିଛି ଅନ୍ୟ ସାହିତ୍ୟିକଙ୍କ ସହ ଆଲୋଚନା କରି ଜଣେ ଆଦିବାସୀ କବିଙ୍କ ଲିଖିତ କବିତା ପଦଟିଏ ଜାତୀୟ ସ୍ତରକୁ ପଠାଇ ଦେଇଥିଲେ। ପ୍ରଶ୍ନ ଉଠୁଛି, ଜାତୀୟ ସ୍ତରରେ କିଏ କାହାକୁ କହି ଏହି ପ୍ରସିଦ୍ଧ କବିଙ୍କ ଲେଖା ନିଉୟର୍କ ଜାତିସଂଘ କାର୍ଯ୍ୟାଳୟକୁ ପଠାଇଥିଲା? ମୋର କାହିଁକି ମନେହୁଏ ଯେ ଯଦି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶପଥ ଗ୍ରହଣ ଉତ୍ସବରେ ଯଦି କବି ଭୀମ ଭୋଇଙ୍କୁ ସ୍ମରଣ କରି ନ ଥା'ନ୍ତେ, ତେବେ ଏ ଜାତି ଏ ବିଶ୍ୱ କବିର ବିଶ୍ୱଦୃଷ୍ଟିକୁ ହୁଏତ ଭୁଲି ଯାଇଥାନ୍ତା। ଯଥାର୍ଥରେ ତାଙ୍କ ଉକ୍ତି -"ମୋ ଜୀବନ ପଛେ ନର୍କେ ପଡ଼ିଥାଉ, ଜଗତ ଉଦ୍ଧାର ହେଉ" ହିଁ ଆଜିର ବିଶ୍ୱ ସମାଜରେ ମାନବିକତାର ମନ୍ତ୍ର ଓ ଧ୍ୟେୟ ହେବ ଉଚିତ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଛତ୍ରପୁର ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ

# 'ଜୟ ଜଗନ୍ନାଥ' ଧ୍ୱନିରେ କମ୍ପିଲା ମଞ୍ଚ










ଛତ୍ରପୁର, ୧୪।୧(ସମିସ)

ସ୍ଥାନୀୟ ଷ୍ଟାଡିୟମରେ କ୍ରୀଡ଼ା, ସଂସ୍କୃତି ଓ ମନୋରଞ୍ଜନ ଉପଭୋଗ କରିବା ପାଇଁ ଅନୁଷ୍ଠିତ ଛତ୍ରପୁର ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ରବିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ, ଆସିକା ସାଂସଦ ପ୍ରମିଳା ବିଷୋୟୀ, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡଃ. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଗଞ୍ଜାମ ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ତଥା ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣୀ ବୈଦ୍ୟ, ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ଗଞ୍ଜାମ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ଉପାଧ୍ୟକ୍ଷା ଏସ. ରାଜେଶ୍ୱରୀ ଦୋରା, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଗଞ୍ଜାମ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଭି.କୀର୍ତ୍ତିଭାସନ୍, ଅତିରିକ୍ତ ସିଇଓ ପ୍ରତାପ ଚନ୍ଦ୍ର ପ୍ରଧାନ, ଗଞ୍ଜାମ ଏସପି ଜଗମୋହନ ମିନା, ଡ୍ରଡା ପିଡି ନୀଳ ମାଧବ ଭୋଇ, ଛତ୍ରପୁର ଉପଜିଲ୍ଲାପାଳ ଦେବଦତ୍ତ ମହାନ୍ତ, ଜିଲ୍ଲା କ୍ରୀଡ଼ା ଅଧିକାରୀ ସନ୍ତୋଷ କୁମାର ସାହୁ ଅତିଥି ଭାବେ ଯୋଗଦେଇ ଲୋକକଳାର ବିକାଶ ଦିଗରେ ମହୋତ୍ସବ ସହାୟକ ହେବ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିକ୍ଷା ସହିତ ଗଞ୍ଜାମ ଜିଲ୍ଲାକୁ କ୍ରୀଡ଼ାର ହବ୍ କରିଛନ୍ତି। ଏହା ସହିତ କଳାକାର ଓ କଳା ସଂସ୍କୃତିର ବିକାଶ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ କରୁଛନ୍ତି। ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟ କରୁଛନ୍ତି। ଏହାସହିତ ବିଏସ୍‌କେୱାଇ କାର୍ଡ, '୫-ଟି' ଓ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ସମ୍ପର୍କରେ ମଧ୍ୟ ସେମାନେ କହିଥିଲେ।



ଏହି ଅବସରରେ ଆସିକା ସାଂସଦ ପ୍ରମିଳା ବିଷୋୟୀ ଯୋଗଦେଇ ପ୍ରଥମେ କହିଥିଲେ ଯେ ଜୟ ଜଗନ୍ନାଥ..ଛତ୍ରପୁର ମାଟି ସୁନାର ମାଟି, କଳାକାରର ମାଟି, ମୁଖ୍ୟମନ୍ତ୍ରୀଙ୍କ ଯୋଗୁ ସବୁ କ୍ଷେତ୍ରରେ ଓଡ଼ିଶା ଆଗକୁ ଯାଇଛି, ଛତ୍ରପୁରରୁ ସବୁ ଦିନେ ଆଗକୁ ଯାଉ, ଏଠାରେ ଗଞ୍ଜାମ ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ସମସ୍ତେ ରହିଛନ୍ତି। ସେଥିପାଇଁ ଛତ୍ରପୁର ସହର ସବୁ ଠାରୁ ଅନ୍ୟତମ। ହକି ଖେଳଠାରୁ ସବୁ ଖେଳର ବିକାଶ କରୁଛନ୍ତି ମୁଖ୍ୟମନ୍ତ୍ରୀ। ବ୍ରହ୍ମପୁର ସାଂସଦ ଚନ୍ଦ୍ର ଶେଖର ସାହୁ ଯୋଗଦେଇ କହିଥିଲେ ଯେ ଏଠି ସବୁ ରୂପାନ୍ତରିତ ହୋଇଛି, ଓଡ଼ିଶା ବର୍ତ୍ତମାନ ସବୁ କ୍ଷେତ୍ରରେ ପରିଚୟ ସୃଷ୍ଟି କରିଛି। ଛତ୍ରପୁର ଜିଲ୍ଲାର ସଦରମହକୁମା, ସବୁକୁ ଛତ୍ରଛାୟା ରଖିଛି। ଛତ୍ରପୁର ବର୍ତ୍ତମାନ ବହୁତ ସୁନ୍ଦର ହୋଇଛି। ଆଜି ସାରା ଗଞ୍ଜାମ ଜିଲ୍ଲାରେ ଛତ୍ରପୁର ନମ୍ବର ୱାନ ହୋଇଛି। ତାହା ଗଞ୍ଜାମ ଜିଲ୍ଲା ପ୍ରଶାସନ ଏବଂ ଛତ୍ରପୁରର ବିଧାୟକଙ୍କ ଦ୍ୱାରା ହୋଇଛି। ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଯୋଗଦେଇ ପ୍ରଥମେ ଜୟ ଜଗନ୍ନାଥ କହିବା ସହିତ ଛତ୍ରପୁର ହେଉଛି ଏକ ଐତିହାସିକ ମାଟି, ଏଇଠି ଆଜି 'ନୂଆ-ଓ' ଆନୁକୂଲ୍ୟରେ 'ଯୁବ ଓଡ଼ିଶା ନବୀନ ଓଡ଼ିଶା', କ୍ରୀଡ଼ା, ଛତ୍ରପୁର ମହୋତ୍ସବ ଏବଂ ପଲ୍ଲିଶ୍ରୀ ମେଳା, କ୍ରୀଡ଼ା ସଂସ୍କୃତିଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟ କରୁଛନ୍ତି ମୁଖ୍ୟମନ୍ତ୍ରୀ। ଆଜି ଛତ୍ରପୁର ନାଚିବ, ଖେଳିବ, ଗାଇବ ବୋଲି କହିଥିଲେ। ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଯୋଗଦେଇ ପ୍ରଥମେ କହିଥିଲେ ଯେ କ୍ରୀଡ଼ା କାର୍ଯ୍ୟକ୍ରମ ଭଲ ଭାବେ ଚାଲିଥିଲା, ଆଜି ଶେଷ ହୋଇଛି ଏବଂ ପଲ୍ଲିଶ୍ରୀ ମେଳା ଓ ଛତ୍ରପୁର ମହୋତ୍ସବ ଆଜି ଆରମ୍ଭ ହୋଇଛି। ପଲ୍ଲିଶ୍ରୀ ମେଳା ଦ୍ୱାରା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ହାତ ତିଆରି ସାମଗ୍ରୀ ବିକ୍ରି ବଟା କରି ପାରିବେ ବୋଲି କହିଥିଲେ। ଗଞ୍ଜାମ ଏସପି ଜଗମୋହନ ମୀନା ଯୋଗଦେଇ କ୍ରୀଡା କାର୍ଯ୍ୟକ୍ରମ ବହୁତ ଭଲ ଭାବେ ଚାଲିଥିଲା, ପିଲା ମାନେ ବହୁତ ଭଲ କ୍ରୀଡା ପ୍ରଦର୍ଶନ କରିଥିଲେ। ଶେଷରେ ଶେଷ୍ଠ କ୍ରୀଡା ଦଳକୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବର ମଞ୍ଚ କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ରବିନାରାୟଣ ବେହେରା ଓ ଏଙ୍କର ପାୟଲ ସଂଯୋଜନା କରିଥିଲେ।






## ● ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଲେ ଦର୍ଶକ

ଜୟ ଜଗନ୍ନାଥ .....ଶଙ୍ଖ ଧ୍ୱନିରୁ ଆରମ୍ଭ ହୋଇଥିଲା ମହୋତ୍ସବ। ପରେ ପରେ ଛତ୍ରପୁରର କଣ୍ଠଶିଳ୍ପୀ ଗଣେଶ ପଟ୍ଟନାୟକଙ୍କ 'ରାତି ପାହି ଗଲା ସେଜରେ ସେଜରେ... ରାଧା ଶୋଇଗଲାଣି ନିଦରେ...' ଗୀତ ଦର୍ଶକଙ୍କ ମନକୁ ଛୁଇଁଥିଲା। ପରେ ଗଞ୍ଜାମ ଜିଲ୍ଲାର ଲୋକକଳା କଳାକାର ମାନଙ୍କ ଦ୍ୱାରା ଲୋକକଳା ପ୍ରଦର୍ଶନୀ ସହିତ ସ୍ଥାନୀୟ କଳାକାର ମାନେ



ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଓଲିଉଡ୍ କଳାକାର ପ୍ରଖ୍ୟାତ ସିଙ୍ଗର ହ୍ୟୁମାନ ସାଗର ନିଶ୍ୱାସ ତୋ ବିନା ମୋର ଚାଲେନା ... ବିଶ୍ୱାସ ତୋ ବିନା କିଛି ହୁଏନା ପ୍ରଖ୍ୟାତ କଣ୍ଠଶିଳ୍ପୀ ହ୍ୟୁମନ୍ ସାଗରଙ୍କ ଗୀତରେ ଝୁମିଥିଲେ ଦର୍ଶକ। ପଲ୍ଲିଶ୍ରୀ ମେଳାରେ ଗଞ୍ଜାମ ଜିଲ୍ଲା ସମେତ ଯାଜପୁର, ମୟୂରଭଞ୍ଜ, ନୟାଗଡ଼, କେନ୍ଦୁଝର, ଜଗତସିଂହପୁର, ନୂଆପଡ଼ା, କୋରାପୁଟ, କଳାହାଣ୍ଡି, କଟକ, କନ୍ଧମାଳ, ପୁରୀ, ଭଦ୍ରକ, ଗଜପତି, ଦେବଗଡ଼, ବୌଦ୍ଧ ଜିଲ୍ଲାର ସ୍ୱୟଂ ସହାୟକ ଗୋଷ୍ଠୀ ସାମିଲ ହୋଇଛନ୍ତି। ଏହା ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜନ ହୋଇଥିବା ବେଳେ ମହୋତ୍ସବ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ।

DADLS-77
ଓଡ଼ିଶା ସରକାର



ବ୍ୟାସକବି ଫକୀର ମୋହନ ସେନାପତିଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
ତା.୧୫.୦୧.୨୦୨୪ (ମକର ସଂକ୍ରାନ୍ତି)

ସକାଳ ଘ.୮.୩୦ ମିନିଟ - ଭୁବନେଶ୍ୱରସ୍ଥିତ ଉତ୍କଳ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଥିବା ବ୍ୟାସକବି ଫକୀର ମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

ଅପରାହ୍ନ - ୩ ଘଟିକା | ଜୟଦେବ ଭବନ

ବ୍ୟାସକବି ଫକୀର ମୋହନ ସେନାପତିଙ୍କ ସୃଷ୍ଟି ଓ ସାଧନାକୁ ନେଇ କବିତା ପାଠୋତ୍ସବ
ଆୟୋଜକ – ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦ, ଭୁବନେଶ୍ୱର

ସନ୍ଧ୍ୟା ଘ.୫.୩୦ମିନିଟ | ସାଧାରଣ ସଭା

ସଭାପତି – ଶ୍ରୀଯୁକ୍ତ ପ୍ରଦିପ କୁମାର ଅମାତ, ମାନ୍ୟବର ମନ୍ତ୍ରୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ସୂଚନା ଓ ଲୋକସମ୍ପର୍କ
ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ପାତ୍ର, ମାନ୍ୟବର ମନ୍ତ୍ରୀ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଅବକାରୀ
ବିଶିଷ୍ଟ ଅତିଥି – ଶ୍ରୀଯୁକ୍ତ ପ୍ରଫୁଲ୍ଲ ସାମଲ, ମାନ୍ୟବର ବିଧାୟକ, ଭଣ୍ଡାରୀ ପୋଖରୀ
ସମ୍ମାନନୀୟା ଅତିଥି – କସ୍ତୁରୀ ମହାପାତ୍ର, ସଂପାଦକ, ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ
ମୁଖ୍ୟବକ୍ତା – ଡ଼ଃ ସଂଘମିତ୍ରା ମିଶ୍ର, ବିଶିଷ୍ଟ ଶିକ୍ଷାବିତ୍ ଏବଂ ସାହିତ୍ୟିକା
ପ୍ରାରମ୍ଭିକ ବକ୍ତବ୍ୟ – ଡ଼ ବିରାଜ ମୋହନ ଦାସ, ସାଧାରଣ ସମ୍ପାଦକ, ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦ
ଉପସଂହାର ବକ୍ତବ୍ୟ – ଶ୍ରୀଯୁକ୍ତ ଜୀବନ ମହାପାତ୍ର, ସଭାପତି, ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦ

ଇଟିକିଲି ମିଟିକିଲି ଅନୁଷ୍ଠାନ ତରଫରୁ ଶିଶୁ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ବ୍ୟାସକବି ଫକୀର ମୋହନ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0250/2324



ଗୁଣି ସନ୍ଦେହରେ ପାରିବାରିକ ଗଣ୍ଡଗୋଳ

# କାଠଫାଳିଆ ଆକ୍ରମଣରେ ୩ ଆହତ

ବୁଗୁଡ଼ା,୧୪।୧(ସମିସ)

ବୁଗୁଡ଼ା ଥାନା ଅନ୍ତର୍ଗତ ମୋଟାବାଡି ଗାଁରେ ଗୁଣି ସନ୍ଦେହରେ ପାରିବାରିକ ଗଣ୍ଡଗୋଳ ଘଟିଛି। କାଠଫାଳିଆ ଆକ୍ରମଣରେ ତିନି ଜଣ ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିବା ଜଣାଯାଇଛି। ଆହତମାନେ ହେଲେ ରାଧାମୋହନ ବେହେରା, କସ୍ତୁରୀ ବେହେରା ଓ ରସ୍ମିତା ବେହେରା। ପ୍ରକାଶଯୋଗ୍ୟ ଯେ, ରାଧାମୋହନଙ୍କ ବଡ ଭାଇର ଝିଅ ଗର୍ଭବତୀ ଥିବାବେଳେ ତାଙ୍କର ଛୁଆ ନଷ୍ଟ ହୋଇଯାଇଥିଲା। ଏଥିପାଇଁ ରାଧାମୋହନଙ୍କ ଭାଉଜ ରସମଞ୍ଜରୀ ବେହେରା, ପୁତୁରା ସତ୍ୟନାରାୟଣ ଓ ଝିଆରୀ କଇଁ ଗୁଣି ଗାରେଡ଼ି ହୋଇଥିବା ନେଇ ରାଧାମୋହନଙ୍କ ସମେତ ତାଙ୍କର ସ୍ତ୍ରୀ ଓ ବୋହୂକୁ ସନ୍ଦେହ କରିବାରେ ଉଭୟ ପରିବାର ମଧ୍ୟରେ କଥା କଟାକଟି ସହ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ଗଣ୍ଡଗୋଳ ଉଗ୍ର ରୂପ ଧାରଣ କରିବା ପରେ ରାଧାମୋହନଙ୍କ ପରିବାରର ତିନି ଜଣଙ୍କୁ ତାଙ୍କ ବଡଭାଇଙ୍କ ପରିବାରର ତିନି ମିଶି କାଠ ଫାଳିଆରେ ଆକ୍ରମଣ କରିଥିଲେ। ଆକ୍ରମଣରେ ଆହତଙ୍କୁ ସାହି ପଡିଶା ଲୋକେ ଉଦ୍ଧାର କରି ବୁଗୁଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ଏନେଇ ଖବର ପାଇବା ପରେ ପୁଲିସ ଗ୍ରାମରେ ପହଞ୍ଚି ଘଟଣାର ତଦନ୍ତ କରୁଥିବା ଜଣାଯାଇଛି।



# ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

**ପୁରୁଷୋତ୍ତମପୁର,୧୪।୧(ସମିସ):** ସ୍ଥାନୀୟ ତାରାତାରିଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଅଧ୍ୟକ୍ଷ ଡକ୍ଟର ସୀମାଞ୍ଚଳ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବାସୁଦେବ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଓଡ଼ିଆ ବିଭାଗର ମୁଖ୍ୟ ଡଃ. ସୁରେନ୍ଦ୍ର ନାଥ ପଣ୍ଡା, ପ୍ରାଣୀ ବିଜ୍ଞାନ ଅଧ୍ୟାପିକା ନମ୍ରତା ମିଶ୍ର ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସଂଯୋଜିକା ବନିତା ଖଟେଇ ସ୍ୱାଗତ ଅଭିଭାଷଣ ସହ କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷ ଡ. ପଟ୍ଟନାୟକ ନିଜର ସଭାପତିତ୍ୱ ଅଭିଭାଷଣରେ ଆତ୍ମରକ୍ଷା କୌଶଳର ବିଭିନ୍ନ ଦିଗ ଓ ବର୍ତ୍ତମାନ ପରିସ୍ଥିତିରେ ଏହାର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ କ୍ରୀଡ଼ା ଶିକ୍ଷକ ଶିବ ପ୍ରସାଦ ବେହେରା, ଗୃହ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ସନ୍ଧ୍ୟାରାଣୀ ପାତ୍ର, ଚତୁର୍ଥଶ୍ରେଣୀ କର୍ମଚାରୀ ଦିଗାମ୍ବର ପଣ୍ଡାଙ୍କ ସହ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ସୁଜାତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।




# ବିପିଏଲ୍ କ୍ରିକେଟ୍ ପ୍ରିମିୟର ଲିଗ୍ ଉଦ୍‌ଘାଟିତ



**କବିସୂର୍ଯ୍ୟନଗର,୧୪।୧(ସମିସ):** କବିସୂର୍ଯ୍ୟନଗର ବୁଢ଼ାମ୍ବ ଶ୍ରୀରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ସମାଜସେବୀ ତଥା ବୁଢ଼ାମ୍ବ ସରପଞ୍ଚ ପ୍ରତିନିଧି ଯଜ୍ଞପ୍ରସାଦ ପଣ୍ଡାଙ୍କ ତତ୍ତ୍ୱାବଧାନରେ ବିପିଏଲ କ୍ରିକେଟ ପ୍ରିମିୟର ଲିଗ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। କବିସୂର୍ଯ୍ୟନଗର ବ୍ଲକ ଉପାଧ୍ୟକ୍ଷ ବୀରେନ୍ଦ୍ର ଖଟେଇ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଆସିକା ସାଂସଦ ପ୍ରତିନିଧି ସତ୍ୟବାନ ସାହୁ, ସମ୍ମାନିତ ଅତିଥି ଜିଲ୍ଲା ପରିଷଦ ସନ୍ତୋଷ କୁମାର ପାଢ଼ୀ, ଗଙ୍ଗାପୁର ସରପଞ୍ଚ ପ୍ରତିନିଧି କିରଣ ସେଠୀ, ଖଜାପଲ୍ଲୀ ସରପଞ୍ଚ ପ୍ରତିନିଧି ହୃଦାନନ୍ଦ ପ୍ରଧାନ, ରିସିପୁର ସରପଞ୍ଚ ପ୍ରତିନିଧି ଦଣ୍ଡ ବେହେରା, ଶିଆଳିଆ ସରପଞ୍ଚ ପ୍ରତିନିଧି ଭଗବାନ ରାଉତ, ସୁବଳୟା ସରପଞ୍ଚ ରାଜେନ୍ଦ୍ର ପ୍ରଧାନ, ସୁନାପଲ୍ଲୀ ସରପଞ୍ଚ ପ୍ରତିନିଧି ରାଜେଶ ଦାସ, ବଡ଼ମହୁରୀ ସମିତିସଭ୍ୟ ଟି. ବ୍ରଜେନ୍ଦ୍ର ପ୍ରଧାନ, ବରିଡା ସମିତି ପ୍ରତିନିଧି ଧୀରଜ ସାହୁ, ବାଉଁଶିଆ ସମିତି ପ୍ରତିନିଧି ଗୋପୀନାଥ ନାୟକ, ପାଇକ ଯମୁନା ସମିତି ସଭ୍ୟ ଟୁନା ବିଷୋୟୀ ଓ ଆସିକା ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ କଳ୍ପନା ଭୋଳ ଏବଂ ସମସ୍ତ ବୁଢ଼ାମ୍ବ ୱାର୍ଡ ମେମ୍ବର ଉପସ୍ଥିତ ଥିଲେ।

# ଘୋଡ଼ାପଲାଣ ପଞ୍ଚାୟତରେ ବୁଲିଲା ଅର୍ପଣ ରଥ



**ପୋଲସରା,୧୪।୧(ସମିସ):** ପୋଲସରା ବ୍ଲକ ଘୋଡ଼ାପଲାଣ ପଞ୍ଚାୟତ ପକ୍ଷରୁ ୬ ଦିନ ଧରି ପ୍ରତ୍ୟେକ ୱାର୍ଡକୁ ଅର୍ପଣ ରଥ ଗଡ଼ିଛି। ଘୋଡ଼ାପଲାଣ ସରପଞ୍ଚ ଧୀରେନ୍ଦ୍ର ସେଠୀଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଦସ୍ୟା ଝୁନୁ ଦାସ ଯୋଗଦେଇଥିଲେ। ପଞ୍ଚାୟତର ଶହଶହ ମହିଳା ଓ ପୁରୁଷ ଶ୍ରଦ୍ଧାଳୁଙ୍କ ସହିତ କୀର୍ତ୍ତନମଣ୍ଡଳୀ ଘଣ୍ଟଘଣ୍ଟା ମୃଦଙ୍ଗ ବଜାଇ ସାହିକୁ ସାହି ପରିଭ୍ରମଣ କରି ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧ୍ରୁବ ଚରଣ ଦାସ, ସୁଲୋଚନା ଦାସ, ପାବନ ନାୟକ, ସେନାପତି ଦାସ, କାଳୀଚରଣ ବେହେରାଙ୍କ ସମେତ ପିଇଓ କୃଷ୍ଣଚନ୍ଦ୍ର ବରାଡ଼, ଜିଆରଏସ୍ ଜ୍ୟୋତ୍ସ୍ନାମୟୀ ପଣ୍ଡାଙ୍କ ସମସ୍ତ ଅଙ୍ଗନବାଡ଼ି କର୍ମୀ, ସିଆରପି, ଏମବିକେଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ସାମିଲ ହୋଇଥିଲେ।

ନବବିବାହିତା ହତ୍ୟା ଘଟଣା

# ଶାଶୂ ଓ ଶ୍ୱଶୁର କୋର୍ଟଚାଲାଣ

**ରଙ୍ଗେଇଲୁଣ୍ଡା,୧୪।୧(ସମିସ):** ଗୋଳନ୍ଥରା ଥାନା ଅନ୍ତର୍ଗତ ଜୁଗୁଡି ଗ୍ରାମରେ ଗତ ବର୍ଷ ମାର୍ଚ୍ଚ ୧୧ତାରିଖରେ ନବବିବାହିତା ମହିଳାଙ୍କୁ ଶଶୁର ଘର ଲୋକେ ମାଡ଼ ମାରି ହତ୍ୟା କରିବା ଘଟଣାରେ ଫେରାର ଥିବା ଶାଶୂ ଓ ଶ୍ୱଶୁରଙ୍କୁ ରବିବାର ସ୍ଥାନୀୟ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ମାନେ ଜୁଗୁଡ଼ି ଗ୍ରାମର ପ୍ରକାଶ ଗୌଡ଼ (୫୫) ତାଙ୍କ ସ୍ତ୍ରୀ ଝିଆମା ଗୌଡ଼ (୪୮)। ଘଟଣା ପରଠାରୁ ପ୍ରକାଶ ଓ ତାଙ୍କ ସ୍ତ୍ରୀ ଝିଆମା ଫେରାର ରହିଥିଲେ। ଉଭୟ ଗ୍ରାମରେ ଥିବା ଖବର ପାଇ ରବିବାର ଗୋଳନ୍ଥରା ପୁଲିସ ସେଠାରେ ଚଢାଉ କରି ପ୍ରକାଶ ଓ ଝିଆମାଙ୍କୁ କାବୁ କରିଥିଲେ କ୍ଷ ଥାନାରେ ପଚାରା ଉଚରା କରିବା ପରେ ଉଭୟ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି କ୍ଷ ସୂଚନା ମୁତାବକ ଦିଗପହଣ୍ଡି ଥାନା ନରସିଂହପୁର ଗ୍ରାମର ବିଶା ଗୌଡ଼ ଙ୍କ ଝିଅ ସାବିତ୍ରୀ ସହ ଜୁଗୁଡି ଗ୍ରାମର ସଂଗ୍ରାମ ଗୌଡ଼ ଙ୍କୁ ଗତ ୨୦୨୨ ମସିହାରେ ବୈଦିକ ରୀତିରେ ବିବାହ କରିଥିଲା। ସୂଚନା ଅନୁସାରେ ବିବାହ ପରଠାରୁ ଶାଶୁଘର ଲୋକେ ବୋହୂ ସାବିତ୍ରୀଙ୍କୁ ଯୌତୁକ ନିର୍ଯାତନା ଦେବା ସହ ଶାରୀରିକ ମାନସିକ ନିର୍ଯାତନା ଦେଉଥିଲେ। ଗତବର୍ଷ ମାର୍ଚ୍ଚ ୧୧ତାରିଖ ସନ୍ଧ୍ୟା ୫ଟା ବେଳେ ଘରେ ଶାଶୁ ଘର ଲୋକେ ସାବିତ୍ରୀଙ୍କୁ ବାଡ଼େଇ ବାଡ଼େଇ ମାରିବା ସହ ତଣ୍ଟି ଚିପି ମାରିଦେଇଥିବା ନେଇ ଥାନାକୁ କେତେକ ପଡୋଶୀ ଫୋନ ଯୋଗେ ଖବର ଦେଇଥିଲେ। ଖବରପାଇ ଘଟଣା ସ୍ଥଳରେ ଗୋଳନ୍ଥରା ପୁଲିସ ପହଞ୍ଚି ଆମ୍ବୁଲାନ୍ସ ସହାୟତାରେ ଗୁରୁତର ଅବସ୍ଥାରେ ସାବିତ୍ରୀଙ୍କୁ ବ୍ରହ୍ମପୁର ଏମକେସିଜି ହସ୍ପିଟାଲ ପଠାଇଥିଲେ, କିନ୍ତୁ ଡାକ୍ତର ସେଠାରେ ସାବିତ୍ରୀଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ସାବିତ୍ରୀଙ୍କ ବାପା ବିସା ଗୌଡ଼ ଶ୍ୱଶୁର ଘର ଲୋକେ ତାଙ୍କ ଝିଅକୁ ମାରି ଦେଇଥିବା ନେଇ ଥାନାରେ ଏତଲା ଦେଇଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ବ୍ରହ୍ମପୁର ବଡ଼ ମେଡ଼ିକାଲରେ ପହଞ୍ଚି ଶବ ଜବତ କରି ବ୍ୟବଛେଦ ପାଇଁ ପଠାଇଥିଲା। ଏନେଇ ଥାନାରେ ୧୪୮/୨୩ରେ ଏକ ମାମଲା ରୁଜୁ କରିଥିଲା। ଏହି ମାମଲାରେ ପୂର୍ବରୁ ପୁଲିସ ସ୍ୱାମୀ ସଂଗ୍ରାମ ଗୌଡ଼ ତାଙ୍କ ଭାଇ ଶରତ ଗୌଡ଼କୁ ଗିରଫ କରିଥିଲା।

## ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ପାଳିତ

**ରମ୍ଭା,୧୪।୧(ସମିସ):** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଅନୁଷ୍ଠାନର ସଭାପତି ଏମ. ନରସିଂହ ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ସେନାପତି(ମୁଖ୍ୟ ଅତିଥି), ଗୁରୁମା ଶର୍ମିଳା ଗୌଡ଼(ମୁଖ୍ୟବକ୍ତା), ପ୍ରସନ୍ନ କୁମାର ମିଶ୍ର(ସମ୍ପାଦକ), ସମାଜସେବୀ ମହେନ୍ଦ୍ର କୁମାର ସେନାପତି, ପ୍ରଧାନ ଆଚାର୍ଯ୍ୟ ଶ୍ରୀଧର ପ୍ରଧାନ ପ୍ରମୁଖ ମଞ୍ଚାସୀନ ହୋଇ ଛାତ୍ରଛାତ୍ରୀଙ୍କୁ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ନିମନ୍ତେ ଜଣାଇଥିଲେ। ଗୁରୁଜୀ ଶ୍ରୀନିବାସ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଗୁରୁମା ସଂଗୀତା ପରିଡା କୃତଜ୍ଞତା ଜ୍ଞାପନ କରିଥିଲେ। ଗୁରୁଜୀ ରିଣ୍ଟୁ ପ୍ରଧାନ, ସତ୍ୟ ନାରାୟଣ ପ୍ରଧାନ, ରବୀନ୍ଦ୍ର ମହାରଣା, ଗୁଣାକାର ତ୍ରିପାଠୀ, କୈଳାସ ଚନ୍ଦ୍ର ନାୟକ, ବି.ପ୍ରକାଶ ପାତ୍ର, ଗୁରୁମା ରୀନା ମାନସିଂହ, କିରଣମାଳା ସାହୁ, ପ୍ରଭାସିନୀ ତରାଇ, ରଶ୍ମିତା ବେହେରା, ପାର୍ବତୀ ନାହାକ, ମିନାରାଣୀ ପଲାଇ, ପ୍ରସନ୍ନ ବେହେରା, ପ୍ରିୟଙ୍କା ସ୍ୱାଇଁ ଓ ପ୍ରିୟଙ୍କା ପାଣିଗ୍ରାହୀ ତଥା ମାଉସୀମାନେ ସହଯୋଗ କରିଥିଲେ।

## ଆତ୍ମରକ୍ଷା ତାଲିମ ଶିବିର

**କୋଦଳା,୧୪।୧(ସମିସ):** ବେଗୁନିଆପଡ଼ା ବ୍ଲକ ଜନତା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ ଶିବିର ଶୁଭାରମ୍ଭ ହୋଇଯାଇଛି। ଏଥିରେ କଲେଜର ଅଧ୍ୟକ୍ଷ ଅଭିମନ୍ୟୁ ସ୍ୱାଇଁ ସଭାପତିତ୍ୱ କରିଥିବାବେଳେ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ପ୍ରଶିକ୍ଷିକା ଭାବେ ଦିବ୍ୟାନି ସାହୁ ଓ ପୂଜାରାଣୀ ପ୍ରଧାନ ଯୋଗଦେଇ ଥିଲେ। ଏଥିରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀମାନେ ଯୋଗ ଦେଇଥିଲେ।

# ୪୯୫ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ

**ଧରାକୋଟ,୧୪।୧(ସମିସ):** ଧରାକୋଟ ତହସିଲ କାର୍ଯ୍ୟାଳୟ ତରଫରୁ ରବିବାର ରାଜସ୍ୱ ମେଳା ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ଲମ୍ବୋଦର ମାରାଣ୍ଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମେଳାରେ ମୁଖ୍ୟ ଅତିଥି ଭାବେ ଆସିକା ସାଂସଦ ପ୍ରମିଳା ବିଷୋୟୀ, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ବ୍ଲକ ଅଧ୍ୟକ୍ଷା ସୁଲକ୍ଷଣା ଗୀତାଞ୍ଜଳି ଦେବୀ, ଥାନା ଅଧିକାରୀ ଶୁଭଲକ୍ଷ୍ମୀ କହଁର ଏବଂ ଅତିରିକ୍ତ ତହସିଲଦାର ଗଣେଶ ଦଳେଇ ପ୍ରମୁଖ ଯୋଗଦେଇ ମେଳାର ଶୁଭାରମ୍ଭ କରିଥିଲେ। ବାଲ୍ମିକୀଶ୍ୱର ଅନାଥ ଆଶ୍ରମ ଅନ୍ତେବାସୀଙ୍କ ଦ୍ୱାରା ସ୍ୱାଗତ ଓ ଧନ୍ୟବାଦ ସଙ୍ଗୀତ ପରିବେଷଣ କରାଯାଇଥିଲା।



ସୁପରଭାଇଜର୍ ସୁଜ୍ଞାନୀ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଭାଗୀୟ ଅଧିକାରୀ କାଳନ୍ଦି ପାତ୍ର ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ତହସିଲ ଅଧୀନସ୍ଥ ୭ଟି ରାଜସ୍ୱ ସର୍କଲର ୪୯୫ ଜଣ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରାଯାଇଥିଲା। ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ତରରେ ହୋଇଥିବା ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୬ ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

୬ଷ୍ଠ ରାମେଶ୍ୱର ଟ୍ରଫି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ଲିଡ଼୍‌ସ କ୍ରିକେଟ୍ ଏକାଡେମୀ ସେମିଫାଇନାଲକୁ ଉନ୍ନୀତ

**ବ୍ରହ୍ମପୁର,୧୪।୧(ସମିସ):** ସ୍ଥାନୀୟ ବ୍ରହ୍ମପୁର ଷ୍ଟାଡିୟମରେ ରାମେଶ୍ୱର ସ୍ପୋର୍ଟିଙ୍ଗ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ୬ଷ୍ଠ ରାମେଶ୍ୱର ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ରବିବାର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଆସ୍ଥା ହସ୍ପିଟାଲର ମାଲିକ ପ୍ରଭାକର ପାଢ଼ୀ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅକ୍ସଫୋର୍ଡ କ୍ରିକେଟ କ୍ଲବ ଓ ଲିଡସ କ୍ରିକେଟ ଏକାଡେମୀ ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେଇଥିଲା। ଅକ୍ସଫୋର୍ଡ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଙ୍ଗ ପାଇଁ ନିଷ୍ପତ୍ତି ନେଇଥିଲେ। ନିର୍ଦ୍ଧାରିତ ୨୭ଓଭର ଖେଳି ସମସ୍ତ ୱିକେଟ ହରାଇ ଅକ୍ସଫୋର୍ଡ ଦଳ ମୋଟ ୧୫୨ରନ୍ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଶ୍ରୀକାନ୍ତ ପ୍ରଧାନ ୫୩ବଲ ଖେଳି ସର୍ବାଧିକ ବ୍ୟକ୍ତିଗତ ୬୩ରନ୍ କରିଥିଲେ। ଲିଡସ କ୍ରିକେଟ ଏକାଡେମୀ ଦଳ ପକ୍ଷରୁ ସତ୍ୟ ୬ଓଭର ବୋଲିଂ କରି ୨୧ରନ ବିନିମୟରେ ୩ଟି ୱିକେଟ ଓ ସୁବୋଧ ୬ଓଭର ବୋଲିଂ କରି ୪୭ରନ ବିନିମୟରେ ୩ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଲିଡସ କ୍ରିକେଟ ଏକାଡେମୀ ୨୭.୪ଓଭରରେ ଖେଳି ୩ଟି ୱିକେଟ ହରାଇ ଆବଶ୍ୟକ ୧୫୩ରନ କରି ବିଜୟୀ ହୋଇଥିଲେ। ଦଳ ପକ୍ଷରୁ କେ. ଗଣେଷ ପାତ୍ର ୫୦ବଲ ଖେଳି ବ୍ୟକ୍ତିଗତ ସର୍ବାଧିକ ୫୫ରନ ଓ ସୁବୋଧ କୁମାର ଗୌଡ଼ ୪୦ବଲ ଖେଳି ୩୯ରନ ହାସଲ କରିଥିଲେ। ଅକ୍ସଫୋର୍ଡ ଦଳ ପକ୍ଷରୁ ସୁବୋଧ କୁମାର ଗୌଡ଼ ୬ଓଭର ବୋଲିଂ କରି ୪୭ରନ ବିନିମୟରେ ୩ଟି ୱିକେଟ ଓ ସତ୍ୟ ୬ଓଭର ବୋଲିଂ କରି ୨୧ରନ ବିନିମୟରେ ୩ଟି ୱିକେଟ ଅକ୍ତିଆର କରିଥିଲେ। ମ୍ୟାଚକୁ ଲିଡସ କ୍ରିକେଟ ଏକାଡେମୀ ୭ଟିୱିକେଟରେ ଜିତି ନେଇଥିଲା। ରବିବାର ଅନୁଷ୍ଠିତ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ଲିଡସ କ୍ରିକେଟ ଏକାଡେମୀର ସୁବୋଧ କୁମାର ଗୌଡ଼ଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ ଭାବେ ବିବେଚିତ କରାଯାଇଥିଲା। ଦେବବ୍ରତ ଦେଓ ଓ ସରୋଜ କୁମାର ପାଢ଼ୀ ଅମ୍ପାୟର ଭାବେ ଖେଳ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ଏମ. ନବୀନ କୁମାର ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାମେଶ୍ୱର କ୍ଲବ ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ନାୟକ, ପ୍ରଣବ କୁମାର ପଟ୍ଟନାୟକ, ଏନ. ବିଜୟ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ସୋମବାର ଷ୍ଟାର ସ୍ପୋର୍ଟିଙ୍ଗ କ୍ଲବ ଓ ଆସିକା ପାନାସୋନିକ କ୍ରିକେଟ କ୍ଲବ ମଧ୍ୟରେ ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।




# ଜଗନ୍ନାଥ ଅର୍ପଣ ରଥ ପରିକ୍ରମା

**ଦିଗପହଣ୍ଡି,୧୪।୧(ସମିସ):** ଦିଗପହଣ୍ଡିର ବିଭିନ୍ନ ସାହି ବସ୍ତିରେ ରବିବାର ଶ୍ରୀଜଗନ୍ନାଥ ଅର୍ପଣ ରଥ ପରିକ୍ରମା କରିଥିଲା। ଦିଗପହଣ୍ଡି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ପାଢ଼ୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଏନଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା, ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ହରିକୃଷ୍ଣ ପଣ୍ଡା, ସୁବାସ ପାଢ଼ୀ, କାଉନସିଲର ଦୀପକ କୁମାର ମିଶ୍ର, ସୁନୀଲ କୁମାର ପଣ୍ଡା, ନୀଳମାଧବ ଗୌଡ଼, ମାମିନି ବେହେରା, କରିସ୍ମା ନାୟକ, ଜ୍ୟୋସ୍ନା ଜେନା, ପୂର୍ବତନ କାଉନସିଲର ଏମ. ବାଇନାଥ, ରମେଶ ଚନ୍ଦ୍ର ଜେନା, ଇ.ଶଙ୍କର, ରଞ୍ଜିତ ବେହେରା, ଶଙ୍କର ରାଓ, ଏନଏସି କନିଷ୍ଠ ଯନ୍ତ୍ରୀ ଇଂ.ମମତା କୁମାରୀ ପଣ୍ଡା, କର୍ମଚାରୀ ରାଜ କିଶୋର ରଥ, ଶଶି ଭୂଷଣ ଦତ୍ତ, ସତ୍ୟନାରାୟଣ ଦାସ, ହରିକୃଷ୍ଣ ସାହୁ, ବାଳକୃଷ୍ଣ ପାଣିଗ୍ରାହୀ, କାଳୁଚରଣ ପ୍ରଧାନ, ବି.ତୁଷାର କାନ୍ତ, ଧିରଜ ପାତ୍ର, ସନ୍ଧ୍ୟାରାଣୀ ପଟ୍ଟନାୟକଙ୍କ ସମେତ ବହୁ ସଂଖ୍ୟକ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଭଡ଼ା ଟଙ୍କା ନ ଦେବାରୁ ମା'କୁ ଆକ୍ରମଣ କଲା ପୁଅ



**ଆସିକା,୧୪।୧(ସମିସ):** ଭଡ଼ା ଟଙ୍କା ନ ଦେବାରୁ ମା'କୁ ଆକ୍ରମଣ କରିଛି ପୁଅ। ଏଭଳି ଘଟଣା ଦେଖିବାକୁ ମିଳିଛି କୋଟିନଡ଼ା ଥାନା ଅଞ୍ଚଳରେ। ସୂଚନା ଅନୁସାରେ ଜୟପୁର ଗ୍ରାମ ପଞ୍ଚାୟତର ଅନ୍ତର୍ଗତ ପଢାଳ ଗାଁର ୭୫ବର୍ଷୀୟା ବୃଦ୍ଧା ଦେବକୀ ରାଉତକୁ ତାଙ୍କ ସାନ ପୁଅ ପ୍ରମୋଦ ରାଉତ ଭଡ଼ା ଟଙ୍କା ମାଗିଥିଲେ। ପ୍ରମୋଦକୁ ମା' ଟଙ୍କା ଦେଇନଥିଲେ। ଏଥିରେ ପ୍ରମୋଦ ରାଗିଯାଇ ମା' ଦେବକୀଙ୍କୁ ଠେଙ୍ଗାରେ ଆକ୍ରମଣ କରି ଲହୁ ଲୁହାଣ କରି ଦେଇଛନ୍ତି। ପୁଅର ଆକ୍ରମଣରେ ମା'ର ହାତ ଭାଙ୍ଗିଯାଇଛି। ତେବେ ଯନ୍ତ୍ରଣାର ସହ ବୃଦ୍ଧା ଜଣଙ୍କ ନିଜ ବଡ ପୁଅକୁ ମେଡିକାଲ ନେବା ପାଇଁ ଅନୁରୋଧ କରିଥିଲେ।

କିନ୍ତୁ ବଡ ପୁଅ ରଞ୍ଜନ ରାଉତ ମା ଦେବକୀକୁ ମେଡିକାଲ୍ ନେବା ପରିବର୍ତ୍ତେ ବଡ ଝିଅ ଘରେ ଛାଡ଼ି ଦେଇଥିଲେ। ତେବେ ତାଙ୍କର ଝିଅମାନଙ୍କ ସହାୟତାରେ ତାଙ୍କୁ ଆସିକା ସବଡିଭିନାଲ ମେଡିକାଲକୁ ଚିକିତ୍ସା ପାଇଁ ଅଣାଯାଇଥିଲା। ବୃଦ୍ଧାଙ୍କ ବାମ ହାତ ଭାଙ୍ଗି ଯାଇଥିବା ବେଳେ ଅଣ୍ଟାରେ ଆଘାତ ଲାଗିଛି। ଏନେଇ କୋଟି ନଡା ଥାନା ଅଧିକାରୀଙ୍କୁ ପଚାରିବାରୁ ଏ ସମ୍ପର୍କରେ କୌଣସି ମାମଲା ରୁଜୁ ହୋଇ ନଥିବା କହିଛନ୍ତି।

# ପୁଲିସ କରୁଛି ନିଶା ଧରପଗଡ଼; ନୀରବଦ୍ରଷ୍ଟା ସାଜିଛି ଅବକାରୀ ବିଭାଗ

ଭଞ୍ଜନଗର,୧୪।୧(ସମିସ)

ଗଞ୍ଜାମ ଜିଲ୍ଲାର ସୀମାନ୍ତରେ ରହିଛି ଭଞ୍ଜନଗର। ପଡ଼ୋଶୀ କନ୍ଧମାଳ ଜିଲ୍ଲାର ବିଭିନ୍ନ ସ୍ଥାନରୁ ବାରମ୍ବାର ଗଞ୍ଜେଇ ଚୋରାଚାଲାଣ ହେଉଥିବା ବେଳେ ବହୁ ମାଫିଆ ସୁଯୋଗ ଦେଖି ଖସି ଯାଉଥିବା ବେଳେ ଆଉ କେତେକ ପୁଲିସ ହାବୁଡ଼ରେ ପଡ଼ି ଗିରଫ ହେଉଛନ୍ତି। ଅନେକ ସମୟରେ ଅବକାରୀ ଧରପଗଡ ଜରିଆରେ ଚୋରା କାରବାରକୁ ରୋକିବାରେ ପୁଲିସକୁ ମିଳିଛି ସଫଳତା। ତେବେ ଅବକାରୀ ବିଭାଗ ନିକଟରେ ଏନେଇ କୌଣସି ସୂଚନା ନରହିବା ସାଧାରଣରେ ସମସ୍ତଙ୍କୁ ଚକିତ କରିଛି। କନ୍ଧମାଳ ଜିଲ୍ଲାରୁ ଭଞ୍ଜନଗର ଦେଇ ଗଞ୍ଜେଇ ରାଜ୍ୟ ବାହାରକୁ ନିୟମିତ ଚୋରାଚାଲାଣ ହେଉଥିବା ଅନେକନଜିର ଥିବା ବେଳେ ଅବକାରୀ ବିଭାଗ ଚୋରା ଗଞ୍ଜେଇ ଚାଲାଣକାରୀ ବା ମାଫିଆଙ୍କୁ ଧରିବାରେ କେବେବି ସଫଳ ହୋଇନାହିଁ। ଭଞ୍ଜନଗର ଖ୍ରୀଷ୍ଟିଆନ ସାହିରେ ଦୀର୍ଘ ବର୍ଷ ଧରି ଏକ ଭଡାଘରେ ଅବକାରୀ ବିଭାଗର କାର୍ଯ୍ୟାଳୟ ଚାଲିଥିବା ଅବକାରୀ ବିଭାଗ କାର୍ଯ୍ୟାଳୟକୁ ବାଇପାସ ରାସ୍ତା ପାର୍ଶ୍ୱକୁ ନିଜସ୍ୱ କୋଠା ନିର୍ମାଣ କରି ଅବକାରୀ ଥାନା ପ୍ରତିଷ୍ଠା କରାଯାଇଛି। ଅବକାରୀ ଥାନାରେ ଆବଶ୍ୟକ ପରିମାଣର କର୍ମଚାରୀ ଓ ସେମାନଙ୍କୁ ପର୍ଯ୍ୟାପ୍ତ ସୁବିଧା ପ୍ରଦାନ କରାଯାଇଥିଲେ ହେଁ ଭଞ୍ଜନଗର ଓ ଏହାର ଆଖପାଖ ଅଞ୍ଚଳରେ ଜାରି ରହିଥିବା ଚୋରା ଦେଶୀ ମଦ କାରବାରକୁ ପୁଲିସ ପକ୍ଷରୁ ଯେଉଁଭଳି ଭାବେ ଚଢଉ କରାଯାଉଛି ତୁଳନାତ୍ମକ ଭାବେ ଅବକାରୀ ବିଭାଗ ପକ୍ଷରୁ ସେହିପରିମାଣର ଚୁଡ କରାଯାଉନଥିବା ଅଭିଯୋଗ ହୋଇଛି। ଏପରିକି ଭଞ୍ଜନଗରରେ ବିଭିନ୍ନ ସରକାରୀ ସ୍ୱିକୃତିପ୍ରାପ୍ତ ବିଦେଶୀ ମଦ ଦୋକାନଗୁଡିକରେ ନିର୍ଦ୍ଧାରିତ ମୂଲ୍ୟ ଠାରୁ ଯଥେଷ୍ଟ ଅଧିକ ମୂଲ୍ୟ ଗ୍ରାହକଙ୍କ ଠାରୁ ଆଦାୟ କରାଯାଉଥିବା ଅଭିଯୋଗ ହେଉଥିଲେ ହେଁ ଅବକାରୀ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ଗ୍ରାହକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏଥିପାଇଁ ଗ୍ରାହକ ଓ ଦୋକାନୀଙ୍କ ମଧ୍ୟରେ ବିଭିନ୍ନ ସମୟରେ ବଚସା ଓ ଗଣ୍ଡଗୋଳ ହେଉଥିବା ନଜିର ରହିଛି। ଏସବୁ ଘଟଣାରେ ଅବକାରୀ ବିଭାଗ ସମ୍ପୂର୍ଣ୍ଣ ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି। ପୁଲିସ ନିଜର ଅନ୍ୟାନ୍ୟ କାର୍ଯ୍ୟବ୍ୟସ୍ତତା ସତ୍ତ୍ୱେ ଅବକାରୀ ବିଭାଗର କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ଶନିବାର ପୁଲିସ ଭଞ୍ଜନଗର ସୋରାଦେବୀ ମନ୍ଦିର ନିକଟରୁ ୨୨କେଜି ଗଞ୍ଜେଇ ଜବତ କରିବା ସହ ଜଣେ ଅଭିଯୁକ୍ତକୁ ଗିରଫ କରିଥିଲା। ମିଳିଥିବା ତଥ୍ୟ ଅନୁଯାୟୀ ଗତବର୍ଷ ଭଞ୍ଜନଗର ଥାନାରେ ରେକଡର୍ ସଂଖ୍ୟକ ୧୨୧୮ ଟି ଅବକାରୀ ମାମଲା ରୁଜୁ ହୋଇଥିବା ଜଣାପଡିଛି।

# ଦର୍ଶନଗୁରୁ ଗୌରାଙ୍ଗ ଚରଣ ନାୟକ: ଆଞ୍ଜୁଳାଏ ସ୍ମୃତି

ଧୀନରନ୍ତ, ପ୍ରତିପତ୍ତି ଅ-ବିଳାସୀ ଓ ଜ୍ଞାନସିଦ୍ଧି, ବିଦ୍ୱତ୍ତାରେ ଯଶାଭିଳାଷୀ ଗୌରାଙ୍ଗ ଚରଣ ନାୟକଙ୍କର ଜଣେ ଶ୍ରେଷ୍ଠ ଶିକ୍ଷାବିତ୍ ହେବାର ସଂଗୁପ୍ତ ଆକାଂକ୍ଷା ଥିଲା। ୧୯୫୦ ମସିହାରେ କଟକ ପ୍ୟାରୀମୋହନ ଏକାଡେମୀରୁ ମାଟ୍ରିକ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ରେଭେନ୍ସା ମହାବିଦ୍ୟାଳୟରେ ନାମ ଲେଖାଇଲେ ଓ ୧୯୫୪ ମସିହାରେ ସଂସ୍କୃତ (ସମ୍ମାନ) ରେ ଡିଷ୍ଟିଙ୍କସନ ସହିତ ସେ ଉତ୍କଳ ବିଶ୍ୱବିଦ୍ୟାଳୟର ସର୍ବଶ୍ରେଷ୍ଠ ସ୍ନାତକ ଭାବେ ଉତ୍ତୀର୍ଣ୍ଣ ହୋଇ ଉତ୍ତବର୍ଣ୍ଣ ପୁରସ୍କାର ଏବଂ ସଂସ୍କୃତରେ ସର୍ବାଧିକ ନମ୍ବର ରଖିଥିବାରୁ ଜଗନ୍ନାଥ ମିଶ୍ର ସ୍ମାରକୀ ପୁରସ୍କାର ଲାଭ କରିଥିଲେ। ତା'ପରେ ସେ ଦର୍ଶନଶାସ୍ତ୍ରରେ ସ୍ନାତକୋତ୍ତର ଶିକ୍ଷା ପାଇଁ ଓଡ଼ିଶା ସରକାରଙ୍କ ଶିକ୍ଷାବୃତ୍ତି ଲାଭ କରି ପ୍ରାଚ୍ୟର ଅକ୍ସଫୋର୍ଡ ଭାବେ ପରିଚିତ ଆହ୍ଲାବାଦ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଲେ ଓ ସେଠାରେ ସେ ୧୯୫୬ ମସିହାରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରି ନନ୍ଦରାଣୀ ପଦକ ବିଜେତା ହେଲେ।

ଉତ୍ତରପ୍ରଦେଶ ଅଗ୍ରବାଲ ଡିଗ୍ରୀ ମହାବିଦ୍ୟାଳୟରେ ଦର୍ଶନ ଅଧ୍ୟାପକ ଭାବରେ ସେ ଚାକିରି ଆରମ୍ଭ କରିଥଲେ ହେଁ ପରବର୍ତ୍ତୀ ସମୟରେ ରେଭେନ୍ସା ମହାବିଦ୍ୟାଳୟରେ ଅସ୍ଥାୟୀ ଅଧ୍ୟାପକ ଓ ୧୯୫୮ ମସିହା ଜୁଲାଇ ମାସରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଦର୍ଶନ ଅଧ୍ୟାପକ ଭାବେ ନିଯୁକ୍ତି ପାଇଲେ। କମନୱେଲ୍‌ଥ ବୃତ୍ତି ଲାଭ କରି ଅଧ୍ୟାପକ ନାୟକ ୧୯୬୧ ମସିହାରେ ଇଂଲଣ୍ଡ ଯାତ୍ରା କଲେ ଓ ବ୍ରିଷ୍ଟଲ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଷ୍ଟିଫେନ କର୍ନରଙ୍କ ତତ୍ତ୍ୱାବଧାନରେ 'ଅଶୁଭ ସମସ୍ୟା' ('Problem of Evil') ବିଷୟରେ ଗବେଷଣା କରି ପିଏଚ. ଡି. ଡିଗ୍ରୀ ଲାଭ କଲେ। ଇଂଲଣ୍ଡରେ ତାଙ୍କୁ ଅଧ୍ୟାପକ ପଦ ପ୍ରାପ୍ତିର ସୁଯୋଗ ଥିଲେ ମଧ୍ୟ ସେ ୧୯୬୫ ରେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ଫେରି ଆସିଲେ। ୧୯୬୮ ରୁ ୧୯୭୦ ପର୍ଯ୍ୟନ୍ତ ତାଙ୍କ ଛାତ୍ର ହେବାର ସୁଯୋଗ ମତେ ମିଳିଥିଲା। ୧୯୭୯ରେ ସେ ମୁଖ୍ୟ ଅଧ୍ୟାପକ ପଦକୁ ଉନ୍ନୀତ ହୋଇ ୧୯୮୯ ପର୍ଯ୍ୟନ୍ତ ସେହି ଦାୟିତ୍ୱରେ ରହିଲେ। ତାଙ୍କ ସମୟରେ ବିଭାଗର ଅନେକ ଉନ୍ନତି ହୋଇଛି ଓ ଖ୍ୟାତି ବଢିଛି। ୧୯୮୯ ରୁ ୧୯୯୨ ପର୍ଯ୍ୟନ୍ତ ସେ ପୁରୀସ୍ଥିତ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ରହିଲେ। ଅବଧି ଶେଷ ହେବା ପୂର୍ବରୁ ସେ ଇସ୍ତଫା ଦେଇ ଆନ୍ଧ୍ରସ୍ଥିତ ନାଗାର୍ଜୁନ ବିଶ୍ୱବିଦ୍ୟାଳୟରେ ୧୯୯୨ରୁ ୧୯୯୪ ଯାଏ ଭିଜିଟିଙ୍ଗ୍ ପ୍ରଫେସର ଭାବେ ରହିଲେ। ୧୯୯୫ ଫେବୃଆରୀରେ ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଅବସର ଗ୍ରହଣ କରି କାନାଡ଼ାର ସାସ୍କଟଚେବାନ ବିଶ୍ୱବିଦ୍ୟାଳୟରେ ଭିଜିଟିଙ୍ଗ ପ୍ରଫେସର ହେଲେ ଏବଂ ତା' ପରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଭାରତୀୟ ଦାର୍ଶନିକ ଅନୁସନ୍ଧାନ ପରିଷଦର ସିନିଅର ଫେଲୋ ଓ ୨୦୦୧ରେ ସିମଳାସ୍ଥିତ ଭାରତୀୟ ଉନ୍ନତ ଗବେଷଣା ପ୍ରତିଷ୍ଠାନ (IIAS)



ର ଫେଲୋ ଭାବରେ ଗବେଷଣା କାର୍ଯ୍ୟରେ ନିୟୋଜିତ ଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ଚାକିରି କାଳରେ ସେ ଭାରତ ସରକାରଙ୍କ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମରେ ବୁଲ୍‌ଗେରିଆ ଓ ଫୁଲ୍‌ବ୍ରାଇଟ୍ ଫେଲୋ ଭାବରେ ଆମେରିକାର ବିଶ୍ୱବିଦ୍ୟାଳୟମାନଙ୍କରେ ମତ ବିନିମୟ ଓ ଗବେଷଣା କରିଥିଲେ।

ପ୍ରଫେସର ନାୟକ ଭାରତର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଦ୍ୱିଶତାଧିକ ଦାର୍ଶନିକ ସମ୍ମିଳନୀ ଓ ସମ୍ମାନରେ ଯୋଗଦେବା ସହିତ ଅନେକ ସ୍ମାରକୀ ବକ୍ତୃତା ପ୍ରଦାନ କରିଛନ୍ତି। ତାଙ୍କର କୃତି ଓ କୃତିତ୍ୱ ପାଇଁ ସେ ବହୁ ସମ୍ବର୍ଦ୍ଧନା ଓ ପୁରସ୍କାର ଲାଭ କରିଛନ୍ତି। ଭାରତୀୟ ଦର୍ଶନ କଂଗ୍ରେସ, ଅଖିଳ ଭାରତୀୟ ଦର୍ଶନ ପରିଷଦ, ନିଖିଳ ଉତ୍କଳ ଦର୍ଶନ ପରିଷଦର ଅଧିବେଶନମାନଙ୍କରେ ସେ ସଭାପତି ଆସନ ଅଳଙ୍କୃତ କରିଛନ୍ତି। ଜୀବନବ୍ୟାପୀ ସାଧନା ନିମିତ୍ତ ଆଇସିପିଆର ତାଙ୍କୁ ପୁରସ୍କୃତ କରିଛି। ଇଂରାଜୀରେ ତାଙ୍କର ନଅ ଗୋଟି ପୁସ୍ତକ ଓ ଓଡ଼ିଆରେ 'ଭାରତୀୟ ଦର୍ଶନ' ଓ 'ଉପନିଷଦ ଦର୍ଶନ' ସମେତ ସେ ଆଠ ଗୋଟି ପୁସ୍ତକ ପ୍ରକାଶିତ ହୋଇଛି। ତାଙ୍କର କେତେକ ଇଂରାଜୀ ଏବଂ ଓଡ଼ିଆ ପୁସ୍ତକ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ଅନୁମୋଦିତ ହୋଇଛି। ଏକାଧାରରେ ଭାରତୀୟ ଦର୍ଶନ, ବିଶେଷକରି ଶଙ୍କର ବେଦାନ୍ତ, ମାଧ୍ୟମିକ ବୌଦ୍ଧ ଦର୍ଶନ, ଧର୍ମୀୟ ଦର୍ଶନ ତଥା ବିଶ୍ଳେଷଣାତ୍ମକ ଦର୍ଶନରେ ତାଙ୍କର ଗଭୀର ପାଣ୍ଡିତ୍ୟ ଥିଲା। ଏହି ଯଶସ୍ୱୀ ଓ ତପସ୍ୱୀ ସାଧକ ଗତ ୫ ତାରିଖରେ ଇହଧାମ ତ୍ୟାଗ କରିଥିଲେ। ପ୍ରଫେସର ନାୟକଙ୍କ ପରି ଜଣେ ବିଦ୍ୱାନ ସାରା ଭାରତରେ ବିରଳ। ଓଡିଶାର ଯୋଗଜନ୍ମା ଏହି ବିଶିଷ୍ଟ ଅଧ୍ୟାପକ, ପ୍ରଶାସକ, ଗବେଷକ, ପ୍ରାବନ୍ଧିକ, ସ୍ତମ୍ଭକାର ତଥା ଅନେକାନେକ କୃତି ଏବଂ କୀର୍ତ୍ତିସମ୍ପନ୍ନ ବ୍ୟକ୍ତି ଦର୍ଶନ ଓ ସଂସ୍କୃତର ଛାତ୍ର, ଗବେଷକ ଓ ଶିକ୍ଷକଙ୍କ ବୌଦ୍ଧିକ ଆକାଶରେ ଚିରଭାସ୍ୱର ହୋଇ ରହିବେ। ■

**ପ୍ରଫେସର ଗଣେଶ ପ୍ରସାଦ ଦାସ**
**'ରତାୟନୀ', ୩୯୬, ପାଇକନଗର,**
**ଭୁବନେଶ୍ୱର-୩,**

# ବାଲେଶ୍ୱରରୁ ଲଢ଼ିବାକୁ ଅଶ୍ୱିନୀ ଅରାଜି

**ଭୁବନେଶ୍ୱର, ୧୪ ।୧(ସମିସ):** ବାଲେଶ୍ୱର ଲୋକସଭା ଆସନରୁ ସମ୍ଭାବ୍ୟ ପ୍ରତିଦ୍ୱନ୍ଦ୍ୱିତା ନେଇ ଚାଲିଛିବା ଚର୍ଚ୍ଚାରେ ଯବନିକା ଟାଣିଛନ୍ତି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ବାଲେଶ୍ୱରରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ସେ ସ୍ୱଷ୍ଟ ଭାବରେ ବାଲେଶ୍ୱରରୁ ଲୋକସଭା ନିର୍ବାଚନ ଲଢ଼ିବେ ନାହିଁ ବୋଲି ଉଲ୍ଲେଖ କରି 'ନନା' ଅର୍ଥାତ୍ ବର୍ତ୍ତମାନର ସାଂସଦ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ ଅଛନ୍ତି ବୋଲି କହିଛନ୍ତି। ଓଡ଼ିଶାରୁ ରାଜ୍ୟସଭାକୁ ନିର୍ବାଚିତ ଅଶ୍ୱିନୀ ବୈଷ୍ଣବଙ୍କ କାର୍ଯ୍ୟକାଳ ଆସନ୍ତା ଅପ୍ରେଲ ମାସରେ ଶେଷ ହେଉଛି। କେନ୍ଦ୍ରରେ ମନ୍ତ୍ରୀ ପଦରେ ରହିବା ନିମନ୍ତେ ତାଙ୍କୁ ଏହି ଅବଧି ମଧ୍ୟରେ ତାଙ୍କୁ ସଂସଦକୁ ନିର୍ବାଚିତ ହେବାର ଆବଶ୍ୟକତା ରହିଛି। ମାତ୍ର ଏହା ପୂର୍ବରୁ ଲୋକସଭା ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବାକୁ ଥିବାରୁ ଶ୍ରୀ ବୈଷ୍ଣବ ଓଡ଼ିଶାରୁ କୌଣସି ଲୋକସଭା ଆସନରୁ ବିଜେପି ପ୍ରାର୍ଥୀ ହୋଇପାରନ୍ତି ବୋଲି ରାଜନୈତିକ ତଥ୍ୟାଭିଜ୍ଞ ମହଲରେ ଆଲୋଚନା ଚାଲିଛି। ଏହିକ୍ରମରେ ଅଶ୍ୱିନୀ ବାଲେଶ୍ୱର ଓ କଟକ ଲୋକସଭା ଆସନ ମଧ୍ୟରୁ ଗୋଟିଏ ସ୍ଥାନରୁ ପ୍ରତିଦ୍ୱନ୍ଦ୍ୱିତା କରିପାରନ୍ତି ବୋଲି ଦଳୀୟ ମହଲରେ ମଧ୍ୟ ଚର୍ଚ୍ଚା ହେଉଛି। ଏପରିକି ବାଲେଶ୍ୱର ବିଜେପିର ଗୋଟିଏ ଗୋଷ୍ଠୀ ଅଶ୍ୱିନୀ ପ୍ରାର୍ଥୀ ହେବେ ବୋଲି ପ୍ରଚାର ମଧ୍ୟ ଚଳାଇଛନ୍ତି। ଏହିକ୍ରମରେ ଅଶ୍ୱିନୀ ବାଲେଶ୍ୱରରୁ ଲୋକସଭା ନିର୍ବାଚନ ଲଢ଼ିବାକୁ ଅନିଚ୍ଛା ପ୍ରକାଶ କରିବା ଅନେକଙ୍କୁ ସନ୍ଦେହରେ ପକାଇ ଦେଇଛି।

## ଅଟୋରୁ ଖସି ମହିଳା ମୃତ

**ସୁନାବେଡ଼ା,୧୪।୧(ସମିସ):** ରବିବାର ସଂଧ୍ୟାରେ ସେମିଲିଗୁଡା ନୂଆ ହାଟ ନିକଟରେ ଅଟୋରୁ ଖସି ଜଣେ ମହିଳା ମୃତ୍ୟୁ ବରଣ କରିଛନ୍ତି । ମୃତ ମହିଳା ଜଣକ ସୁନାବେଡ଼ା ପୌର ପରିଷଦ ଚିକାପାର ଗ୍ରାମର ଫୁଲମୋତୀ ଖିଲୋ (୪୫) ବୋଲି ଜଣାପଡ଼ିଛି । ଫୁଲମୋତୀ ରବିବାର ସଂଧ୍ୟାରେ ସାପ୍ତାହିକ ହାଟରୁ ଅଟୋରିକ୍ସା ସମ୍ମୁଖ ସିଟରେ ବସି ଫେରୁଥିବା ବେଳେ ଅଚାନକ ଖସି ପଡ଼ିଥିଲେ।

**SALE**
Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.
**Ph.: 9437015112**

## ପେସାରେ ଅଧ୍ୟାପକ; ନିଶା ଠକେଇ

# ପୁଣି ଧରାପଡ଼ିଲା କୁଖ୍ୟାତ ଠକ ମନୋଜ ମାଝି

- ଠିକାଦାରଙ୍କଠାରୁ ସାଢ଼େ ୭ ଲକ୍ଷ ଚଳୁ
- ଭିଜିଲାନ୍ସ ଏସପି ପରିଚୟ ଦେଇ ଠକୁଥିବା ଅଧ୍ୟାପକ ଗିରଫ

**ଭୁବନେଶ୍ୱର, ୧୪ ।୧(ସମିସ):** ପେସାରେ ଅଧ୍ୟାପକ, କିନ୍ତୁ ନିଶା ଠକେଇ। ମନସ୍ତତ୍ତ୍ୱବିଦ୍ ଉପରେ ଅଧ୍ୟାପନା କରିଥିବାରୁ ଲୋକଙ୍କୁ କେମିତି ପ୍ରଭାବିତ କରିହେବ, ସେ କଳା ବେଶ୍ ଭଲ ଭାବେ ମାଲୁମ୍ ଥିଲା। ତେଣୁ ଲୋକଙ୍କୁ ଠକିବା ତା' ପକ୍ଷେ ସହଜ ଥିଲା। ଏମିତି ଜଣେ ଧୂର୍ତ୍ତକୁ ଆଜି ଭୁବନେଶ୍ୱର ସାଇବର୍ ଥାନା ପୁଲିସ ଗିରଫ କରିଛି। ସେ ହେଲା, ପୁରୀ ଜିଲ୍ଲା କୃଷ୍ଣପ୍ରସାଦର ମନୋଜ କୁମାର ମାଝି(୩୪)। ନିଜକୁ ଭିଜିଲାନ୍ସ ଏସ୍‌ପି ପରିଚୟ ଦେଇ ଜଣେ ଠିକାଦାରଙ୍କଠାରୁ ୭ଲକ୍ଷ ଟଙ୍କା ଠକିନେବା ଅଭିଯୋଗରେ ପୁଲିସ ତାକୁ ଗିରଫ କରିଛି। ମନୋଜଠାରୁ ପୁଲିସ ନଗଦ ୨ ଲକ୍ଷ ୬୦ ହଜାର ନଗଦ ଟଙ୍କା, ଗୋଟିଏ ମୋବାଇଲ, ୬ଟି ଏଟିଏମ୍ କାର୍ଡ ଜବତ କରିଛି। ପୂର୍ବରୁ ମଧ୍ୟ ବିଭିନ୍ନ ଘଟଣାରେ ମନୋଜ ଗିରଫ ହୋଇ ଜେଲ୍ ଯାଇଛି। ତେବେ ମନୋଜ ଆଉ କିଛି ଲୋକଙ୍କୁ ମଧ୍ୟ ଠକିଥାଇପାରେ ବୋଲି ପୁଲିସ ସନ୍ଦେହ କରୁଛି। ତେଣୁ ତାକୁ ରିମାଣ୍ଡରେ ଆଣି ପଚରାଉଚରା କରାଯିବ ବୋଲି ଏସିପି ଗୌତମ କିଶାନ୍ ସୂଚନା ଦେଇଛନ୍ତି।

**● ବିଶ୍ୱାସ ବଢ଼ାଇଥିଲା ଟ୍ରୁକଲର ଆପ୍**

ଅଭିଯୁକ୍ତ ମନୋଜ ନିଜକୁ ଭିଜିଲାନ୍ସ ଏସ୍‌ପି ପ୍ରକାଶ ବୋଲି ପରିଚୟ ଦେଇ ଠିକାଦାର ମନୋଜ କୁମାର ଚୌଧୁରୀଙ୍କୁ ଫୋନ୍ କରିଥିଲା। ଭିଜିଲାନ୍ସର ବିଭିନ୍ନ





ସ୍ଥାନରେ କୋଠା କାମ ଆରମ୍ଭ ହେବାକୁ ଥିବାରୁ ସେ ତାଙ୍କୁ ଫୋନ୍ କରିଥିବା କହିଥିଲା। ଏହି କାମ କରିବାକୁ ଇଚ୍ଛୁକ ଅଛନ୍ତି କି ନାହିଁ ପଚାରିଥିଲା। ଏପରିକି ବିଶ୍ୱାସ ଜନ୍ମାଇବା ଲାଗି ଟ୍ରୁକଲର୍ ଆପ୍‌ରେ ନିଜ ନମ୍ବରକୁ ଏସ୍‌ପି ପ୍ରକାଶ ବୋଲି ଦର୍ଶାଇଥିଲା। ଠକର ଚକ୍ରବ୍ୟୂହରେ ଠିକାଦାର ଫସିଯାଇଥିଲେ। ଠିକାଦାର ଶ୍ରୀ ଚୌଧୁରୀଙ୍କଠାରୁ ମନୋଜ ଦୁଇଟି ପର୍ଯ୍ୟାୟରେ ଆଗ୍ରୀମ ୭ ଲକ୍ଷ ୬୦ହଜାର ଟଙ୍କା ନେଇ ଯାଇଥିଲା। କିନ୍ତୁ ଟଙ୍କା ପାଇବା ପରେ ଆଉ ଧରାଛୁଆଁ ଦେଇନଥିଲା। ମୋବାଇଲ ସୁଇଚ୍-ଅଫ୍ କରି ଫେରାର୍ ହୋଇଯାଇଥିଲା। ଏନେଇ ଗତବର୍ଷ ମେ' ୩୧ ତାରିଖରେ ରାୟଗଡ଼ାର ଠିକାଦାର ମନୋଜ ସାଇବର ଥାନାରେ ଅଭିଯୋଗ କରିଥିଲେ। ଆଜି ବିଶେଷସୂତ୍ରରୁ ଖବରପାଇ ପୁରୀର କୃଷ୍ଣପ୍ରସାଦରୁ ମନୋଜକୁ ଗିରଫ କରିଥିଲା ସାଇବର ଥାନା ପୁଲିସ।

**● ୨୦୧୮ ରୁ ଚଳାଇଥିଲା ଠକେଇ ସାମ୍ରାଜ୍ୟ...**

ଅଭିଯୁକ୍ତ ମନୋଜ ମୟୂରଭଞ୍ଜ ଉଦଳା ଝାଡେଶ୍ୱରୀ କଲେଜରେ ମନସ୍ତତ୍ତ୍ୱବିତ୍ ବିଭାଗର ଅଧ୍ୟାପକ। ଅଧ୍ୟାପକ ଥିବା ସମୟରେ ଠକେଇର ଯୋଜନା ରଚିଥିଲେ ମନୋଜ। ପେସା ଶିକ୍ଷାଦାନ ହୋଇଥିବା ବେଳେ ଅଧ୍ୟାପକଙ୍କ କାମ ଥିଲା ଅନ୍ୟଙ୍କୁ ଚୂନ ଲଗାଇ ସେମାନଙ୍କ ପାଖରୁ ଟଙ୍କା ଲୁଟିବା। ମନୋଜ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ କେମିଷ୍ଟ୍ରିରେ ସ୍ନାତକୋତ୍ତର ତା' ପରେ ପିଏଚ୍‌ଡି ହାସଲ କରିଛି। ମନୋଜଙ୍କ କଥାର ଶୈଳୀ ଓ ଆଶ୍ୱାସନାରେ ଲୋକେ ଭାସି ଯାଉଥିଲେ। ଅଭିଯୁକ୍ତ ନାଁରେ ଟଙ୍କା ଠକେଇ ନେଇ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ସହ ୫ଟି ମାମଲା ରହିଛି। ୨୦୧୮ରୁ ଗଞ୍ଜାମ, ପୁରୀ, ମୟୂରଭଞ୍ଜ ଜିଲ୍ଲାରେ ଠକେଇ ସାମ୍ରାଜ୍ୟ ଚଳାଇଥିଲେ। ଏହି ମାମଲାଗୁଡିକରେ ବି ଦୁଇରୁ ୩ଥର ଗିରଫ ହୋଇ ଜେଲ ଯାଇଛି। ନିକଟରେ ଏସ୍‌ଟିଏଫ୍ ମାମଲାରୁ ଜେଲରୁ ମୁକୁଳି ପୁଣି ଠକେଇ ଜାଲ ବିଛାଇ ସଫଳ ହୋଇଛି।

**● ଗତବର୍ଷ ଗିରଫ କରିଥିଲା ଏସ୍‌ଟିଏଫ୍**

ଭିଜିଲାନ୍ସର ଚଢ଼ଉ ଧମକ ଦେଇ ପିଡବ୍ଲ୍ୟୁଡି ବିଭାଗର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଅଜିତ କୁମାର ମହାପାତ୍ରଙ୍କଠାରୁ କୋଟିଏ ଟଙ୍କାର ଲାଞ୍ଚ ମନୋଜ ମାଗିଥିଲା। ଏଥିରେ ସନ୍ଦେହ ହେବାରୁ ମୁଖ୍ୟଯନ୍ତ୍ରୀ ନିଜେ ଭିଜିଲାନ୍ସ ଏସ୍‌ପିଙ୍କୁ ଭେଟି ଏ ବିଷୟରେ ପରାରିଥିଲେ। ପରେ ଫୋନ୍ ନମ୍ବରକୁ ଟ୍ରାକିଂ କରି ମନୋଜକୁ ଗିରଫ କରିଥିଲା ସ୍ପେସାଲ ଟାସ୍କଫୋର୍ସ। ସେଇ ସମୟରେ ଏସ୍‌ଟିଏଫ୍ ଖୋଳତାଡ଼ କରିବା ପରେ ମନୋଜର କଳାକାରନାମା ପଦାକୁ ଆସିଥିଲା। ଆଶାୟୀଙ୍କୁ ଏଏସ୍‌ଓ ଚାକିରି କରାଇ ଦେବାକୁ କହି ୨୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଠକେଇ କରିଥିଲା ମନୋଜ। ଏମିତିକି ଆଉ ଜଣେ ଠିକାଦାର ବିବେକାନନ୍ଦ ପ୍ରଧାନଙ୍କ ଠାରୁ ୬ଲକ୍ଷ ଟଙ୍କା ଆତ୍ମସାତ୍ କରିଥିଲା ଠକେଇରେ ଡକ୍ଟରେଟ୍ କରିଥିବା ମନୋଜ।

## ଅବଶିଷ୍ଟାଂଶ...

### ଆଜିଠୁ ଶ୍ରୀମନ୍ଦିର...

ଶିଳାନ୍ୟାସ ଫଳକର ଦକ୍ଷିଣ ପାର୍ଶ୍ୱରେ ରହିଛି ଏହି ଲୋକାର୍ପଣ ପଥର ଫଳକ।

ଅପରପକ୍ଷେ ସକାଳେ '୫-ଟି' ଓ 'ନବୀନ ଓଡ଼ିଶା ଅଧ୍ୟକ୍ଷ' କାର୍ତ୍ତିକ ପାଣ୍ଡିଆନ ଓ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁରେଶ ଚନ୍ଦ୍ର ଦଳାଇ ପୁରୀ ଆସି ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ଏ ସମ୍ପର୍କରେ ଜିଲ୍ଲାପାଳ ସମର୍ଥ ବର୍ମା କହିଛନ୍ତି, ଲୋକାର୍ପଣ ଉତ୍ସବ ପାଇଁ ସବୁ ପ୍ରସ୍ତୁତି ସରିଛି। ୯୦୦ ଅତିଥିଙ୍କ ବସିବା, ରହିବା ତଥା ପରିକ୍ରମା ପ୍ରକଳ୍ପ ସମ୍ପର୍କରେ ଅବଗତ ହେବା ପାଇଁ ସବୁ ବ୍ୟବସ୍ଥା କରାଯାଇଛି। ଯଜ୍ଞ ପ୍ରକ୍ରିୟା ସୁରୁଖୁରୁରେ ଚାଲିଛି। ଶ୍ରୀମାର୍ଗ, ଶ୍ରୀ ସେତୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଯାଇଛି । ସୋମବାର ଏଥିରେ ଟ୍ରାଏଲ ରନ୍ ହେବ । ୧୭ ତାରିଖ ଲୋକାର୍ପଣ ପରେ ଶ୍ରଦ୍ଧାଳୁ ପରିକ୍ରମା ମାର୍ଗ ବୁଲିପାରିବେ । ସମସ୍ତ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ଜିଲ୍ଲାପାଳ ଶ୍ରୀ ବର୍ମା କହିଛନ୍ତି ।

### ପ୍ରସ୍ତୁତି ତଦାରଖ...

ବୁଲି ସମସ୍ତ କାର୍ଯ୍ୟ ଦେଖିଥିଲେ। ଜେବିପିସିରେ ହୋଇଥିବା ବ୍ୟବସ୍ଥାକୁ ଅନୁଧ୍ୟାନ କରି ଶ୍ରୀସେତୁରେ ଯାଇଥିଲେ। ଶ୍ରୀସେତୁର ଉଭୟ ପାଶ୍ୱର୍ ରାସ୍ତାରେ ହୋଇଥିବା ସାଜସଜ୍ଜା ଦେଖିବା ସହ ନିଜେ ମଧ୍ୟ ଫଟୋ ଉଠାଇଥିଲେ। ସେହିପରି ସ୍ୱତନ୍ତ୍ର ଭାବେ ନିର୍ମିତ ଅସ୍ଥାୟୀ ହେଲିପ୍ୟାଡ୍ ଏବଂ ନୂଆକରି ନିର୍ମାଣ କରାଯାଇଥିବା ସମଙ୍ଗ ପାର୍କିଂସ୍ଥଳ ବୁଲିଥିଲେ। ଯେ ହେତୁ ସମଙ୍ଗ ପାର୍କିଂରେ ବଡ଼ ବଡ଼ ଗାଡି ପାର୍କିଂ ହୋଇ ସେହିଠାରୁ ଭକ୍ତମାନେ ଶ୍ରୀମନ୍ଦିରକୁ ଯିବେ ତେଣୁ ସେଠାକାର ବ୍ୟବସ୍ଥାକୁ ଭଲ ଭାବେ ଅନୁଧ୍ୟାନ କରିଥିଲେ। ଏହି ଅନୁଧ୍ୟାନ ସମୟରେ ସାଥୀରେ କେନ୍ଦ୍ରାଞ୍ଚଳ ଆଇଜି ଆଶିଷ ସିଂ, ଜିଲ୍ଲାପାଳ ସମର୍ଥ ବର୍ମା, ଏସ୍‌ପି ଡ. କନୱର ବିଶାଲ ସିଂ, ଉପଜିଲ୍ଲାପାଳ ଭବତାରଣ ସାହୁଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଏବଂ ନିର୍ମାଣକାରୀ ସଂସ୍ଥାର ଅଧିକାରୀ ଉପସ୍ଥିତ ରହି '୫-ଟି' ଅଧ୍ୟକ୍ଷଙ୍କୁ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ସମ୍ପର୍କରେ ବୁଝାଇଥିଲେ । ଏହି ଅବସରରେ ବରିଷ୍ଠ ସେବାୟତ ଦାମୋଦର ମହାସୁଆର '୫-ଟି' ଅଧ୍ୟକ୍ଷଙ୍କୁ ଭେଟି ପଦ୍ମକଢିରେ ପ୍ରସ୍ତୁତ ମାଳ ପ୍ରଦାନ କରିବା ସହ ଶ୍ରୀମନ୍ଦିରର ବିକାଶ ପାଇଁ କରାଯାଇଥିବା କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ ।

### 'ଗଜ ସାଥୀ' ଢାଞ୍ଚାରେ...

ମହାନଦୀ କୂଳରେ ଥିବା ଗ୍ରାମର କିଛି ସ୍ୱେଚ୍ଛାସେବୀ ଓ ମତ୍ସ୍ୟଜୀବୀଙ୍କୁ 'କୁମ୍ଭୀର ବନ୍ଧୁ' ଭାବରେ ବ୍ୟବହାର କରାଯିବ। ଏମାନେ ଘଡ଼ିଆଳଙ୍କ ସୁରକ୍ଷିତ ବିଚରଣ ଓ ଜାଲରେ ଘଡ଼ିଆଳ କୁମ୍ଭୀର ପଡ଼ିଲେ ସେମାନଙ୍କୁ ଉଦ୍ଧାର କରି ନଦୀରେ ପୁନର୍ବାର ଛାଡ଼ିବା ଲାଗି କାମ କରିବେ। ଦେଶରେ ବର୍ତ୍ତମାନ ଘଡ଼ିଆଳଙ୍କ ସଂଖ୍ୟା ବହୁ କମ୍ ରହିଯାଇଥିବା ବେଳେ ଓଡ଼ିଶାରେ ହାତଗଣତି ଘଡ଼ିଆଳ କୁମ୍ଭୀର ଦେଖାଯାଉଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଓଡ଼ିଶା ପରି ଅନ୍ୟ ରାଜ୍ୟରେ ୩ ପ୍ରକାର କୁମ୍ଭୀର ଦେଖାଯାଆନ୍ତି ନାହିଁ। ରାଜ୍ୟରେ ଘଡ଼ିଆଳ କୁମ୍ଭୀରଙ୍କ ବଂଶ ବିସ୍ତାର ପାଇଁ ମହାନଦୀରେ ଘଡ଼ିଆଳ ସଂରକ୍ଷଣ ନେଇ ପଦକ୍ଷେପ ନିଆଯାଇଥିଲା। ମହାନଦୀରେ ଘଡ଼ିଆଳଙ୍କ ସଂଖ୍ୟା ଦୃତ ଗତିରେ ହ୍ରାସ ହେବା ପରେ ପ୍ରାଥମିକ ପର୍ଯ୍ୟାୟରେ ୨୦୧୯ରେ ପାଖାପାଖି ୨୦ ଟି ଘଡ଼ିଆଳଙ୍କୁ ଟିକରପଡ଼ାଠାରେ ଛଡ଼ାଯାଇଥିଲା। ନନ୍ଦନକାନନ କର୍ତ୍ତୃପକ୍ଷ ଓ ସାତକୋଶିଆ ବନ୍ୟପ୍ରାଣୀ ଡିଭିଜନର ମିଳିତ ଆନୁକଲ୍ୟରେ ଏହି ପଦକ୍ଷେପ ହାତକୁ ନିଆଯାଇଥିଲା। ୨୦୨୧ ମସିହାରେ ପ୍ରଥମ ଥର ପାଇଁ ସାତକୋଶିଆ ଗଣ୍ଡରେ ୨୮ ଟି ଘଡ଼ିଆଳ ଛୁଆ ଦେଖାଯାଇଥିଲେ। ପରେ ୨୦୨୨ରେ ୩୦ ଓ ୨୦୨୩ରେ ୩୫ ଟି ଛୁଆ ଦେଖାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଏହି ପ୍ରକ୍ରିୟା ସହ କୁମ୍ଭୀର ବନ୍ଧୁଙ୍କୁ ଯୋଡ଼ି ପଦକ୍ଷେପକୁ ସଫଳ କରିବା ପାଇଁ ବିଭାଗ ଲକ୍ଷ୍ୟ ରଖିଛି।

ଏ ସମ୍ପର୍କରେ ଆର୍‌ସିସିଏଫ୍ ଡ. ସଞ୍ଜିତ କୁମାର କହିଛନ୍ତି ଯେ ଘଡ଼ିଆଳ କୁମ୍ଭୀର କେବଳ ମାଛ ଖାଇ ବଞ୍ଚିଥାଆନ୍ତି। ପ୍ରାକୃତିକ ପରିବେଶର ସ୍ଥିର ସନ୍ତୁଳନ ପାଇଁ ଘଡ଼ିଆଳଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଘଡ଼ିଆଳ କୁମ୍ଭୀର ଦେଖାଯାଉଥିବା ନଦୀରେ ମାଛ ବଂଶରେ ସ୍ଥିରତା ରହିବା ସହ ଏହା ସ୍ଥାନୀୟ ଲୋକଙ୍କ ମଧ୍ୟ ସହାୟତା କରିଥାଏ। ତେଣୁ ଓଡ଼ିଶା ଘଡ଼ିଆଳଙ୍କ ସଂରକ୍ଷଣକୁ ଗୁରୁତ୍ୱ ଦେଉଛି। ରାଜ୍ୟର ବିଶେଷ କରି ମହାନଦୀ ବେଲ୍ଟରେ ବର୍ତ୍ତମାନ ୧୦-୧୫ ଟି ମଧ୍ୟରେ ଘଡ଼ିଆଳ କୁମ୍ଭୀର ରହିଛନ୍ତି। ସଂରକ୍ଷଣ ଦ୍ୱାରା ଏମାନଙ୍କ ସଂଖ୍ୟା ଦୃତ ଗତିରେ ବୃଦ୍ଧି କରିବା ପାଇଁ ବିଭାଗ ଯୋଜନା କରିଛି।

### ଆଜିଠୁ ବିଶ୍ୱପ୍ରସିଦ୍ଧ...

ସଜ୍ଜିତ କରାଯାଇଛି। ସୋମବାର ଅପରାହ୍ନ ୨ଟାରେ ଏକ ସାଂସ୍କୃତିକ ଶୋଭାଯାତ୍ରା ସହର ପରିକ୍ରମା କରି ବରଗଡ଼ର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଇଙ୍କ ପୀଠରେ ପହଞ୍ଚିବ। ପ୍ରଚାର ପ୍ରସାର କମିଟି ତରଫରୁ ଆୟୋଜିତ ଏହି ଶୋଭାଯାତ୍ରାରେ ଜିଲ୍ଲା ତଥା ଜିଲ୍ଲା ବାହାରରୁ ପ୍ରାୟ ୨୦ଟି ସାଂସ୍କୃତିକ ଦଳ ଭାଗ ନେବେ। ହାଟପଦାସ୍ଥିତ ରାଜଦରବାରକୁ ପହଞ୍ଚିବା ପରେ ଆନୁଷ୍ଠାନିକ ଭାବରେ ବରଗଡ଼ ଧନୁଯାତ୍ରା ଉଦ୍‌ଘାଟିତ ହେବ।

ବରଗଡ଼ ସହର ସାତ କିଲୋମିଟର ପରିଧି ମଧ୍ୟରେ ଭିନ୍ନ ଭିନ୍ନ ୧୪ଟି ମୁକ୍ତାକାଶ ମଞ୍ଚରେ ଅଭିନୀତ ହେଉଥିବା ବେଳେ ହାଟପଦାଠାରେ ମହାରାଜା କଂସଙ୍କ ସୁଉଚ୍ଚ ରାଜଦରବାର କାର୍ଯ୍ୟ ଶେଷ ହୋଇଯାଇଛି। ଲୋକ ମଣ୍ଡପ ପଡ଼ିଆଠାରେ ଚାଲିଥିବା ମହାରାଜା କଂସଙ୍କ ରଙ୍ଗମହଲ ଏବଂ ଗୋପପୁରରେ ନନ୍ଦ ଦରବାର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବିଭିନ୍ନ ଦିନରେ ରାଜଦରବାର, ରଙ୍ଗମହଲ ତଥା ନନ୍ଦ ଦରବାରରେ ୧୫୦ଟିରୁ ଉର୍ଦ୍ଧ୍ୱ କଳାକାର ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ଏଥିରେ ସାମିଲ ହେବା ପାଇଁ ବିଦେଶର ସ୍ୱତନ୍ତ୍ର ସାଂସ୍କୃତିକ ଦଳଗୁଡ଼ିକୁ ମଧ୍ୟ ନିମନ୍ତ୍ରଣ କରାଯାଇଛି। ପ୍ରକାଶ ଥାଉ କି, ଚଳିତବର୍ଷ କଂସ ଭୂମିକା ପାଇଁ ଧନୁଯାତ୍ରା ନାଟକରେ ହୃଷୀକେଶ ଭୋଇ ତାଙ୍କ ୧୧ତମ ଅଭିନୟ କରିବେ। ଯାତ୍ରାପାଇଁ ପର୍ଯ୍ୟଟକଙ୍କୁ ସ୍ୱାଗତ କରିବା ପାଇଁ ସହର ବିଭିନ୍ନ ସ୍ଥାନରେ ତୋରଣ ଲଗାଯାଇଛି। ଜର୍ଜ ହାଇସ୍କୁଲ ପଡ଼ିଆ ଏବଂ ଜୀରା ନଦୀ କୂଳରେ ମୀନାବଜାର, ଓରମାସ, ପଲ୍ଲିଶ୍ରୀ ମେଳା, ବାଣିଜ୍ୟ ମେଳା ତଥା ବିଭିନ୍ନ ଅସ୍ଥାୟୀ ଦୋକାନ ବଜାର କାର୍ଯ୍ୟ ଜୋରସୋରରେ ନିର୍ମାଣ ଚାଲିଛି। ଲକ୍ଷାଧିକ ଦର୍ଶକଙ୍କ ସମାଗମକୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି।

### ତନ୍ତ୍ରସାଧନା ପାଇଁ...

ଠାବ କରିପାରିନଥିବା ବେଳେ ବିଶେଷଜ୍ଞ ଦଳ ଘଟଣାସ୍ଥଳରେ ପଡ଼ିଥିବା କିଛି ମାଂସ ଟୁକୁଡା ଓ ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷା ନିମନ୍ତେ ପଠାଇଛନ୍ତି। ଜବତ ନମୁନା ଉକ୍ତ ଶିଶୁର କଟାମୁଣ୍ଡରୁ ଖସି ପଡ଼ିଥିବା ଅନୁମାନ କରାଯାଉଛି। ତେବେ ଏହି ଘଟଣାକୁ ନେଇ ସାଧାରଣରେ ନାନା ଆଲୋଚନା ହେଉଛି। ଗୁଣିଗାରେଡ଼ି କିମ୍ବା ଶିଶୁଟିକୁ ବଳି ଦିଆଯାଇଥିବା ସନ୍ଦେହ କରାଯାଉଛି। ଅପରପକ୍ଷେ କଟାମୁଣ୍ଡ ମିଳିନଥିବାରୁ କଟାମୁଣ୍ଡଟି କାହାର, ସେ ସଂପର୍କରେ ଏଯାବତ୍ କିଛି ଜଣାପଡ଼ିନାହିଁ। ଶିଶୁଟିର ପରିଚୟ ଖୋଜିବା ପୁଲିସ ପାଇଁ ମୁଖ୍ୟ ଆହ୍ୱାନ ପାଲଟିଛି। ତେଣୁ ଗତ କିଛି ଦିନ ମଧ୍ୟରେ ଆଖପାଖରେ ନିଖୋଜ ହୋଇଥିବା ଶିଶୁଙ୍କ ସଂପର୍କରେ ପୁଲିସ ଖୋଳତାଡ଼ ଚଳାଇଛି। ଅପରପକ୍ଷେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି।

ସୂଚନାନୁଯାୟୀ, ଗତକାଲି ସନ୍ଧ୍ୟା ପ୍ରାୟ ୫ଟାରେ ସ୍ଥାନୀୟ ଗ୍ରାମର ଜଣେ ଯୁବକ ଟ୍ୟୁସନ୍ ସାରି ଫେରିବା ସମୟରେ ଗ୍ରାମର ବ୍ରଜବନ୍ଧୁ ପତ୍ରୀଙ୍କ ପରିତ୍ୟକ୍ତ ବାଡ଼ିରେ ଏକ ଶିଶୁର କଟାମୁଣ୍ଡ ପଡ଼ିଥିବା ଦେଖିବାକୁ ପାଇଥିଲା। ଏ ସଂପର୍କରେ ସେ ଗ୍ରାମବାସୀଙ୍କୁ ଜଣାଇବା ସହ ଉକ୍ତ କଟାମୁଣ୍ଡର ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ କରିଥିଲେ। ଏହାସହ ସ୍ଥାନୀୟ ଯାଜପୁରରୋଡ୍ ଥାନାକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ କଟାମୁଣ୍ଡଟି ସେହି ସ୍ଥାନରେ ନ ଥିବା ଦେଖିଥିଲା। ଉକ୍ତ କଟାମୁଣ୍ଡକୁ କୁକୁର ନେଇଯିବାର ଆଉ ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଭାଇରାଲ ଭିଡିଓରେ କଟାମୁଣ୍ଡର ସ୍ଥିତି ଦେଖି ଏହା କୌଣସି ବ୍ୟକ୍ତି ତନ୍ତ୍ରସାଧନ କରିବା ପରେ ଫୋପାଡ଼ି ଦେଇଥିବା ଅନୁମାନ କରାଯାଉଛି। ଏ ଦିଗରେ ତଦନ୍ତ ଚାଲିଛି, ଖୁବ୍‌ଶୀଘ୍ର ଘଟଣା ଉପରୁ ପରଦା ହଟିବ ବୋଲି ପୁଲିସ୍ କହିଛି।

O-2180

GOVT. OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION-I, KEONJHAR
Tel. 06766-258094(O)
Mail: eerwl_kjr@yahoo.com
********
"e" Procurement Notice for Building Works
Identification No Online NCB - 16/2023-24.

1. Name of the Work : 04 Nos. Building Work
2. Total Number of Work : 04 No.
3. Estimated Cost : Rs. 2.54 Lakhs to Rs. 25.83 Lakhs
4. Class of Contractor : D,C & B Class
5. Period of Completion : As per annexure of e-Procurement Notice No.16/2023-24.
6. Other Details :

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o S.E., R.W. Division-I, Keonjhar. |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division-I, Keonjhar | Building Online NCB No. 16 | Dt.19.01.2024 at 11.00 A.M. | Dt.30.01.2024 up to 5.00 P.M. | Dt.29.01.2024 up to 5.00 P.M. | Dt.31.01.2024 at 11.00 A.M. |

Further details can be seen from the Website www.tenderorissa.gov.in

Sd/-
Superintending Engineer
R.W.Division-I, Keonjhar

OIPR-25110/11/0030/2324

ରେଳ ମନ୍ତ୍ରାଳୟ
(ଦକ୍ଷିଣ-ପୂର୍ବ ରେଳପଥ)
(ନିର୍ମାଣ ସଂସ୍ଥା)
ବିଜ୍ଞପ୍ତି
କୋଲକାତା, ୨୧ ଡିସେମ୍ବର ୨୦୨୩

ଏସଓ.୫୪୧୦ (ଇ)- ରେଳପଥ (ସଂଶୋଧନ) ଅଧିନିୟମ ୨୦୦୮ (ଏହା ପରଠାରୁ କଥିତ ଅଧିନିୟମ ରୂପେ ଦର୍ଶାଯାଇଛି)ର ଧାରା ୨୦ (ଏ)ର ଉପଧାରା (୧)ର କ୍ଷମତା ପ୍ରୟୋଗ ଅନୁସାରେ କେନ୍ଦ୍ର ସରକାର ଜନସାଧାରଣଙ୍କ ଉଦ୍ଦେଶ୍ୟରେ ସନ୍ତୋଷତା ପ୍ରକାଶ କରିଲାପରେ, ଉକ୍ତ ଜମି, ଯାହାର ସଂକ୍ଷିପ୍ତ ବିବରଣୀକୁ ନିମ୍ନ ବର୍ଣ୍ଣିତ ସୂଚୀରେ ପ୍ରଦାନ କରାଯାଇଛି । ଏଥିରେ ସତନ୍ତ୍ର ରେଳ ପ୍ରକଳ୍ପ ନିର୍ବାହ, ରକ୍ଷଣାବେକ୍ଷଣ, ପରିଚାଳନା ଓ କାର୍ଯ୍ୟକାରିତା ପାଇଁ ଆବଶ୍ୟକ କରୁଛନ୍ତି ଯାହା "ବଣ୍ଡାମୁଣ୍ଡା (ଡୁମେର୍ତା)- ରାଞ୍ଚି (ହଟିଆ) ଦୋହରୀକରଣ (୧୫୮.୫୦କିମି)" ଓ "ବିଶ୍ରା ଷ୍ଟେସନ ସହ ଡୁମେର୍ତା ଲିଙ୍କ ସି ସଂଯୋଗ ଦୋହରୀକରଣ (୨.୩ କିମି)" ଓଡ଼ିଶାର ସୁନ୍ଦରଗଡ ଜିଲ୍ଲାରେ ନିର୍ବାହ ପାଇଁ ଏପ୍ରକାର ଜମି ଅଧିଗ୍ରହଣ ନିମନ୍ତେ ନିଜର ଇଚ୍ଛା ପ୍ରକାଶ କରୁଛନ୍ତି ।

କଥିତ ଜମି ଉପରେ ଆଗ୍ରହ ରଖୁଥିବା ବ୍ୟକ୍ତି କଥିତ ଉଦ୍ଦେଶ୍ୟ ପାଇଁ ସେ ପ୍ରକାର ଜମିର ଉପଯୋଗିତା ଓ ଅଧିଗ୍ରହଣ ଉପରେ ବିଭାଗୀୟ ରାଜପତ୍ରରେ ବିଜ୍ଞପ୍ତି ପ୍ରକାଶନ ତାରିଖ ଠାରୁ ୩୦ (ତିରିଶ) ଦିନ ଅବଧି ମଧ୍ୟରେ ପ୍ରତିବାଦକୁ କଥିତ ଅଧିନିୟମର ଧାରା ୨୦(ଡି)ର ଉପଧାରା (୧) ଅଧିନରେ ଜଣାଇପାରିବେ ।

ଏ ପ୍ରକାର ପ୍ରତ୍ୟେକ ପ୍ରତିବାଦକୁ ପ୍ରାଧିକୃତ କର୍ତ୍ତୃପକ୍ଷ ଯଥା ଭୂ-ଅର୍ଜନ ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସୁନ୍ଦରଗଡ (ଭୂ-ଅର୍ଜନ ଉପବିଭାଗ) ଜିଲ୍ଲା- ସୁନ୍ଦରଗଡ, ଓଡ଼ିଶା ପିନ୍‌କୋଡ-୭୭୦୦୦୧କୁ ଲିଖିତ ଆକାରରେ ତାଙ୍କ ପ୍ରତିବାଦର ପୃଷ୍ଠଭୂମି ଉଲ୍ଲେଖ କରି ପଠାଇବେ ଏବଂ ପ୍ରାଧିକୃତ କର୍ତ୍ତୃପକ୍ଷ ଏହି ପ୍ରତିବାଦକାରୀଙ୍କ ପାଇଁ ବ୍ୟକ୍ତିଗତ ଭାବେ କିମ୍ବା ଆଇନଗତ ପ୍ରାକ୍ଟିସନରଙ୍କ ଉପସ୍ଥିତିରେ ଶୁଣାଣୀ କରିବେ ଏବଂ ଏହି ଶୁଣାଣୀ ପରେ ସମସ୍ତ ପ୍ରତିବାଦ ଏବଂ ପ୍ରାଧିକୃତ କର୍ତ୍ତୃପକ୍ଷଙ୍କ ବିବେଚନା ଅନୁସାରେ ସେ ପ୍ରକାର ପରବର୍ତ୍ତି ଅନୁସନ୍ଧାନ ଯଦି ଥାଏ ତାହା ସରିଲାପରେ ତାଙ୍କର ଆଦେଶ ଅନୁସାରେ ଉକ୍ତ ପ୍ରତିବାଦକୁ କିମ୍ବା ପ୍ରତ୍ୟାଖ୍ୟାନ କରିପାରିବେ ।

କଥିତ ଅଧିନିୟମର ଧାରା ୨୦ (ଡି) ର ଉପଧାରା (୨) ଅଧିନରେ ପ୍ରାଧିକୃତ କର୍ତ୍ତୃପକ୍ଷ ଦ୍ୱାରା କରାଯାଇଥିବା ଯେକୌଣସି ଆଦେଶକୁ ଚୂଡାନ୍ତ ବୋଲି ବିବେଚନା କରାଯିବ ।

ଏହି ବିଜ୍ଞପ୍ତି ଅଧିନରେ ଆସୁଥିବା ଜମିର ଯୋଜନା ଏବଂ ଅନ୍ୟାନ୍ୟ ବିବରଣୀ ଉପଲବ୍ଧ ଅଟେ ଏବଂ ଇଚ୍ଛୁକ ବ୍ୟକ୍ତିଙ୍କ ଦ୍ୱାରା ପ୍ରାଧିକୃତ କର୍ତ୍ତୃପକ୍ଷଙ୍କ ଉପରୋକ୍ତ କାର୍ଯ୍ୟାଳୟରେ ଏହା ଅନୁସନ୍ଧାନ କରାଯାଇପାରିବ ।

ସୂଚୀ

କ) ଓଡ଼ିଶା ରାଜ୍ୟର ସୁନ୍ଦରଗଡ ଜିଲ୍ଲାରେ "ସତନ୍ତ୍ର ରେଳ ପ୍ରକଳ୍ପ ଭାବରେ "ବଣ୍ଡାମୁଣ୍ଡା (ଡୁମେର୍ତା)- ରାଞ୍ଚି (ହଟିଆ) ଦୋହରୀକରଣ (୧୫୮.୫୦ କିମି)" ସହ ସମ୍ବନ୍ଧିତ ଡୁମେର୍ତା-ଓର୍ଗା ଉପବିଭାଗ ପାଇଁ ନିର୍ମାଣ ସହ କିମ୍ବା ବିନା ନିର୍ମାଣରେ ଅଧିଗ୍ରହିତ ହେବାକୁ ଥିବା ଜମିର ସଂକ୍ଷିପ୍ତ ବିବରଣୀ ।
ଜିଲ୍ଲାର ନାମ- ସୁନ୍ଦରଗଡ, ତହସିଲର ନାମ: ବିଶ୍ରା, ଥାନା – ବିଶ୍ରା, ଗ୍ରାମର ନାମ: ଜପାଟମୁଣ୍ଡା

| କ୍ର.ସଂ. | ଖାତା ସଂଖ୍ୟା | ପ୍ଲଟ୍ ସଂଖ୍ୟା | କିସମ | ମୋଟ ରକବା (ଏକରରେ) | ଅର୍ଜିତ ରକବା (ଏକରରେ) |
|---|---|---|---|---|---|
| ୧ | ୩ | ୬୫୨ | ଗୋଡା ଦୁଇ | ୦.୦୫ | ୦.୦୩ |
| ୨ | ୧୩ | ୬୫୩ | ଗୋଡା ଦୁଇ | ୦.୩୪ | ୦.୦୭ |
| ୩ | ୧୯ | ୬୫୫ | ଗୋଡା ଦୁଇ | ୦.୧୯ | ୦.୧୬ |
| | | ୬୫୬ | ଗୋଡା ଦୁଇ | ୦.୩୩ | ୦.୧୬ |
| ୪ | ୩୦ | ୬୫୮ | ଗୋଡା ଦୁଇ | ୨.୧୮ | ୦.୦୫ |
| | | ୬୬୫ | ଗୋଡା ଦୁଇ | ୨.୩୫ | ୦.୦୪ |
| ୫ | ୭୬ | ୬୬୩ | ଗୋଡା ଦୁଇ | ୦.୦୬ | ୦.୦୬ |
| | | ୬୬୪ | ଗୋଡା ଦୁଇ | ୦.୧୭ | ୦.୧୪ |
| ମୋଟ ରକବା | | | | | ୦.୭୧ |

ଜିଲ୍ଲାର ନାମ- ସୁନ୍ଦରଗଡ, ତହସିଲର ନାମ: ବିଶ୍ରା, ଥାନା - ବିଶ୍ରା, ଗ୍ରାମର ନାମ: ବାରାବାସ

| କ୍ର.ସଂ. | ଖାତା ସଂଖ୍ୟା | ପ୍ଲଟ୍ ସଂଖ୍ୟା | କିସମ | ମୋଟ ରକବା (ଏକରରେ) | ଅର୍ଜିତ ରକବା (ଏକରରେ) |
|---|---|---|---|---|---|
| ୧ | ୧୨ | ୧୮୧ | ଘରବାରି | ୦.୨୭ | ୦.୧୬ |
| | | ୧୮୨ | ଗୋଡା ଏକ | ୦.୫୪ | ୦.୦୩ |
| ମୋଟ ରକବା | | | | | ୦.୧୯ |

ଖ) ଓଡ଼ିଶା ରାଜ୍ୟର ସୁନ୍ଦରଗଡ ଜିଲ୍ଲାରେ "ସତନ୍ତ୍ର ରେଳ ପ୍ରକଳ୍ପ ଭାବରେ "ବିଶ୍ରା ଷ୍ଟେସନ ସହ ଡୁମେର୍ତା ଲିଙ୍କ ସି ସଂଯୋଗ ଦୋହରୀକରଣ (୨.୩ କିମି)"ପାଇଁ ନିର୍ମାଣ ସହ କିମ୍ବା ବିନା ନିର୍ମାଣରେ ଅଧିଗ୍ରହିତ ହେବାକୁ ଥିବା ଜମିର ସଂକ୍ଷିପ୍ତ ବିବରଣୀ ।
ଜିଲ୍ଲାର ନାମ- ସୁନ୍ଦରଗଡ, ତହସିଲର ନାମ: ବିଶ୍ରା, ଥାନା - ବିଶ୍ରା, ଗ୍ରାମର ନାମ: ଗୁଡଗୁଡଯୋର

| କ୍ର.ସଂ. | ଖାତା ସଂଖ୍ୟା | ପ୍ଲଟ୍ ସଂଖ୍ୟା | କିସମ | ମୋଟ ରକବା (ଏକରରେ) | ଅର୍ଜିତ ରକବା (ଏକରରେ) |
|---|---|---|---|---|---|
| ୧ | ୧୩ | ୧୪୨ | ଗୋଡା ଦୁଇ | ୦.୦୬ | ୦.୦୧ |
| ୨ | ୭୭/୫୩୩ | ୧୪୨/୧୩୭୮ | ଗୋଡା ଦୁଇ | ୦.୦୫ | ୦.୦୫ |
| ୩ | ୭୭/୬୩୩ | ୧୪୨/୧୪୫୬ | ଗୋଡା ଦୁଇ | ୦.୫୦ | ୦.୫୦ |
| ୪ | ୭୭ | ୧୪୧ | ଗୋଡା ଦୁଇ | ୦.୦୧ | ୦.୦୧ |
| ୫ | ୭୭/୧୧୮୬ | ୧୪୧/୧୮୪୦ | ଗୋଡା ଦୁଇ | ୦.୦୩ | ୦.୦୨ |
| ୬ | ୧୬ | ୫୭ | ଗୋଡା ଦୁଇ | ୦.୧୪୩ | ୦.୧୦ |
| ୭ | ୭୭/୫୮୦ | ୫୭/୧୪୧୬ | ଗୋଡା ଦୁଇ | ୦.୭୩୨ | ୦.୬୦ |
| | | ୧୪୩ | ଗୋଡା ଦୁଇ | ୦.୦୯ | ୦.୦୯ |
| | | ୫୮ | ଗୋଡା ଦୁଇ | ୦.୪୪୫ | ୦.୧୬ |
| ୮ | ୭୭/୫୨ | ୧୪୩/୯୩୦ | ଗୋଡା ଦୁଇ | ୦.୦୪ | ୦.୦୪ |
| | | ୧୪୩/୯୫୮ | ଗୋଡା ଦୁଇ | ୦.୦୪ | ୦.୦୪ |
| ୯ | ୭୭/୮୪ | ୧୪୩/୯୬୧ | ଘରବାରି | ୦.୦୪ | ୦.୦୪ |
| ୧୦ | ୭୭/୧୧୭୮ | ୧୪୩/୯୫୩ | ଗୋଡା ଦୁଇ | ୦.୦୪ | ୦.୦୪ |
| ୧୧ | ୭୭/୨୦ | ୨୫/୮୯୯ | ଗୋଡା ଦୁଇ | ୦.୩୦ | ୦.୩୦ |
| ୧୨ | ୭୭/୧୨୦୩ | ୨୫/୧୮୫୦ | ଗୋଡା ଦୁଇ | ୦.୭୫ | ୦.୭୫ |
| ୧୩ | ୭୭/୧୦୯ | ୮୭୧/୯୯୬ | ଗୋଡା ଦୁଇ | ୦.୦୬ | ୦.୦୬ |
| ୧୪ | ୭୭/୧୪୭ | ୮୭୧/୧୦୪୪ | ଗୋଡା ଦୁଇ | ୦.୦୬ | ୦.୦୬ |
| ୧୫ | ୭୭/୧୯୦ | ୨୫/୧୧୦୦ | ଘରବାରି | ୦.୦୬ | ୦.୦୪ |
| ୧୬ | ୭୭/୧୩୯୮ | ୨୫/୧୫୯୩ | ଘରବାରି | ୦.୦୪ | ୦.୦୪ |
| ୧୭ | ୭୭/୧୫୨୧ | ୫୭/୨୦୮୨ | ଗୋଡା ଦୁଇ | ୦.୦୬ | ୦.୦୬ |
| ମୋଟ ରକବା | | | | | ୩.୦୧ |

[F.No. SER/con-Orgn./HQ/Land/DCE/C/Rourkela/LA/DMF-ORGA doubling & DMF Link 'C'- Bisra-1]

ରାଜିବ ଶ୍ରୀବାସ୍ତବ, ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)

# ଖୋଲିଲା ଇଭିଏମ୍ ଓ ଭିଭିପାଟ୍ ପ୍ରଦର୍ଶନ କେନ୍ଦ୍ର

**ପାରଳାଖେମୁଣ୍ଡି, ୧୪।୧(ସମିସ)**



ଚଳିତ ବର୍ଷ ଅନୁଷ୍ଠିତ ହେବାକୁ ଥିବା ନିର୍ବାଚନରେ ଇଭିଏମ୍ ଓ ଭିଭିପାଟ୍ ବ୍ୟବହାର କରି କିଭଳି ଭୋଟର ନିଜର ମତ ସାବ୍ୟସ୍ତ କରିବେ ସେ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ସମଗ୍ର ଜିଲ୍ଲାରେ ଆରମ୍ଭ ହେବ। ଏଥି ନିମନ୍ତେ ରବିବାର ଗଜପତି ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏହାର ଶୁଭାରମ୍ଭ କରିଛନ୍ତି। ନିର୍ବାଚନବେଳେ ଇଭିଏମରେ ଭୋଟ କିପରି ଦେବେ ଏବଂ ଏହି ଭୋଟ ଭିଭିପାଟରେ କିପରି ଦେଖା ଦେବ ସେନେଇ ଡେମୋ ଦେଖାଯାଇଥିଲା। ଉପସ୍ଥିତ ସମସ୍ତ ରାଜନୈତିକ ଦଳର ପ୍ରତିନିଧି, ସରକାରୀ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧିମାନେ ଉଦାହରଣମୂଳକ ଭାବେ ଦେଖିଥିଲେ। ଜାନୁୟାରୀ ୧୬ରୁ ଫେବୃଆରୀ ୨୮ ପର୍ଯ୍ୟନ୍ତ ସମସ୍ତ ବ୍ଲକ, କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ପାରଳାଖେମୁଣ୍ଡି ପୌରାଞ୍ଚଳରେ ଏକ ସ୍ୱତନ୍ତ୍ର ପ୍ରଚାର ଗାଡିରେ ଭୋଟଦାତାଙ୍କୁ ସଚେତନ କରାଯିବ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜ, ଉପଜିଲ୍ଲାପାଳ ଆଲୋକ ପ୍ରଧାନ, ଡେପୁଟି କଲେକ୍ଟର ନିର୍ବାଚନ କମଳକାନ୍ତ ପଣ୍ଡା, ସୁଶ୍ରୀ ତୃପ୍ତିମୟୀ ଜେନା, ସହକାରୀ ଜିଲ୍ଲାପାଳ ମଞ୍ଜୁଲତା ବେହେରା ଏବଂ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ତଥା କଂଗ୍ରେସରୁ ବସନ୍ତ କୁମାର ପଣ୍ଡା, ବିଜେଡିରୁ ଜମିଦାର ପଟ୍ଟନାୟକ, ବିଜେପିରୁ ଇ.ପ୍ରଶାନ୍ତ ଓ ଆମ ଆଦମୀ ପାର୍ଟିରୁ ତ୍ରିନାଥ ପ୍ରସାଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ନିର୍ବାଚନ ବିଭାଗର ସମସ୍ତ ଅଧିକାରୀ, ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କର୍ମଚାରୀ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ 'ନୂଆ-ଓ' କ୍ରୀଡ଼ା ଉତ୍ସବ



**ଦାରିଙ୍ଗବାଡ଼ି, ୧୪।୧(ସମିସ):** ଦାରିଙ୍ଗବାଡି ମିନି ଷ୍ଟାଡିୟମଠାରେ ବ୍ଲକସ୍ତରୀୟ 'ନୂଆ-ଓ' କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ବିଡିଓ ଗଦାଧର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ପ୍ରଧାନ, ସମ୍ମାନିତ ଅତିଥି ଭାବେ ତହସିଲଦାର ଶରତ ଶବର, ଆଇଟିଆଇ କଲେଜ ଅଧ୍ୟକ୍ଷ ପ୍ରଦୀପ ସାହୁ, ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ପ୍ରଧାନ, ରକ୍ଷିମାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଦେବରାଜ ସିଂ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ କ୍ରୀଡ଼ା ଶିକ୍ଷକ ରଶ୍ମି ରଞ୍ଜନ ତ୍ରିପାଠୀ ସଂଯୋଜନା କରିଥିବା ବେଳେ ବ୍ଲକ କର୍ମଚାରୀ ଓ କ୍ରୀଡ଼ା ଶିକ୍ଷକମାନେ ସହଯୋଗ କରିଥିଲେ।

## ନେପାଳ ବେହେରା ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ



**ଫିରିଙ୍ଗିଆ, ୧୪।୧(ସମିସ):** ଫିରିଙ୍ଗିଆ ବ୍ଲକ ମୁଖ୍ୟାଳୟରେ ଥିବା ମିନିଷ୍ଟାଡିୟମ ପରିସରରେ ସ୍ୱର୍ଗତ ନେପାଳ ବେହେରା ସ୍ମାରକୀ ଆନ୍ତଜିଲ୍ଲା ଫୁଟବଲ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା, ଜିଲ୍ଲା ପରିଷଦ ସଭ୍ୟା ଜୟଶ୍ରୀ କହଁର, ସଭ୍ୟ ନୀଳଗିରି ଦିଗାଲ, ବରିଷ୍ଠ ଶିକ୍ଷାବିତ୍ ତଥା ପୂର୍ବତନ ମନ୍ତ୍ରୀଙ୍କ ଭିଣୋଇ ଗୟାଧର ଦିଗାଲ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲାଲନନ୍ଦ ପ୍ରଧାନ, ଫିରିଙ୍ଗିଆ ବ୍ଲକ ବିଜେଡି ସଭାପତି ରଜନୀକାନ୍ତ ମଳିକ, ଅବସରପ୍ରାପ୍ତ ପୁଲିସ ଅଧିକାରୀ ଜୟଚନ୍ଦ୍ର ମଳିକ, ବିଜେଡି ବ୍ଲକ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀଙ୍କ ସାନଭାଇ ପ୍ରଦୀପ କୁମାର ବେହେରା, ଭୁଙ୍ଗିଯୋଡି ସରପଞ୍ଚ ଏସିଆ କହଁର, ପବିଙ୍ଗିଆ ସରପଞ୍ଚ ଲାଲମୋହନ କହଁରଙ୍କ ସହ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ସ୍ୱର୍ଗତ ନେପାଳ ବେହେରାଙ୍କ ବଡ଼ ପୁଅ ପିତାମ୍ବର ବେହେରାଙ୍କ ସହ ପଦ୍ମନାଭ ବେହେରାଙ୍କ ବଡ଼ପୁଅ ତଥା ଓଡ଼ିଶା ଫୁଟବଲ ଆସୋସିଏସନ୍‌ର ରାଜ୍ୟ ଉପସଭାପତି ହୃଦୟ ରଞ୍ଜନ ବେହେରା ଆୟୋଜନ କରିଥିବାବେଳେ ସ୍ୱର୍ଗତ କାର୍ତ୍ତିକେନ୍ଦୁ ବେହେରାଙ୍କ ନାତି ତଥା କନ୍ଧମାଳ ଜିଲ୍ଲାର ଜଣାଶୁଣା କ୍ରୀଡ଼ାବିତ୍ ଓ କ୍ରୀଡ଼ା ସଙ୍ଗଠକ ଭବାନୀଶଙ୍କର ବେହେରା ଉପସ୍ଥିତ ରହି ପରିଚାଳନା କରିଥିଲେ। ସୁଜିତ ଫୁଟବଲ କ୍ଲବର ବରିଷ୍ଠ ସଦସ୍ୟ ବିଭୁଦତ୍ତ ମୁଖି ଓ ରାଜେଶ କୁମାର ଦିଗାଲଙ୍କ ସହ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

ରେଫରୀ ସରୋଜ ମୁନିଙ୍କ ସହ ସୁନୀଲ ବେହେରା, ପ୍ରଫୁଲ୍ଲ କହଁର, ରୋହିତ ମୁଖି, ତାଣ୍ଡେଶ୍ୱର କହଁର ଖେଳ ପରିଚାଳନା କରିଥିଲେ। ଦୁଇଦିନ ଧରି ଜିଲ୍ଲାର ବଛାବଛା ଆଠଟି ଫୁଟବଲ ଟିମ୍ ଭାଗନେଇଥିବା ବେଳେ ଫୁଲବାଣୀ କ୍ରୀଡ଼ା ଛାତ୍ରାବାସ ଓ ଫୁଟବଲ ଆସୋସିଏସନ ଫୁଲବାଣୀ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଉଭୟ ବିଜେତା ଓ ଉପବିଜେତା ଦଳକୁ ଆୟୋଜକ କମିଟି ତରଫରୁ ଅତିଥିମାନେ ଟ୍ରଫି ସହ ଆର୍ଥିକ ରାଶି ଦେଇ ପୁରସ୍କୃତ କରିଥିଲେ।

## ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ



**ବାଲିଗୁଡ଼ା/ତୁମୁଡ଼ିବନ୍ଧ, ୧୪।୧(ସମିସ):** କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ନେତାଜୀ ସୁଭାଷ ବୋଷ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ ଓ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଧ୍ୟକ୍ଷ ଡଃ. ସୁନୀଲ କୁମାର ପାତ୍ର ସଭାପତିତ୍ୱ କରି ଓଡ଼ିଆ ସାହିତ୍ୟକୁ କିପରି ଲୋକାଭିମୁଖୀ କରାଯାଇ ପାରିବ ସେନେଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ନୋଡାଲ ଅଫିସର ଓଡ଼ିଆ ଅଧ୍ୟାପିକା ବନିତା ପଟ୍ଟନାୟକ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ପ୍ରଥମ ଦିନରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଓଡ଼ିଆ କବିତା ପଠନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅଧ୍ୟାପକ ଡଃ. ସତ୍ୟରଞ୍ଜନ ପାଣିଗ୍ରାହୀ, ଇଂରାଜୀ ଅଧ୍ୟାପକ ଦୁଃଖୀଶ୍ୟାମ ମହାରଣା, ଅର୍ଥନୀତି ଅଧ୍ୟାପିକା ଡଃ. ମଞ୍ଜୁଳା ମହାପାତ୍ର, ପଦ୍ମାବତ ସାହୁ, ଇତିହାସ ଅଧ୍ୟାପକ ଆଶିଷ ମଲିକ ଓ ରାଜନୀତି ଅଧ୍ୟାପକ ଭଞ୍ଜ କିଶୋର ନାଏକ ଓ ସମସ୍ତ ଅଣ ଶିକ୍ଷକ କର୍ମଚାରୀ ଯୋଗ ଦେଇଥିଲେ। ଡଃ. ବନିତା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଇକିଆ ନାଗରିକ ମଞ୍ଚର ବନ୍ଧୁମିଳନ

**ରାଇକିଆ, ୧୪।୧(ସମିସ):** ରାଇକିଆ ନାଗରିକ ମଞ୍ଚର ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରଦୀପ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନୂତନ ବର୍ଷର ଅଭିନନ୍ଦନ ସହ ଆଗାମୀ ଦିନରେ ମଞ୍ଚର ବିଭିନ୍ନ କାର୍ଯ୍ୟକଳାପ ସମ୍ପର୍କରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ସନ୍ତୋଷ ନାୟକ, ସମ୍ପାଦକ ମାନେଶ୍ୱର ଦିଗାଲ, କୋଷାଧ୍ୟକ୍ଷ ବାଇନାଥ ଦାସ, ରାଇକିଆ ସରପଞ୍ଚ ଗୀତାଞ୍ଜଳୀ ନାୟକ, ବେରେଡାକିଆ ସରପଞ୍ଚ ଅକ୍ଷୟ ପ୍ରଧାନ ଏବଂ ସଦସ୍ୟ ମାନେ ଯୋଗ ଦେଇଥିଲେ।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ରାୟଗଡ଼, ୧୪।୧(ସମିସ):** ରାୟଗଡ଼ ଥାନା ଅଧୀନ ଜିରାଙ୍ଗ ଗ୍ରାମରେ ଶନିବାର ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତକ ହେଲେ ଉକ୍ତ ଗ୍ରାମର ସୁଦାମ ସ୍ୱାଲସିଂ(୩୮)। ସୁଦାମଙ୍କ ମୃତଦେହ ଜିରାଙ୍ଗସ୍ଥିତ ବିଟ୍ ହାଉସଠାରୁ ପ୍ରାୟ ପାଞ୍ଚ ଶହ ମିଟର ଦୂରରେ ଥିବା ଏକ କାଜୁ ବଗିଚାରେ ରକ୍ତାକ୍ତ ଅବସ୍ଥାରେ ପଡ଼ିରହିଥିବା ମୃତକଙ୍କ ମାଆ କଳାବତୀ ସ୍ୱାଲସିଂ ସ୍ଥାନୀୟ ବିଟ ହାଉସରେ ଲିଖିତ ଅଭିଯୋଗ କରିଥିଲେ। ବିଟ ହାଉସ ଅଧିକାରୀ କେ. ଭି. ରାବଣା ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ଶିକ୍ଷକ-ଅଭିଭାବକ ସମ୍ମିଳନୀ

**ଜି.ଉଦୟଗିରି, ୧୪।୧(ସମିସ):** ସ୍ଥାନୀୟ ହବାକ ହାଇସ୍କୁଲରେ ଶିକ୍ଷକ ଏବଂ ଅଭିଭାବକଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଅଭିଭାବକମାନେ ଛାତ୍ରମାନେ ଅଧିକ ଶୃଙ୍ଖଳିତ ହେବା ପାଇଁ ବିଭିନ୍ନ ମତାମତ ଦେଇଥିଲେ। ବୈଠକରେ କମିଟି ସଭାପତି ଅଜିତ କୁମାର ନାୟକଙ୍କ ସହିତ ଗୀତାଞ୍ଜଳି ପ୍ରଧାନ, ଭାରତୀ ସାହୁ, ସୁମିତାରାଣୀ ଯୋସିରା, ମମତା ରାଣୀ ରାଉତ, ମୃତ୍ୟୁଞ୍ଜୟ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

## ପାରଳାରେ ଭୋଗୀ ପାଳିତ



**ପାରଳାଖେମୁଣ୍ଡି, ୧୪।୧(ସମିସ):** ପାରଳାଖେମୁଣ୍ଡି ସହରରେ ଭୋଗୀ ଉତ୍ସବ ପାଳିତ ହୋଇଯାଇଛି। ପାରଳା ସହରରେ ତେଲୁଗୁ ଓ ଓଡ଼ିଆ ସମ୍ପ୍ରଦାୟର ଲୋକେ ଭାଇଚାରା ଅନୁଯାୟୀ ଉଭୟେ ଏହି ଭୋଗୀ ପର୍ବକୁ ପାଳନ କରିଛନ୍ତି। ଏହି ଭୋଗୀ ପର୍ବରେ ସହରର ଅନେକ ସ୍ଥାନରେ ବିଭିନ୍ନ ରନ୍ଧାଖାଦ୍ୟ ପ୍ରସ୍ତୁତ କରାଯାଇ ନିଜ ନିଜ ମଧ୍ୟରେ ପ୍ରଦାନ କରାଯାଇଥିଲା। ସେହିପରି ମକର ସଂକ୍ରାନ୍ତି ତଥା ପୋଙ୍ଗଲ ପାଳନ ଅବସରରେ ବିଭିନ୍ନ ସାମଗ୍ରୀର ଆବଶ୍ୟକତା ଯୋଗୁଁ ପାରଳାଖେମୁଣ୍ଡି ମୁଖ୍ୟ ବଜାର ଚଳଚଞ୍ଚଳ ହୋଇ ଉଠିଛି। ପୋଙ୍ଗଲ ପର୍ବ ତେଲୁଗୁ ସମ୍ପ୍ରଦାୟର ଲୋକଙ୍କ ମୁଖ୍ୟ ପର୍ବ। ତେଣୁ ନୂତନ ବସ୍ତ୍ର, ମିଷ୍ଟାନ୍ନ, ପର୍ବ ପାଳନ ପାଇଁ ବିଭିନ୍ନ ରୋଷେଇ ସାମଗ୍ରୀ, ଫଳ ଓ ପନିପରିବା ଆଦି କ୍ରୟ କରିବାକୁ ପଡ଼େ। ଏସବୁ କ୍ରୟ କରିବା ପାଇଁ ଗଜପତି ଜିଲ୍ଲାର ବିଭିନ୍ନ ଗ୍ରାମର ଲୋକଙ୍କ ସମେତ ପଡ଼ୋଶୀ ଆନ୍ଧ୍ର ମୁଖ୍ୟ ବଜାରରେ ଏକତ୍ରିତ ହେବା ଯୋଗୁଁ ପାରଳା ମୁଖ୍ୟ ବଜାର ଅଞ୍ଚଳ ଚଳଚଞ୍ଚଳ ହୋଇ ଉଠିଛି।

## ଜଗଦଗୁରୁତ୍ତମ ଦିବସ ପାଳିତ

**ପାରଳାଖେମୁଣ୍ଡି, ୧୪।୧(ସମିସ):** ଭାରତ ଇତିହାସର ସର୍ବଶ୍ରେଷ୍ଠ ପଞ୍ଚମ ମୂଳ ଜଗଦଗୁରୁ ତଥା ସମଗ୍ର ପୃଥିବୀର ଆଧ୍ୟାତ୍ମିକ ଗୁରୁ ଶ୍ରୀ କୃପାଳୁ ଜୀ ମହାରାଜଙ୍କୁ 'ଜଗଦଗୁରୁତ୍ତମ' ଉପାଧିରେ କାଶୀ ବିଦ୍ୱତ୍ ପରିଷଦ ଦ୍ୱାରା ୧୯୫୭ ମସିହା ଜାନୁୟାରୀ ୧୪ ତାରିଖ ମକର ସଂକ୍ରାନ୍ତି ଦିନ ବିଭୂଷିତ କରିଥିଲେ। ଏହି ଅବସରରେ ପାରଳାଖେମୁଣ୍ଡିସ୍ଥିତ ଶ୍ରୀଜଗନ୍ନାଥ ଓଡ଼ିଶୀ କଳା କେନ୍ଦ୍ରର ନୃତ୍ୟଗୁରୁ ଡି.ପ୍ରିୟଙ୍କାଙ୍କ ପ୍ରତିନିଧିତ୍ୱରେ ବାଲ ମୁକୁନ୍ଦ କେନ୍ଦ୍ର ତରଫରୁ ୬୭ତମ 'ଜଗଦଗୁରୁତ୍ତମ ଦିବସ' ବାଲନୃତ୍ୟ ପ୍ରଶିକ୍ଷାର୍ଥୀଙ୍କ ଗହଣରେ ପାଳନ କରାଯାଇଛି। ଏଥିରେ ଜଗଦଗୁରୁ କୃପାଳୁ ପରିଷଦ ଦ୍ୱାରା ଆୟୋଜିତ 'ଜଗଦଗୁରୁ କୃପାଳୁ ବୋଲେ ଚେଲେଞ୍ଜ'ର ବିଷୟ ବସ୍ତୁକୁ ବିଦ୍ୟାର୍ଥୀ ପ୍ରଜ୍ୟୋତି ଓ ପ୍ରଣତି ଦୁଇ ଭଉଣୀ ପଠନ କରିଥିଲେ। ଏହାକୁ ସଂଯୋଜକ ନିତ୍ୟାନନ୍ଦ ଚୌଧୁରୀ ବୁଝାଇବା ସହ ମହାରାଜ ଜୀଙ୍କ ଉପାଧିଗୁଡ଼ିକୁ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ସଂଯୋଜିକା ନମିତା ଚୌଧୁରୀ ସହଯୋଗ କରିଥିଲେ।



## ଗଞ୍ଜେଇ ଜବତ; ୨ ଗିରଫ

**ଫିରିଙ୍ଗିଆ, ୧୪।୧(ସମିସ):** କନ୍ଧମାଳ ଜିଲ୍ଲା ଗୋଛାପଡ଼ା ଥାନା ପୁଲିସକୁ ମିଳିଛି ଏକ ବଡ଼ ସଫଳତା। ଏକ ମାଲ ବୋଝେଇ ଗାଡ଼ିରେ ନକଲି ନମ୍ବର ପ୍ଲେଟ ଲଗାଇ ଗଞ୍ଜେଇ ଚାଲାଣ କରାଯାଉଥିବା ବେଳେ ପୁଲିସ ଉକ୍ତ ଗାଡ଼ିକୁ ଜବତ କରିଥିଲା। ସେହି ଗାଡ଼ିରୁ ପୁଲିସ ଏକ କ୍ୱିଣ୍ଟାଲ ପନ୍ଦର କିଲୋ ଗଞ୍ଜେଇ ଜବତ କରିବା ସହ ଦୁଇଜଣ ଅନ୍ତଃଜିଲ୍ଲା ଗଞ୍ଜେଇ ମାଫିଆକୁ ଗିରଫ କରିଛି। ଗୋଛାପଡ଼ା ଥାନା ବାଲନ୍ଦାପଡ଼ା ଅଞ୍ଚଳରୁ ଅନୁଗୁଳ ଜିଲ୍ଲାକୁ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଗୋଛାପଡ଼ା ଅତିରିକ୍ତ ଥାନା ଅଧିକାରୀ ମନୋରଞ୍ଜନ ଭୋଇଙ୍କ ନେତୃତ୍ୱରେ ଏକ ଟିମ୍ ଗାଡିଟିକୁ ଗୋଛାପଡ଼ାଠାରୁ ବାଲନ୍ଦାପଡ଼ା ରାସ୍ତାର ପକାରୀ ଘାଟିରେ କାବୁ କରିବାରେ ସକ୍ଷମ ହୋଇଥିଲେ। ଅଭିଯୁକ୍ତ ଦୁଇଜଣ ଅନୁଗୁଳ ଜିଲ୍ଲା କିଷନନଗର ଥାନା ଲକ୍ଷ୍ମୀପ୍ରସାଦପୁର ଗାଁର ସୁଶାନ୍ତ ବେହେରା ଓ ବସନ୍ତ ବେହେରା। ଉଭୟେ ପେସାଦାର ଗଞ୍ଜେଇ ମାଫିଆ ବୋଲି ଜଣାପଡ଼ିଛି। ଏନେଇ ଗୋଛାପଡ଼ା ଥାନାରେ ୧୧/୨୪ରେ ଏକ ମାମଲା ରୁଜୁକରି ରବିବାର ଦୁଇଜଣ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।




## ନିର୍ମାଣ ଶ୍ରମିକ ସଂଘ କମିଟି ଗୃହର ଶିଳାନ୍ୟାସ

**ଫିରିଙ୍ଗିଆ, ୧୪।୧(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକର ବିଶ୍ୱକର୍ମା ରାଜମିସ୍ତ୍ରୀ ନିର୍ମାଣ ଶ୍ରମିକ ସଙ୍ଘ କମିଟି ଗୃହଟିଏ ନିର୍ମାଣ କରିବା ଆଶାରେ ଥିବା ବେଳେ ଫିରିଙ୍ଗିଆ ପୂର୍ବତନ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମି ରଞ୍ଜନ ମହନ୍ତ ତାଙ୍କର ଏହି ସ୍ୱପ୍ନକୁ ସାକାର କରିଛନ୍ତି। ସେ ସଂଘ କମିଟି ଗୃହ ନିମନ୍ତେ ବ୍ଲକ କାର୍ଯ୍ୟାଳୟର ପଛପଟ ଜାଗା ଦେଖେଇ ଦେବା ପରେ ସଙ୍ଘର ସଦସ୍ୟମାନେ ଆନନ୍ଦିତ ହେବା ସହିତ ବିଡିଓଙ୍କୁ ଧନ୍ୟବାଦ ଜଣାଇଛନ୍ତି। ରବିବାର ଫିରିଙ୍ଗିଆ ସମିତି ସଭ୍ୟା ମୌସୁମୀ ପ୍ରଧାନ ଅତିଥିଭାବେ ଯୋଗଦେଇ କମିଟି ଗୃହର ଶିଳାନ୍ୟାସ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜମିସ୍ତ୍ରୀ ସଙ୍ଘର ସଭାପତି ଅନିରୁଦ୍ଧ ଦିଗାଲ, ଉପସଭାପତି ମନୋଜ କହଁର, ସମ୍ପାଦକ ରାମକୃଷ୍ଣ ପାତ୍ର, ସହ ସମ୍ପାଦକ ବିକ୍ରମ ଖମାରୀ, କୋଷାଧ୍ୟକ୍ଷ କୁବେର କହଁର, ଉପଦେଷ୍ଟା ଦିବସ କହଁର, ପ୍ରମୋଦ ଖମାରୀ, ସଦାଶିବ କହଁରଙ୍କ ସମେତ ୬୦ରୁ ଊର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ଥିଲେ।

## ସୁଯୋଗ୍ୟ ମେମୋରିଆଲ ଭଲିବଲ୍ ଟୁର୍ଣ୍ଣାମେଣ୍ଟ

# ମୋହନା ସ୍ମାର୍ଟ-୬ ଚାମ୍ପିଅନ୍

**ଗୁମ୍ମା, ୧୪।୧(ସମିସ)**

ଗୁମ୍ମା ବ୍ଲକ ସଦର ମହକୁମା ମିନି ଷ୍ଟାଡିୟମରେ ଡେଭିଡ ୟୁଥ୍ କ୍ଲବ ଆନୁକୂଲ୍ୟରେ ୧୦ ଦିନ ଧରି ଚାଲିଥିବା ଜିଲ୍ଲାସ୍ତରୀୟ ସୁଯୋଗ୍ୟ ମେମୋରିଆଲ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟରେ ଗଜପତି, ଗଞ୍ଜାମ ଓ କନ୍ଧମାଳ ଜିଲ୍ଲାର ୮ଟି ଦଳ ଭାଗ ନେଇଥିଲେ। ଫାଇନଲ ମ୍ୟାଚ ମୋହନା ସ୍ମାର୍ଟ-୬ ଓ ପାଣିଗଣ୍ଡା ଦଳ ମଧ୍ୟରେ ହୋଇଥିଲା। ପାଣିଗଣ୍ଡା ଦଳକୁ ପରାସ୍ତ କରି ମୋହନା ସ୍ମାର୍ଟ-୬ ବିଜେତା ଘୋଷିତ ହୋଇଛି।

ଏହି ପ୍ରତିଯୋଗିତାର ବେଷ୍ଟ ନେଟର ଭାବେ ରୂପା, ବେଷ୍ଟ ହିଟର ଜିମି, ବେଷ୍ଟ ପ୍ଲେୟାର ଆନାକୋଣ୍ଡା ଓ ଶୃଙ୍ଖଳିତ ଦଳ ଭାବେ ଦାରିଙ୍ଗିବାଡ଼ି ଦଳକୁ ପୁରସ୍କୃତ କରାଯାଇଛି। ଫାଇନାଲ ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବେ ବିଜେଡି ଯୁବ ନେତା ଇ.ରୁପେସ ପାଣିଗ୍ରାହୀ, ବିଜେଡି ରାଜ୍ୟ ସମ୍ପାଦକ ମାରୁତ ପାଳ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଦସ୍ୟ ଜେମସ ରାଇକା, ଜ୍ଞାନ ରଞ୍ଜନ ଜେନା, ବିଜେଡି ଜିଲ୍ଲା ସମ୍ପାଦକ ଦେବଚନ୍ଦ୍ର ପ୍ରଧାନ ଓ ସମାଜସେବୀ ଭୁବନେଶ୍ୱର ପାଣି ଯୋଗଦେଇ ବିଜୟୀ ଦଳକୁ ୪୦ ହଜାର ସହ ଟ୍ରଫି ଓ ଉପବିଜେତା ଦଳକୁ ୩୦ ହଜାର ସହ ଟ୍ରଫି ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ଅଜିଅ ବଡ଼ ନାୟକ, ପ୍ରୀତମ ପାଳ, ମାଇକେଲ ଷଡ଼ଙ୍ଗୀ, ନିରୋଜ ଷଡ଼ଙ୍ଗୀ, କ୍ଲିଣ୍ଟନ ରାଉଳ, ସୁବାଶିଷ ଏଡ଼ଲା, ଧ୍ୟାନେସ ଲିମ୍ମା, କୁମାର ପାଣି ଓ ସନ୍ତୋଷ ଦଣ୍ଡସେନା ପରିଚାଳନା କରିଥିଲେ। ଡେଭିଡ ୟୁଥ୍ କ୍ଲବ୍ ପକ୍ଷରୁ ଧନ୍ୟବାଦ ଜଣାଇଛନ୍ତି ସାମ୍ବାଦିକ ଧର୍ମେନ୍ଦ୍ର ପାଣି।



## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ସୋରଡ଼ା,୧୪ ।୧(ସମିସ):** ସୋରଡ଼ା ବ୍ଲକ ଅଧୀନସ୍ଥ ବଡ଼ଗଡ଼ ଥାନା ଏକଲପୁର ଗ୍ରାମ ନିକଟ ମନ୍ଦିର ନିକଟ କେନାଲ ହୁଡ଼ାର ଏକ ଗଛରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି । ବଡ଼ଗଡ଼ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ତଦନ୍ତ ଆରମ୍ଭ କରିଛି । ମୃତକ ଜଣଙ୍କ ମାନସିକ ଅବସ୍ଥା ଭଲ ନଥିବା ଓ କିଛି ଦିନ ହେବ ଏହି ଅଞ୍ଚଳରେ ବୁଲା ବୁଲି କରୁଥିଲେ । ରବିବାର ଝୁଲନ୍ତା ଅବସ୍ଥାରେ ତାଙ୍କର ମୃତଦେହ ରହିଥିବା ସ୍ଥାନୀୟ ଲୋକେ ଦେଖିଥିଲେ । ହେଲେ ତାଙ୍କ ପରିଚୟ କେହି ଜାଣିନାହାନ୍ତି । ତେବେ ସେ ନବରଙ୍ଗପୁର ଜିଲ୍ଲାର କାଦ୍ରିଙ୍ଗା ଥାନାର ମଣ୍ଡରୀଗୁଡ଼ାଗାଁର ସମବୃତ୍ତ ଭତ୍ରାଙ୍କ ୨୫ ବର୍ଷୀୟ ପୁଅ ଦଳବନ୍ଧୁ ଭତ୍ରା ବୋଲି ପୁଲିସ ଅନୁସନ୍ଧାନରୁ ଜାଣିବାକୁ ପାଇଛି । ଏଠାକୁ କେଉଁ ପରିସ୍ଥିତିରେ ସେ ଆସିଥିଲେ ଓ କାହିଁକି ଏଭଳି ଉଦ୍ୟମ କଲେ, ଏହା ହତ୍ୟା ନା ଆତ୍ମହତ୍ୟା ବିଭିନ୍ନ ଦିଗରୁ ପୁଲିସ ତଦନ୍ତ କରୁଛି । ଏଣେ ମୃତକଙ୍କ ଭାଇ ସୁରଜ ଭତ୍ରା ପହଞ୍ଚି ଶବ ଚିହ୍ନଟ କରିଥିଲେ ।

## ନଦୀରେ ବୁଡ଼ି ଆଦିବାସୀ ମହିଳା ମୃତ

**ପାତ୍ରପୁର, ୧୪ ।୧(ସମିସ):** ଜରଡ଼ା ଥାନା ଅନ୍ତର୍ଗତ ତୁରୁବୁଡି ଗଣିଆସାହି ରମେଶ ଶବରଙ୍କ ସ୍ତ୍ରୀ କସ୍ତୁରୀ ଶବରଙ୍କ ରବିବାର ଅପରାହ୍ନରେ ବାହୁଦା ନଦୀରେ ସ୍ନାନ କଲାବେଳେ ପାଣିରେ ବୁଡ଼ି ମୃତ୍ୟୁ ହୋଇଛି । କସ୍ତୁରୀ ସ୍ନାନ କଲାବେଳେ ହଠାତ ତାଙ୍କ ଗୋଡ଼ ଖସିଯିବା ଫଳରେ ସେ ପାଣି ଭିତରେ ବୁଡ଼ି ଯାଇଥିଲେ । ନଦୀରେ କିଛି ଲୋକ ତାଙ୍କୁ ପାଣିରୁ ଉଦ୍ଧାର କରିଥିଲେ । ହେଲେ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଘଟଣାକୁ ନେଇ ପୁଲିସରେ କୌଣସି ଅଭିଯୋଗ ହୋଇନଥିବା ସୂଚନା ମିଳିଛି ।

## ଜଳିଗଲା ବାଇକ୍; ଅଳ୍ପକେ ବର୍ତ୍ତିଲେ ଆରୋହୀ

**ପାତ୍ରପୁର, ୧୪ ।୧(ସମିସ):** ପାତ୍ରପୁର ବ୍ଲକ ତୁରୁବୁଡ଼ି ଶ୍ରୀ ସତ୍ୟସାଇ ବିଦ୍ୟାମନ୍ଦିର ସମ୍ମୁଖରେ ଗୋଟିଏ ବାଇକ୍ ଜଳି ଯାଇଥିବା ବେଳେ



ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ରବିବାର ଦିଗପହଣ୍ଡି ଚୌଧୁରୀ ଟିକରପଡ଼ା ଗ୍ରାମର ତାପସ ନାଇକ କୌଣସି କାମରେ ତୁରୁବୁଡ଼ି ଯାଉଥିବା ବେଳେ ସତ୍ୟସାଇ ବିଦ୍ୟାମନ୍ଦିର ସାମ୍ନା ରାସ୍ତା ଉପରେ ଥିବା ହମ୍ପସ ପାଖରେ ଧୂଆଁ ବାହାରୁ ଥିବା ଦେଖି ଚାଳକ ଡେଇଁ ପଡ଼ିଥିଲେ । ଏହାର କିଛି କ୍ଷଣ ମଧ୍ୟରେ ବାଇକ୍‌ଟି ସମ୍ପୂର୍ଣ୍ଣ ଜଳି ଯାଇଥିଲା । ଚାଳକ ସାମାନ୍ୟ ଆହତ ହୋଇ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିବା ଜଣାପଡ଼ିଛି ।

## ଟ୍ରକ୍ ଧକ୍କାରେ ମହିଳା ମୃତ

**ଆସିକା,୧୪ ।୧(ସମିସ):** ଆସିକା ଥାନା ଅନ୍ତର୍ଗତ ପାଟିଳିଗୁଡା ଛକ ନିକଟରେ ଟ୍ରକ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ମୃତ ମହିଳା ଜଣକ ହେଲେ ରିତା କୁମାରୀ ମହାପାତ୍ର (୩୫) । ସେ ବ୍ରହ୍ମପୁରରୁ ଭଞ୍ଜନଗର ବାପା ପଦ୍ମ ଚରଣ ତ୍ରିପାଠୀ ଓ ସାତବର୍ଷର ଝିଅ ଚିତ୍ରଲେଖା ତ୍ରିପାଠୀ ସହ ଯାଉଥିଲେ । ଆସିକା ଥାନା ପାଟିଳି ଗୁଡା ଛକ ନିକଟରେ ତାଙ୍କୁ ଟ୍ରକ ଧକ୍କା ଦେଇଥିଲା । ଘଟଣା ସ୍ଥଳରେ ହିଁ ମା' ରିତା କୁମାରୀ ମହାପାତ୍ର ମୃତ୍ୟୁ ଘଟିଥିଲା । ଏଥିରେ ବାପା ଓ ତାଙ୍କ ଝିଅ ଅଳ୍ପକେ ବର୍ତ୍ତି ଯାଇଥିଲେ । ଖବର ପାଇ ଆସିକା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ଦେହକୁ ଜବତ କରି ତଦନ୍ତ ଜାରି ରଖିଛନ୍ତି ।

## ସେବାଶ୍ରମ ବିଦ୍ୟାଳୟରେ ଶିକ୍ଷକ-ଅଭିଭାବକ ବୈଠକ

**ଧରାକୋଟ, ୧୪ ।୧(ସମିସ):** ବଳରାମପୁର ସେବାଶ୍ରମ ବିଦ୍ୟାଳୟରେ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଶରତ ବେହେରାଙ୍କ ଅଧ୍ୟକ୍ଷତାରେ ଚତୁର୍ଥ ପିଟିଏ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଭିନ୍ନ



ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇଛି । ଛାତ୍ରାବାସରେ ଖାଲିଥିବା ଦୁଇଟି ସିସିଏ ପଦବୀ ପୂରଣ ସକାଶେ ଉପସ୍ଥିତ ଥିବା ପିତାମାତା ଓ ଅଭିଭାବକଙ୍କୁ ଚୟନ ପ୍ରକ୍ରିୟା ସମ୍ବନ୍ଧରେ କୁହାଯାଇଛି । ବୈଠକରେ ପ୍ରାୟତଃ ଦୁଇଶହ ଜଣ ଅଭିଭାବକ ଉପସ୍ଥିତ ରହିଥିଲେ । ଶେଷରେ ଶିକ୍ଷକ ଗଣେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ଶିକ୍ଷକ ଉମାକାନ୍ତ ବେହେରା, ଦାଶରଥି ବେହେରା, କାଳୁ ଚରଣ ଗୌଡ଼, ତରୁଣ ସାହୁ ଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ ପ୍ରଦାନ କରିଥିଲେ ।

## ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

**ବୁଗୁଡ଼ା, ୧୪ ।୧(ସମିସ):** ସ୍ଥାନୀୟ ବଳଦେବଜୀଉ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦଘାଟିତ ହୋଇଯାଇଛି । ଅଧ୍ୟକ୍ଷ ମନୋଜ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ



ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ଅତିଥି ଭାବେ ପୁଲିସ ଏସ୍‌ଆଇ ବିନାୟକ ବିଧାର ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷାର ବିଭିନ୍ନ ଦିଗ ବିଷୟରେ କହିଥିଲେ । ଅଷ୍ଟ ଦିବସୀୟ ତାଲିମ୍ ଶିବିରରେ ୧୭୧ ଜଣ ଛାତ୍ରୀ ଅଂଶ ଗ୍ରହଣ କରିଥିବା ବେଳେ ମାଷ୍ଟର ଟ୍ରେନର୍ ସମିତା ଜେନା ଓ ମଧୁମିତା ଜେନା ତାଲିମ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ସଂଯୋଜିକା ସନ୍ତୋଷିନୀ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ଶିବିର ପରିଚାଳନାରେ ଅଧ୍ୟାପକ ବିଭୂତି ଭୂଷଣ ମିଶ୍ର, ପ୍ରଭାକର ଡ଼ାକୁଆ, ନିରୁପମା ରାୟ ମହାପାତ୍ର, ସତ୍ୟଶ୍ରୀ ଜେନା ପ୍ରମୁଖ ସହଯୋଗ କରିଥିଲେ ।

# ଶେଷ ହେଲା ଅର୍ପଣ ରଥ ପରିକ୍ରମା

## ସଂଗୃହୀତ ଅକ୍ଷତ ଓ ଗୁଆକୁ ପଠାଯିବ ଶ୍ରୀକ୍ଷେତ୍ର





**ବ୍ରହ୍ମପୁର,୧୪ ।୧(ସମିସ):** ଆରମ୍ଭ ହୋଇଛି ଶ୍ରୀକ୍ଷେତ୍ର ପୁରୀରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ପ୍ରତିଷ୍ଠା ଉତ୍ସବ ପାଇଁ ପ୍ରାଥମିକ ପର୍ଯ୍ୟାୟ କାର୍ଯ୍ୟକ୍ରମ । ଏଥି ନିମନ୍ତେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ୭ଟି ସ୍ୱତନ୍ତ୍ର ଅର୍ପଣ ରଥ ଜରିଆରେ ସହରର ସମସ୍ତ ୪୨ଟି ୱାର୍ଡରେ ଘର ଘର ବୁଲି ଅକ୍ଷତ ବା ଅରୁଆ ଚାଉଳ ସହ ଗୋଟା ଗୁଆ ସଂଗ୍ରହ କାର୍ଯ୍ୟକ୍ରମ ଜାରି ରହିଥିଲା । ଯାହା ରବିବାର ସମାପ୍ତ ହୋଇଛି । ପରିକ୍ରମା ଅଭିଯାନର ଶେଷ ଦିନରେ ବ୍ରହ୍ମପୁର ମହାନଗର ନିଗମର ୨୦, ୧୪, ୩, ୪, ୨୦, ୩୧ ଓ ୩୬ ନମ୍ବର ୱାର୍ଡରେ ଅର୍ପଣ ରଥ ପରିକ୍ରମା କରିଥିଲା । ଏହି ଅବସରରେ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ, ରାଜ୍ୟ ଯୋଜନା ବୋର୍ଡ଼ ସଦସ୍ୟ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ଓଡ଼ିଶା କାଜୁ ନିଗମ ଅଧ୍ୟକ୍ଷ ସୁବାଷ ମହାରଣା, ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ବିବେକ ରେଡ୍ଡୀ ଓ ବିଜେଡି ଉପ ସଭାପତି ଭିମ ଦଳେଇଙ୍କ ସମେତ ବିଭିନ୍ନ ୱାର୍ଡରେ ସ୍ଥାନୀୟ କର୍ପୋରେଟରମାନେ ଉପସ୍ଥିତ ରହି ପ୍ରତି ଘରୁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କାର୍ଯ୍ୟକ୍ରମରେ ସକ୍ରିୟ ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମ ଚଳିତ ମାସ ୮ ତାରିଖରୁ ଆରମ୍ଭ ହୋଇଥିବା ବେଳେ ସହରରେ ପ୍ରତି ଦିନ ୭ଟି ୱାର୍ଡରେ ୭ଟି ଅର୍ପଣ ରଥ ପରିକ୍ରମା କରିଥିଲା । ରଥ ପରିକ୍ରମାରେ ମହିଳା ଭକ୍ତଙ୍କ ସମେତ ମିଶନ ଶକ୍ତିର ସଦସ୍ୟା ମାନେ ସାମିଲ ହୋଇ ରଥକୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଅର୍ପଣ ରଥ ପରିକ୍ରମା କରିଥିବା ସମସ୍ତ ୱାର୍ଡରେ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ସ୍ୱତନ୍ତ୍ର ବ୍ୟବସ୍ଥାର ମଧ୍ୟ ଆୟୋଜନ କରାଯାଇଥିଲା । ଅନ୍ୟପକ୍ଷରେ ଦୀର୍ଘ ୭ଦିନ ଧରି ସହରରୁ ସଂଗୃହିତ ଚାଉଳ ଓ ଗୁଆକୁ ସ୍ୱତନ୍ତ୍ର ବ୍ୟବସ୍ଥା ଜରିଆରେ ଶ୍ରୀକ୍ଷେତ୍ର ପୁରୀକୁ ପଠାଯିବ ବୋଲି ବିଏମସି କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

## ଗଡ଼ଗୋବିନ୍ଦପୁରରେ ଗଡ଼ିଲା ଅର୍ପଣ ରଥ

**ଦିଗପହଣ୍ଡି,୧୪ ।୧(ସମିସ):** ଦିଗପହଣ୍ଡି ନିର୍ବାଚନମଣ୍ଡଳୀ ଗଡ଼ ଗୋବିନ୍ଦପୁର ପଞ୍ଚାୟତରେ ଗଡ଼ିଲା ଶ୍ରୀଜଗନ୍ନାଥ ଅର୍ପଣ ରଥ । ପଞ୍ଚାୟତ ସରପଞ୍ଚ ତଥା ଯୁବ ବିଜେଡି ବ୍ଲକ ସଭାପତି ରଞ୍ଜନ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିପ୍ଳବ ପାତ୍ର ଯୋଗଦେଇ ଘର ଘର ବୁଲି ଗୁଆ, ଅରୁଆ ଚାଉଳ ସଂଗ୍ରହ କରିଥିଲେ । ଡ.



ଗୋବିନ୍ଦପୁର, କଳିଙ୍ଗଦଳା, ଧାନ୍ୟରାଶି ପ୍ରଭୃତି ଗ୍ରାମରେ ରଥ ପରିକ୍ରମା ସମୟରେ ଆଧାତ୍ମିକ ପରିବେଶ ଦେଖିବାକୁ ମିଳିଥିଲା । କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ବଦ୍ରୀ ନାରାୟଣ ପାଣିଗ୍ରାହୀ, ପ୍ରତାପ କୁମାର ସାହୁ, ପ୍ରଦୀପ କୁମାର ପ୍ରଧାନ, ଚକ୍ରଧର ପ୍ରଧାନ, ଏ. ରଞ୍ଜନ ରେଡ୍ଡୀ, କେ.ସମ୍ପଦ, ହରି ପ୍ରଧାନ, ବଳରାମ ପ୍ରଧାନ, ମୁକୁନ୍ଦ ପ୍ରଧାନ, ସିଦ୍ଧାନ୍ତ ବେହେରା, ବିରେନ୍ଦ୍ର ଡାକୁଆ, ବିପିନ ବେହେରା, ଉଦୟନାଥ ସେଠୀ, କାଳିଆ ପ୍ରଧାନ, ତ୍ରିଲୋଚନ ସାହୁ, ଏମ.ସୁଷମା, ବିଜୟ ପ୍ରଧାନ, ତାରଣ ସାହୁ, ମହେଶ ପ୍ରଧାନ, ସୁରେନ୍ଦ୍ର ପ୍ରଧାନ, ସୁଶାନ୍ତ ରଣା, ତ୍ରିଲୋଚନ ବେହେରା, ସନିଆ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ଶ୍ରୀରାଧାକୃଷ୍ଣ ନୋଡାଲ ହାଇସ୍କୁଲର ବାର୍ଷିକ ଉତ୍ସବ



**ପୋଲସରା,୧୪ ।୧(ସମିସ):** କେନ୍ଦୁବାଡ଼ି ଶ୍ରୀରାଧାକୃଷ୍ଣ ନୋଡାଲ୍ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ବିପିନ ବିହାରୀ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ଶ୍ରୀକାନ୍ତ ସାହୁ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ । ନିମ୍ନମଧ୍ୟବିତ ଶିକ୍ଷକ ସଂଘ ଉପଦେଷ୍ଟା ଜଗବନ୍ଧୁ ଜେନା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ବଡ଼କୋଦଣ୍ଡା ହାଇସ୍କୁଲର ପ୍ରଧାନଶିକ୍ଷକ ବିଜୟ କୁମାର ସ୍ୱାଇଁ, ସିଆର୍‌ସିସି ସୁରେନ୍ଦ୍ର ସେଠୀ, ନନ୍ଦକିଶୋର ଗୌଡ଼ ପ୍ରମୁଖ ଯୋଗ ଦେଇଥିଲେ । ଏ ଅବସରରେ ଛାତ୍ରଛାତ୍ରଙ୍କ ଭବିଷ୍ୟତ ଗଠନରେ ପିତାମାତାଙ୍କ ଭୂମିକା ସମ୍ପର୍କରେ ଅତିଥିମାନେ କହିଥିଲେ । ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସୂର୍ଯ୍ୟମଣୀ ମହାନ୍ତି ବାର୍ଷିକ ବିବରଣୀ ପାଠ କରିବା ସହ ସଭାରେ ସଂଯୋଜନା କରିଥିଲେ । ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ବିଜ୍ଞାନ ଶିକ୍ଷକ ସୁବାସ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗଞ୍ଜେଇ ଜବତ; ଜଣେ ଗିରଫ

**ଭଞ୍ଜନଗର,୧୪ ।୧(ସମିସ):** ଶନିବାର ସନ୍ଧ୍ୟାରେ ଭଞ୍ଜନଗର ଥାନା ଏସଆଇ କେଶବ ଷଡ଼ଙ୍ଗୀ ଏବଂ ଅନ୍ୟ ପୁଲିସ କର୍ମଚାରୀମାନେ ମୁଜାଗଡ଼ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ଜଣେ ବ୍ୟକ୍ତି

**ବାଇକ୍ ଜବତ**

ଦୁର୍ଗା ପ୍ରସାଦ ନିକଟରୁ ଭଞ୍ଜନଗର ଅଭିମୁଖେ ବେଆଇନ ଭାବେ ଗଞ୍ଜେଇ ନେଉଥିବା ନିର୍ଭର ଯୋଗ୍ୟ ସୂଚନା ପାଇଥିଲେ । ସଙ୍ଗେ ସଙ୍ଗେ ପୁଲିସ ସେହି ରାସ୍ତାରେ ପହଞ୍ଚି ଛକି ରହିଥିଲା । ନିଧିଆ ପଲି ଛକରେ ଗୋଟିଏ ବାଇକ ଦ୍ରୁତ ଗତିରେ ଯାଉଥିବା ବେଳେ ତାକୁ ଅଟକାଇ ପୁଲିସ ତଲାସୀ ନେବାରେ ମୋଟରସାଇକେଲରେ ଥିବା ଏକ ଅଖାରୁ ଗଞ୍ଜେଇ ଥିବା



ଜଣାପଡ଼ିଥିଲା । ତାକୁ ଓଜନ କରିବାରେ ମୋଟ ୨୨, ୬୧୦ଗ୍ରାମ ଗଞ୍ଜେଇ ସହ ଉକ୍ତ ବାଇକ୍‌କୁ ମଧ୍ୟ ଜବତ କରାଯାଇଛି । ଅଭିଯୁକ୍ତ ହେଉଛି ଆସିକା ଥାନା ଘଟ କୁରି ଗ୍ରାମର କାହ୍ନୁ ଚରଣ ନାୟକ । ତାକୁ ଗିରଫ କରି ଭଞ୍ଜନଗର ଥାନା କେସ ନଂ୩୬/୨୪ରେ ଏକ ମାମଲା ରୁଜୁ କରି ରବିବାର କୋର୍ଟଚାଲାଣ କରାଯାଇଥିବା ଭଞ୍ଜନଗର ଆଇଆଇସି ଭଗବାନ ପୂଜାରୀ କହିଛନ୍ତି ।

## ବଡ଼କୁଶସ୍ଥଳୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ବ୍ରହ୍ମପୁର, ୧୪ ।୧(ସମିସ):** ସହର ଉପକଣ୍ଠ ବଡ଼କୁଶସ୍ଥଳୀ ଉଚ୍ଚ ବିଦ୍ୟାଳୟର ୪୧ତମ ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ବରିଷ୍ଠ ଶିକ୍ଷକ ତୁହିନା ମହାପାତ୍ରଙ୍କ ସ୍ୱାଗତ ସମ୍ଭାଷଣ ପରେ ବିଦ୍ୟାଳୟ ପ୍ରତିଷ୍ଠାତା ସମ୍ପାଦକ ଶ୍ରୀହର୍ଷ ଜେନା ଉକ୍ତ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ଆଲୁମନି ସଂଘ ସଭାପତି ବିଘ୍ନେଶ୍ୱର ସାହୁ ଉତ୍ତମ ଚରିତ୍ର ଗଠନ ଦିଗରେ ଛାତ୍ରଛାତ୍ରୀ ପାଠକୁ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟ ବକ୍ତା ବରିଷ୍ଠ ଶିକ୍ଷକ ଶ୍ରୀକାନ୍ତ ନନ୍ଦ, ସରପଞ୍ଚ ସୁନିତା ସେଠୀ, ପରିଚାଳନା କମିଟି ସଭାନେତ୍ରୀ ଲଳିତା ନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ ବେହେରା, ସିମାଞ୍ଚଳ ଜେନା, ଲୋକନୃତ୍ୟକାର ରାଜେନ୍ଦ୍ର ପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ । ବିଭିନ୍ନ ପ୍ରତିଯୋଗିତାରେ ୮୦ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଥିଲେ । ବରିଷ୍ଠ ଶିକ୍ଷକ ପ୍ରସନ୍ନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସମୃଦ୍ଧି ତାଲିମ ଶିବିର ଉଦ୍‌ଯାପିତ

**ଭଞ୍ଜନଗର,୧୪ ।୧(ସମିସ):** ସ୍ଥାନୀୟ ଦୀନବନ୍ଧୁ ବେହେରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟରେ ତିନିଦିନିଆ ବିଦ୍ୟାଳୟଭିତ୍ତିକ ମାନ ନିର୍ଦ୍ଧାରଣ (ସମୃଦ୍ଧି) ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ବିଇଓ ଏସ୍.ଧନଞ୍ଜୟ, ଏବିଇଓ ସୂର୍ଯ୍ୟ ନାଇକ ପ୍ରମୁଖ ଉପସ୍ଥିତ ରହି ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ତାଲିମ ସମାପ୍ତ ପ୍ରମାଣ ପତ୍ର ବଣ୍ଟନ କରିଥିଲେ । ଏହି ଅବସରରେ ଦୀନବନ୍ଧୁ ବେହେରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱରାଜ କଅଁର, ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉମାକାନ୍ତ ନାହାକ ପ୍ରମୁଖ ଉପସ୍ଥିତ ଥିଲେ । ସମ୍ବଳ ଶିକ୍ଷକ ରୂପେ କାଳୀଚରଣ ନାଇକ, ଗଣେଶ ନାଇକ, ଗୌରହରି ସାହୁ, ସୀମାଞ୍ଚଳ ପାତ୍ରଙ୍କ ସମେତ ବ୍ଲକର ସମସ୍ତ ସିଆର୍‌ସିସି ଦାୟିତ୍ୱ ତୁଲାଇଥିଲେ । ବିଆର୍‌ଟି ଅନୀଲ ମୁଦୁଲି ଓ ଚିନ୍ମୟ ଦାଶ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ଆୟୋଜିତ ବିଦ୍ୟାଳୟଭିତ୍ତିକ ମାନ ନିର୍ଦ୍ଧାରଣ ସମ୍ବନ୍ଧୀୟ ତାଲିମ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଦକ୍ଷତାକୁ ଅଧିକ ବଳିଷ୍ଠ କରିବା ସହ ନିରନ୍ତର ଓ ସାମଗ୍ରୀକ ମୂଲ୍ୟାୟନରେ ସହାୟତା ପ୍ରଦାନ କରିବ ବୋଲି ତାଲିମପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ମତବ୍ୟକ୍ତ କରିଥିଲେ । ସମ୍ବଳ ଶିକ୍ଷକ କାଳୀଚରଣ ନାଇକ ଧନ୍ୟବାଦ ଅର୍ପଣ କରିଥିଲେ ।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା ପ୍ରସ୍ତୁତି

**ଛତ୍ରପୁର,୧୪ ।୧(ସମିସ):** ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଛି । ଏନେଇ ଛତ୍ରପୁର ବ୍ଲକ ପ୍ରଶାସନ ପକ୍ଷରୁ ଏକ



ପ୍ରସ୍ତୁତି ବୈଠକ ବ୍ଲକ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ବିଏସ୍‌କେୱାଇ କାର୍ଡ, ସାମାଜିକ ସୁରକ୍ଷା, ଜଗନ୍ନାଥ ସଂସ୍କୃତି, ମିଶନ ଶକ୍ତି ସମେତ ବିଭିନ୍ନ ବିକାଶ ଏବଂ ପଞ୍ଚାୟତସ୍ତରରେ ହୋଇଥିବା ବଡ଼ ବଡ଼ ପ୍ରକଳ୍ପ ଓ ବିକାଶମୂଳକ କାର୍ଯ୍ୟଗୁଡ଼ିକୁ ଏଲ୍‌ଇଡି ମାଧ୍ୟମରେ ଜନସାଧାରଣ ମାନଙ୍କୁ ସଚେତନ କରାଯିବ । ଆସନ୍ତା ୧୭ ତାରିଖଠାରୁ ଛତ୍ରପୁର ବ୍ଲକର ବିଭିନ୍ନ ପଞ୍ଚାୟତରୁ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହେବ ବୋଲି ବିଡିଓ ସୁଶାନ୍ତ କୁମାର ବରାଳ ଅଧ୍ୟକ୍ଷତା କରି କହିଛନ୍ତି । ଏହା କିପରି ସଫଳ ହୋଇପାରିବ ସେଥି ପାଇଁ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଯୋଗ ଦେଇ ପଞ୍ଚାୟତ ପ୍ରତିନିଧି ଓ ଲାଇନ୍ ବିଭାଗର ଅଧିକାରୀମାନଙ୍କୁ ଅବଗତ କରାଇଥିଲେ । ବୈଠକରେ ବ୍ଲକ ଅଧ୍ୟକ୍ଷା କିରଣ କୁମାରୀ ଦାସ, ଉପାଧ୍ୟକ୍ଷ ଏସ୍. ସାରଦା ରେଡ୍ଡୀ, ଏବିଡିଓ ଜୟଶ୍ରୀ ନାୟକ, ବ୍ଲକ ଫାଇନାନ୍ସ ଅଧିକାରୀ ଗିରୀଶ ଚନ୍ଦ୍ର ମହାରଣାଙ୍କ ସମେତ ବହୁ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ବନବିହାର ମଜା ଉଠାଇଲେ ଛାତ୍ରଛାତ୍ରୀ

**ରାୟଗଡ଼,୧୪ ।୧(ସମିସ):** ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ସଦରମହକୁମାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପକ୍ଷରୁ ଏସଏସଡି ହାଇସ୍କୁଲ ଆମ୍ବ ତୋଟାରେ ରବିବାର ବନବିହାର ଓ ମକର ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଆଚାର୍ଯ୍ୟ ଶୋଭେନ୍ଦ୍ର ନାଥ ଘଡ଼ାଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସହ ଜିଲ୍ଲା ସଞ୍ଚାଳକ ରାଧାକୃଷ୍ଣ ଜାନୀ, ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ଉପ ସଭାପତି ଘାସି ପାଇକ, ସମ୍ପାଦକ ନରସିଂହ ନାୟକ, ଯୁଗ୍ମ ସମ୍ପାଦକ ଯୁଧିଷ୍ଠିର ସାହୁ ଏବଂ ମୁଖ୍ୟବକ୍ତା ଭାବେ ସୁରେଶ କୁମାର ସାହୁକାର ଯୋଗଦେଇ ମକର ଉତ୍ସବ ସମ୍ପର୍କରେ ବିସ୍ତୃତ ଭାବେ ମତ ରଖିଥିଲେ । ଶେଷରେ ଛାତ୍ରଛାତ୍ରୀ, ଅଭିଭାବକ, ଗୁରୁଜୀ-ଗୁରୁମା ପ୍ରମୁଖ ଏକତ୍ରିତ ହୋଇ ଭୋଜି ଭାତର ମଜା ଉଠାଇଥିଲେ ।

# ନାଳ ଜାମ୍; ରାସ୍ତାରେ ଭାସୁଛି ଆବର୍ଜନା ପାଣି

**ଶେରଗଡ଼,୧୪ ।୧(ସମିସ):** ଶେରଗଡ଼କୁ ସବୁଜ ସୁନ୍ଦର କରିବା ପାଇଁ ପଞ୍ଚାୟତ ସମିତି ପକ୍ଷରୁ ବିଭିନ୍ନ ପ୍ରକଳ୍ପ ହାତକୁ ନିଆଯାଇଥିଲେ ହେଁ ଏହାର ସୁବିନିଯୋଗ ହୋଇପାରୁନି । ବିଶେଷ କରି ଏଠାକାର ପରିମଳ ବ୍ୟବସ୍ଥା ବିଷୟରେ କହିଲେ ନସରେ । ଶେରଗଡ଼ରୁ ରାଜପଥକୁ ସଂଯୋଗ କରୁଥିବା ତିନି ହରିଜନ ସାହିର ରାସ୍ତା ପାର୍ଶ୍ୱରେ ଥିବା ନାଳ ଦୀର୍ଘ ଦିନ ହେବ ଭାଙ୍ଗି ଯାଇଥିଲେ ସୁଦ୍ଧା ଏହାକୁ ମରାମତି କରାଯାଉନାହିଁ । ଏପରିକି ନୂତନ ନାଳ ମଧ୍ୟ ନିର୍ମାଣ କରାଯାଉନି । ଫଳରେ ନାଳ ଜାମ ହୋଇ ପାଣି ରାସ୍ତାରେ ଭାସିଥାଏ । ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ବହୁ ବ୍ୟକ୍ତି ବିଶେଷ ଶେରଗଡ଼ ପଞ୍ଚାୟତ ସମିତି ତଥା ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଯାଇଥାନ୍ତି । ନିୟମିତ ନାଳ ସଫା ହେଉନଥିବା ଯୋଗୁଁ ମାଟି, ଗୋଡ଼ି, ଆବର୍ଜନା ନାଳରେ



ପଡ଼ି ଅଧିକାଂଶ ସମୟରେ ନାଳ ଜାମ ହେଉଛି । ଏଥିଯୋଗୁଁ ରାସ୍ତା ସାରା ନାଳର ଆବର୍ଜନା ପାଣି ଭାସୁଛି । ଫଳରେ ରାସ୍ତା ପାର୍ଶ୍ୱରେ ବସବାସ କରୁଥିବା ତିନି ହରିଜନ ସାହିର ବାସିନ୍ଦା ଓ ସାଧାରଣ ଜନତା ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଗାଡ଼ି ଓ ପଥଚାରୀ ଆବର୍ଜନା ପାଣି ଦେଇ ଯାଇଥାନ୍ତି । ଫଳରେ ରାସ୍ତା ଖାଲଖମା ଯୋଗୁଁ ଗାଡ଼ି ଯିବା ବେଳେ ନର୍ଦ୍ଦମାର ପାଣି ଲୋକଙ୍କ ଉପରେ ପଡ଼ିବା ସହ ଛିଟିକି ଘରେ ପଡୁଛି । ଏଥିଲାଗି ତିନି ସାହିର ବାସିନ୍ଦାଙ୍କ ସହ ପଥଚାରୀ ଅସୁବିଧା ଭୋଗୁଛନ୍ତି । ଏନେଇ ତିନି ସାହିରେ ବସବାସ କରୁଥିବା ଲୋକେ କ୍ଷୋଭର ସହ କହିଛନ୍ତି ଯେ, ଆମ ଗୁହାରୀ କେହି ଶୁଣୁନାହାନ୍ତି । ନାଳ ମରାମତି ପାଇଁ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ପ୍ରଶାସନ କର୍ଣ୍ଣପାତ କରୁନାହିଁ । ଏନେଇ ଉକ୍ତ ଦୁଇ ୱାର୍ଡର ୱାର୍ଡ ସଭ୍ୟ ସଞ୍ଜୟ କୁମାର ପାତ୍ର ଓ ଶଙ୍କର ସେଠୀ କହିଛନ୍ତି ଯେ, ଏଥିପ୍ରତି ପ୍ରଶାସନ ଯଦି ଗୁରୁତ୍ୱ ନଦିଅନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ ହେବୁ ।

ସକାଳ THE SAKALA



## କୃଷି ଓଡ଼ିଶା-୨୦୨୪ ଉଦ୍‌ଯାପିତ

# 'ମହିଳାଙ୍କ ଯୋଗଦାନ ବିନା କୌଣସି ଦେଶର ବିକାଶ ସମ୍ଭବ ନୁହେଁ'

**ଭୁବନେଶ୍ୱର,୧୪।୧(ସମିସ):** ମହିଳା ଚାଷୀମାନେ ଆଧୁନିକ ଯନ୍ତ୍ରପାତି, ଜ୍ଞାନକୌଶଳ ବ୍ୟବହାର କରି ନିଜ ଉତ୍ପାଦର ପ୍ୟାକେଜିଂ ଓ ମାର୍କେଟିଂ କରିବା ଉପରେ ଧ୍ୟାନ ଦେବା ଜରୁରୀ। ବିଶେଷକରି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) ମା'ମାନେ ଏହା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବା ଆବଶ୍ୟକ। ଗ୍ରାମୀଣ କ୍ଷେତ୍ରର ବିକାଶ ହେଲେ ଦେଶର ବିକାଶ ତ୍ୱରାନ୍ୱିତ ହୋଇପାରିବ ଏବଂ ୨୦୪୭

### ବ୍ଲକ୍‌ସ୍ତରରେ ହେବ କୃଷି ଯନ୍ତ୍ରପାତି ମେଳା

ସୁଦ୍ଧା ଓଡ଼ିଶା ଏକ ସମୃଦ୍ଧ ରାଜ୍ୟରେ ପରିଣତ ହେବ। କୃଷି ଓ କୃଷକ କଲ୍ୟାଣ ବିଭାଗ ଏବଂ ଫିକିର ମିଳିତ ସହଯୋଗରେ ଜନତା ମଇଦାନରେ ଆୟୋଜିତ କୃଷି ଓଡ଼ିଶା ୨୦୨୪ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ରଘୁବର ଦାସ ଆଜି ଏହା କହିଛନ୍ତି।

ଶ୍ରୀ ଦାସ ଆହୁରି କହିଛନ୍ତି ଯେ, ମହିଳାଙ୍କ ଯୋଗଦାନ ବିନା କୌଣସି ଦେଶର ବିକାଶ ସମ୍ଭବ ନୁହେଁ। ଆମ ଦେଶର ମହିଳାମାନଙ୍କ ଅବଦାନ ସାରା ବିଶ୍ୱରେ ଅତୁଳନୀୟ। ଚାଷ,



ପଶୁପାଳନ, ମତ୍ସ୍ୟଚାଷ ଆଦି କ୍ଷେତ୍ରରେ ଅଧିକରୁ ଅଧିକ ମହିଳା ଚାଷୀ ନିୟୋଜିତ ହୋଇଛନ୍ତି। କୃଷି କ୍ଷେତ୍ର ଉପରେ ଅଧିକ ଗୁରୁତ୍ୱ ଦିଆଯାଉଥିବାରୁ ଉତ୍ପାଦକତା ବଢ଼ିଛି। ସେଥିପାଇଁ ରାଜ୍ୟ ସରକାର କୃଷି କର୍ମଣ ପୁରସ୍କାର ପାଉଛନ୍ତି। ଏହା ରାଜ୍ୟ ଓ ରାଜ୍ୟବାସୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ସେ କହିଛନ୍ତି।

ବିଭାଗୀୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଲେ, କୃଷି ଯନ୍ତ୍ରପାତି ମେଳାକୁ ଆଗାମୀ ଦିନରେ ବ୍ଲକ୍‌ସ୍ତରରେ ଆୟୋଜନ କରାଯିବ। ପୂର୍ବରୁ ସବଡିଭିଜନ୍ ସ୍ତରରେ ଆୟୋଜନ କରାଯାଇଥିବା ମେଳା ବେଶ ସଫଳ ହୋଇଛି। ପ୍ରାୟ ୧୪୦୦ କୋଟି ଟଙ୍କାର କୃଷି ଯନ୍ତ୍ରପାତି କାରବାର ହୋଇଥିବା ବେଳେ ୫୦୦ କୋଟି ଟଙ୍କାର ସବ୍‌ସିଡି ଦିଆଯାଇଛି। ଚାଷୀଙ୍କ ହାତକୁ ଟଙ୍କା ଦେବା, ରୋଜଗାର ସୃଷ୍ଟି କରିବା ଓ ଉତ୍ପାଦନ ବଢ଼ାଇବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଜଳ ସମ୍ପଦ ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି ଯେ, ଜଳ ବିନା ଚାଷ କାମ ହୋଇପାରିବନି। ତେଣୁ ଜଳ ସମ୍ପଦ ବିଭାଗ ଓ କୃଷି ବିଭାଗ ମଧ୍ୟରେ ସମନ୍ୱୟ ଉପରେ ଗୁରୁତ୍ୱ ଦିଆଯାଉଛି। ରାଜ୍ୟ ସରକାର ମହିଳାମାନଙ୍କ ଉନ୍ନତିକୁ ପ୍ରାଥମିକତା ଦେଉଥିବା ବେଳେ ସେମାନଙ୍କ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରାଯାଇଛି।

ବିଭାଗୀୟ ପ୍ରମୁଖ ସଚିବ ଅରବିନ୍ଦ ପାଢ଼ୀ ସ୍ୱାଗତ ଭାଷଣ ଦେଇ କହିଲେ, କୃଷି କ୍ଷେତ୍ରର ନିରନ୍ତର ରୂପାନ୍ତରୀକରଣ ପାଇଁ ମହିଳାମାନଙ୍କ ଯୋଗଦାନ ନିତାନ୍ତ ଆବଶ୍ୟକ। ସେମାନଙ୍କ ଯୋଗଦାନ ବିନା ଏହି କ୍ଷେତ୍ରର ପ୍ରଗତି ଅସମ୍ଭବ। କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧୁରୀ ଧନ୍ୟବାଦ ଦେଇଥିଲେ।

'କୃଷି କ୍ଷେତ୍ରରେ ମହିଳାଙ୍କ ସଫଳତା ପାଳନ' ଶୀର୍ଷକ ଉପରେ ଆୟୋଜିତ କୃଷି ଓଡ଼ିଶା ୨୦୨୪ ଗତ ଶୁକ୍ରବାର ଦିନ ଉଦ୍‌ଘାଟିତ ହୋଇଥିଲା। କାର୍ଯ୍ୟକ୍ରମରେ ସାରା ରାଜ୍ୟର କୋଣ ଅନୁକୋଣରୁ ପ୍ରାୟ ୫ହଜାର ମହିଳା ଚାଷୀ, ୨ହଜାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, କୃଷି ଉଦ୍ୟୋଗୀ, କୃଷି ବିଶେଷଜ୍ଞ ଓ ଅନ୍ୟ ଅଂଶୀଦାରମାନେ ସାମିଲ ହୋଇଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ, କେନ୍ଦ୍ର ସରକାର, ଆଇସିଏଆର ଅନୁଷ୍ଠାନ, ସିଜିଆଇଏଆର ଅନୁଷ୍ଠାନ, ବେସରକାରୀ ସଂଗଠନ, କୃଷକ-ବୈଜ୍ଞାନିକ ଆଲୋଚନା, ସେମିନାର, କୃଷକ ସୁବିଧା କେନ୍ଦ୍ର, ଅଭିଜ୍ଞତା-ଶିକ୍ଷଣ କେନ୍ଦ୍ର, କୃଷି ଯନ୍ତ୍ରପାତି ପ୍ରଦର୍ଶନ, କୃଷି ଜାତ ଦ୍ରବ୍ୟ ଉପରେ ପ୍ରଦର୍ଶନୀ ଷ୍ଟଲ, ମହିଳା କୃଷକ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସହଯୋଗରେ ୧୭ଟି ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। କୃଷି ଓଡ଼ିଶା ୨୦୨୪କୁ ଆହୁରି ଆକର୍ଷଣୀୟ କୁଇଜ୍ ଓ ବକ୍ତୃତାରେ ପରିଣତ କରିବା ପାଇଁ ପରୀକ୍ଷାମୂଳକ ଜଳକ୍ରୀଡ଼ା, ସ୍ଥାନୀୟ କୃଷକ ଗୀତ, କାହାଣୀ, ପୋଷ୍ଟକାର୍ଡ ବିନିମୟ, କୃଷକ ସୁବିଧା କେନ୍ଦ୍ର ଓ ଏକ ପରୀକ୍ଷାମୂଳକ ଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା।

## ପାରାଦୀପ ବନ୍ଦରରୁ କୋକେନ୍ ଜବତ ଘଟଣା

# ହାତ କାଟି ସମୁଦ୍ରକୁ ଡେଇଁଲେ କ୍ରିଉ ସଦସ୍ୟ

**ଭୁବନେଶ୍ୱର,୧୪।୧(ସମିସ):** ୨୨୦ କୋଟିର କୋକେନ୍ ଜବତ ହୋଇଥିବା ଦେବୀ ଜାହାଜର ଜଣେ ସଦସ୍ୟ ଆଜି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଆଜି ସକାଳେ ସେ ନିଜ ହାତ କାଟିବା ସହ ସେ ସମୁଦ୍ରକୁ ଡେଇଁ ଜୀବନ ହାରିବାକୁ ଚେଷ୍ଟା କରିଥିଲେ। ତେବେ ଠିକ୍ ସମୟରେ ତାଙ୍କ ସହଯୋଗୀମାନେ ଏହା ଦେଖି ପାଟି କରିବାରୁ ତାଙ୍କୁ ଉଦ୍ଧାର କରାଯାଇଥିଲା। ସେ ହେଲେ, ବୁଇ କଂ ହୁ। ବୁଇଙ୍କୁ

### ଗୁରୁତର ଅବସ୍ଥାରେ ରାଜଧାନୀର ଘରୋଇ ହସ୍ପିଟାଲରେ ଭର୍ତ୍ତି



ଗୁରୁତର ଅବସ୍ଥାରେ ପ୍ରଥମେ ପାରାଦୀପ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଜଟିଳ ରହିଥିବା ଡାକ୍ତର ସୂଚନା ଦେଇଛନ୍ତି। ସୀମାଶୁଳ୍କ ବିଭାଗ ଜବତ ଜାହାଜକୁ ଆଙ୍କରେଜ୍ ଏରିଆରେ ଅଟକ ରଖିଛି। ତେବେ ସୁରକ୍ଷା ସତ୍ତ୍ୱେ ଜାହାଜର ଏହି କ୍ରିଉ-ମେମ୍ବର୍ କିଭଳି ନିଜ ହାତ କାଟିଲେ ଓ ସମୁଦ୍ର ଭିତରକୁ ଡେଇଁଲେ, ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସନ୍ଦେହ କରାଯାଉଛି ଯେ ଜାହାଜରୁ ଜବତ ହୋଇଥିବା କୋକେନ୍ ସମ୍ପର୍କରେ କ୍ରିଉ-ମେମ୍ବର ବୁଇ କଂ ହୁ ସବୁ କିଛି ଜାଣିଛନ୍ତି। ତେଣୁ ତାଙ୍କୁ ହତ୍ୟା କରିବାକୁ ଯୋଜନା କରାଯାଇଥିବା ସନ୍ଦେହ କରାଯାଉଛି। ଏନେଇ ପୁଲିସ ଅଧିକ ତଦନ୍ତ କରୁଛି। ବୁଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି ନା କେହି ତାଙ୍କୁ ହତ୍ୟା କରିବାକୁ ଯୋଜନା କରିଛି, ସେନେଇ ମଧ୍ୟ ତଦନ୍ତ କରାଯାଉଛି।

ସୂଚନାଯୋଗ୍ୟ, ଗତବର୍ଷ ଡସେମ୍ବର ୧ ତାରିଖରେ ଏହି ଜାହାଜଟି ପଣ୍ୟ ନେବା ପାଇଁ ପାରାଦୀପ ବନ୍ଦରକୁ ଆସିଥିବା ବେଳେ ସେଥିରୁ ୨୨୦ କୋଟି ଟଙ୍କାର କେକେନ୍ ଜବତ ହୋଇଥିଲା। ସୀମାଶୁଳ୍କ ବିଭାଗ ଏହି ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ୧୦ ଜଣଙ୍କୁ ସ୍କାନର୍‌ରେ ରଖିଛି। ସେମାନଙ୍କ ମଧ୍ୟରେ ୩ଜଣ ଜାହାଜର କ୍ରିଉ-ମେମ୍ବର୍ ଥିବା ବେଳେ ୬ଜଣ କ୍ରେନ୍ ଅପରେଟର୍ ଓ ଜଣେ ଷ୍ଟିଭଡରିଂର ବରିଷ୍ଠ ସଦସ୍ୟ ରହିଛନ୍ତି। ଆଜି ଏମାନଙ୍କୁ ସାମ୍ନାସାମ୍ନି ବସାଇ ତଦନ୍ତକାରୀ ସଂସ୍ଥା ପଚରାଉଚରା କରାଯାଇଛି। ଜାହାଜ ଭିତରକୁ କିଏ, କେଉଁ ସମୟରେ, କେଉଁଠାରୁ କୋକେନ୍ ଚଢ଼ାଇଲା, ତା'ର ଖିଅ ତଦନ୍ତକାରୀ ସଂସ୍ଥା ଖୋଜୁଥିବା ଜଣାପଡ଼ିଛି।

# ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଛାତ୍ରବୃତ୍ତି ଆବେଦନ ଆରମ୍ଭ

## ଆବେଦନର ଶେଷ ତାରିଖ ମେ' ୩୧

**ଭୁବନେଶ୍ୱର, ୧୪।୧(ସମିସ):** ଓଡ଼ିଶା ଗୃହ ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ପରିଷଦ ପକ୍ଷରୁ ୨୦୨୩-୨୪ ଶିକ୍ଷାବର୍ଷ ପାଇଁ ଛାତ୍ରବୃତ୍ତି ଆବେଦନ ଆରମ୍ଭ ହୋଇଛି। ଅନ୍ୟୁନ ଏକ ବର୍ଷ ଏହି ପରିଷଦ ଅଧୀନରେ ପଞ୍ଜୀକୃତ ଶ୍ରମିକଙ୍କ ପିଲାମାନେ ଏଥିପାଇଁ ଆବେଦନ କରିପାରିବେ। ଆବେଦନର ଶେଷ ତାରିଖ ମେ' ୩୧ ରହିଛି ବୋଲି ପରିଷଦ ପକ୍ଷରୁ ଦର୍ଶାଯାଇଛି।

ସୂଚନା ଅନୁଯାୟୀ, ଷଷ୍ଠରୁ ତଦୂର୍ଦ୍ଧ୍ୱ ଶ୍ରେଣୀରେ ପଢୁଥିବା ନିର୍ମାଣ ଶ୍ରମିକଙ୍କ ପିଲାମାନଙ୍କୁ ଏହି ଛାତ୍ରବୃତ୍ତି ପ୍ରଦାନ କରାଯିବ। ଗୋଟିଏ ପରିବାରର ଦୁଇଜଣ ପିଲା ଏକାବେଳେ ଏଥିରେ ଲାଭାନ୍ୱିତ ହୋଇପାରିବେ। ଷଷ୍ଠ ଓ ସପ୍ତମ ପାଇଁ କେବଳ ଛାତ୍ରୀମାନଙ୍କୁ ସାମିଲ କରାଯାଇଥିବା ବେଳେ ଅଷ୍ଟମରୁ ତଦୂର୍ଦ୍ଧ୍ୱ ଶ୍ରେଣୀରେ ଉଭୟ ଛାତ୍ର ଓ ଛାତ୍ରୀଙ୍କୁସାମିଲ କରାଯାଇଛି। ଅଷ୍ଟମରୁ ତଦୂର୍ଦ୍ଧ୍ୱ ଶ୍ରେଣୀରେ ଝିଅ ପଢୁଥିଲେ, ଅଧିକ ୨୦% ସହାୟତା ମିଳିବ। ରାଜ୍ୟ ସ୍କଲାରସିପ୍ ପୋର୍ଟାଲ scholarship.odisha.gov.inରେ ଆବେଦନ କରିବାକୁ କୁହାଯାଇଛି। ଅପରପକ୍ଷରେ ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା ଅନ୍ତର୍ଗତ ସମସ୍ତ ଛାତ୍ରବୃତ୍ତି ଆବେଦନ ଅବଧି ବୃଦ୍ଧି ପାଇଛି। ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନା, ବ୍ୟାସକବି ଫକିରମୋହନ ଭାଷାବୃତ୍ତି, ସ୍ନାତକ ଓ ସ୍ନାତକୋତ୍ତର ଇ-ମେଧାବୃତ୍ତି, ବୈଷୟିକ ଓ ବୃତ୍ତିଗତ ଇ-ମେଧାବୃତ୍ତି ପାଇଁ ଜାନୁଆରୀ ୨୫ ତାରିଖ ଯାଏଁ ଛାତ୍ରଛାତ୍ରୀମାନେ ଆବେଦନ କରିପାରିବେ। ଏଥିପାଇଁ ଛାତ୍ରଛାତ୍ରୀଙ୍କୁ ଏହା ଶେଷ ସୁଯୋଗ ଦିଆଯାଇଛି। ପରବର୍ତ୍ତୀ ସମୟରେ ଆବେଦନ ଅବଧି ବୃଦ୍ଧି କରାଯିବ ନାହିଁ ବୋଲି ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ବେଙ୍ଗାଲୁରୁରେ ଓଡ଼ିଆ ଝିଅକୁ ବୀଭତ୍ସ ହତ୍ୟା

**ଭୁବନେଶ୍ୱର/ଜଗତସିଂହପୁର, ୧୪।୧(ସମିସ):** ବେଙ୍ଗାଲୁରୁରେ ଜଣେ ଓଡ଼ିଆ ଝିଅକୁ ବୀଭତ୍ସ ହତ୍ୟା କରାଯାଇଛି। ହତ୍ୟାର ଶିକାର ନାବାଳିକାଜଣଙ୍କ ହେଲା, ଜଗତସିଂହପୁର ବଡ଼ବାଗ ଗାଁର ଶୁଭସ୍ମିତା ବେହେରା। ଗତକାଲି ସକାଳେ ରାସ୍ତାକଡ଼ରୁ ଶୁଭସ୍ମିତାର ଶବ ମିଳିଥିଲା। ରାଜନାକୁଂଟେ ଥାନା ଏହାର ତଦନ୍ତ କରିବା ସହ ୩ ସଂଦିଗ୍ଧଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଏହି ହତ୍ୟାକାଣ୍ଡ ପଛରେ ଶୁଭସ୍ମିତାର ସାବତ ବାପାଙ୍କ ହାତ ଥିବା ପୁଲିସ ସନ୍ଦେହ କରୁଛି। ଅପରପକ୍ଷେ ଏହି ଖବର ଆଜି ଗାଁରେ ପହଞ୍ଚିବା ପରେ ବଡ଼ବାଗରେ ଶୋକ ପ୍ରକାଶ ପାଇଛି। ଶୁଭସ୍ମିତା ବୃନ୍ଦାବନ ବିଦ୍ୟାପୀଠରେ ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିଲା। ୮ ମାସ ତଳେ ନିଜ ମା' ସସ୍ମିତା ସହ ବେଙ୍ଗାଲୁରୁରେ ରହୁଥିଲା।

- ସାବତ ବାପା ହତ୍ୟା କରିଥିବା ପୁଲିସର ସନ୍ଦେହ
- ଶୋଇଥିବା ବେଳେ ଘରୁ ଟେକି ନେଇ ହତ୍ୟା

ସୂଚନା ମୁତାବକ, ବଡ଼ବାଗ ଗାଁର ବାବୁଲି ବେହେରାଙ୍କ ଝିଅ ସସ୍ମିତା ବେହେରା ୧୪ ବର୍ଷ ତଳେ ନୟାଗଡ଼ ଦଶପଲ୍ଲା ଅଞ୍ଚଳରେ ବିବାହ କରିଥିଲେ। ଦୁଇ ବର୍ଷ ପୂର୍ବେ ଏକ ସଡ଼କ ଦୁର୍ଘଟଣାରେ ତାଙ୍କ ସ୍ୱାମୀର ମୃତ୍ୟୁ ହୋଇଯାଇଥିଲା। ପରେ ସସ୍ମିତା ଝିଅ ଖୁସି ଓ ଛୋଟ ପୁଅକୁ ନେଇ ଆସି ବଡ଼ବାଗସ୍ଥିତ ବାପଘରେ ରହୁଥିଲା। ବର୍ଷେ ତଳେ ସସ୍ମିତା ଭଦ୍ରକର ଏକ ଯୁବକଙ୍କୁ ଦ୍ୱିତୀୟ ବିବାହ କରିବା ପରେ ସପରିବାର ବେଙ୍ଗାଲୁର ଚାଲି ଯାଇଥିଲେ। ସେଠାରେ ଦୁହେଁ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ରାତିରେ ପରିବାର ଲୋକେ ସମସ୍ତେ ଖାଇପିଇ ଶୋଇଥିଲେ। ଭୋର ସମୟରେ କିନ୍ତୁ ଶୁଭସ୍ମିତା ଘରେ ନଥିବା ଦେଖି ପରିବାର ଲୋକେ ଏଣେ ତେଣେ ଖୋଜିଥିଲେ। ଘରଠାରୁ କିଛି ଦୂରରେ ଶୁଭସ୍ମିତାଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ତାଙ୍କୁ ଅତି ଜଘନ୍ୟ ଭାବେ ହତ୍ୟା କରାଯାଇଛି। ମୁହଁରେ ହାତ ଦାଗ ରହିଥିବା ବେଳେ ମୁଣ୍ଡରୁ ଗଭୀର କ୍ଷତଚିହ୍ନ ରହିଛି। ଶୋଇଥିବା ବେଳେ ଶୁଭସ୍ମିତାକୁ କେହି ଉଠାଇ ନେଇ ଘର ବାହାରେ ହତ୍ୟା କରିଛି ବୋଲି ସନ୍ଦେହ କରାଯାଉଛି। ତେଣୁ ପୁଲିସ ସବୁ ଦିଗକୁ ନେଇ ତଦନ୍ତ ଚଲାଇଛି।

# ସୀମାନ୍ତରେ ୩ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି,୧୪।୧(ସମିସ):** ସୀମାନ୍ତ ଛତିଶଗଡ଼ର ଦନ୍ତେୱାଡା ଜିଲ୍ଲାରେ ଚାଲିଥିବା ନକ୍ସଲବିରୋଧୀ ଅଭିଯାନରେ ପୁଲିସକୁ ଆଉ ଏକ ସଫଳତା ମିଳିଛି। ସଂଗଠନ ଛାଡ଼ି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ଉଦ୍ଦେଶ୍ୟରେ ୩ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ, ଦନ୍ତେୱାଡା ଜିଲ୍ଲାର କଟେକଲ୍ୟାଣ ମାଓବାଦୀ କମିଟିରେ ସକ୍ରିୟ ଏଲଓଏସ୍ କମାଣ୍ଡର ଗଙ୍ଗା ମୁଚାକି, ଡିକେଏମଏସ ସଦସ୍ୟ ମୁଚାକି ମୁଦା, ସିଏନଏମ୍ ସଦସ୍ୟ ଆଇତା କୁହୁଦମ। ଏହି ୩ଜଣ ଯାକ ଆଜି ଜିଲ୍ଲା ପୁଲିସ୍ ନିକଟରେ ଆତ୍ମସମର୍ପଣ କରିଛନ୍ତି। ମାଓ ସଙ୍ଗଠନ ନିଜର ନୀତି ଆଦର୍ଶରୁ ଓହରି ଯାଉଥିବା ସହ ଦୁର୍ବଳ ହେଉଥିବା ବେଳେ ସରକାରଙ୍କ ପୁନର୍ବାସ ଯୋଜନାରେ ଆକର୍ଷିତ ହୋଇ ସେମାନେ ଆତ୍ମସମର୍ପଣ କରିଥିବା କହିଛନ୍ତି। ଏହି ୩ଜଣ ଯାକ ଦୀର୍ଘ ବର୍ଷ ଧରି ମାଓ ସଂଗଠନରେ କାର୍ଯ୍ୟ କରୁଥିବା ବେଳେ ବହୁ ବଡ଼ ବଡ଼ ହିଂସାକାଣ୍ଡରେ ଜଡ଼ିତ ଥିଲେ। ଆତ୍ମସମର୍ପଣ ପରେ ସେମାନଙ୍କୁ ୨୫ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ସହ ଆଗାମୀ ଦିନରେ ଅନ୍ୟାନ୍ୟ ସୁବିଧା ପ୍ରଦାନ କରାଯିବ ବୋଲି ପୁଲିସ୍ ଅଧୀକ୍ଷକ କହିଛନ୍ତି।




# CBSE BOARD EXAMINATION (2023-24)
## PROBABLE QUESTION PAPER
## CLASS-X, SUB- ODIA

### ବିଭାଗ-କ

୧. **ଅନୁଚ୍ଛେଦଟି ପଢି ପ୍ରଶ୍ନଗୁଡିକର ଉତ୍ତର ଲେଖ ।** (୨×୫=୧୦)

ଇଂରେଜୀ ଭାଷା ସପକ୍ଷରେ ଯେଉଁମାନେ ମତ ପ୍ରକାଶ କରନ୍ତି ସେମାନେ ନିଜର ନିଜତ୍ୱକୁ ବିସର୍ଜନ କରି ଦେଇଛନ୍ତି ବୋଲି କୁହାଯାଇପାରେ । ସେମାନେ ଯେବେ ଗଭୀର ଭାବରେ ଚିନ୍ତା କରିବେ , ତେବେ ଦେଖିପାରିବେ ଯେ ଇଂରେଜୀ ଭାଷା ପ୍ରକୃତରେ ଆମର ଲାଭ ନ କରି କ୍ଷତି ହିଁ କରିଅଛି । ଇଂରେଜ ଶାସନ ପ୍ରବର୍ତ୍ତନ ପରେ ଭାରତରେ ଯେତେବେଳେ ଇଂରେଜୀ ଭାଷା ଶିକ୍ଷା ଦିଆଗଲା , ସେତେବେଳେ ଭାରତରେ ଶିକ୍ଷାନୀତିକୁ ବହୁ ଅଂଶରେ ଇଂଲଣ୍ଡରେ ପ୍ରବର୍ତ୍ତିତ ଶିକ୍ଷାନୀତିର ଅନୁରୂପ କରାଯିବାକୁ ଚେଷ୍ଟା କରାଗଲା । ସ୍କୁଲ ଓ କଲେଜରେ ଶିକ୍ଷାର ମାଧ୍ୟମ ହେଲା ଇଂରାଜୀ । ଆମ ଦେଶର ଛାତ୍ରମାନେ ସେମାନଙ୍କ ଜୀବନର ଅର୍ଦ୍ଧେକ ସମୟ ବିନିଯୋଗ କରି ଗୋଟିଏ ବିଦେଶୀ ଭାଷାକୁ ଶିକ୍ଷା କରିବାକୁ ଯେତେ ଚେଷ୍ଟା କଲେ ହେଁ ତାହାକୁ ଠିକ୍ ଭାବରେ ଶିକ୍ଷାକରି ପାରିଲେ ନାହିଁ । ପୁଣି ଏହା ଫଳରେ ନିଜର ମାତୃଭାଷାକୁ ମଧ ଅବହେଳା କରି ତହିଁରେ ଜ୍ଞାନ ଲାଭ କରିପାରିଲେ ନାହିଁ । ଆମ ଦେଶର ଶିକ୍ଷିତ ଯୁବକ ଏହିପରି ଏକ ତ୍ରିଶଙ୍କୁ ଅବସ୍ଥାରେ ବାରମ୍ବାର ପଡ଼ିଆସିଛି । ଇଂରେଜୀ ଭାଷା ବା ତା 'ର ମାତୃଭାଷା କୌଣସିଟିରେ ତା'ର ଯଥାର୍ଥ ଜ୍ଞାନ ନଥିଲା ବା ନାହିଁ । ଯେଉଁମାନେ ଇଂରେଜୀ ଭାଷାରେ ପାଣ୍ଡିତ୍ୟ ଲାଭ କରିଥିବାର ଛଳନା କରନ୍ତି ସେମାନଙ୍କୁ ଥରେ ଆମ ଦେଶର ଜଣେ ଭାଷାବିତ୍ ଆକ୍ଷେପ କରି କହିଥିଲେ ଯେ ସେମାନଙ୍କ ଆଗରେ ଗୋଟିଏ ଛତା ଖୋଲିଦେଇ ଛତାର ବିଭିନ୍ନ ଅଂଶକୁ ବର୍ଣ୍ଣନା କରିବାକୁ କୁହାଗଲେ ସେମାନଙ୍କର ଇଂରେଜୀ ଜ୍ଞାନ ଅତି ସହଜରେ ଧରାପଡ଼ିଯିବ । ସେ ଯାହା ହେଉନା କାହିଁକି , ଦୀର୍ଘକାଳର ପରାଧୀନତା ପରେ ଆମ ଦେଶ ସ୍ୱାଧୀନତା ଲାଭ କରିଅଛି ଓ ଆମର ସ୍ୱାତନ୍ତ୍ର୍ୟକୁ ବଜାୟ ରଖିବା ପାଇଁ ଆମକୁ ଏକ ସର୍ବସମ୍ମତ ରାଷ୍ଟ୍ରଭାଷା ଗ୍ରହଣ କରିବାକୁ ପଡ଼ିବ।

କ) ଇଂରେଜୀ ଭାଷା ସପକ୍ଷବାଦୀମାନେ ନିଜର କ'ଣ କ୍ଷତି କରିଛନ୍ତି ?
ଖ) ଇଂରେଜ ଶାସନରେ ଭାରତର ଶିକ୍ଷାନୀତି ପାଇଁ କି ଚେଷ୍ଟା ଚାଲିଥିଲା ?
ଗ) ଆମ ଦେଶର ଛାତ୍ରମାନେ ମାତୃଭାଷାକୁ କାହିଁକି ଅବହେଳା କଲେ ?
ଘ) କେଉଁମାନେ ନିଜର ନିଜତ୍ୱକୁ ବିସର୍ଜନ କରି ଦେଇଛନ୍ତି ବୋଲି କୁହାଯାଇପାରେ ?
ଙ) ଆମର ସ୍ୱାତନ୍ତ୍ର୍ୟକୁ ବଜାୟ ରଖିବା ପାଇଁ ଆମକୁ କ'ଣ କରିବାକୁ ପଡ଼ିବ ?

### ବିଭାଗ-ଖ

୨. **ଯେକୌଣସି ଗୋଟିଏ ରଚନା ଲେଖ ।** (୬×୧=୬)
କ) ଗଣମାଧ୍ୟମର ଭୂମିକା    ଖ) ଅରଣ୍ୟ ସୁରକ୍ଷା    ଗ) ଛାତ୍ର ଶୃଙ୍ଖଳା

୩. **ଯେକୌଣସି ଗୋଟିଏ ଲେଖ ।** (୬×୧=୬)
କ) "ଅତିଥିସେବା" ଶୀର୍ଷକଟିକୁ ସ୍ଥାନୀୟ ଖବରକାଗଜରେ ପ୍ରକାଶିତ କରିବା ପାଇଁ ସମ୍ପାଦକଙ୍କ ନିକଟକୁ ପତ୍ର ।
ଖ) "ଭବିଷ୍ୟତ ଲାଗି ଶକ୍ତି ସଂରକ୍ଷଣ" ଶୀର୍ଷକଟିକୁ ସ୍ଥାନୀୟ ଖବରକାଗଜରେ ପ୍ରକାଶିତ କରିବା ପାଇଁ ସମ୍ପାଦକଙ୍କ ନିକଟକୁ ପତ୍ର ।

### ବିଭାଗ-ଗ

୪. **ଲକ୍ଷଣ , ଉଦାହରଣ ଓ ଯତିପାତ ସହ ଯେକୌଣସି ଗୋଟିଏ ଛନ୍ଦକୁ ବୁଝାଇ ଲେଖ ।** (୪)
i) ଭାଗବତ ବାଣୀ    ii) ନଟବାଣୀ

୫. **ସୂଚନା ଅନୁସାରେ ବାକ୍ୟଗୁଡିକୁ ପରିବର୍ତ୍ତନ କର । (ଯେକୌଣସି ୨ଟିର)** (୧×୨=୨)
i) କରୁଣାବତାର ଶ୍ରୀରାମଚନ୍ଦ୍ର ଅହଲ୍ୟାକୁ ଉଦ୍ଧାର କରିଥିଲେ । (ଯୌଗିକ ବାକ୍ୟ କର)
ii) ରାତି ପାହିଲା ଓ ଶ୍ରମିକମାନେ କ୍ଷେତକୁ ଗଲେ । (ଜଟିଳ ବାକ୍ୟ କର)
iii) ସୀତା ଭଲ ନାଚୁଛି ଓ ସେଥିପାଇଁ ସୁନାମ ଅର୍ଜନ କରିଛି । (ସରଳ ବାକ୍ୟ କର)

୬. **ନିମ୍ନଲିଖିତ ରୂଢ଼ିକୁ ବ୍ୟବହାର କରି ସାର୍ଥକ ବାକ୍ୟ ଗଠନ କର । (ଯେକୌଣସି ୨ଟିର)** (୧×୨=୨)
i) ଉଷୁନା ଧାନ ଗଜା ହେବା
ii) ଅନ୍ଧାରରେ ବାଡ଼ି ବୁଲାଇବା
iii) ମୁଣ୍ଡ ଝାଳ ତୁଣ୍ଡରେ ମାରିବା

୭. **ଶୁଦ୍ଧ ପ୍ରୟୋଗ ଆଧାରରେ ଠିକ୍ ଶବ୍ଦ ଲେଖ । (ଯେକୌଣସି ୨ଟିର)** (୧×୨=୨)
i) ଜବି    ii) ଶିଶୀର    iii) ମଳୀନ

### ବିଭାଗ-ଘ

୮. **ସପ୍ରସଙ୍ଗ ସରଳାର୍ଥ ଲେଖ । (ଯେକୌଣସି ଗୋଟିଏର)** (୫×୧=୫)
କ) ଭାରତର ବୈଶିଷ୍ଟ୍ୟ ତା'ର ଆଧ୍ୟାତ୍ମିକତା ।
ଖ) "ଭୋକିଲା ଲୋକଙ୍କର ଦୁଃଖକୁ ନିଜ ଆଖିରେ ଦେଖି ତାଙ୍କର ହୃଦୟ ବିଗଳିତ ହେଲା ।"

୯. **ଗଦ୍ୟ ବିଭାଗରୁ ସଂକ୍ଷେପରେ ଯେକୌଣସି ୩ଟିର ଉତ୍ତର ଲେଖ ।** (୨×୩=୬)
କ) ଶ୍ରୀକୃଷ୍ଣଙ୍କୁ ମହାଭାରତର କର୍ଣ୍ଣଧାର କୁହାଯାଏ କାହିଁକି ?
ଖ) ମାତୃଭାଷା ସମ୍ପର୍କରେ ଗାନ୍ଧିଜୀ ଓ ରବୀନ୍ଦ୍ରନାଥଙ୍କର ଦୃଷ୍ଟିକୋଣ କିପରି ଥିଲା ?
ଗ) ଭଲ ବିଶ୍ୱବାସୀ କହିଲେ କ'ଣ ବୁଝାଯାଏ ?
ଘ) ଜୀବବିଜ୍ଞାନରୁ ଜୀବନ୍ତର ଶରୀର ସମ୍ପର୍କରେ କି ଧାରଣା ମିଳେ ?

୧୦. **ଗଦ୍ୟ ବିଭାଗରୁ ବନ୍ଧନୀ ମଧ୍ୟରୁ ସଠିକ ଉତ୍ତର ବାଛି ଲେଖ ।** (୧×୧୦=୧୦)
କ) 'ନବଯୁଗ ସାହିତ୍ୟ ସଂସଦ' କିଏ ପ୍ରତିଷ୍ଠା କରିଥିଲେ ?
୧) ଅନନ୍ତ ପଟ୍ଟନାୟକ  ୨) ସୁନନ୍ଦ କର  ୩) ବୈଷ୍ଣବ ପାଣି  ୪) ଭଗବତୀ ଚରଣ ପାଣିଗ୍ରାହୀ
ଖ) ସଭ୍ୟତା ଓ ବିଜ୍ଞାନ ପ୍ରବନ୍ଧଟି କେଉଁ ପତ୍ରିକାରେ ପ୍ରକାଶ ପାଇଥିଲା ?
୧) ସାହିତ୍ୟ ପସରା  ୨) ଉତ୍କଳ ସାହିତ୍ୟ  ୩)ଶ୍ରୀକୃଷ୍ଣ ରହସ୍ୟ  ୪) ଗପ ପସରା
ଗ) ଜନତା ଜନାର୍ଦ୍ଦନ କି ପ୍ରକାର ଛଳନାର ଶିକାର ହୋଇଥିଲେ ?
୧) ରାଜନୈତିକ  ୨) ସାମାଜିକ  ୩) ବୈଷୟିକ  ୪) ଅର୍ଥନୈତିକ
ଘ) ବଂଶୀଧର ସାମନ୍ତରାୟ କଣ ଥିଲେ ?
୧) ଶିକ୍ଷାବିତ୍  ୨) କଳାକାର  ୩) ଚାଳକ  ୪) ନିର୍ଦ୍ଦେଶକ
ଙ) "ସ୍ୱଭାବ କବି" ବୋଲି ଆମେ କାହାକୁ ଜାଣୁ –
୧) ମଧୁସୂଦନ ଦାସ  ୨) ଗଙ୍ଗାଧର ମେହେର  ୩) ଉପେନ୍ଦ୍ର ଭଞ୍ଜ  ୪) ଗୌରୀଶଙ୍କର ରାୟ
ଚ) 'ମାତୃଭାଷା ଓ ଲୋକଶିକ୍ଷା' ପ୍ରବନ୍ଧଟି କେଉଁ ବହିରୁ ସଂଗୃହୀତ ?
୧) ଗଙ୍ଗାରୁ ଗୋଦାବରୀ  ୨)ଓଡ଼ିଆ କେବେ  ୩)ଲଣ୍ଡନ ଚିଠି  ୪) ଶିଶୁ ସାହିତ୍ୟ
ଛ) ଗଣତନ୍ତ୍ରର ମୂଳମନ୍ତ୍ରଟି କଣ ?
୧) ତାଲିମ  ୨)ଯୋଗ ବିଦ୍ୟା  ୩)ରୋଜଗାର  ୪) ଶିକ୍ଷା
ଜ) ଗାନ୍ଧିଜୀ ମାତୃଭାଷାକୁ କିପରି ମୂଲ୍ୟବାନ ମନେକରୁଥିଲେ?
୧) ହୀରା  ୨)ମାତୃସ୍ତନ୍ୟ  ୩)ଗଙ୍ଗା  ୪) କନ୍ୟା
ଝ) କେଉଁ କୃତିଟି ସଚ୍ଚିଦାନନ୍ଦ ରାଉତରାୟଙ୍କର ?
୧) କାଳାନ୍ତର  ୨)ଶିବଭାଇ  ୩)ମଶାଣିର ଫୁଲ  ୪)ବଜ୍ରବାହୁ
ଞ) ଜନତାର ପ୍ରଥମ ପ୍ରୟୋଜନ କଣ ?
୧) ବନ୍ଧୁତା  ୨) ଆଞ୍ଚଳିକ ଭାଷା  ୩)ଧନ  ୪) ଖାଦ୍ୟ

୧୧. **ସପ୍ରସଙ୍ଗ ସରଳାର୍ଥ ଲେଖ । (ଯେକୌଣସି ଗୋଟିଏର)** (୫×୧=୫)
କ) ଭାଜି ପଡୁ ଆଜି ଅର୍ଗଳ ରାଜି
ଘେନ ବିଜୟର ମାଳା ।
ଖ) ଜଳି ଉପଦ୍ରବେ ତ୍ୟଜି ଲୋକାଳୟ
ଶାନ୍ତି କି ଏ ସ୍ଥଳେ ଭଜିଲେ ଆଶ୍ରୟ ।

୧୨. **ପଦ୍ୟ ବିଭାଗରୁ ସଂକ୍ଷେପରେ ଯେକୌଣସି ୩ଟିର ଉତ୍ତର ଲେଖ ।** (୨×୩=୬)
କ) କେଉଁ ଦୃଶ୍ୟକୁ କବି ପାରଦ-ଧଉତ ବୋଲି ବର୍ଣ୍ଣନା କରିଛନ୍ତି ?
ଖ) ମାଟି ଚେରମୂଳ ଗଛଲତା ସାଇତି ରଖିବା ପଛରେ କି ଉଦ୍ଦେଶ୍ୟ ଅଛି ?
ଗ) ବରୁଣଙ୍କୁ ପ୍ରସନ୍ନ କରିବା ପାଇଁ ରାମଚନ୍ଦ୍ର କ'ଣ କଲେ ?
ଘ) ଦୁର୍ଯ୍ୟୋଧନ ମହାଲକ୍ଷ୍ମୀଙ୍କୁ କିପରି ଅବଜ୍ଞା କଲେ ?

୧୩. **ସଂକ୍ଷେପରେ ଉତ୍ତର ବାଛି ଲେଖ ।** (୧×୧୦=୧୦)
କ) 'ରାଘବଙ୍କ ଲଙ୍କା ଯାତ୍ରାନୁକୂଳ' କବିତାର କବି କିଏ ?
୧) ଉପେନ୍ଦ୍ର ଭଞ୍ଜ  ୨) ଦୀନବନ୍ଧୁ ପରିଜା  ୩) ପ୍ରତିଭା ରାୟ  ୪) ରାମକୃଷ୍ଣ ଦାସ
ଖ) ଭୀମ କାହାକୁ ମାରି କୈଳାସ ଉଦ୍ଧାର କରିଥିଲେ ?
୧)ଅଶ୍ଳେଷା  ୨)ନିକୁମ୍ଭ  ୩) ମାରୀଚ  ୪)ନିକଷା
ଗ) ରାଘବଙ୍କୁ ସିନ୍ଧୁ ପୋତିବା କାର୍ଯ୍ୟରେ କିଏ ସାହାଯ୍ୟ କଲେ ?
୧) କପିଗଣ  ୨) ଶିବଗଣ  ୩) ଦେବଗଣ  ୪) ରାକ୍ଷସ ଗଣ
ଘ) ଶ୍ରୀରାମ କେଉଁ ଶଯ୍ୟାରେ ଶୟନ କରିଥିଲେ ?
୧) ପୁଷ୍ପଶଯ୍ୟା  ୨) କଣ୍ଟକିତଶଯ୍ୟା  ୩) କୁଶଶଯ୍ୟା  ୪) ବିଳାସଶଯ୍ୟା
ଙ) ବଜ୍ରାଘାତ ପରି କିଏ ପ୍ରହାର କରିଥିଲେ ?
୧) ମେଘନାଦ  ୨) ରାମ  ୩) ଅଙ୍ଗଦ  ୪) ରାବଣ
ଚ) ନିଶୀଥିନୀର ପ୍ରଭାବକୁ କିଏ ପ୍ରଚାର କରୁଥିଲା ?
୧) ସଙ୍ଗୀତ  ୨) ବାଦ୍ୟ  ୩) ତାଳ  ୪) ଝିଙ୍କାରିର ଝଙ୍କାର
ଛ) ବିଂଶତିକର କିଏ?
୧) ବିଭୀଷଣ  ୨) ଅଙ୍ଗଦ  ୩) ରାବଣ  ୪) ରାମ
ଜ) କବି କାହାକୁ ଉଲ୍ଲାସର ଆତ୍ମା ବୋଲି କହିଛନ୍ତି ?
୧) ଗୀତର ତାନ  ୨) ସୁନା  ୩) ଧନରତ୍ନ  ୪) ଭୋଗବିଳାସ
ଝ) କେଉଁଠି ବି.ବି.ସି. ସମ୍ବାଦ ପ୍ରଚାରକୁ କେନ୍ଦ୍ରକରି ଆନ୍ଦୋଳନ ଚାଲିଥିଲା ?
୧) ସ୍କଟଲାଣ୍ଡ  ୨) ଆଫ୍ରିକା  ୩) ଫିନଲାଣ୍ଡ  ୪) ଇଂଲାଣ୍ଡ
ଞ) 'କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ' କେଉଁ ଆଦ୍ୟବର୍ଣ୍ଣ ନିୟମରେ ରଚିତ ?
୧) ବ  ୨) ପ  ୩) କ  ୪) ଗ

୧୪. **ସଂକ୍ଷେପରେ ଉତ୍ତର ଲେଖ ।** (୧×୬=୬)
କ) କାଠୁରିଆର ଛୁଆମାନେ ପାଠ ନ ପଢ଼ିଲେ କ'ଣ କରିବେ ?
ଖ) ଶାମ୍ବ କେଉଁ ଦେବତାଙ୍କୁ ପୂଜା କରି ରୋଗମୁକ୍ତ ହେଲେ?
ଗ) ରାଜେଶ୍ୱରୀ କେତେ ଜଣ ଯୋଦ୍ଧାଙ୍କୁ ଚାହୁଁଥିଲେ ?
ଘ) ନାଟକର ନାମ 'ଫଲ୍ଗୁ' ରଖିବାର ଯଥାର୍ଥତା କ'ଣ ?
ଙ) ଧରମା କ'ଣ ପାଇଁ ବ୍ୟାକୁଳ ଥିଲା ?
ଚ) ଲେଖକ ଧଅ କାଠକୁ କାହିଁକି କିଣିବାକୁ ଚାହିଁଲେ ?
ଛ) ଜଲମଟି ବିକି ଦେଇଥିବାରୁ କିଏ କାନ୍ଦି ଉଠିଲେ ?

*****    *All the Best...*

**ANSWER KEY**

୧୦) କ-୪ ଖ-୨ ଗ-୧ ଘ-୧ ଙ-୨ ଚ-୨ ଛ-୪ ଜ-୨ ଝ-୩ ଞ-୨
୧୩) କ-୧ ଖ-୧ ଗ-୧ ଘ-୩ ଙ-୩ ଚ-୪ ଛ-୩ ଜ-୧ ଝ-୧ ଞ-୩

ePaper : sakalaepaper.com    Twitter : SakalaNews
News Portal : thesakala.in    Instagram : sakalanews
Facebook : SakalaNews    Youtube : @SakalaNews

Courtesy:
ARYAVART ANCIENT ACADEMY, KHORDHA
A SENIOR SECONDARY SCHOOL
Web: www.aaaschool.in



## ଆଜିର ଦିନରେ

- ୧୭୮୪- ଏସିଆଟିକ୍ ସୋସାଇଟି ଅଫ୍ ବେଙ୍ଗଲ୍‌ର ସ୍ଥାପନା।
- ୧୯୩୪- ବିହାରରେ ଭୂମିକମ୍ପ ଯୋଗୁଁ ପାଖାପାଖି ୨୦ ହଜାର ଲୋକଙ୍କ ମୃତ୍ୟୁ।
- ୧୯୫୬-ବହୁଜନ ସମାଜ ପାର୍ଟିର ଅଧ୍ୟକ୍ଷା ମାୟାବତୀଙ୍କ ଜନ୍ମ।
- ୧୯୬୫- ଭାରତୀୟ ଖାଦ୍ୟ ନିଗମର ସ୍ଥାପନା।
- ୧୯୯୮- ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଗୁଲ୍‌ଜାରି ଲାଲ୍ ନନ୍ଦାଙ୍କ ଦେହାନ୍ତ।
- ୨୦୧୩-ସିରିଆର ଏକ ବିଶ୍ୱବିଦ୍ୟାଳୟ ଉପରେ ରକେଟ୍ ଆକ୍ରମଣ ଯୋଗୁଁ ପାଖାପାଖି ୮୩ ଲୋକଙ୍କ ମୃତ୍ୟୁ ସହ ୧୫୦ ଆହତ ହୋଇଥିଲେ।

## ଭାରତୀୟ ସେନା ଦିବସ

ଭାରତୀୟ ସେନାର ପରାକାଷ୍ଠା ଓ ପରାକ୍ରମର ସମ୍ମାନ ପାଇଁ ପ୍ରତିବର୍ଷ ଜାନୁଆରୀ ୧୫କୁ ସ୍ଥଳସେନା ଦିବସ ରୂପେ ପାଳନ କରାଯାଏ । ୧୯୪୯ ମସିହା ଆଜିର ଦିନରେ ଭାରତର ଶେଷ ବ୍ରିଟିଶ କମାଣ୍ଡର ଇନ୍ ଚିଫ୍ ସାର୍ ଫ୍ରାନସିସ୍ ବୁଚରଙ୍କଠାରୁ ଭାରତର ଫିଲ୍ଡ ମାର୍ଶଲ କେ. ଏମ୍. କରିୟପ୍ପା ଦାୟିତ୍ୱ ଗ୍ରହଣ କରିଥିଲେ । କରିୟପ୍ପା ଥିଲେ ଭାରତୀୟ ସେନାର ପ୍ରଥମ କମାଣ୍ଡର ଇନ୍ ଚିଫ୍ । କରିଆପ୍ପା ୧୯୪୭ ମସିହାରେ ପାକିସ୍ତାନ ବିରୁଦ୍ଧରେ ଯୁଦ୍ଧରେ ତାଙ୍କର ଅଦମ୍ୟ ସାହସ ଓ ବଳିଷ୍ଠ ନେତୃତ୍ୱର ପରିଚୟ ଦେଇଥିଲେ। ତାଙ୍କ ନେତୃତ୍ୱରେ ଭାରତ ଜୋଜିଲା, ଦ୍ରାସ ଓ କାରଗିଲରେ ପାକିସ୍ତାନୀ ସେନାଙ୍କୁ ହରାଇଥିଲା। ସେନା ଦିବସ ଅବସରରେ ଦେଶ ସୁରକ୍ଷା ପାଇଁ ପ୍ରାଣବଳି ଦେଇଥିବା ସହିଦଙ୍କ ଉଦ୍ଦେଶ୍ୟରେ ସମ୍ମାନ ପ୍ରଦର୍ଶନ କରାଯାଇଥାଏ। ଆଜି ଦେଶବ୍ୟାପୀ ବିଭିନ୍ନ ସେନା ଶିବିରରେ ଏହି ଦିବସ ପାଳନ କରାଯାଉଛି। ସବୁଠି ସହିଦଙ୍କୁ ମନେ ପକାଇ ସେମାନଙ୍କ ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ।



## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ନୂତନ ବ୍ୟବସାୟ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ବନ୍ଧୁ ସାକ୍ଷାତ ଯୋଗ ରହିଛି।

**ବୃଷ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ଠାରୁ ସହଯୋଗ ପାଇବେ। ମନୋରଞ୍ଜନରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ପୁରୁଣା ବନ୍ଧୁ ମିଳନ ହେବ। ରାଜନୀତିରେ ସକ୍ରିୟ ରହିବେ।

**ମିଥୁନ:** ଅଭିଭାବକମାନେ ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଆୟ ଅନୁସାରେ ବ୍ୟୟ ଅଧିକ ହେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଅଚାନକ ଖୁସି ଖବର ମିଳିପାରେ।

**କର୍କଟ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ଗୁରୁଜନଙ୍କ ପରାମର୍ଶ ନେଇ ନୂତନ କାର୍ଯ୍ୟାରମ୍ଭ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଦୀର୍ଘଦିନରୁ ଆଶା କରିଥିବା ଦିଗରୁ ଧନପ୍ରାପ୍ତି ହେବ।

**ସିଂହ:** ପାରିବାରିକ କଳହ ଲାଗି ରହିବ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଦାମ୍ପତ୍ୟଜୀବନ ମଧୁମୟ ହେବ। ଦାନ ଧର୍ମ କରିବେ। ପୁରୁଣା ବନ୍ଧୁଙ୍କ ସହ ଦୂରସ୍ଥାନ ଯାତ୍ରା କରିପାରନ୍ତି।

**କନ୍ୟା:** ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ। ଉଧାର ଟଙ୍କା ଫେରିପାଇବାରେ ବିଳମ୍ବ ଘଟିବ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ସକାରାତ୍ମକ ଚିନ୍ତାଧାରାରେ କାର୍ଯ୍ୟ କରିବେ। ଜମି କ୍ରୟ କରିପାରନ୍ତି। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଅତିଥି ସତ୍କାର କରିପାରନ୍ତି। ଦୂରସ୍ଥାନକୁ ଯାତ୍ରା କରିବା ସମୟରେ ସତର୍କ ରୁହନ୍ତୁ।

**ଧନୁ:** ଛାତ୍ରଛାତ୍ରୀ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ସହ ସମୟ ବିତାଇବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶରୁ ଲାଭ ପାଇବେ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ହୋଇପାରେ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି।

**କୁମ୍ଭ:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ସାମାଜିକ ଓ ଧାର୍ମିକ କାର୍ଯ୍ୟକ୍ରମରେ ସାମିଲ ରହିବେ। ପାରିବାରିକ କଳହ ଲାଗି ରହିବ।

**ମୀନ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ପାରିବାରିକ ଜୀବନ ସୁଖମୟ ହେବ। ଦୂର ସ୍ଥାନକୁ ଯାତ୍ରା କରିବେ। ମଧୁର ବଚନ କହି ଲୋକଙ୍କ ଆଦର ମିଳିବ। ମହିଳାମାନେ ହସଖୁସିରେ ସମୟ ବିତାଇବେ।



ଉଗ୍ରରୂପରେ ଜୁନିୟର୍ ଏନ୍‌ଟିଆର୍

## ‘ଦେବରା’ର ପ୍ରଥମ ଝଲକ୍

ସାଉଥର ଲୋକପ୍ରିୟ ଅଭିନେତା ଜୁନିୟର୍ ଏନ୍‌ଟିଆର୍ ‘ଆର୍‌ଆର୍‌ଆର୍’ର ସଫଳତା ପରେ ଏବେ ପ୍ୟାନ୍ ଇଣ୍ଡିଆ ଷ୍ଟାର୍ ହୋଇଯାଇଛନ୍ତି। ଇତିମଧ୍ୟରେ ତାଙ୍କର ଆଗାମୀ ଫିଲ୍ମ ‘ଦେବରା’ର ପ୍ରଥମ ପାର୍ଟର ଝଲକ୍ ସାମ୍ନାକୁ ଆସିଛି। ସୋସିଆଲ ମିଡିଆରେ ଏହା ରିଲିଜ୍ ହେବା ମାତ୍ରେ ବେଶ୍ ଭାଇରାଲ୍ ହେବାରେ ଲାଗିଛି। ଏକ ମିନିଟ୍ ୨୯ ସେକେଣ୍ଡର ଏହି ଭିଡିଓରେ ଭରପୂର ଆକ୍ସନ୍ ସିନ୍ ରହିଛି। ଜୁନିୟର୍ ଏନ୍‌ଟିଆର୍ ଏଥିରେ ଭୟାନକ ଅନ୍ଦାଜରେ ଦେଖାଯାଇଛନ୍ତି। ସେ ଏକ ସାର୍ଟ ଓ ଲୁଙ୍ଗି ପିନ୍ଧି ହାତରେ ଏକ ଛୋଟ କୁରାଢ଼ି ଓ ମାରଣାସ୍ତ୍ର ଧରି ଶତ୍ରୁମାନଙ୍କ ସହିତ ଲଢୁଥିବାର ଦେଖାଯାଇଛନ୍ତି। ଭିଡିଓର ଶେଷ ଆଡ଼କୁ ଜୁନିୟର୍ ଏନ୍‌ଟିଆର୍ ‘ ଏହି ସମୁଦ୍ରରେ ମାଛ ଅପେକ୍ଷା ବେଶୀ ରକ୍ତ ଓ ଅସ୍ତ୍ର ଦେଖାଯାଉଛି’ ବୋଲି କହୁଥିବାର ଦେଖାଯାଉଛି। ତେବେ ଭିଡିଓରେ ଥିବା ଆକ୍ସନ୍ ସିନ୍‌କୁ ଦେଖି ଦର୍ଶକେ ଏବେ ଏହାର ଟ୍ରେଲର୍ ଓ ଟିଜର୍ ଅପେକ୍ଷାରେ ଅଛନ୍ତି। କୋରତାଲା ଶିବା ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ପୂର୍ବରୁ ଫିଲ୍ମର ନାଁ ‘ଏନ୍‌ଟିଆର୍-୩୦’ ଥିଲା। ପରବର୍ତ୍ତୀ ସମୟରେ ‘ଦେବରା’ ରଖାଯାଇଥିଲା। ଏଥିରେ ସୈଫ୍ ଅଲ୍ଲୀ ଖାନ୍ ଓ ଜାହ୍ନବୀ କପୁର ମଧ୍ୟ ଦେଖାଯିବେ। ଏହା ଦୁଇଟି ଭାଗରେ ପରଦାକୁ ଆସିବ। ପ୍ରଥମ ଭାଗ ଏପ୍ରିଲ୍ ୫, ୨୦୨୪ରେ ରିଲିଜ୍‌ହେବ। ଦ୍ୱିତୀୟ ଭାଗ ପାଇଁ ତାରିଖ ଏଯାବତ୍ ଘୋଷଣା କରାଯାଇ ନାହିଁ। ଏହି ଫିଲ୍ମ ହିନ୍ଦୀ, ତାମିଲ୍, କନ୍ନଡ଼, ତେଲୁଗୁ ଓ ମାଲୟାଲମ୍ ଭାଷାରେ ରିଲିଜ୍ ହେବ।

## ଓଡ଼ିଆ ଭାଷା ସାହିତ୍ୟର ବିନ୍ଧାଣି
## ଫକୀର ମୋହନ ସେନାପତି



ଆଜି ଆସିଥିଲେ

ପ୍ରଖ୍ୟାତ ଔପନ୍ୟାସିକ, ଓଡ଼ିଆ କଥା ସାହିତ୍ୟର ଜନକ, ଭାଷା ଆନ୍ଦୋଳନର ଜାଗ୍ରତ ପ୍ରହରୀ ବ୍ୟାସକବି ଫକୀରମୋହନଙ୍କ ଆବିର୍ଭାବ ଆଧୁନିକ ଓଡ଼ିଆ ସାହିତ୍ୟ ଇତିହାସରେ ଏକ ଗୌରବମୟ ଅଧ୍ୟାୟ। ଜୀବନବ୍ୟାପି ବହୁ ଅଭିଜ୍ଞତା, ଅନୁଭୂତି ଓ ଲୋକ ଚରିତ୍ରର ନିଚ୍ଛକ ଚିତ୍ର ତାଙ୍କ ସାରସ୍ୱତ ସୃଷ୍ଟିକୁ ସମୃଦ୍ଧ କରିପାରିଛି। ଆଜି ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜନ୍ମ ଜୟନ୍ତୀ। ଓଡ଼ିଆ ଭାଷା ସାହିତ୍ୟକୁ ସୁରକ୍ଷା ଦେବାରେ ହେଉ କିମ୍ବା ସମାଜ ସଂସ୍କାର ଦିଗରେ ହେଉ, ତାଙ୍କର ଅବଦାନ ଅତୁଳନୀୟ। ତାଙ୍କର ଲେଖନୀ ଶୈଳୀ ହାସ୍ୟରସପୂର୍ଣ୍ଣ କଟାକ୍ଷ ଓ ସାମାଜିକ ଦୃଶ୍ୟ ପାଇଁ ପ୍ରସିଦ୍ଧ। ତାଙ୍କର ସୃଷ୍ଟି ସମ୍ଭାର ମଧ୍ୟରୁ ‘ଛମାଣ ଆଠଗୁଣ୍ଠ’ ସର୍ବଶ୍ରେଷ୍ଠ। ଓଡ଼ିଆ ଭାଷାର ପ୍ରଚାର ପ୍ରସାର ସହ ଭାଷା ଆନ୍ଦୋଳନର ଜଣେ କର୍ଣ୍ଣଧାର ଭାବେ ତାଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ। ସାମାଜିକ ବ୍ୟବସ୍ଥାର ଆଲୋଚନା ସହିତ କୁସଂସ୍କାର ଦୂର କରିବା ଦିଗରେ କଥାସମ୍ରାଟଙ୍କ ଲେଖାଗୁଡ଼ିକ ମାଇଲ୍‌ଖୁଣ୍ଟ ସଦୃଶ। ଦେଢ଼ ଶହ ବର୍ଷ ଆଗରୁ ସେ ଯେଉଁ ଚରିତ୍ରମାନଙ୍କୁ ଗଢ଼ି ଦେଇ ଯାଇଛନ୍ତି, ସେମାନେ ଆଜି ମଧ୍ୟ ଭିନ୍ନ ରୂପରେ ଆମ ସମାଜରେ ଅଛନ୍ତି। ‘ଛ’ମାଣ ଆଠଗୁଣ୍ଠ’, ‘ମାମୁଁ’ ପରି ଉପନ୍ୟାସ ସହିତ ‘ରେବତୀ’, ‘ରାଣ୍ଡିପୁଅ ଅନନ୍ତା’, ‘ପେଟେଣ୍ଟ ମେଡିସିନ୍’ ଆଦି ତାଙ୍କର ବହୁ ଚର୍ଚ୍ଚିତ କ୍ଷୁଦ୍ରଗଳ୍ପ। ତାଙ୍କ ରଚନାରେ ତତ୍‌କାଳୀନ ସମାଜର ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ଚିତ୍ର ପ୍ରତିଫଳିତ ହୋଇଛି। ଉପନ୍ୟାସ ଓ କ୍ଷୁଦ୍ରଗଳ୍ପରେ ପ୍ରବୀଣ ଫକୀର ମୋହନ କାବ୍ୟ ରଚନାରେ ମଧ୍ୟ ସମାନ ପରିମାଣର ପାଣ୍ଡିତ୍ୟ ଦେଖାଇଛନ୍ତି। ତାଙ୍କର ପ୍ରଥମ କବିତା ସଂଗ୍ରହ ‘ଉତ୍କଳ ଭ୍ରମଣ’ ୧୮୯୨ ମସିହାରେ ପ୍ରକାଶିତ ହୋଇଥିଲା। ପରେ ପରେ ସେ ‘ପୁଷ୍ପମାଳା’, ‘ଉପହାର’, ‘ପୂଜାଫୁଲ’, ‘ପ୍ରାର୍ଥନା’, ‘ଧୂଳି’ ଆଦି ଅନେକ କାବ୍ୟ ରଚନା କରିଛନ୍ତି। ୧୮୪୩ ମସିହା ଜାନୁଆରୀ ମାସ ୧୩ ତାରିଖ ମକର ସଂକ୍ରାନ୍ତି ଦିନ ସେ ଜନ୍ମ ଲାଭ କରିଥିବାବେଳେ ୧୯୧୮ ମସିହାରେ ଜୁନ୍ ୧୪ ତାରିଖ ରଜ ସଂକ୍ରାନ୍ତିରେ ତାଙ୍କର ପରଲୋକ ଘଟିଥିଲା। ଏହି କାରଣରୁ ତାଙ୍କୁ ‘ସଂକ୍ରାନ୍ତି ପୁରୁଷ’ ମଧ୍ୟ କୁହାଯାଏ। ତାଙ୍କ ପିତା ଲକ୍ଷ୍ମଣ ଚରଣ ସେନାପତି ଓ ମାତା ତୁଳସୀ ଦେବୀ ଥିଲେ। ମାତ୍ର ଦେଢ଼ବର୍ଷ ବୟସ ହୋଇଥିବାବେଳେ ତାଙ୍କ ପିତାଙ୍କର ମୃତ୍ୟୁ ହୋଇଥିଲା। ପିତାଙ୍କ ମୃତ୍ୟୁର ୧୪ ମାସ ପରେ ତାଙ୍କ ମା’ ମଧ୍ୟ ଆରପାରିକୁ ଚାଲିଗଲେ। ବାଲ୍ୟକାଳରୁ ତାଙ୍କର ଲାଳନପାଳନ ଭାର ପଡ଼ିଥିଲା ଜେଜେମା’ଙ୍କ କାନ୍ଧରେ। ପରିବାର ପ୍ରତିପୋଷଣ ନିମନ୍ତେ ଫକୀରମୋହନ ଶିଶୁ ଶ୍ରମିକଭାବେ କାମ କଲେ ସୁଦ୍ଧା ସେ ପାଠପଢ଼ାକୁ ଜାରି ରଖିଥିଲେ। ଫକୀରମୋହନ ୧୩ ବର୍ଷ ବୟସରେ ଲୀଳାବତୀ ଦେବୀଙ୍କୁ ବିବାହ କରିଥିଲେ। ତାଙ୍କ ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁପରେ ସେ ୧୮୭୧ରେ କୃଷ୍ଣା କୁମାରୀ ଦେଈଙ୍କୁ ପୁନଃବିବାହ କରିଥିଲେ। ତାଙ୍କର ଦ୍ୱିତୀୟ ପତ୍ନୀଙ୍କର ୧୮୯୪ରେ ହଇଜାରେ ମୃତ୍ୟୁ ହୋଇଥିଲା। ଏତେ ବାଧାବିଘ୍ନର ସମ୍ମୁଖୀନ ହୋଇଥିଲେ ସୁଦ୍ଧା ସମଗ୍ର ଓଡ଼ିଆ ଜାତି ପ୍ରତି ତାଙ୍କର ଅବଦାନ ଅତୁଳନୀୟ। ମାୟାଧର ମାନସିଂହ ତାଙ୍କୁ ଓଡ଼ିଶାର ଥୋମାସ୍ ହାର୍ଡି କହୁଥିଲେ। ଓଡ଼ିଆ ସାହିତ୍ୟ ଜଗତରେ ଫକୀର ମୋହନ ହେଉଛନ୍ତି ପ୍ରଥମ ଲେଖକ, ଯିଏ ନିଜ ଆତ୍ମଜୀବନୀ ଲେଖିଥିଲେ।

## ଶିବଲିଙ୍ଗ ଉପରେ ପଡ଼େ ସୂର୍ଯ୍ୟ କିରଣ

ଭାରତରେ ଅନେକ ମନ୍ଦିରର ଗଠନଶୈଳୀ ତଥା ବାସ୍ତୁକଳା ଅତି ଚମତ୍କାର। ଏମିତି ଏକ ଅନନ୍ୟ ଶୈବପୀଠ କର୍ଣ୍ଣାଟକର ବେଙ୍ଗାଲୁରୁରେ ରହିଛି। ଯେଉଁଠି ପ୍ରତିବର୍ଷ ମକର ସଂକ୍ରାନ୍ତି ଦିନ ଏକ ଅଦ୍ଭୁତ ଘଟଣା ଘଟିଥାଏ। ବେଙ୍ଗାଲୁରରେ ଗବି ଗଙ୍ଗାଧରେଶ୍ୱର ନାମରେ ଏକ ପ୍ରାଚୀନ ଶୈବପୀଠ ରହିଛି। ମକରସଂକ୍ରାନ୍ତି ଦିନ ଏହି ମନ୍ଦିରରେ ପୂଜା ପାଉଥିବା ଶିବଲିଙ୍ଗ ସୂର୍ଯ୍ୟଙ୍କ କିରଣରେ ଅଭିଷେକ ହୋଇଥାନ୍ତି। ବର୍ଷର ଅନ୍ୟ କେଉଁ ଦିନରେ ଏପରି ଚମତ୍କାରିତା ହେଉ ନ ଥିବାବେଳେ କେବଳ ମକର ସଂକ୍ରାନ୍ତି ଦିନ ହିଁ ଶିବଲିଙ୍ଗ ଉପରେ ସୂର୍ଯ୍ୟକିରଣ ଝଟକିଥାଏ। ମକରସଂକ୍ରାନ୍ତି ଦିନ ଯେତେବେଳେ ସୂର୍ଯ୍ୟଦେବ ଉତ୍ତରାୟଣ ହୋଇଥାନ୍ତି, ସେତେବେଳେ ୫ରୁ ୮ ମିନିଟ୍ ଲାଗି ଗର୍ଭଗୃହ ପର୍ଯ୍ୟନ୍ତ ସୂର୍ଯ୍ୟ କିରଣ ପହଞ୍ଚିଥାଏ। ସୂର୍ଯ୍ୟ କିରଣରେ ହିଁ ଦେବ ଦେବ ମହାଦେବଙ୍କ ଅଭିଷେକ ହୋଇଥାଏ ବୋଲି କୁହାଯାଏ। ତେବେ ଏହି ବିରଳ ଦୃଶ୍ୟଟି ସୂର୍ଯ୍ୟାସ୍ତ ସମୟରେ ଦେଖିବାକୁ ମିଳେ। ଏହାର ନିର୍ମାଣଶୈଳୀ ଯୋଗୁଁ ଏପରି ଚମତ୍କାରିତା ଘଟିଥାଏ। ମନ୍ଦିରର ନିର୍ମାଣ ନବମ ଶତାବ୍ଦୀରେ କରାଯାଇଥିଲା। କିମ୍ବଦନ୍ତୀ ରହିଛି, ଗୌତମ ଋଷି ଭୋଳାନାଥଙ୍କୁ ପ୍ରସନ୍ନ କରିବା ପାଇଁ ଏହି ମନ୍ଦିରରେ ତପସ୍ୟା କରିଥିଲେ। ତେବେ ଏହି ମନ୍ଦିର ସମ୍ପର୍କରେ ଆଉ ଏକ ଖାସ୍ କଥା ହେଉଛି, ଶିବଲିଙ୍ଗ ଉପରେ ଚଢ଼ାଯାଉଥିବା ଘିଅ ସ୍ୱତଃପ୍ରବୃତ୍ତ ଭାବେ ମଖନ ହୋଇଯାଏ। ସାଧାରଣତଃ ମଖନରୁ ଘିଅ ହେଉଥିବାବେଳେ ଏଠାରେ ଏହି ବ୍ୟତିକ୍ରମ ଦେଖାଯାଏ।





## ଶାମ୍ବ ଦଶମୀ

**ପୌଷ ଶୁକ୍ଳ ଦଶମୀରେ ‘ଶାମ୍ବ ଦଶମୀ’ ପାଳନ କରାଯାଏ। ଏହା ହେଉଛି ସୂର୍ଯ୍ୟ ପୂଜାର ପର୍ବ। ନାରୀମାନେ ନିଜ ସନ୍ତାନସନ୍ତତିଙ୍କ ମଙ୍ଗଳ ତଥା ନୀରୋଗ ଜୀବନ କାମନା କରି ଏହି ପର୍ବକୁ ଖୁବ୍ ଭକ୍ତି ଓ ନିଷ୍ଠାର ସହ ପାଳନ କରିଥାନ୍ତି। ଏହିଦିନ ଆକାଶରେ ସୂର୍ଯ୍ୟଙ୍କର ତିନି ସ୍ଥିତିକୁ ଲକ୍ଷ୍ୟ କରି ଘରେ ତିନି ପ୍ରକାର ପୂଜା ଅନୁଷ୍ଠିତ ହୋଇଥାଏ।**

ଅରୁଣୋଦୟ ସମୟରେ ପ୍ରଥମ ଧୂପ କରାଯାଇ ଫଳମୂଳ ଏବଂ ମିଷ୍ଟାନ୍ନ ନୈବେଦ୍ୟ ଲାଗି କରାଯାଏ। ତା’ପରେ ମଧ୍ୟାହ୍ନ ସମୟ ହେଉଛି ଶାମ୍ବ ଦଶମୀର ମୁଖ୍ୟ ଧୂପ। ଏହି ସମୟରେ ଗଇଁଠା, ବିଭିନ୍ନ ପ୍ରକାର ପିଠା, ଅଟକାଳି, ଖେଚୁଡ଼ି, ଘଡ଼ଘଡ଼ା ତିଅଣ ଆଦି ଭୋଗ କରାଯାଏ। ଏହି ଭୋଗକୁ ଛୋଟ ପିଲାଙ୍କୁ ଡାକି ଖାଇବାକୁ ଦିଆଯାଏ। ଶେଷରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଧୂପ, ଦୀପ, ନୈବେଦ୍ୟ ଦେଇ ପୂଜା ଶେଷ କରାଯାଏ।

ପୌରାଣିକ କିମ୍ବଦନ୍ତୀ ଅନୁସାରେ, କୃଷ୍ଣଙ୍କ ପୁତ୍ର ଶାମ୍ବ ଚପଳତା ଯୋଗୁଁ ଶାପଗ୍ରସ୍ତ ହୋଇ କୁଷ୍ଠ ରୋଗାକ୍ରାନ୍ତ ହୋଇଥିଲେ। ଏଥିରୁ ମୁକ୍ତିପାଇବା ପାଇଁ ସେ ସୂର୍ଯ୍ୟଦେବଙ୍କୁ କଠିନ ତପସ୍ୟା କରିଥିଲେ। ତାଙ୍କ ତପସ୍ୟାରେ ସୂର୍ଯ୍ୟ ଦେବ ପ୍ରସନ୍ନ ହୋଇ ତାଙ୍କୁ କୁଷ୍ଠ ରୋଗରୁ ଆରୋଗ୍ୟ କରିଥିବା କୁହାଯାଏ। ତେବେ ଯେଉଁଦିନଠାରୁ ଶାମ୍ବଙ୍କର କୃଷ୍ଠ ରୋଗ ଭଲ ହୋଇଥିଲା, ତାହା ଥିଲା ଶାମ୍ବ ଦଶମୀ ତିଥି। ଶାମ୍ବ କୋଣାର୍କ ନିକଟରେ ସୂର୍ଯ୍ୟଙ୍କ ଉପାସନା କରିଥିଲେ ବୋଲି କିମ୍ବଦନ୍ତୀ ରହିଛି। ଅନ୍ୟପକ୍ଷରେ ଚିତାଲାଗି ଆମାବାସ୍ୟାଠାରୁ ଓଡ଼ିଆ ଘରେ ଚାଲିଥିବା ଓଷାବ୍ରତର ପ୍ରାବଲ୍ୟତା ଶାମ୍ବଦଶମୀରେ ହିଁ ଶେଷ ହୋଇଥାଏ। ଅନ୍ୟପଟେ ଏହିଦିନ ସକାଳୁ କୋଣାର୍କ ନିକଟ ଚନ୍ଦ୍ରଭାଗା କୂଳରେ ଲୋକମାନେ ସୂର୍ଯ୍ୟ ଉପାସନା କରିଥାନ୍ତି। କୋଣାର୍କରେ ସୌର ରଥ ପରିକ୍ରମା କରିଥାଏ।

## ଗାଈ ଦିଏ ଶୁଭ ସଙ୍କେତ

**ସନାତନ ଧର୍ମରେ ଗାଈର ବିଶେଷ ମହତ୍ତ୍ୱ ଅଛି। ହିନ୍ଦୁ ପରମ୍ପରା ଅନୁସାରେ, ଗୋମାତାଙ୍କ ପୂଜାର୍ଚ୍ଚନା କରାଯାଏ। ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଗାଈ ମଧ୍ୟ ବିଭିନ୍ନ ପ୍ରକାର ସଙ୍କେତ ଦେଇଥାଏ। ଗାଈ ଜଣାଉଥିବା ସଙ୍କେତକୁ ଜ୍ୟୋତିଷ ଶାସ୍ତ୍ରରେ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଛି। ତେବେ ଗାଈର କେଉଁ ଶୁଭ ସଙ୍କେତ ଦ୍ୱାରା ଜୀବନରେ କେଉଁ ସୂଚନା ମିଳିଥାଏ, ଆସନ୍ତୁ ଜାଣିବା ସେ ସମ୍ପର୍କରେ...**



- ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଅଚାନକ ଘର ଭିତରକୁ ଗାଈ ପ୍ରବେଶ କଲେ ଏହା ଖୁବ୍ ଶୁଭ ହୋଇଥାଏ। ଏହାଦ୍ୱାରା ଜୀବନରୁ ନକାରାତ୍ମକ ଶକ୍ତି ଦୂର ହୁଏ ଏବଂ ସକାରାତ୍ମକ ଶକ୍ତି ସଂଚାର ହୁଏ। ଏହି କାରଣ ଯୋଗୁଁ ଗାଈ ଘର ଭିତରକୁ ଆସିବା ଅତ୍ୟନ୍ତ ଶୁଭଦାୟକ।
- ସେହିପରି କୌଣସି କାମରେ ଘରୁ ବାହାରିବା ସମୟରେ ଗାଈର ଦର୍ଶନ ହେଲେ ମା’ ଲକ୍ଷ୍ମୀଙ୍କ କୃପା ପ୍ରାପ୍ତ ହୁଏ। ଏହା ସହ ଅଟକି ରହିଥିବା କାମ ପୂରଣ ହୁଏ। କାରଣ ଗାଈକୁ ମା’ ଲକ୍ଷ୍ମୀଙ୍କ ପ୍ରତୀକ ଭାବେ ବିବେଚନା କରାଯାଏ।
- ଶାସ୍ତ୍ର ଅନୁସାରେ, ଗାଈକୁ ଖାଇବାକୁ ଦେବା ଦ୍ୱାରା ଦିବ୍ୟ ଶକ୍ତି ଲାଭ ହୁଏ। ଗାଈକୁ ରୁଟି ସହିତ ଗୁଡ଼ ଖାଇବାକୁ ଦେଲେ ଖୁବ୍ ଶୁଭ ଫଳ ପ୍ରାପ୍ତ ହୁଏ।

## ସ୍ୱସ୍ତି

## ସ୍ନାନ ଓ ଦାନର ପର୍ବ ମକର ସଂକ୍ରାନ୍ତି



**ସୂର୍ଯ୍ୟଦେବତାଙ୍କ ଉପାସନାର ପର୍ବ ମକର ସଂକ୍ରାନ୍ତି। ସେ ସକଳ ଶକ୍ତିର ଆଧାର। ସୂର୍ଯ୍ୟ ମକର ସଂକ୍ରାନ୍ତି ଦିନ ପୃଥିବୀର ଅତି ନିକଟତର ହୋଇଥାନ୍ତି। ଏହିଦିନ ସେ ତାଙ୍କ କିରଣର ପୂର୍ଣ୍ଣ ପ୍ରଭାବ ସମସ୍ତ ପ୍ରାଣୀଙ୍କ ଉପରେ ବିଚ୍ଛୁରିତ କରିଥାନ୍ତି।**

**ଉତ୍ତରାୟଣ ଆରମ୍ଭ:** ସନାତନ ଧର୍ମ ଅନୁସାରେ, ଏହିଦିନ ସୂର୍ଯ୍ୟଦେବ ଦକ୍ଷିଣାୟନରୁ ଉତ୍ତରାୟଣକୁ ଗତି କରିଥାନ୍ତି। ଶାସ୍ତ୍ରରେ ଉତ୍ତରାୟଣ ଅବଧିକୁ ଦେବତାଙ୍କ ଦିନ ଏବଂ ଦକ୍ଷିଣାୟନକୁ ରାତ୍ରି ଭାବେ ବିବେଚନା କରାଯାଇଛି। ସେଥିପାଇଁ ଏହିଦିନ ସ୍ନାନ, ଦାନ, ତପର ବିଶେଷ ମହତ୍ତ୍ୱ ରହିଛି। ଏହି ଦିନ ରାଶି, ଖେଚୁଡ଼ି, ଘିଅ, ଉଲ୍ ବସ୍ତ୍ର, କମ୍ବଳ ଆଦି ଦାନ ଦେବାର ପରମ୍ପରା ପ୍ରଚଳିତ।

**ପର୍ବର ମାହାତ୍ମ୍ୟ:** କୁହାଯାଏ, ମକର ସଂକ୍ରାନ୍ତି ଅବସରରେ ବ୍ରହ୍ମମୁହୂର୍ତ୍ତରେ ପବିତ୍ର ନଦୀରେ ସ୍ନାନ ଓ ଦାନ କରିବାର ବେଶି ମହତ୍ତ୍ୱ ଅଛି। ଏହି ଅବସରରେ ନଦୀ ସ୍ନାନ ସମ୍ଭବ ନ ଥିଲେ, ଘରେ ପାଣିରେ ଗଙ୍ଗାଜଳ ମିଶାଇ ସ୍ନାନ କରିପାରିବେ। ଏହିଦିନ ରାଶି ତେଲ ଲଗାଇବା, ରାଶି ତେଲରେ ଯଜ୍ଞ, ରାଶି ଦାନ ଓ ରାଶି ଖିଆଯାଏ। ଶୀତର ପ୍ରକୋପ ବଳବତ୍ତର ଥିବା ହେତୁ ଏହିଦିନ ଖେଚୁଡ଼ି ଓ ରାଶି ଲଡୁ ସହ ଶୀତବସ୍ତ୍ର ଦାନ କରିବାର ବିଧାନ ଅଛି।

**ଶୁଭ ପରିବର୍ତ୍ତନର ସଙ୍କେତ:** କଥାରେ ଅଛି ‘ମକର ଦିନ ହୁଏ ବକର’। ଅର୍ଥାତ୍ ଏହିଦିନ ସୂର୍ଯ୍ୟଦେବ ଧନୁ ରାଶିରୁ ମକର ରାଶିକୁ ପ୍ରବେଶ କରିଥାନ୍ତି। ଫଳରେ ଏହିଦିନଠାରୁ ରାତ୍ରିର ଅବଧି କମ୍ ହୋଇ ଦିନ ବଡ଼ ହୋଇଥାଏ। ସେହିପରି ସୂର୍ଯ୍ୟଦେବ ଶକ୍ତିର ପ୍ରତ୍ୟକ୍ଷ ସ୍ରୋତ ହୋଇଥିବାରୁ ସୂର୍ଯ୍ୟଙ୍କ କିରଣ ଅଧିକ ସମୟ ପର୍ଯ୍ୟନ୍ତ ପଡ଼ିବାରୁ ବିସ୍ତାରିତ ହୁଏ ଲୋକଙ୍କ ଚେତନା।

**ମକର ଚାଉଳ:** ମକର ସଂକ୍ରାନ୍ତି ଅବସରରେ ପ୍ରତ୍ୟେକ ଓଡ଼ିଆଙ୍କ ଘରେ ଘରେ ମକର ଚାଉଳ ପ୍ରସ୍ତୁତ ହୋଇଥାଏ। ସେଥିପାଇଁ ଦିନକ ପୂର୍ବରୁ ଚାଉଳକୁ ପାଣିରେ ବତୁରାଇ ରଖାଯାଏ। ତା’ପରଦିନ ତାହାକୁ ଶୁଖାଇ ଭଲ ଭାବେ ଗୁଣ୍ଡ କରାଯାଏ। ସେଥିରେ ନଡ଼ିଆ କୋରା, ଗୁଡ଼, ଆଖୁ ଖଣ୍ଡ, ଛେନା, ଗୋଲମରିଚ ଗୁଣ୍ଡ, ଅଦା ପକାଯାଇ ପ୍ରସ୍ତୁତ କରାଯାଏ ମକର ଚାଉଳ। ପ୍ରଥମେ ଏହାକୁ ଠାକୁରଙ୍କ ପାଖରେ ଭୋଗ କରାଯାଏ। ତା’ପରେ ଏହାକୁ ସମସ୍ତଙ୍କ ମଧ୍ୟରେ ବଣ୍ଟାଯାଏ। ଏଥିରେ କାଜୁ, କିସ୍‌ମିସ୍ ସମେତ ବିଭିନ୍ନ ଫଳ ମଧ୍ୟ ମିଶାଯାଏ। ଏହି ଦିନରେ ପରସ୍ପରକୁ ମକର ଚାଉଳ ଖୁଆଇ ‘ମକର’ ବା ସଙ୍ଗାତ ବସିବାରେ ପରମ୍ପରା ଓଡ଼ିଶାରେ କାହିଁ କେବେଠୁ ଚଳି ଆସିଛି।

## ପବିତ୍ର ଚନ୍ଦନ ମାଳା

ହିନ୍ଦୁ ଧର୍ମରେ ଚନ୍ଦନକୁ ପବିତ୍ର ବୋଲି କୁହାଯାଇଛି। ସେଥିପାଇଁ ପୂଜା-ପାଠ ସମୟରେ ଚନ୍ଦନ ତିଳକ ଲଗାଯାଏ। ଗୋଟିଏ ପଟେ ଚନ୍ଦନ ସୁଗନ୍ଧ ଓ ଶୀତଳତା ପ୍ରଦାନ କରୁଥିବା ବେଳେ ଚନ୍ଦନ ମାଳା ମନ୍ତ୍ର ଜପ ପାଇଁ ମଧ୍ୟ ବ୍ୟବହାର କରାଯାଏ। ଏହି ମାଳାକୁ ଧାରଣ କରିବା ଅତ୍ୟନ୍ତ ଶୁଭ ଓ ପବିତ୍ର। ଏହାକୁ ପିନ୍ଧିବା ଦ୍ୱାରା ଧନଲାଭର ବାଟ ଫିଟିଥାଏ।

- ନାଲି ଓ ଧଳା ଦୁଇ ପ୍ରକାର ଚନ୍ଦନ ମାଳ ରହିଛି। ରକ୍ତ ବା ଲାଲ୍ ଚନ୍ଦନ ମାଳା ମା’ ଦୁର୍ଗା, ଭଗବାନ ଗଣେଶ, ମା’ ଲକ୍ଷ୍ମୀ ଓ ମା’ ତ୍ରିପୁରା ସୁନ୍ଦରୀ ମନ୍ତ୍ରର ଜପ କରାଯାଏ। ଶ୍ୱେତ ବା ଧଳା ଚନ୍ଦନ ମାଳା ଭବବାନ ବିଷ୍ଣୁ, ଶ୍ରୀରାମ, କୃଷ୍ଣ ଏବଂ ଦତ୍ତାତ୍ରେୟଙ୍କ ମନ୍ତ୍ର ଜପ ପାଇଁ ଉପଯୁକ୍ତ ବୋଲି ବିବେଚନା କରାଯାଏ।
- ଶ୍ୱେତ ଚନ୍ଦନ ମାଳାକୁ ଧାରଣ କରିବା ଦ୍ୱାରା ମାନସିକ ଶାନ୍ତି ମିଳିଥାଏ। ତେବେ ଅର୍ଥ ସଙ୍କଟ ଦେଇ ଗତି କରୁଥିଲେ ମା’ ଲକ୍ଷ୍ମୀଙ୍କ ନାମ ଉଚ୍ଚାରଣ ପୂର୍ବକ ରକ୍ତ ଚନ୍ଦନ ମାଳା ଜପ କରିବା ଉତ୍ତମ। ସେହିପରି ଚନ୍ଦନ ମାଳା ଧାରଣ କରିବାର ଶୁଭଦିନ ହେଉଛି ଗୁରୁବାର।

## ଗୀତାବାଣୀ

**ସର୍ବାଣୀନ୍ଦ୍ରିୟକର୍ମାଣି ପ୍ରାଣକର୍ମାଣି ଚାପରେ।
ଆତ୍ମସଂଯମଯୋଗାଗ୍ନୌ ଜୁହ୍ୱତି ଜ୍ଞାନଦୀପିତେ ॥୨୭॥**



ଅନ୍ୟ କେତେକ ଯୋଗୀ ଇନ୍ଦ୍ରିୟମାନଙ୍କର ଓ ପ୍ରାଣମାନଙ୍କର କ୍ରିୟାଗୁଡ଼ିକୁ ଜ୍ଞାନରୁ ପ୍ରକାଶିତ ଆତ୍ମସଂଯମଯୋଗ (ସମାଧିଯୋଗ) ରୂପକ ଅଗ୍ନିରେ ଆହୁତି ପ୍ରଦାନ କରନ୍ତି।
(ଚତୁର୍ଥୋଽଧ୍ୟାୟ – ଶ୍ଳୋକ - ୨୭)

## ଅକ୍ଷରଙ୍କ ଚତୁର ବୋଲିଂ, ଯଶସ୍ୱୀ ଓ ଶିବମ୍‌ଙ୍କ ଅର୍ଦ୍ଧଶତକ

# ଆଗୁଆ ଟି-୨୦ ସିରିଜ୍ ଜିତିଲା ଭାରତ

ଇନ୍ଦୋର, ୧୪।୧(ଏଜେନ୍ସି): ଯଶସ୍ୱୀ ଜୟସ୍ୱାଲ ଓ ଶିବମ ଦୁବେଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଏଠାରେ ରବିବାର ଖେଳାଯାଇଥିବା ଦ୍ୱିତୀୟ ଟି-୨୦ ମ୍ୟାଚ୍‌ରେ ଭାରତ ୬ ୱିକେଟରେ ଆଫଗାନିସ୍ତାନକୁ ପରାସ୍ତ କରିଛି। ଏହା ଫଳରେ ପ୍ରଥମ ମ୍ୟାଚ୍ ଜିତିଥିବା ଭାରତ ଆଉ ଗୋଟିଏ ମୁକାବିଲା ବାକିଥାଇ ୨-୦ରେ ଅପରାଜେୟ ଅଗ୍ରଣୀ ରହିବା ସହ ଆଗୁଆ ସିରିଜ୍ କବ୍‌ଜା କରିଛି। ଏହି ମ୍ୟାଚ୍‌ରେ ୩୪ ବଲ୍‌ରୁ ୫ ଚୌକା ଓ ୬ଛକା ସହ ଜୟସ୍ୱାଲ ୬୮, ଶିବମ ଦୁବେ ୩୨ ବଲ୍‌ରେ ୫ଚୌକା ଓ ୪ଛକା ସହ ୬୩* ରନ୍ କରିଥିଲେ। ଅକ୍ଷର ପଟେଲଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ସିରିଜ୍‌ର ତୃତୀୟ ତଥା ଶେଷ ଟି-୨୦ ମ୍ୟାଚ୍ ବେଙ୍ଗାଲୁରରେ ଜାନୁଆରୀ ୧୭ ତାରିଖ ଖେଳାଯିବ। ଏହି ମ୍ୟାଚ ଖେଳି ରୋହିତ ଶର୍ମା ବିଶ୍ୱର ପ୍ରଥମ ଖେଳାଳି ଭାବେ ୧୫୦ଟି ମ୍ୟାଚ୍ ଖେଳିଛନ୍ତି। ସେହିଭଳି ଭାରତ ଟି-୨୦ରେ ନମ୍ବର ୧ ଟିମ୍ ହୋଇଛି।


ଯଶସ୍ୱୀ ଜୟସ୍ୱାଲ

ହୋଲକାର କ୍ରିକେଟ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ନିର୍ଦ୍ଧାରିତ ୨୦ ଓଭରରେ ୧୭୨ ରନ୍ କରି ଅଲଆଉଟ ହୋଇଯାଇଥିଲା। ଜବାବରେ ଭାରତ ୧୫.୪ ଓଭରରେ ୪ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଦଳ ପକ୍ଷରୁ ଦୁଇ ବାମହାତୀ ବ୍ୟାଟର ଜୟସ୍ୱାଲ ଓ ଦୁବେ ତୃତୀୟ ୱିକେଟ ଭାଗୀଦାରିରୁ ୪୨ ବଲ୍‌ରୁ ୯୨ ରନ୍ ଉଠାଇ ଦଳକୁ ବିଜୟୀ କରାଇଥିଲେ। ପୂର୍ବରୁ ବିରାଟ କୋହଲିଙ୍କ ସହ ଜୟସ୍ୱାଲ ଦ୍ୱିତୀୟ ୱିକେଟ ଭାଗୀଦାରିରୁ ୨୮ ବଲ୍‌ରେ ୫୭ ରନ୍ ଉଠାଇ ଦଳର ବିଜୟମୂଳଦୁଆ ପକାଇଥିଲେ। ଜୟସ୍ୱାଲ-୬୮, ଦୁବେ ଅପରାଜିତ ୬୩ ଓ କୋହଲି୨୯ ରନ୍ କରିଥିଲାବେଳେ ଅଧିନାୟକ ରୋହିତ ଶର୍ମା କ୍ରମାଗତ ଦ୍ୱିତୀୟ ମ୍ୟାଚ୍‌ରେ ଖାତା ଖୋଲି ପାରି ନାହାନ୍ତି।

**ଗୁଲବଦ୍ଦିନ ନାଏବଙ୍କ ଆକର୍ଷଣୀୟ ବ୍ୟାଟିଂ**

ବ୍ୟାଟିଂ ଆରମ୍ଭ କରିବା ପରେ ଆଫଗାନିସ୍ତାନ ଓପନର ଭଲ ଆରମ୍ଭ କରିଥିଲେ ମଧ୍ୟ ୫୩ ରନ୍‌ରେ ଉଭୟ ଖେଳାଳି ଆଉଟ ହୋଇଯାଇଥିଲେ। ନଂ-୩ରେ ବ୍ୟାଟିଂ କରିବାକୁ ଆସିଥିବା ଗୁଲବଦ୍ଦିନ ନାଏବ କାଉଣ୍ଟର ଆଟାକ କରିବା ଫଳରେ ଦଳ ଏକ ବଡ଼ ସ୍କୋର କରିବା ଆଶାରେ ରହିଥିଲା। ସେ ୩୫ ବଲ୍‌ରେ ୫ ଚୌକା ଓ ୪ ଛକା ସହ ୫୭ ରନ୍ କରି ଆଉଟ ହେବା ପରେ ରନ୍ ହାର କମିଯାଇଥିଲା। ନଜିବୁଲ୍ଲା ୨୧ ବଲ୍‌ରେ ୨୩, କରିମ ଜାନତ ୧୦ ବଲ୍‌ରେ ୨୦ ଓ ମୁଜୀବ ୯ ବଲ୍‌ରେ ୨୧ ରନ୍ କରିବା ଫଳରେ ଆଫଗାନିସ୍ତାନ ଏକ ସମ୍ମାନଜନକ ସ୍କୋର କରିବାରେ ସମର୍ଥ ହୋଇଥିଲା। ଭାରତ ପକ୍ଷରୁ ଅକ୍ଷର ପଟେଲ ପୁଣିଥରେ ସୁନ୍ଦର ବୋଲିଂ କରି ରନ୍‌ହାରରେ ବ୍ରେକ୍ ଲଗାଇଥିଲେ। ସେ ୧୭ ରନ୍‌ରେ ୨ଟି ୱିକେଟ ପାଇଥିଲେ। ରବି ବିଷ୍ଣୋଇ ପୁଣିଥରେ ମହଙ୍ଗା ସାବ୍ୟସ୍ତ ହୋଇଥିଲେ ମଧ୍ୟ ଦୁଇଜଣ ଗୁରୁତ୍ୱପୂର୍ଣ୍ଣ ଖେଳାଳିଙ୍କୁ ଆଉଟ କରିଥିଲେ। ପ୍ରଥମ ସ୍ପେଲ୍‌ରେ ୱିକେଟ ପାଇ ନଥିବା ପେସ ବୋଲର ଅର୍ଶଦୀପ ସିଂ ଶେଷ ଭାଗରେ ସୁନ୍ଦର ବୋଲିଂ କରି ୩ଜଣ ଖେଳାଳିଙ୍କୁ ଆଉଟ କରିବାରେ ସମର୍ଥ ହୋଇଥିଲେ। ଭ୍ରମଣକାରୀ ଦଳର ୨ଜଣ ଖେଳାଳି ରନ୍‌ଆଉଟ ମଧ୍ୟ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ଆଫଗାନିସ୍ତାନ : ୧୭୨/୧୦**, ୨୦ ଓଭର (ଗୁଲବଦ୍ଦିନ ନାଏବ-୫୭, ନଜିବୁଲ୍ଲା ଜଦ୍ରାନ-୨୩, ଅର୍ଶଦୀପ ସିଂ-୩/୩୨, ଅକ୍ଷରପଟେଲ-୨/୧୭, ରବିବିଷ୍ଣୋଇ-୨/୩୯)।
**ଭାରତ : ୧୭୩/୪**, ୧୫.୪ଓଭର (ଯଶସ୍ୱୀ ଜୟସ୍ୱାଲ-୬୮, ଶିବମ ଦୁବେ-୬୩*, ବିରାଟ କୋହଲି-୨୯, କରିମ ଜାନତ-୨/୧୩)।

● ମାଲେସିଆ ଓପନ ବ୍ୟାଡ୍‌ମିଣ୍ଟନ

## ସାତ୍ତ୍ୱିକ-ଚିରାଗ ରୌପ୍ୟ ଜିତିବାରେ ପ୍ରଥମ ଭାରତୀୟ

କୁଆଲାଲମ୍ପୁର, ୧୪ ।୧(ଏଜେନ୍ସି): ଏଠାରେ ଚାଲିଥିବା ମାଲେସିଆ ଓପନ ସୁପର-୧୦୦୦ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ତାରକା ପୁରୁଷ ଯୁଗଳ ଯୋଡି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଫାଇନାଲରେ ପରାସ୍ତ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛନ୍ତି। ପରାଜୟ ସତ୍ତ୍ୱେ ଏହି ଯୋଡି ଇତିହାସ ସୃଷ୍ଟି କରିଛନ୍ତି। ରବିବାର ଅନୁଷ୍ଠିତ ୩



ଗେମ୍ ବିଶିଷ୍ଟ ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ ବିଶ୍ୱ ମାନ୍ୟତାର ଦ୍ୱିତୀୟ ସ୍ଥାନରେ ଥିବା ଏହି ଭାରତୀୟ ଯୋଡି ୯-୨୧, ୨୧-୧୮, ୨୧-୧୭ରେ ଚୀନ୍‌ର ୱାଙ୍ଗ୍- ଲିଆଙ୍ଗ ଯୋଡିଠାରୁ ପରାସ୍ତ ହୋଇ ଟାଇଟଲ ହାସଲରୁ ବଞ୍ଚିତ ହୋଇଛନ୍ତି। କିନ୍ତୁ ସାତ୍ତ୍ୱିକ-ଚିରାଗ ଶନିବାର ଫାଇନାଲରେ ପ୍ରବେଶ କରି ଇତିହାସ ସୃଷ୍ଟି କରିଥିଲେ। କାରଣ ଏପର୍ଯ୍ୟନ୍ତ କୌଣସି ଭାରତୀୟ ଖେଳାଳି ଏହି ଟୁର୍ଣ୍ଣାମେଣ୍ଟର କୌଣସି ବର୍ଗ ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରିପାରିନାହାନ୍ତି। ପ୍ରଥମ ଗେମ୍‌କୁ ଅତି ସହଜରେ ବିଜୟୀ ହୋଇଥିଲେ ମଧ୍ୟ ସାତ୍ତ୍ୱିକ ଓ ଚିରାଗ ବାକି ଦୁଇଟି ଗେମ୍‌ରେ ସଂଘର୍ଷ କରି ପରାସ୍ତ ହୋଇଥିଲେ। ଏହା ପୂର୍ବରୁ ଭାରତୀୟ ଯୋଡି ସେମିଫାଇନାଲରେ ବିଶ୍ୱ ଚାମ୍ପିଅନ ଯୋଡି କୋରିଆର କାଙ୍ଗ ମିନ ହ୍ୟୁକ୍ ଓ ସିଯୋ ସେଓଙ୍ଗଙ୍କୁ ୨୧-୧୮, ୨୨-୨୦ରେ ପରାସ୍ତ କରି ଫାଇନାଲ ଟିକଟ ହାସଲ କରିଥିଲେ।

## ସିକେ ନାୟୁଡୁ ଟ୍ରଫି: ଓଡ଼ିଶାର ବ୍ୟାଟିଂ ବିଫଳ

କଟକ/ସମ୍ବଲପୁର, ୧୪ ।୧(ସମିସ): ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇ ଆନୁକୂଲ୍ୟରେ ରବିବାରଠାରୁ ସମ୍ବଲପୁରର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଘରୋଇ ଓଡ଼ିଶା ଓ ଝାଡ଼ଖଣ୍ଡ ମଧ୍ୟରେ ୨୩ ବର୍ଷରୁ କମ୍ ସିକେ ନାୟୁଡୁ ଟ୍ରଫି ଆରମ୍ଭ ହୋଇଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଘରୋଇ ଓଡ଼ିଶା ପ୍ରଥମ ପାଳିରେ ୮୧.୧ ଓଭରରେ ୧୬୮ ରନରେ ସୀମିତ ରହିଥିଲା। ଦଳ ପକ୍ଷରୁ ସମ୍ବିତ ବରାଳ ୪୬ ଓ ସତ୍ୟକାମ ଭରଦ୍ୱାଜ ୨୫ ରନ କରିଥିଲେ। ପ୍ରତିପକ୍ଷ ଝାଡ଼ଖଣ୍ଡର ସାହିଲ ରାଜଙ୍କୁ ୫ ୱିକେଟ୍ ସଫଳତା ମିଳିଥିଲା। ଏହାପରେ ପ୍ରଥମ ପାଳି ଆରମ୍ଭ କରି ଝାଡ଼ଖଣ୍ଡ ଷ୍ଟମ୍ପ ସୁଦ୍ଧା କୌଣସି ୱିକେଟ୍ ନ ହରାଇ ୮ ରନ କରିଛି। **ମହିଳା ଦଳ ପରାସ୍ତ:** ଅପରପକ୍ଷରେ ପୁଡୁଚେରୀରେ ଚାଲିଥିବା ଜାତୀୟ ବରିଷ୍ଠ ମହିଳା ଦିନିକିଆ କ୍ରିକେଟ୍‌ରେ ରବିବାର ଓଡ଼ିଶା ୭ ୱିକେଟ୍‌ରେ ମଧ୍ୟପ୍ରଦେଶ ନିକଟରୁ ପରାସ୍ତ ହୋଇଛି। ଓଡ଼ିଶା ପକ୍ଷରୁ ଧାର୍ଯ୍ୟ ମାତ୍ର ୬୫ ରନର ଲକ୍ଷ୍ୟକୁ ମଧ୍ୟପ୍ରଦେଶ ୧୯.୩ ଓଭରରେ ୩ ୱିକେଟ୍ ହରାଇ ହାସଲ କରିନେଇଥିଲା।

## ଦ୍ୱିତୀୟ ଟି-୨୦: ପାକିସ୍ତାନର କ୍ରମାଗତ ପରାଜୟ

ହାମିଲଟନ, ୧୪ ।୧(ଏଜେନ୍ସି): ପାକିସ୍ତାନ ବିପକ୍ଷ ଦ୍ୱିତୀୟ ଟି-୨୦ ମୁକାବିଲାରେ ଘରୋଇ ନ୍ୟୁଜିଲାଣ୍ଡ ୨୧ ରନରେ ବିଜୟୀ ହୋଇଛି। ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ନ୍ୟୁଜିଲାଣ୍ଡ ୨-୦ରେ ଅଗ୍ରଣୀ ହାସଲ କରିଛି। ସ୍ଥାନୀୟ ସେଡନ ପାର୍କରେ ରବିବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ୮ ୱିକେଟ ହରାଇ ୧୯୪ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଓପନର ଫିନ୍ ଆଲେନ ସର୍ବାଧିକ ୭୪ ରନର ଅର୍ଦ୍ଧଶତକୀୟ ପାଳି (୪୧ ବଲ, ୭ ଚୌକା, ୫ ଛକା) ଖେଳି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଜବାବରେ ପାକିସ୍ତାନ ୧୯.୩ ଓଭରରେ ୧୭୩ ରନକରି ପରାସ୍ତ ହୋଇଥିଲା। ଦଳ ପାଇଁ ବାବର ଆଜମ ସର୍ବାଧିକ ୬୬, ଫକର ଜମାନ ୫୦ ରନ୍ କରିଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ପାଇଁ ଆଡାମ ମିଲନେ ସର୍ବାଧିକ ୪ଟି ୱିକେଟ ଅକ୍ତିଆର କରିଥିଲେ।

● ମହିଳା ହକି ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ

## ନ୍ୟୁଜିଲାଣ୍ଡକୁ ହରାଇଲା ଭାରତ

ରାଞ୍ଚି, ୧୪ ।୧(ଏଜେନ୍ସି): ଏଠାରେ ଚାଲିଥିବା ଏଫ୍‌ଆଇଏଚ୍ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ମହିଳା ହକି ପ୍ରତିଯୋଗିତାରେ ଘରୋଇ ଭାରତ ପ୍ରଥମ ବିଜୟ ସ୍ୱାଦ ଚାଖିଛି। ରବିବାର ଖେଳାଯାଇଥିବା ପୁଲ୍-ବି'ର ଏକ ମ୍ୟାଚରେ ଭାରତ ୩-୧ ଗୋଲରେ ନ୍ୟୁଜିଲାଣ୍ଡକୁ ହରାଇ ଦେଇଛି। ବିଶ୍ୱ ମାନ୍ୟତାର ୬ଷ୍ଠ ସ୍ଥାନରେ ଥିବା ଭାରତୀୟ ମହିଳା ହକି ଦଳ ପକ୍ଷରୁ ପ୍ରଥମ କ୍ୱାର୍ଟରରେ ହିଁ ୩ଟି ଯାକ ଗୋଲ୍ ସ୍କୋର ହୋଇଥିଲା। ପ୍ରଥମ ମିନିଟ୍‌ରେ ସଙ୍ଗୀତା କୁମାରୀ, ୧୩ତମ ମିନିଟ୍‌ରେ ଉଦିତା ଦୁହାନ ଓ ୧୪ତମ ମିନିଟ୍‌ରେ ବିୟୁଟି ଡୁଙ୍ଗଡୁଙ୍ଗ୍‌ଙ୍କ ଷ୍ଟିକ୍‌ରୁ ଏହି ଗୋଲ୍ ବାହାରିଥିଲା। ୯ମ ମିନିଟ୍‌ରେ ଭ୍ରମଣକାରୀ ନ୍ୟୁଜିଲାଣ୍ଡର ମେଗନା ହଲ୍ ଗୋଟିଏ ଗୋଲ୍ ଶୁଝିଦେଇଥିଲେ। ଏହାପରେ ପରବର୍ତ୍ତୀ ୩ଟି ଯାକ କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ଫଳରେ ଭାରତ ୩-୧ରେ ମ୍ୟାଚକୁ ଜିତି ୩ ପଏଣ୍ଟ ହାତେଇନେଇଛି। ଏହି ମ୍ୟାଚ୍ ସହ ଭାରତର ନବନୀତ୍ କୌର ୧୫୦ତମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି।

ପୂର୍ବରୁ ଉଦ୍‌ଘାଟନୀ ଦିବସରେ ଶନିବାର ଭାରତ ୧-୦ ଗୋଲରେ ଆମେରିକା ନିକଟରୁ ପରାସ୍ତ ହୋଇଥିଲା। ଭାରତ ଏହାର ଶେଷ ପୁଲ୍ ମ୍ୟାଚରେ ମଙ୍ଗଳବାର ଇଟାଲୀକୁ ଭେଟିବ। ଅପରପକ୍ଷରେ ପୁଲ୍-ବି'ରେ ରବିବାର ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚରେ ଆମେରିକା ୨-୦ ଗୋଲରେ ଇଟାଲୀକୁ ହରାଇ ୨ୟ ବିଜୟ ଲାଭ କରିଛି। ପୁଲ୍-ଏ'ରେ ଚିଲି ୬-୦ ଗୋଲରେ ଚେକ୍ ରିପବ୍ଲିକକୁ ମାତ୍ ଦେଇଛି।

## ଜୋକୋଭିଚ୍, ସାବାଲେଙ୍କାଙ୍କ ବିଜୟ ଅଭିଯାନ

**ଅଷ୍ଟ୍ରେଲିଆନ୍ ଓପନ୍ ଆରମ୍ଭ**

ମେଲବୋର୍ଣ୍ଣ, ୧୪ ।୧(ଏଜେନ୍ସି): ସ୍ଥାନୀୟ ମେଲବୋର୍ଣ୍ଣ ପାର୍କରେ ରବିବାରଠାରୁ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆନ୍ ଓପନ୍ ଆରମ୍ଭ ହୋଇଛି। ପୁରୁଷ ଏକକରେ ଟପ୍ ସିଡ୍ ସର୍ବିଆର ନୋଭାକ ଜୋକୋଭିଚ୍ ଓ ମହିଳାରେ ଦ୍ୱିତୀୟ ସିଡ୍ ଖେଳାଳି ବେଲାରୁଷର ଅରିନା ସାବାଲେଙ୍କା ବିଜୟୀ ହୋଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଜୋକୋଭିଚ୍ ୬-୨, ୬-୭, ୬-୩, ୬-୪ ସେଟ୍‌ରେ କ୍ରୋଏସିଆର ୧୮ ବର୍ଷୀୟ କ୍ୱାଲିଫାୟର ଖେଳାଳି ଡିନୋ ପ୍ରିଜ୍‌ମିକ୍‌ଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ୫ମ ସିଡ୍ ରୁଷିଆର ଆନ୍ଦ୍ରେ ରୁବ୍‌ଲେଭ ୭-୫, ୬-୪, ୬-୩, ୪-୬, ୭-୬ ସେଟ୍‌ରେ ବ୍ରାଜିଲର ଥିଆଗୋ ସେବୋଥ ୱାଇଲ୍ଡଙ୍କୁ ହରାଇ, ଚତୁର୍ଥ ସିଡ୍ ଇଟାଲୀର ଜାନିକି ସିନ୍ନର ୬-୪, ୭-୫, ୬-୩ ସେଟ୍‌ରେ ନେଦରଲାଣ୍ଡସର ବୋଟିକ୍ ଜାଣ୍ଡସ୍କଲ୍‌ପଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି।



ମହିଳା ଏକକ ପ୍ରତିଯୋଗିତାରେ ଡିଫେଣ୍ଡିଂ ଚାମ୍ପିଅନ ସାବାଲେଙ୍କା ପ୍ରଥମ ରାଉଣ୍ଡରେ ୬-୦, ୬-୧ ସିଧାସଳଖ ସେଟ୍‌ରେ ଜର୍ମାନୀର ଏଲା ସେଇଡେଲଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି। ସେହିପରି ଇଟାଲୀର ଅଷ୍ଟମ ସିଡ୍ ମାରିଆ ସାକାରି ୬-୪, ୬-୧ ସିଧାସଳଖ ସେଟ୍‌ରେ ଜାପାନର ନାଓ ହିବିନୋଙ୍କୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଛନ୍ତି। ଅଭିଜ୍ଞ ଡେନମାର୍କ ଖେଳାଳି କାରୋଲିନ ଓଜ୍ନିଆକି ୱାକ୍‌ଓଭର ପାଇଁ ଅଗ୍ରଗତି କରିଛନ୍ତି। ୯ମ ସିଡ୍ ଚେକ୍ ଖେଳାଳି ବାର୍ବୋରା କ୍ରେଜିସିକୋଭା ୨-୬, ୬-୪, ୬-୩ ସେଟ୍‌ରେ ଜାପାନର ମଇ ହୋଣ୍ଟାମାଙ୍କୁ ହରାଇ ଅଭିଯାନ ଆରମ୍ଭ କରିଛନ୍ତି। ୟୁକ୍ରେନର ୨୮ ତମ ସିଡ୍ ଖେଳାଳି ଲେସିଆ ସୁରେଙ୍କୋ ୩-୬, ୭-୫, ୬-୩ ସେଟ୍‌ରେ ଇଟାଲୀର ଲୁସିଆ ବ୍ରୋଞ୍ଜେଟିଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

କଳିଙ୍ଗ ସୁପର୍ କପ୍

## ମୋହନ ବାଗାନ, ଇଷ୍ଟବେଙ୍ଗଲର ୨ୟ ବିଜୟ

ଭୁବନେଶ୍ୱର, ୧୪।୧ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା 'କଳିଙ୍ଗ ସୁପର୍ କପ୍' ଫୁଟ୍‌ବଲ ପ୍ରତିଯୋଗିତାର ୬ଷ୍ଠ ଦିବସରେ ରବିବାର ଦୁଇଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ପଶ୍ଚିମବଙ୍ଗର ଦୁଇ ଚର୍ଚ୍ଚିତ ଦଳ ମୋହନ ବାଗାନ ସୁପର୍ ଜାଏଣ୍ଟସ ଓ ଇଷ୍ଟବେଙ୍ଗଲ ଏଫ୍‌ସି ବିଜୟ ହାସଲ କରିଛି।



ଦିବସର ପ୍ରଥମ ମ୍ୟାଚରେ ମୋହନ ବାଗାନ ୨-୧ ଗୋଲରେ ରୋମାଞ୍ଚକ ଭାବେ ହାଇଦ୍ରାବାଦ୍ ଏଫ୍‌ସିକୁ ଶେଷ ମୁହୂର୍ତ୍ତରେ ହରାଇ ଦେଇଥିଲା। ମ୍ୟାଚର ୭ମ ମିନିଟରେ ଲାଲଚୁନୁଙ୍ଗା ଚାଙ୍ଗଟେଙ୍କ ଗୋଲ୍ ବଳରେ ହାଇଦ୍ରାବାଦ୍ ୧-୦ରେ ଅଗ୍ରଣୀ ଲାଭ କରିଥିଲା। କିନ୍ତୁ ମ୍ୟାଚର ଶେଷ ୭ ମିନିଟ୍‌ରେ ୨ଟି ଗୋଲ୍ ଦେଇ ମୋହନ ବାଗାନ ୨-୧ରେ ବାଜିମାତ୍ କରି ୩ ପଏଣ୍ଟ ହାତେଇନେଇଥିଲା। ୮୩ତମ ମିନିଟ୍‌ରେ ହାଇଦ୍ରାବାଦ୍‌ର ଜେରେମୀଙ୍କ ଆତ୍ମଘାତୀ ଗୋଲ୍ ଯୋଗୁ ମ୍ୟାଚ ୧-୧ର ବରାବର୍ ସ୍ଥିତିକୁ ଆସିଥିଲା। ଏହାପରେ ଇଞ୍ଜୁରୀ ଟାଇମ (୯୦+୧ତମ)ରେ ଏକ ପେନାଲ୍ଟିକୁ ଗୋଲରେ ରୂପାନ୍ତରିତ କରି ଡେନୀ ପେଟ୍ରଟ୍ସ ମୋହନ ବାଗାନକୁ ଅପ୍ରତ୍ୟାଶିତ ଭାବେ ୨-୧ରେ ଜିତାଇଥିଲେ। ସେହିଭଳି ରବିବାର ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ଇଷ୍ଟବେଙ୍ଗଲ ୨-୧ ଗୋଲରେ ଶ୍ରୀନିଦି ଡେକାନ ଏଫ୍‌ସିକୁ ପରାସ୍ତ କରିଛି। ପ୍ରତିଯୋଗିତାରେ ଉଭୟ ମୋହନ ବାଗାନ ଓ ଇଷ୍ଟ ବେଙ୍ଗଲର ଏହା ୨ୟ ମୁକାବିଲାରୁ ୨ୟ ବିଜୟ।

## ଦ.ଆଫ୍ରିକା ଗସ୍ତରେ ଭାରତୀୟ ହକି ଦଳ

ବେଙ୍ଗାଲୁରୁ, ୧୪।୧ (ଏଜେନ୍ସି): ଅଧିନାୟକ ହର୍‌ମନପ୍ରୀତ୍ ସିଂହଙ୍କ ନେତୃତ୍ୱରେ ଭାରତୀୟ ବରିଷ୍ଠ ପୁରୁଷ ହକି ଦଳ ରବିବାର ଦକ୍ଷିଣ ଆଫ୍ରିକା ଗସ୍ତ କରିଛି। ଏହି ଗସ୍ତରେ ଭାରତ ଜାନୁଆରୀ ୨୨ରୁ ୨୮ ମଧ୍ୟରେ ଘରୋଇ ଦକ୍ଷିଣ ଆଫ୍ରିକା ସମେତ, ଫ୍ରାନ୍ସ ଓ ନେଦରଲାଣ୍ଡସ ବିପକ୍ଷରେ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ବିଶ୍ୱମାନ୍ୟତାର ୩ୟ ସ୍ଥାନରେ ଥିବା ଭାରତ ଜାନୁଆରୀ ୨୨ ଓ ୨୪ରେ ରେ ଫ୍ରାନ୍ସକୁ ଭେଟିବ। ଏହାପରେ ହରମନପ୍ରୀତ୍‌ଙ୍କ ଦଳ ଜାନୁଆରୀ ୨୬ରେ ଘରୋଇ ଦକ୍ଷିଣ ଆଫ୍ରିକା ଏବଂ ୨୮ରେ ବିଶ୍ୱ ମାନ୍ୟତାର ଏକ ନମ୍ବର ଦଳ ନେଦରଲାଣ୍ଡସକୁ ଭେଟିବାର କାର୍ଯ୍ୟସୂଚୀ ରହିଛି। 'ଆଗାମୀ ଦିନରେ ଏଫ୍‌ଆଇଏଚ୍ ପ୍ରୋ-ହକି ଲିଗ୍ ଓ ଅଲିମ୍ପିକ୍ସ ଭଳି ବଡ଼ ପ୍ରତିଯୋଗିତା ଥିବାରୁ ଏହି ଗସ୍ତ ଆମର ପ୍ରସ୍ତୁତି ପାଇଁ ଏକ ଭଲ ସୁଯୋଗ।

## ରତ୍ନୁପର୍ଣ୍ଣା, ଆଦିତ୍ୟ ଜିତିଲେ ଉତ୍କଳ ଓପନ୍ ଟେନିସ



ଭୁବନେଶ୍ୱର, ୧୪ ।୧ (ସମିସ): ଏସିଇ ଟେନିସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଉତ୍କଳ ଓପନ୍ ଟେନିସ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମସ୍ଥିତ ଟେନିସ ସେଣ୍ଟର ପରିସରରେ ଖେଳାଯାଉଥିବା ପୁରୁଷ ଓ ମହିଳା ଏକକରେ ଯଥାକ୍ରମେ ଆଦିତ୍ୟ ଶତପଥୀ ଓ ରତ୍ନୁପର୍ଣ୍ଣା ଚୌଧୁରୀ ଚାମ୍ପିଅନ ହୋଇଛନ୍ତି। ପୁରୁଷ ଫାଇନାଲରେ ଆଦିତ୍ୟ ୬-୦, ୬-୧ ସିଧାସଳଖ ସେଟ୍‌ରେ ଆଶୁତୋଷ ଦାସଙ୍କୁ ଏବଂ ମହିଳା ଫାଇନାଲରେ ରତ୍ନୁପର୍ଣ୍ଣା ୬-୨, ୬-୩ ସେଟ୍‌ରେ ପ୍ରିଶା ଦାସଙ୍କୁ ହରାଇ ଏହି ସଫଳତା ପାଇଛନ୍ତି। ସେହିଭଳି ୧୪ ବର୍ଷରୁ କମ୍ ବାଳକ ଓ ବାଳିକା ଏକକରେ ଯଥାକ୍ରମେ କଟକର ସାଇ ସ୍ୱସ୍ତିକ ମହାନ୍ତି ଓ ଖୋର୍ଦ୍ଧାର ଶଫଜା ୱାନିଆ ଟ୍ରଫି ଜିତିଛନ୍ତି। ଅପରପକ୍ଷରେ ପୁରୁଷ ଯୁଗଳରେ ସତୀର୍ଥ ପଟ୍ଟନାୟକ ଓ ଆଶୁତୋଷ ଦାସ ଯୋଡ଼ି ଚାମ୍ପିଅନ ହୋଇଛନ୍ତି।

ଉଦ୍‌ଯାପନୀ ଉତ୍ସବରେ ଏମ୍‌ଏସ୍‌ଏମ୍‌ଇ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ପିସିସିଏଫ୍ ଦେବୀଦତ୍ତ ବିଶ୍ୱାଳ, ସୁବାସ ଚନ୍ଦ୍ର ଭୁରା, ଡ. ରୀତେଶ ରାୟ, ବିଶ୍ୱଜିତ୍ ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ପ୍ରତିବର୍ଗର ଚାମ୍ପିଅନ ଓ ରନର୍ସଅପ୍ ଖେଳାଳିଙ୍କୁ ଯଥାକ୍ରମେ ଟ୍ରଫି ସହ ୧୫ ଓ ୧୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିଭଳି ଡ. ପିକେ ପ୍ରଧାନ ଓ ଜେ ଗନ୍ତାଙ୍କୁ ଜୀବନବ୍ୟାପୀ ସାଧନା ପୁରସ୍କାର ପ୍ରଦାନ କରାଯାଇଥିଲା।

## ରଣଜୀ ଟ୍ରଫି: ଶୁଭ୍ରାଂଶୁ ତ୍ରିଶତକରୁ ବଞ୍ଚିତ; ୪୯୮ରେ ଓଡ଼ିଶା ପାଳି ସୀମିତ

# ଫଲୋଅନ ଏଡ଼ାଇବାକୁ ମଧ୍ୟପ୍ରଦେଶର ସଂଘର୍ଷ

କଟକ, ୧୪।୧(ସମିସ): ଚଳିତ ରଣଜୀ ଟ୍ରଫି ଦ୍ୱିତୀୟ ରାଉଣ୍ଡରେ ଶକ୍ତିଶାଳୀ ମଧ୍ୟପ୍ରଦେଶ ବିପକ୍ଷରେ ଓଡ଼ିଶା ଦମଦାର ପ୍ରଦର୍ଶନ କରିଛି। ଶୁଭ୍ରାଂଶୁ ଶେଖର ସେନାପତିଙ୍କ ଦ୍ୱିଶତକୀୟ ପାଳି ପରେ ଓଡ଼ିଶାର ପେସ ବୋଲିଂ ଆଟାକ ଫଳପ୍ରଦ ହୋଇଛି। ଫଳସ୍ୱରୁପ ଘରୋଇ ପଡ଼ିଆରେ ଖେଳୁଥିବା ମଧ୍ୟପ୍ରଦେଶ ଏଠାରେ ଫଲୋଅନ ଏଡାଇବାକୁ ସଂଘର୍ଷ କରୁଛି। ଭ୍ରମଣକାରୀ ଓଡ଼ିଶାର ପ୍ରଥମ ଇନିଂସ୍ ୪୯୮ ରନରେ ସୀମିତ ରହିଥିଲା। ଜବାବରେ ରବିବାର ମ୍ୟାଚ୍‌ର ୩ୟ ଦିବସ ଖେଳ ଶେଷ ସୁଦ୍ଧା ମଧ୍ୟପ୍ରଦେଶ ୬ ୱିକେଟ ବିନିମୟରେ ୨୪୬ରନ କରିଛି। ହାତରେ ୪ ୱିକେଟ ବଳିଥିବା ଦଳ ଏବେବି ୨୫୨ରନ ପଛରେ ରହିଛି। ଫଲୋଅନ ଏଡାଇବାକୁ ହେଲେ ମଧ୍ୟପ୍ରଦେଶକୁ ଆଉ ୧୦୨ରନ ସଂଗ୍ରହ କରିବାକୁ ପଡ଼ିବ। ସୋମବାର ଖେଳର ଶେଷ ଦିନରେ ମଧ୍ୟପ୍ରଦେଶର ଅବଶିଷ୍ଟ ୪ଟି ୱିକେଟ ଅକ୍ତିଆର କରିପାରିଲେ ପ୍ରଥମପାଳି ଅଗ୍ରଣୀ ଭିତ୍ତିରେ ଓଡ଼ିଶାକୁ ଅତିକମ୍‌ରେ ୩ ପଏଣ୍ଟ ମିଳିବ।

ଓଡ଼ିଶାର ଅସମାପ୍ତ ପ୍ରଥମ ଇନିଂସ ୪୯୩/୮ରୁ ରବିବାର ଖେଳ ଆରମ୍ଭ ହୋଇଥିଲା। ପୂର୍ବଦିନ ଦୁଇ ଅପରାଜିତ ବ୍ୟାଟର ଶୁଭ୍ରାଂଶୁ ସେନାପତି ୨୭୭ରନରେ ଆଉଟ ହୋଇଥିଲେ ଏବଂ ହର୍ଷିତ ରାଥୋଡ ୬୦ରନରେ ଅପରାଜିତ ଥିଲେ। ଦଳୀୟ ସ୍କୋରରେ ଆଉ ୫ରନ ଯୋଡ଼ି ହେବା ସହ ଅବଶିଷ୍ଟ ଦୁଇ ୱିକେଟର ପତନ ଘଟିଥିଲା। ଅନ୍ୟ ଓଡ଼ିଆ ଖେଳାଳିଙ୍କ ମଧ୍ୟରେ ରାଜେଶ ଧୂପର ୫୧ ରନ୍ କରିଥିଲେ। ମଧ୍ୟପ୍ରଦେଶର ସାରାଂଶ ସର୍ବାଧିକ ୩ଟି, ଭେଙ୍କଟେଶ ଆୟାର, କୁମାର କାର୍ତ୍ତିକେୟ, ଆର୍ଯ୍ୟନ ପାଣ୍ଡେ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।


ସୁନୀଲ ରାଉଳ

ମଧ୍ୟପ୍ରଦେଶ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୮୯ରନରେ ଦଳ ପ୍ରମୁଖ ୪ ବ୍ୟାଟରଙ୍କୁ ହରାଇଥିଲା। ଅର୍ନ୍ତଜାତୀୟ ତାରକା ଭେଙ୍କଟେଶ ଆୟାର ୩ରନ କରିଥିବା ବେଳେ ଆହତ ହୋଇ କ୍ରିଜ ଛାଡିଥିଲେ। ହର୍ଷ ଗାୱଲି ଏବଂ ସାରାଂଶ ଜୈନ ୫ମ ୱିକେଟରେ ୧୦୧ରନ ଯୋଡ଼ି ମଧ୍ୟପ୍ରଦେଶ ଶିବିରକୁ ଆଶ୍ୱସ୍ତ କରିଥିଲେ। ଏହି ଭାଗୀଦାରି ତିଷ୍ଠି ଆସୁଥିବା ବେଳେ ମିଡିୟମ ପେସର ସୁନୀଲ ରାଉଳ ଓଡ଼ିଶାକୁ ଗୁରୁତ୍ୱପୂର୍ଣ୍ଣ ବ୍ରେକଥ୍ରୁ ଦେଇଥିଲେ। ସାରାଂଶଙ୍କୁ ୪୦ରନରେ ୱିକେଟ କିପର ହାତରେ ଧରାପକାଇ ମଧ୍ୟପ୍ରଦେଶକୁ ପୁଣି ଥରେ ସେ ବ୍ୟାକଫୁଟକୁ ଠେଲି ଦେଇଥିଲେ। ଶେଷରେ ୨୫ବର୍ଷୀୟ ଡାହାଣହାତୀ ବ୍ୟାଟର ହର୍ଷ ଏଠାରେ କ୍ୟାରିୟରର ପ୍ରଥମ ଶତକ ହାସଲ କରିବା ସହ ୧୩୭ରନରେ ଅପରାଜିତ ରହିଛନ୍ତି। ଓଡ଼ିଶା ନିମନ୍ତେ ସୁନୀଲ ସର୍ବାଧିକ ୩ଟି, ପ୍ରୟାସ ୨ଟି ଏବଂ ସୂର୍ଯ୍ୟକାନ୍ତ ଗୋଟିଏ ୱିକେଟ ଅକ୍ତିଆର କରିଛନ୍ତି।

## ପଦାର୍ପଣରେ ସାମିଙ୍କ ଭାଇ କୈଫ୍‌ଙ୍କ ଚମତ୍କାର ପ୍ରଦର୍ଶନ

କାନପୁର, ୧୪।୧ (ଏଜେନ୍ସି): ଭାରତୀୟ ଦଳର ଅଭିଜ୍ଞ ଦ୍ରୁତ ବୋଲର ମହମ୍ମଦ ସାମିଙ୍କ ଭାଇ ମହମ୍ମଦ କୈଫ ବେଙ୍ଗଲ ପକ୍ଷରୁ ରଣ୍‌ଜୀ ଟ୍ରଫି ପଦାର୍ପଣ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। କାନପୁରର ଗ୍ରୀନ ପାର୍କ ଷ୍ଟାଡିୟମରେ ଘରୋଇ ଉତ୍ତର ପ୍ରଦେଶ ପ୍ରଥମ ପାଳିରେ ମାତ୍ର ୬୦ ରନରେ ଅଲ୍‌ଆଉଟ୍ ହୋଇଥିଲା। ପ୍ରତିପକ୍ଷ ବେଙ୍ଗଲ ପକ୍ଷରୁ ପଦାର୍ପଣ କରିଥିବା ୨୭ ବର୍ଷୀୟ ଡାହାଣହାତୀ ଦ୍ରୁତ ବୋଲର ମହମ୍ମଦ କୈଫ୍ ୪ ୱିକେଟ୍ ନେଇଥିଲେ।



ଏହାପରେ ବେଙ୍ଗଲ ପ୍ରଥମ ପାଳିରେ ୧୮୮ ରନରେ ଅଲ୍‌ଆଉଟ୍ ହୋଇଥିବାବେଳେ ୯ମ ସ୍ଥାନରେ ଆସିଥିବା କୈଫ୍ ୪୫ ରନର ଅପରାଜିତ ପାଳି ଖେଳିଥିଲେ। ୧୨୮ ରନ ପଛରେ ଥାଇ ୨ୟ ପାଳି ଆରମ୍ଭ କରିଥିବା ଉତ୍ତର ପ୍ରଦେଶ ରବିବାର ୩ୟ ଦିବସ ଶେଷ ସୁଦ୍ଧା ୪ ୱିକେଟ୍‌ରେ ୧୭୮ ରନ କରିଛି। କୈଫ୍ ପୁଣିଥରେ ବୋଲିଂରେ କମାଲ କରି ୩ ୱିକେଟ୍ ନେଇଛନ୍ତି। ଅପରପକ୍ଷରେ ଅନ୍ୟ ଏକ ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିଅନ ସୌରାଷ୍ଟ୍ର ନିଜ ଘରୋଇ ମାଟିରେ ୪ ୱିକେଟ୍‌ରେ ହରିୟାଣା ନିକଟରୁ ପରାସ୍ତ ହୋଇଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS
AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର